DHARITRI
51 Years
ଭୁବନେଶ୍ୱର, ରବିବାର, ନଭେମ୍ବର ୨୩/୨୦୨୫ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, November 23/2025 | Page 16 | ₹ 7.00 | SAMBALPUR
୫୧ଶ ଭାଗ ୩୫୭ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 357 | ମୂଲ୍ୟ ₹୭/-




# ଏସ୍‌ଆଇଆର୍ କାର୍ଯ୍ୟଚାପରୁ ୩ ବିଏଲ୍‌ଓଙ୍କ ମୃତ୍ୟୁ

**ବିହାର ପରେ ଏବେ ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କ ନିର୍ଦ୍ଦେଶ କ୍ରମେ ଭୋଟର ତାଲିକା ପ୍ରସ୍ତୁତିରେ ସ୍ୱତନ୍ତ୍ର ସଘନ ସଂଶୋଧନ(ଏସ୍‌ଆଇଆର୍) କାର୍ଯ୍ୟ ଜାରି ରହିଛି । ଏଥିରେ ବୁଥ୍‌ସ୍ତରୀୟ ଅଧିକାରୀ( ବିଏଲ୍‌ଓ)ଙ୍କୁ ନିୟୋଜିତ କରାଯାଇଛି। ସେମାନେ ଘରକୁ ଘର ବୁଲି ଲୋକଙ୍କୁ ଫର୍ମ ଦେବା ସହ ସେମାନଙ୍କଠାରୁ ତଥ୍ୟ ସଂଗ୍ରହ କରୁଛନ୍ତି। ହିସାବ ଅନୁଯାୟୀ ଜଣେ ବିଏଲ୍‌ଓ ଅନ୍ୟୂନ ୯୫୬ ଭୋଟରଙ୍କ ତାଲିକା ସଂଶୋଧନ କରିବାର ଅଛି । ଟାର୍ଗେଟ ପୂରଣ ନ କଲେ କାର୍ଯ୍ୟାନୁଷ୍ଠାନ ଭୟ ରହୁଥିବାରୁ କାର୍ଯ୍ୟ ଚାପରେ କେତେଜଣ ବିଏଲ୍‌ଓଙ୍କ ପ୍ରାଣହାନି ଘଟୁଥିବା ବେଳେ ସ୍ଥଳବିଶେଷରେ ଆତ୍ମହତ୍ୟା କରୁଥିବା ଖବର ଶୁଣିବାକୁ ମିଳୁଛି । ୨୨ ନଭେମ୍ବରରେ ପଶ୍ଚିମବଙ୍ଗରେ ଜଣେ ଆତ୍ମହତ୍ୟା କରିଥିବାବେଳେ ମଧ୍ୟପ୍ରଦେଶରରେ ଦୁଇ ଜଣଙ୍କ ଜୀବନ ଯାଇଛି। ଏମାନଙ୍କୁ ମିଶାଇ ଅଦ୍ୟାବଧି ୧୦ ଜଣ ବିଏଲ୍‌ଓଙ୍କ ଜୀବନ ଯାଇଥିବା କୁହାଯାଉଛି।**

**ନୂଆଦିଲ୍ଲୀ,୨୨।୧୧**

ବିହାରରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ(ଏସ୍‌ଆଇଆର୍) ସଫଳତାର ସହ ସମ୍ପନ୍ନ ହେବା ପରେ ଭାରତର ନିର୍ବାଚନ କମିଶନ (ଇସିଆଇ) ଦେଶବ୍ୟାପୀ ଏହାକୁ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଥିଲେ। ତଦନୁଯାୟୀ ୧୨ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏସ୍‌ଆଇଆର୍ ଆରମ୍ଭ କରିବା ପାଇଁ ଗତ ୪ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ତାମିଲନାଡୁ, ପଶ୍ଚିମବଙ୍ଗ, କେରଳ, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ, ଛତିଶଗଡ଼, ଗୋଆ, ଗୁଜରାଟ, ପଣ୍ଡିଚେରୀ, ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଏବଂ ଲକ୍ଷାଦ୍ୱୀପ ପାଇଁ ଭୋଟର ତାଲିକା ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟା ଆରମ୍ଭ ହୋଇଛି। ଉପରୋକ୍ତ ରାଜ୍ୟଗୁଡ଼ିକରେ ବିଭିନ୍ନ ରାଜନୈତିକ ଦଳ ଏସ୍‌ଆଇଆର୍‌କୁ ବିରୋଧ କରିଆସୁଥିବାବେଳେ କାର୍ଯ୍ୟଚାପରୁ ଇତିମଧ୍ୟରେ ୧୦ ଜଣ ବୁଥ୍‌ସ୍ତରୀୟ କର୍ମଚାରୀ (ବିଏଲ୍‌ଓ)ଙ୍କ ମୃତ୍ୟୁ ଘଟିଲାଣି। ଏସ୍‌ଆଇଆର୍‌ରେ ନିୟୋଜିତ କର୍ମଚାରୀଙ୍କ ମୃତ୍ୟୁ ଘଟଣାରେ ଉତ୍ତେଜନା ବୃଦ୍ଧି ପାଇଛି।

ଭୋଟର ତାଲିକା ସ୍ୱତନ୍ତ୍ର ସଂଶୋଧନ କାର୍ଯ୍ୟରେ ନିୟୋଜିତ ବିଏଲ୍‌ଓମାନଙ୍କ ଉପରେ ଅତ୍ୟଧିକ କାର୍ଯ୍ୟଚାପ ପଡୁଛି। ମଧ୍ୟପ୍ରଦେଶର ରାଇସେନ ଏବଂ ଡାମୋହ ଜିଲାରେ ଶନିବାର ୨ ଜଣ ଶିକ୍ଷକ ତଥା ବିଏଲ୍‌ଓଙ୍କ ମୃତ୍ୟୁ ଘଟିଥିବାବେଳେ ଏଥିପାଇଁ ପରିବାର ଲୋକେ କାର୍ଯ୍ୟଚାପକୁ ଦୋଷ ଦେଇଛନ୍ତି। ରାଇସେନ୍ ଜିଲାରେ ଜଣେ ବିଏଲ୍‌ଓ ୬ ଦିନ ହେଲା ☞ପୃଷ୍ଠା-୪

‘ଓସିପିଏଲ୍ -ଓପିଜିସି ମିଶ୍ରଣ ହେବନାହିଁ’ ପୃଷ୍ଠା-୫

**ଆଜିର ସମ୍ପାଦକୀୟ**
ପ୍ରଭାବୀ ସ୍ୱର

ଦୃଷ୍ଟିବାଧିତ ମହିଳା ଟି୨୦ କ୍ରିକେଟ ବିଶ୍ୱକପ୍ ଫାଇନାଲରେ ଭାରତ ପୃଷ୍ଠା-୧୪




## ଓଡ଼ିଶା ସରକାର
## ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
## ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ

No. T-104: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା **ତା୨୪।୧୧।୨୦୨୫ (ସୋମବାର)**ଦିନ **୧୦.୩୦ ଘଟିକା** ସମୟରେ ୟୁନିଟ୍-୨, ଅଶୋକ ନଗର, ଭୁବନେଶ୍ୱରସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ)ଠାରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ। ଗତ ତା୦୮।୦୯।୨୦୨୫ରିଖରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ୍ କରି ଅଭିଯୋଗ ଦାଖଲ ପାଇଁ ଯେଉଁମାନେ ପୂର୍ବରୁ ପଞ୍ଜୀକରଣ କରିଥିଲେ, ଏହି ଶୁଣାଣୀ କେବଳ ସେମାନଙ୍କ ପାଇଁ ଉଦ୍ଦିଷ୍ଟ। ସେମାନେ ପୁନଃ ପଞ୍ଜୀକରଣ କରିବା ଆବଶ୍ୟକତା ନାହିଁ। ସେପ୍ଟେମ୍ବର ୦୮ତାରିଖ ପାଇଁ ପୂର୍ବରୁ ପଞ୍ଜୀକରଣ କରିଥିବା ଆବେଦନକାରୀ ସେମାନଙ୍କ ପ୍ରାପ୍ତି ସ୍ୱୀକାରପତ୍ର, ବ୍ୟକ୍ତିଗତ ପରିଚୟ ପତ୍ର ତଥା ଆବେଦନପତ୍ର ସହିତ ନିର୍ଦ୍ଧାରିତ ସ୍ଥାନରେ ଉପସ୍ଥିତ ରହିବାକୁ ଅନୁରୋଧ। ଉପରୋକ୍ତ ସ୍ଥାନକୁ ଆସିବା ପାଇଁ ନିମ୍ନ ପ୍ରଦର୍ଶିତ QR କୋଡ୍‌କୁ ମୋବାଇଲ ଫୋନ ଦ୍ୱାରା ସ୍କାନ କରି ଗୁଗଲ୍ ମ୍ୟାପ୍ ସାହାଯ୍ୟରେ ଜନଶୁଣାଣି ସ୍ଥଳରେ ପହଞ୍ଚିପାରିବେ।

OIPR-

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ



# କପ୍ ୩୦ ଜଳବାୟୁ ସମିଟ୍‌ରେ ଅଚଳାବସ୍ଥା




ନୂଆଦିଲ୍ଲୀର ସେଣ୍ଟ କଲମ୍ବସ୍ ସ୍କୁଲ୍‌ର ୧୦ମ ଶ୍ରେଣୀ ଛାତ୍ରଙ୍କ ଆତ୍ମହତ୍ୟା ଘଟଣା ପ୍ରତିବାଦରେ ଶନିବାର ଯନ୍ତରମନ୍ତରରେ ଲୋକେ ପ୍ଲାକାର୍ଡ ଧରି ବିକ୍ଷୋଭ କରୁଛନ୍ତି। ସ୍କୁଲ୍ ଶିକ୍ଷକମାନଙ୍କ ଦୀର୍ଘଦିନର ନିର୍ଯାତନାରେ ଅତିଷ୍ଠ ହୋଇ ଛାତ୍ର ଜଣକ ଗତ ମଙ୍ଗଳବାର ଆତ୍ମହତ୍ୟା କରିଥିଲେ।

**ବେଲେମ୍ (ବ୍ରାଜିଲ),୨୨।୧୧**

ଚିଠା ଚୁକ୍ତିନାମାକୁ ଗ୍ରହଣ କରିବାକୁ ୟୁରୋପୀୟ ସଂଘ (ଇୟୁ) ମନା କରିଦେବା ଫଳରେ ବ୍ରାଜିଲର ବେଲେମ୍‌ଠାରେ ଚାଲିଥିବା କପ୍ ୩୦ ଜଳବାୟୁ ସମିଟ୍‌ରେ ଅଚଳାବସ୍ଥା ଦେଖାଦେଇଛି ଓ କୌଣସି ନିଷ୍କର୍ଷ ବାହାରିପାରିନାହିଁ। ଜଳବାୟୁ ପରିବର୍ତ୍ତନ ପାଇଁ ଦାୟୀ ସବୁଜଗୃହ ବାଷ୍ପ ନିର୍ଗମନ ବନ୍ଦ କରିବା ପାଇଁ ବୈଶ୍ୱିକ ଉଦ୍ୟମରେ ଉକ୍ତ ଚିଠା ଡିଲ୍ ବିଫଳ ହୋଇଥିବା ଇୟୁ କହିଛି।

ବେଲେମ୍‌ର ଆମାଜନ ସିଟିରେ ୨ ସପ୍ତାହ ହେଲା ଚାଲିଥିବା ଜଳବାୟୁ ସମ୍ମିଳନୀ ଶୁକ୍ରବାର ସନ୍ଧ୍ୟାରେ ଶେଷ ହେବାର ଥିଲା। ତେବେ ବିଳମ୍ବିତ ରାତି ପର୍ଯ୍ୟନ୍ତ ବୁଝାମଣା ଜାରି ରହିଥିବାରୁ ସମିଟ୍‌ର ସମୟସୀମାକୁ ବଢ଼ାଇ ଦିଆଯାଇଛି। ବୈଶ୍ୱିକ ଜଳବାୟୁ ସହଯୋଗ ପାଇଁ ଏହି ସମିଟ୍ ଏକ ସଫଳତା କିମ୍ବା ବିଫଳତାର ମୁହୂର୍ତ୍ତ ହେବ ବୋଲି ବ୍ରାଜିଲ କହିବା ସହ ଜୀବାଶ୍ମ ଇନ୍ଧନର ଭବିଷ୍ୟତ ସମେତ ବିଭିନ୍ନ

### ଚିଠା ଚୁକ୍ତିନାମାକୁ ଇୟୁର ପ୍ରତ୍ୟାଖ୍ୟାନ

ପ୍ରସଙ୍ଗରେ ରହିଥିବା ମତଭେଦ ଦୂର କରିବା ପାଇଁ ରାଷ୍ଟ୍ରଗୁଡ଼ିକୁ ଆହ୍ୱାନ ଦେଇଥିଲା। ସମବେତ ବୈଶ୍ୱିକ କାର୍ଯ୍ୟାନୁଷ୍ଠାନ ଆଗକୁ ବଢ଼ିବାର ଶ୍ରେଷ୍ଠ ପନ୍ଥା ବୋଲି ବାର୍ତ୍ତା ଦେବାକୁ ବ୍ରାଜିଲ କହିଥିଲା। ଯାହା ଆମ ଭିତରେ ବିଭାଜନ ସୃଷ୍ଟି କରୁଛି, ତାହା କେବେ ଏଜେଣ୍ଡା ହୋଇପାରେନା ବୋଲି କପ୍ ୩୦ ଅଧ୍ୟକ୍ଷ ଆଣ୍ଡ୍ରେ କୋରେଆ ଡୋ ଲାଗୋ ସାର୍ବଜନିକ ପୂର୍ଣ୍ଣ ଅଧିବେଶନରେ ପ୍ରତିନିଧିମାନଙ୍କୁ କହିଥିଲେ। ଆମ ଭିତରେ ଏକ ବୁଝାମଣାରେ ନିଶ୍ଚୟ ପହଞ୍ଚିବାକୁ ହେବ ବୋଲି ସେ ମତ ଦେଇଥିଲେ। କେତେକ ବିକାଶଶୀଳ ଅର୍ଥନୀତି ଇୟୁର ଆଭିମୁଖ୍ୟକୁ ବିରୋଧ କରିଛନ୍ତି। ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ଏହି ବ୍ଲକ୍ ଗରିବ ଦେଶଗୁଡ଼ିକୁ ଅଧିକ ଆର୍ଥିକ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେବା ନିମନ୍ତେ ସେମାନେ ଦାବି କରିଛନ୍ତି। ଆମେ କେବଳ ଗୋଟିଏ ମାର୍ଗରେ କାର୍ଯ୍ୟ କରିପାରିବା ନାହିଁ। ଯଦି ଜୀବାଶ୍ମ ଇନ୍ଧନ ପାଇଁ ଏକ ମାର୍ଗ ରହିଛି ତେବେ ଜଳବାୟୁ ଫାଇନାନ୍ସ ଲାଗି ମଧ୍ୟ ଏକ ମାର୍ଗ ରଖିବାକୁ ହେବ ବୋଲି ବିକାଶଶୀଳ ରାଷ୍ଟ୍ରର ଜଣେ ମଧ୍ୟସ୍ଥ କହିଛନ୍ତି।

ଜୀବାଶ୍ମ ଇନ୍ଧନ, ଅଙ୍ଗାରକାମ୍ଳ ଉତ୍ସର୍ଜନକୁ ଦ୍ରୁତ ବେଗରେ ହ୍ରାସ କରିବା ଏବଂ ଅର୍ଥ ବ୍ୟବସ୍ଥାକୁ ନେଇ ମତଭେଦ ଯୋଗୁ ବାର୍ଷିକ ସମ୍ମିଳନୀରେ ସହମତିରେ ପହଞ୍ଚିବା କଷ୍ଟକର ହୋଇଛି। ବ୍ରାଜିଲ ପକ୍ଷରୁ ଜାରି ଚିଠା ଚୁକ୍ତିନାମାରେ ଫସିଲ୍ ଫୁଏଲ୍ ସମ୍ପର୍କରେ ଉଲ୍ଲେଖ ନ ଥିବାବେଳେ ଉକ୍ତ ପ୍ରସଙ୍ଗ ଉପରେ କେତେକ ବିକଳ୍ପକୁ ବାଦ୍ ଦିଆଯାଇଛି। ବୃହତ ତୈଳ ଓ ଗ୍ୟାସ୍ ଉତ୍ପାଦନକାରୀ ରାଷ୍ଟ୍ର ସମେତ ବହୁ ଦେଶ ଏହି ବିକଳ୍ପକୁ ବିରୋଧ କରିଥିଲେ। ଜୀବାଶ୍ମ ଇନ୍ଧନରୁ ଧ୍ୟାନ ହଟାଇବା ପାଇଁ କପ୍ ୩୦ରେ ଏକ ଯୋଜନା ପ୍ରଣୟନ ନିମନ୍ତେ ପ୍ରାୟ ୮୦ଟି ଦେଶ ଦାବି କରିଥିଲେ। ଏହା ବ୍ୟତୀତ ଡିଲ୍‌କୁ ଗ୍ରହଣ କରିନେବା ପାଇଁ ସେମାନଙ୍କ ମଧ୍ୟରୁ ଅନେକ ଦେଶ ରାଜି ହୋଇଥିବା ରୁଦ୍ଧଦ୍ୱାର ଆଲୋଚନାରୁ ସୂଚନା ମିଳିଛି।

## ଭେଜାଲ ଘିଅରେ ତିଆରି ହୋଇଥିଲା ୨୦ କୋଟି ତିରୁପତି ଲଡୁ

**ନୂଆଦିଲ୍ଲୀ,୨୨।୧୧**

ଆନ୍ଧ୍ରପ୍ରଦେଶର ତିରୁପତି ମନ୍ଦିରରେ ଭୋଗ ପାଇଁ ୨୦୧୯ରୁ ୨୦୨୪ ମଧ୍ୟରେ ପ୍ରାୟ ୨୦ କୋଟି ଲଡୁ ଅପମିଶ୍ରିତ ଘିଅରେ ପ୍ରସ୍ତୁତ ହୋଇଥିଲା ବୋଲି ଏହାର ଜଣେ ପ୍ରଶାସନିକ ଅଧିକାରୀ କହିଛନ୍ତି। ମନ୍ଦିର ପ୍ରସାଦରେ ଅପମିଶ୍ରଣ ଜଣାପଡ଼ିବା ପରେ ସିବିଆଇ ତଦନ୍ତ ଜାରି ରହିଛି। ୨୦୧୯ରୁ ୨୦୨୪ରେ ଶ୍ରଦ୍ଧାଳୁମାନଙ୍କୁ ମୋଟ ୪୮.୭୬ କୋଟି ଲଡୁ ବଣ୍ଟାଯାଇଥିଲା। ଘିଅ ଅପମିଶ୍ରଣ ସମ୍ପର୍କରେ ଗତବର୍ଷ ଖବର ପ୍ରକାଶ ପାଇବା ପରେ ଅନେକ ଲକ୍ଷ ଶ୍ରଦ୍ଧାଳୁଙ୍କ ଧର୍ମୀୟ ଭାବନାକୁ ଆଘାତ ଦେଇଥିଲା। ଉତ୍ତରାଖଣ୍ଡର ଭୋଲେବାବା ଡାଏରୀ ଓ ଏହାର ସହଯୋଗୀ କମ୍ପାନୀ ୨୫୦ କୋଟି ଟଙ୍କାରେ ୬୮ ଲକ୍ଷ କେ.ଜି. ଅପିମିଶ୍ରିତ ଘିଅ ମନ୍ଦିରକୁ ଯୋଗାଇଥିବା ତଦନ୍ତରୁ ଜଣାପଡ଼ିଛି।

# ପାକିସ୍ତାନ ଦେଇ ଭାରତ ଆସୁଥିଲା ଚାଇନା ଅସ୍ତ୍ର

### ବଡ଼ ଅନ୍ତର୍ଜାତୀୟ ର୍‍ୟାକେଟ୍‌ର ପର୍ଦ୍ଦାଫାଶ

**ନୂଆଦିଲ୍ଲୀ,୨୨।୧୧**



ଗିରଫ ଅସ୍ତ୍ର ଚୋରାଚାଲାଣକାରୀ।



ଜବତ ବିଦେଶୀ ପିସ୍ତଲ।

ଦିଲ୍ଲୀ ପୋଲିସ ଏକ ବଡ଼ଧରଣର ଅନ୍ତର୍ଜାତୀୟ ଅସ୍ତ୍ର ଚୋରା କାରବାର ର୍‍ୟାକେଟ୍‌ର ପର୍ଦ୍ଦାଫାଶ୍ କରିଛି। ଉକ୍ତ ର୍‍ୟାକେଟ୍ ଚାଇନା ଏବଂ ତୁର୍କୀ ନିର୍ମିତ ଅସ୍ତ୍ର ଭାରତକୁ ପଠାଉଥିଲେ। ଉକ୍ତ ସିଣ୍ଡିକେଟ୍ ସହ ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଇଣ୍ଟରସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍ଆଇ)ର ସମ୍ପୃକ୍ତି ରହିଛି। ଚାଇନା ଓ ତୁର୍କୀ ନିର୍ମିତ ଅତ୍ୟାଧୁନିକ ପିସ୍ତଲ ଓ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ପାକିସ୍ତାନରେ ପହଞ୍ଚିବା ପରେ ସେଠାରୁ ଡ୍ରୋନ୍ ଯୋଗେ ଭାରତକୁ ଚୋରାଚାଲାଣ ହେଉଥିଲା ବୋଲି ପୋଲିସ କହିଛି। ପୋଲିସ ଏହି ଗ୍ୟାଙ୍ଗ୍‌ର ୪ ପ୍ରମୁଖ ସଦସ୍ୟଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ପଞ୍ଜାବର ମୋଷ୍ଟୱାଣ୍ଟେଡ୍ ଅପରାଧୀ ମନଦୀପ୍ ଓ ତାଙ୍କର ୨ ଘନିଷ୍ଠ ସହଯୋଗୀ ଉତ୍ତରପ୍ରଦେଶର ରୋହନ ଏବଂ ମୋନୁ ରହିଛନ୍ତି। ସେମାନଙ୍କଠାରୁ ୧୦ଟି ଦାମୀ ବିଦେଶୀ ପିସ୍ତଲ ଓ ୯୨ ଜୀବନ୍ତ ଗୁଳି ଜବତ ହୋଇଛି। ଜବତ ପିସ୍ତଲ ମଧ୍ୟରୁ ୫ଟି ତୁର୍କୀ ନିର୍ମିତ ହୋଇଥିବାବେଳେ ୩ଟି ଚାଇନା ତିଆରି ବୋଲି ଦିଲ୍ଲୀ ପୋଲିସର କ୍ରାଇମ୍ ବ୍ରାଞ୍ଚ୍ ଅଧିକାରୀ ସୁରେନ୍ଦ୍ର କୁମାର କହିଛନ୍ତି।

ସୋନୁ ଖତ୍ରୀ ଗ୍ୟାଙ୍ଗ ସହ ସାମିଲ ଥିବା ମନଦୀପ୍ ନାମରେ ହତ୍ୟାଠାରୁ ଆରମ୍ଭ କରି ଅନେକ ଆପରାଧିକ ମାମଲା ରହିଛି। ଚୋରା ଅସ୍ତ୍ରଶସ୍ତ୍ର ଡ୍ରୋନ୍ ଯୋଗେ ଆସି ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚୁଥିଲା। ସେଗୁଡ଼ିକ କାର୍ବନ ପେପରରେ ଗୁଡ଼ାଯାଇଥିବାରୁ ସ୍କାନରରେ ଚିହ୍ନଟ ହୋଇପାରୁ ନ ଥିଲା। ଡ୍ରୋନ୍‌ରୁ ଖସାଯାଇଥିବା ଅସ୍ତ୍ରଗୁଡ଼ିକୁ ସଂଗ୍ରହ କରି ସେଗୁଡ଼ିକୁ ଦିଲ୍ଲୀରେ ପହଞ୍ଚାଇବା ପାଇଁ ଗ୍ୟାଙ୍ଗ୍ ସଦସ୍ୟମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଦିଲ୍ଲୀ ଓ ଏହାର ଆଖପାଖ ରାଜ୍ୟର ଅପରାଧୀମାନଙ୍କୁ ଏହି ଅସ୍ତ୍ର ଯୋଗାଇ ଦିଆଯାଉଥିଲା। ଦୁର୍ଦ୍ଧର୍ଷ ଲରେନ୍ସ ବିଷ୍ଣୋଇ, ବମ୍ବିହା ଏବଂ ଗୋଗୀ ହିମାଂଶୁ ଭାଇ ଗ୍ୟାଙ୍ଗ୍ ସହ ଜଡ଼ିତ ଅପରାଧୀଙ୍କ ପାଖକୁ ଅସ୍ତ୍ର ଆସୁଥିଲା ବୋଲି ପୋଲିସ କହିଛି। ଅସ୍ତ୍ର ଚୋରାଚାଲାଣ ର୍‍ୟାକେଟ୍‌ର ମୁଖ୍ୟ ଅପରେଟର ଯଶପ୍ରୀତ୍ ଓରଫ ଯଶ ଆମେରିକାରେ ରହୁଥିବାବେଳେ ପାକିସ୍ତାନରେ ଥିବା ତାଙ୍କ ପରିଚାଳକମାନଙ୍କ ସହ ପ୍ରତ୍ୟକ୍ଷ ଯୋଗାଯୋଗରେ ଥିଲେ। ଅସ୍ତ୍ର ଯୋଗାଣ ପାଇଁ ଚୋରାବେପାରୀମାନେ ଦିଲ୍ଲୀ ଆସୁଥିବାର ଗୋଇନ୍ଦା ସୂଚନା ପାଇ ପୋଲିସ ରୋହିଣୀ ଅଞ୍ଚଳରେ ଚଢ଼ାଉ କରିଥିଲା।

## ଜାନୁଆରୀ ସୁଦ୍ଧା ନୂଆ ଭାଜପା ଅଧ୍ୟକ୍ଷ

**ନୂଆଦିଲ୍ଲୀ,୨୨।୧୧**

ବିହାର ବିଧାନସଭା ନିର୍ବାଚନରେ ଭାଜପାର ବୃହତ୍ ବିଜୟ ପରେ ଏବେ ଦଳର ନୂଆ ଅଧ୍ୟକ୍ଷ ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ୨୯ ରାଜ୍ୟରେ ସାଂଗଠନିକ ନିର୍ବାଚନ ଶେଷ ହୋଇଥିବାବେଳେ ଉତ୍ତରପ୍ରଦେଶ ଓ କର୍ନାଟକରେ ତାହା ଅଟକି ରହିଛି। ଆସନ୍ତାବର୍ଷ ଜାନୁଆରୀ ସୁଦ୍ଧା ନୂଆ ଅଧ୍ୟକ୍ଷ ନିର୍ବାଚିତ ହୋଇଯିବେ ବୋଲି ଆଶା କରାଯାଉଛି। ବର୍ତ୍ତମାନର ଭାଜପା ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ଉତ୍ତରାଧିକାରୀ କିଏ ହେବ ତାକୁ ନେଇ କଳ୍ପନାଜଳ୍ପନା ଜାରି ରହିଛି। ପରବର୍ତ୍ତୀ ଅଧ୍ୟକ୍ଷ ପଦ ପାଇଁ ଉତ୍ତରପ୍ରଦେଶ ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଭୂପିନ୍ଦର ଯାଦବ ଏବଂ ଶିବରାଜ ସିଂ ଚୌହାନଙ୍କ ନାମ ଚର୍ଚ୍ଚାରେ ରହିଛି।

# ଜି୨୦ରେ ୩ ପ୍ରସ୍ତାବ ରଖିଲେ ପ୍ରଧାନମନ୍ତ୍ରୀ

### ଡ୍ରଗ୍ସ, ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଆହ୍ୱାନ



ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗରେ ଜି୨୦ ନେତାମାନଙ୍କ ସମିଟ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ଇଟାଲୀୟ ପ୍ରତିପକ୍ଷ ଜିଓର୍ଜିଆ ମେଲୋନିଙ୍କୁ ଭେଟୁଛନ୍ତି।

**ଜୋହାନ୍ସବର୍ଗ,୨୨।୧୧**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଏକ ସମର୍ପିତ ଜି୨୦ ପଦକ୍ଷେପ ପାଇଁ ଆହ୍ୱାନ ଦେଇଛନ୍ତି, ଯାହା ଡ୍ରଗ୍-ଆତଙ୍କବାଦୀ ମଧୁଚନ୍ଦ୍ରିକାର ମୁକାବିଲା କରିପାରିବ। ଫେଣ୍ଟାନିଲ ଭଳି ବିପଜ୍ଜନକ ସିନ୍ଥେଟିକ୍ ପଦାର୍ଥ ଚୋରା ଚାଲାଣ ବଢ଼ିଚାଲିଥିବାବେଳେ ଏହାକୁ ରୋକିବା ଜରୁରୀ। ଆତଙ୍କବାଦକୁ ଇନ୍ଧନ ଯୋଗାଉଥିବା ଆପରାଧିକ ଅର୍ଥବ୍ୟବସ୍ଥାକୁ ଧ୍ୱଂସ କରିବାକୁ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସିନ୍ଥେଟିକ୍ ନିଶାଦ୍ରବ୍ୟର ଦ୍ରୁତ ପ୍ରସାରକୁ ନେଇ ସେ ଚିନ୍ତାବ୍ୟକ୍ତ କରିଛନ୍ତି। ଫେଣ୍ଟାନିଲ୍ ଭଳି ପଦାର୍ଥ ସାରା ବିଶ୍ୱରେ ଜନସ୍ୱାସ୍ଥ୍ୟ, ସାମାଜିକ ସ୍ଥିରତା ଏବଂ ସୁରକ୍ଷା ବ୍ୟବସ୍ଥା ଉପରେ ଗମ୍ଭୀର ବିପଦ ସୃଷ୍ଟି କରିଛି। ଡ୍ରଗ୍ସ ଏବଂ ଆତଙ୍କବାଦ ମଧ୍ୟରେ ଚାଲିଥିବା ସଲାସୁତରାର ପ୍ରତିରୋଧ ପାଇଁ ପ୍ରଧାନମନ୍ତ୍ରୀ ଏକ ନୂଆ ଜି୨୦ ପଦକ୍ଷେପର ପ୍ରସ୍ତାବ ଦେଇଛନ୍ତି, ଯେଉଁଥିରେ ଅର୍ଥନୈତିକ, ଶାସନ ଓ ସୁରକ୍ଷା ଢାଞ୍ଚାକୁ ଏକୀକୃତ କରିବାକୁ ହେବ। ଏହାର ମୁଖ୍ୟ ପ୍ରାଥମିକତା ହେବ ନିଶାଦ୍ରବ୍ୟ ଚୋରାଚାଲାଣ ନେଟ୍‌ୱର୍କକୁ ଧ୍ୱଂସ କରିବା, ବେଆଇନ ଆର୍ଥିକ କାରବାରକୁ ବାଧାଦେବା ଏବଂ ଆତଙ୍କବାଦୀ ସଂଗଠନଗୁଡ଼ିକୁ ପାଣ୍ଠି ଯୋଗାଉଥିବା ବୃହତ୍ ଉତ୍ସଗୁଡ଼ିକୁ ଦୁର୍ବଳ କରିବା। କେବଳ ଏକୀକୃତ ବୈଶ୍ୱିକ କାର୍ଯ୍ୟାନୁଷ୍ଠାନ ଦ୍ୱାରା ଏହି ଚ୍ୟାଲେଞ୍ଜଗୁଡ଼ିକର ସମାଧାନ ହୋଇପାରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ସର୍ବବିଧ ବିକାଶ ସ୍ୱପ୍ନକୁ ବୁଝିବା ପାଇଁ ପ୍ରଧାନମନ୍ତ୍ରୀ କେତେକ ପଦକ୍ଷେପର ପ୍ରସ୍ତାବ ରଖିଛନ୍ତି। ସେଥିରେ ରହିଛି ଜି୨୦ ଗ୍ଲୋବାଲ ଟ୍ରାଡିଶନାଲ ନଲେଜ୍ ରିପୋଜିଟୋରି (ବୈଶ୍ୱିକ ପାରମ୍ପରିକ ଜ୍ଞାନ ଭଣ୍ଡାର)। ଅଧିକ ଭଲ ସ୍ୱାସ୍ଥ୍ୟ ପାଇଁ ଆମର ସାମୂହିକ ଜ୍ଞାନକୁ ପ୍ରସାର କରିବାରେ ଏହା ସହାୟକ ହେବ ବୋଲି ମୋଦି Xରେ ଲେଖିଛନ୍ତି। ବିଶ୍ୱର ବିକାଶ ପାଇଁ ଆଫ୍ରିକାର ବିକାଶ ମଧ୍ୟ ଜରୁରୀ। ଏଥିପାଇଁ ପ୍ରଧାନମନ୍ତ୍ରୀ ଜି୨୦-ଆଫ୍ରିକା ସ୍କିଲ୍ ମଲ୍ଟିପ୍ଲାୟର ଇନିସିଏଟିଭ୍‌ର ପ୍ରସ୍ତାବ ଦେଇଛନ୍ତି।



# ଚର୍ଚ୍ଚାରେ ମିନି ଐଶ୍ୱର୍ଯ୍ୟା

### 'ଧୁରନ୍ଧର'ର ମୁଖ୍ୟ ନାୟିକା ସାରା ଅର୍ଜୁନ

**ମୁମ୍ବାଇ**

ପ୍ରତିବର୍ଷ ଅଗଣିତ ନୂଆ ମୁହଁ ବଲିଉଡ୍‌ରେ ଡେବ୍ୟୁ କରନ୍ତି, କିନ୍ତୁ ସେମାନଙ୍କ ମଧ୍ୟରୁ କେତେକେ ଆରମ୍ଭରୁ ହିଁ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜନ୍ତି। ରଣବୀର ସିଂଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ଧୁରନ୍ଧର'ର ମୁଖ୍ୟ ନାୟିକା ସାରା ଅର୍ଜୁନଙ୍କ କ୍ଷେତ୍ରରେ ମଧ୍ୟ ଏପରି ହୋଇଛି। ଫିଲ୍ମ ରିଲିଜ ହେବାକୁ ଆଉ ୨ ସପ୍ତାହ ବାକି ଅଛି, କିନ୍ତୁ ସାରା ଏବେ ବି ଶିରୋନାମାରେ ଅଛନ୍ତି। ଫିଲ୍ମର ଟିଜରରେ ସାରାଙ୍କ ଦୃଶ୍ୟ ଆଶ୍ଚର୍ଯ୍ୟ କରିଦେଇଛି। ଏହି ଫିଲ୍ମରେ ସେ ତାଙ୍କଠାରୁ ୨୦ ବର୍ଷ ବଡ଼ ରଣବୀରଙ୍କ ସହ ରୋମାନ୍ସ କରିବେ। ସାରାଙ୍କୁ ଏବେ ବୟସ ୨୦ ବର୍ଷ। କିନ୍ତୁ ସେ ବହୁ ପୂର୍ବରୁ ତାଙ୍କର ଫିଲ୍ମ ଡେବ୍ୟୁ କରିଥିଲେ। ସେ ମଡେଲିଂ ଏବଂ ବିଜ୍ଞାପନ ସହ ତାଙ୍କର କ୍ୟାରିୟର ଆରମ୍ଭ କରିଥିଲେ। ଭାରତୀୟ ସିନେମାକୁ ଯିବା ପୂର୍ବରୁ ସେ ମ୍ୟାଗି, କ୍ଲିନିକ୍ ପ୍ଲସ୍ ଏବଂ ମ୍ୟାକ୍‌ଡୋନାଲ୍ଡସ ସମେତ ଅନେକ ପ୍ରମୁଖ ବ୍ରାଣ୍ଡ ସହିତ କାମ କରିଥିଲେ। ସାରାଙ୍କ କ୍ୟାରିୟରର ଏକ ପ୍ରମୁଖ ମୋଡ଼ ଥିଲା ବିକ୍ରମଙ୍କ ଅଭିନୀତ 'ଦିଭା ଥିରୁମାଲ'। ଏଥିରେ ସେ ବିକ୍ରମଙ୍କ ଝିଅ ନୀଳା ଭୂମିକାରେ ଅଭିନୟ କରିଥିଲେ। ସେ ମଣିରତ୍ନମଙ୍କ 'ପୋନିୟିନ ସେଲ୍‌ଭାନ'ରେ ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କ ଚରିତ୍ର ନନ୍ଦିନୀଙ୍କ ପିଲାଦିନ ଭୂମିକାରେ ଅଭିନୟକରି ମଧ୍ୟ ଚର୍ଚ୍ଚାକୁ ଆସିଥିଲେ। ଏହି ଫିଲ୍ମ ପରେ ତାଙ୍କୁ 'ମିନି ଐଶ୍ୱର୍ଯ୍ୟା ରାୟ' ଡକାଯାଏ।





ନୂଆଦିଲ୍ଲୀଠାରେ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ତଥା ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ ଭେଟିବା ଅବସରରେ ଉପହାର ପ୍ରଦାନ କରୁଛନ୍ତି।

# ନଡ୍ଡାଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

## ଭାରତ ମଣ୍ଡପମ୍‌ରେ ଓଡ଼ିଶା ଷ୍ଟେଟ୍ ଡେ' ସେଲିବ୍ରେଶନରେ ଯୋଗଦେଲେ

**ଭୁବନେଶ୍ୱର,୨୨।୧୧(ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨ ଦିନିଆ ନୂଆଦିଲ୍ଲୀ ଗସ୍ତରେ ଯାଇଛନ୍ତି। ଶନିବାର ସେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ତଥା ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ରାଜ୍ୟର ସ୍ୱାସ୍ଥ୍ୟ ଭିତ୍ତିଭୂମିର ଉନ୍ନତି ଓ ଭବିଷ୍ୟତର କାର୍ଯ୍ୟପନ୍ଥା ଉପରେ ବିସ୍ତୃତ ଆଲୋଚନା କରିଥିବା ସେ ତାଙ୍କ ଏକ୍ସ ହ୍ୟାଣ୍ଡେଲରେ ସୂଚନା ଦେଇଛନ୍ତି। ଏଥିସହ ସେ ଉଲ୍ଲେଖ କରିଛନ୍ତି, ନଡ୍ଡାଙ୍କ ଦୂରଦୃଷ୍ଟିସମ୍ପନ୍ନ ମାର୍ଗଦର୍ଶନ ତାଙ୍କୁ ଅଧିକ ଉତ୍ସାହରେ କାର୍ଯ୍ୟକରିବା ପାଇଁ ପ୍ରେରଣା ଯୋଗାଇବ।

ଏହାପରେ ସେ ସ୍ଥାନୀୟ ଭାରତ ମଣ୍ଡପମ୍ କମ୍ପ୍ଲେକ୍ସଠାରେ ଆୟୋଜିତ ଓଡ଼ିଶା ଷ୍ଟେଟ୍ ଡେ' ସେଲିବ୍ରେଶନ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି, ଭାଜପା ସରକାରର ଲକ୍ଷ୍ୟ ହେଉଛି ଟ୍ରାନ୍ସଫର୍ମେସନାଲ ଗ୍ରୋଥ୍। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଡବଲ ଇଞ୍ଜିନ ସରକାର ସମୃଦ୍ଧ ଓଡ଼ିଶାର ସ୍ୱପ୍ନକୁ ସାକାର କରିବା ପାଇଁ ଉଦ୍ୟମ କରୁଛି। ଗତ ଦେଢବର୍ଷ ମଧ୍ୟରେ ଓଡ଼ିଶାରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ମହିଳା ସଶକ୍ତୀକରଣ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆସିଛି। ଭିତ୍ତିଭୂମି କ୍ଷେତ୍ରରେ ଭିଜନ୍ ୨୦୩୬କୁ ଲକ୍ଷ୍ୟ କରି ୧୫ ହଜାର କି.ମି. ବିଶ୍ୱସ୍ତରୀୟ ସଡ଼କ, ବାହୁଦା ଓ କେନ୍ଦ୍ରାପଡ଼ାଠାରେ ନୂତନ ବନ୍ଦର ଏବଂ ପୁରୀରେ ଅନ୍ତର୍ଜାତୀୟ ଏୟାରପୋର୍ଟ ପ୍ରତିଷ୍ଠା ଭଳି ବୃହତ୍ ପ୍ରକଳ୍ପ ଆରମ୍ଭ କରାଯାଇଛି। ଶିଳ୍ପ କ୍ଷେତ୍ରରେ ୧୭ ଲକ୍ଷ କୋଟି ଟଙ୍କାର ନିବେଶ ସୁଯୋଗ ସୃଷ୍ଟି କରାଯାଇଛି। ଭୁବନେଶ୍ୱରକୁ ପୂର୍ବ ଭାରତର କେନ୍ଦ୍ରସ୍ଥଳ ଭାବେ ବିକଶିତ କରିବା ପାଇଁ ଏକ ସ୍ୱତନ୍ତ୍ର ଗ୍ରାଣ୍ଡ ପ୍ଲାନ୍ ରହିଛି। ମୋଟାମୋଟି ଭାବେ ଓଡ଼ିଶା ମଣ୍ଡପଠାରେ ଓଡ଼ିଶାର କଳା, ସଂସ୍କୃତି, ବାଣିଜ୍ୟ ଓ ଶିଳ୍ପ କ୍ଷେତ୍ରରେ ଅଭିବୃଦ୍ଧିର ଏକ ଭବ୍ୟ ପ୍ରଦର୍ଶନ କରିଛି। ସମସ୍ତଙ୍କୁ ଏହି ବିକାଶ ଯାତ୍ରାରେ ସାମିଲହେବାକୁ ସେ ଅନୁରୋଧ କରିଛନ୍ତି। ଏହି ଅବସରରେ ସେ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ଟ୍ରେଡ୍ ଫେୟାରରେ ଓଡ଼ିଶା ମଣ୍ଡପ ବୁଲି ଦେଖିଛନ୍ତି। ଏଥିସହ ସେ କହିଛନ୍ତି, ଏଥର ଓଡ଼ିଶା ମଣ୍ଡପ ବାସ୍ତବରେ ଅତ୍ୟନ୍ତ ସୁଦୃଶ୍ୟ ଓ ଭବ୍ୟ ଭାବରେ ପ୍ରସ୍ତୁତ କରାଯାଇଛି। ଯାହା ଶ୍ରୀମନ୍ଦିର, ପଟ୍ଟଚିତ୍ର ଓ କଳିଙ୍ଗର ନୌବାଣିଜ୍ୟ ପରମ୍ପରା ମାଧ୍ୟମରେ ଆମ କଳା, ଐତିହ୍ୟ ଓ ସଂସ୍କୃତିକୁ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ବେଶ୍ ଆକର୍ଷଣୀୟ ଭାବେ ଉପସ୍ଥାପନ କରିଛି। ମଣ୍ଡପରେ ବିଭିନ୍ନ ଷ୍ଟଲ ଖୋଲାଯାଇଛି, ଯେଉଁଠି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଓ ବୁଣାକାରମାନଙ୍କ ହସ୍ତତନ୍ତ ବସ୍ତ୍ର, ହସ୍ତଶିଳ୍ପ ସାମଗ୍ରୀ, ପ୍ରସ୍ତର ମୂର୍ତ୍ତିକଳା ଏବଂ ଶ୍ରୀଅନ୍ନ ପ୍ରସ୍ତୁତ ଖାଦ୍ୟଦ୍ରବ୍ୟ ଉପଲବ୍ଧ ହେଉଛି। ସୂଚନାଯୋଗ୍ୟ, ରବିବାର ମୁଖ୍ୟମନ୍ତ୍ରୀ ଓଡ଼ିଶା ଫେରି ଆସିବା କାର୍ଯ୍ୟକ୍ରମ ରହିଛି।

# ଧରାପଡ଼ିଲେ ମୁଖ୍ୟ ଅଭିଯୁକ୍ତ ସିକନ୍ଦର, ଭାଇ

## ବେହେରାମପୁର ବସ୍ତିରେ ସନ୍ଦିଗ୍ଧ ବାଂଲାଦେଶୀ ରହିବା ପ୍ରସଙ୍ଗ

**ଜଗତ୍‌ସିଂହପୁର/ବିଞ୍ଝାରପୁର,୨୨।୧୧ (ପ୍ରମୋଦ କୁମାର ନାୟକ/ରାମକୃଷ୍ଣ ଦାସ)**

- **ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ**
- **ସିକନ୍ଦରଙ୍କ ପୁଅ, ଅନ୍ୟ ଜଣଙ୍କୁ ଉଠାଇ ଆଣିଲା ପୋଲିସ**



ଗିରଫ ସିକନ୍ଦର ଆଲାମ୍(ବାମ) ଓ ସାନ ଭାଇ ଅବଦୁଲ ମୋତାଲିଫ।

ଜଗତ୍‌ସିଂହପୁର ଥାନା ବେହେରାମପୁର ବସ୍ତିରେ ସନ୍ଦିଗ୍ଧ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ରଖି ବେଆଇନ କାର୍ଯ୍ୟରେ ନିୟୋଜିତ କରିଥିବା ମୁଖ୍ୟ ଅଭିଯୁକ୍ତ ତଥା ଧନିପୁର ଗ୍ରାମର ସିକନ୍ଦର ଆଲାମ୍ ଓରଫ ସେଇକୋ ଓ ତାଙ୍କ ସାନ ଭାଇ ଅବଦୁଲ ମୋତାଲିଫଙ୍କୁ ଫେରାର ହେବାର ୭ ଦିନ ପରେ ଗିରଫ କରାଯାଇଛି। ଏହାପରେ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରୀ ମାଇନା ପରେ କୋର୍ଟ ଚାଲାଣ କରାଯାଇଛି। ଉଭୟ ବାରମ୍ବାର ସ୍ଥାନ ଓ ମୋବାଇଲ ବଦଳାଉଥିବାରୁ ସେମାନଙ୍କୁ ଗିରଫ କରିବା ପାଇଁ ପୋଲିସକୁ ଅଡୁଆ ହୋଇଥିଲା। ଯାଜପୁର ଜିଲା ଅଲକୁଣ୍ଡ ଥାନା ଅଞ୍ଚଳରେ ଉଭୟ ଅଭିଯୁକ୍ତ ଆତ୍ମଗୋପନ କରିଥିବା ସୂଚନା ପାଇ ଜଗତ୍‌ସିଂହପୁର ସ୍ପେଶାଲ ସ୍କ୍ୱାଡ୍ ଇନ୍ସପେକ୍ଟର ଶୁଭ୍ରଜିତ ଦାସଙ୍କ ନେତୃତ୍ୱରେ ଏକ ୫ ଜଣିଆ ଟିମ୍ ଓ ଅଲକୁଣ୍ଡ ଥାନାଧିକାରୀ ଦେବାଶିଷ ଶତପଥୀ ସେମାନଙ୍କୁ ଧରିଛନ୍ତି। ସେମାନେ ଯାଜପୁର, ଭଦ୍ରକ ପରେ ଧାମରା ଦେଇ ଜଳପଥରେ ବିଦେଶ ଚାଲିଯିବାକୁ ଚେଷ୍ଟା କରୁଥିବା କୁହାଯାଉଛି। ଏଥିସହ ସିକନ୍ଦରଙ୍କ ପୁଅ ଓ ଅନ୍ୟ ଜଣେ ସମ୍ପର୍କୀୟଙ୍କୁ ଜଗତ୍‌ସିଂହପୁର ପୋଲିସ ଉଠାଇ ନେଇ ପଚରାଉଚରା ଜାରି ରଖିଛି।

ସିକନ୍ଦରଙ୍କୁ ଗିରଫ ପରେ ତାଙ୍କଠାରୁ ପାସ୍‌ପୋର୍ଟ, ଫଟୋ, ମୋବାଇଲ ଓ ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଓ ସାମଗ୍ରୀ ଜବତ କରାଯାଇଛି। ପୋଲିସ ୨ ଅଭିଯୁକ୍ତଙ୍କୁ ଜଗତ୍‌ସିଂହପୁରସ୍ଥିତ ପୋଲିସ ବାରାକରେ ରଖି ପଚରାଉଚରା କରିଛି। ବିଶେଷକରି ସନ୍ଦିଗ୍ଧ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ କେଉଁ ଉଦ୍ଦେଶ୍ୟ ରଖି ସରକାରୀ ଜମିରେ ଘର ତିଆରି କରି ରଖିଥିଲେ ଓ ସେମାନଙ୍କୁ କେଉଁ କାମରେ ବ୍ୟବହାର କରୁଥିଲେ ସେନେଇ ପୋଲିସ ପ୍ରାଥମିକତା ଭିତ୍ତିରେ ତଦନ୍ତ କରୁଛି। ଆତଙ୍କବାଦୀମାନଙ୍କ ସହ ସିକନ୍ଦରଙ୍କ ଲିଙ୍କ୍ ଥିଲା କି ନାହିଁ, ତାହା ଜାଣିବାକୁ ପୋଲିସ ଗୁରୁତ୍ୱ ଦେଉଛି। ଆପରାଧିକ କାର୍ଯ୍ୟ, ଅର୍ଥନୈତିକ ଫାଇଦା, ମାନବ ଚାଲାଣ ଆଦି ତମାମ ଦିଗକୁ ନେଇ ପୋଲିସ ଖୋଳତାଡ଼ ଜାରି ରଖିଛି। ଯେହେତୁ ଗତ ୧୬ ତାରିଖ ଚଢ଼ାଉ ସମୟରେ ସନ୍ଦିଗ୍ଧ ବାଂଲାଦେଶୀ ଅନୁପ୍ରବେଶକାରୀ ରହୁଥିବା ସ୍ଥାନରୁ ବନ୍ଧୁକ ସହ ବହୁ ମାରଣାସ୍ତ୍ର ଜବତ କରାଯାଇଥିଲା, ତେଣୁ ପୋଲିସ ପ୍ରସଙ୍ଗକୁ ଗୁରୁତ୍ୱର ସହ ନେଇଛି। ଅତୀତରେ ସିକନ୍ଦର ମର୍ଚ୍ଚାଣ୍ଟ ନାଭିରେ ଚାକିରି କରିଥିଲେ। ସେତେବେଳେ ସାଉଦିଆରବ, କୁଏତ୍, କାତାର, ବାଂଲାଦେଶ ଓ ପାକିସ୍ତାନର ବେଲୁଚିସ୍ତାନ ଆଦି ଅଞ୍ଚଳ ସହ ତାଙ୍କର ଲିଙ୍କ୍ ଥିବା କୁହାଯାଉଛି। ଏଥିସହ ଚେନ୍ନାଇ, ମୁମ୍ବାଇ, ବେଙ୍ଗାଲୁରୁ ଓ କୋଲକାତା ଆଦିରେ ତାଙ୍କର ବ୍ୟାଙ୍କ ଆକାଉଣ୍ଟ ଥିବା ମଧ୍ୟ କୁହାଯାଉଛି।

ଗତ ୧୬ ତାରିଖ ରାତିରେ ବେହେରାମପୁର ବସ୍ତିରେ ପୋଲିସ ଚଢ଼ାଉ ସମୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ବସ୍ତିର ୨ ଜଣ ମହିଳାଙ୍କ ନେତୃତ୍ୱରେ ଏକାଧିକ ବ୍ୟକ୍ତି ପୋଲିସ ଉପରେ ଆକ୍ରମଣ କରିବାରୁ ଅତିରିକ୍ତ ଏସ୍‌ପିଙ୍କ ସହ ଏକାଧିକ ପୋଲିସ ଆହତ ହୋଇଥିଲେ। ଏହାପରେ ସଦଳବଳ ପୋଲିସ ଓ ଫୋର୍ସ ସେଠାରେ ପହଞ୍ଚିଲାବେଳକୁ ସିକନ୍ଦରଙ୍କ ସମେତ ଅନେକେ ଉକ୍ତ ସ୍ଥାନ ଛାଡ଼ି ଚାଲିଯାଇଥିଲେ। ଗଲାବେଳକୁ ସେମାନେ ସିସି କ୍ୟାମେରା ହାର୍ଡଡିସ୍କ ସହ ଅନ୍ୟ ମାରାତ୍ମକ ମାରଣାସ୍ତ୍ର ଓ କାଗଜପତ୍ର ନେଇ ପଳାଇଥିଲେ। ଏହି ଘଟଣାରେ ପୋଲିସ ପ୍ରଥମେ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ତା'ପରଦିନ ପୋଲିସ, ପ୍ରଶାସନ ପକ୍ଷରୁ ଏହି ଅସ୍ଥାୟୀ ୧୦ ବଖରା ଆଜବେଷ୍ଟସ ଘର ଭାଙ୍ଗି ଦିଆଯାଇଥିଲା। ସେଠାରେ ଯେଉଁମାନେ ଥିଲେ ସେମାନଙ୍କୁ ଅସ୍ଥାୟୀ ଆଶ୍ରୟସ୍ଥଳକୁ ନିଆଯାଇଥିଲା। ଗତ ୨୦ ତାରିଖରେ ପୋଲିସ ସିକନ୍ଦରଙ୍କ ଘରେ ଚଢ଼ାଉ କରି କେତେକ ଆଧାର କାର୍ଡ ଓ ବ୍ୟାଙ୍କ ପସ୍‌ବୁକ୍ ଆଦି ଜବତ କରିଥିଲା। ବେହେରାମପୁର ବସ୍ତିରେ ସିକନ୍ଦର ମଦ୍ରାସା ଚଳାଉଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିପାରି କେଉଁଠୁ ପିଲାମାନେ ଆସୁଥିଲେ ତା'ଉପରେ ତଦନ୍ତ ଜାରି ରଖିଛି।

# ସୃଷ୍ଟି ହେଲା ଲଘୁଚାପ, ଚାଷୀଙ୍କ ଚିନ୍ତା ବଢ଼ିଲା

## ୨୬ରେ ବାତ୍ୟା ଆକଳନକଲା ପାଣିପାଗ ମଡେଲ

**ଭୁବନେଶ୍ୱର,୨୨।୧୧(ବନ୍ଦନା ସେଠୀ)**

ବାତ୍ୟା ଓ ବର୍ଷା ଆଶଙ୍କାରେ ଏବେ ରାଜ୍ୟର ଚାଷୀକୁଳ ଚିନ୍ତାରେ ରହିଛନ୍ତି। ଏପରିସ୍ଥିତିରେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଶନିବାର ସକାଳ ୮ଟା ୩୦ରେ ଲଘୁଚାପରେ ପରିଣତ ହୋଇଛି। ସନ୍ଧ୍ୟା ସୁଦ୍ଧା ଏହା ମାଲାକ୍କା ଷ୍ଟ୍ରେଟ୍‌ର ସମୁଦ୍ର ପାର୍ଶ୍ୱବର୍ତ୍ତୀ ଦକ୍ଷିଣ ଆଣ୍ଡାମାନ ସାଗର ଉପରେ ରହିବା ସହ ଧୀରେ ଧୀରେ ପଶ୍ଚିମ-ଉତ୍ତର ପଶ୍ଚିମ ଦିଗକୁ ଗତି କରୁଛି। ୨୪ ତାରିଖ ବେଳକୁ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଲଘୁଚାପଟି ଅବପାତର ରୂପ ନେବାର ସମ୍ଭାବନା ରହିଛି। ଏହାର ପରବର୍ତ୍ତୀ ୪୮ଘଣ୍ଟା ଅର୍ଥାତ୍ ୨୬ ତାରିଖ ବେଳକୁ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ଉପରେ ଅଧିକ ଘନୀଭୂତ ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ଡ. ମନୋରମା ମହାନ୍ତି କହିଛନ୍ତି, ସୃଷ୍ଟି ହୋଇଥିବା ଲଘୁଚାପ ଓଡ଼ିଶା ଉପକୂଳରୁ ବହୁ ଦୂରରେ ରହିଛି। ତେଣୁ ଆଗାମୀ ୭ଦିନ ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ନାହିଁ ଏବଂ ବାତ୍ୟା ଏପର୍ଯ୍ୟନ୍ତ ସୃଷ୍ଟି ହୋଇନାହିଁ। ତେବେ ବାତ୍ୟା ସଂକ୍ରାନ୍ତରେ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇ ନ ଥିଲେ ମଧ୍ୟ ବିଭିନ୍ନ ପାଣିପାଗ ମଡେଲର ବାତ୍ୟା ଆକଳନକୁ ନେଇ ଚାଷୀଙ୍କ ଚିନ୍ତା ବଢ଼ିଛି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ, ସ୍ଥାନ: ବିଧାନ ସଭା, ସମୟ: ସକାଳ ୯ଟା ୩୦ ।
- ରାଜଧାନୀ ପୁସ୍ତକ ମେଳା, ସ୍ଥାନ: ଶହୀଦ ନଗର ଦୁର୍ଗାପୂଜା ପଡ଼ିଆ, ସମୟ: ଅପରାହ୍ନ ୨ଟା ।
- ଶ୍ରୀ ସତ୍ୟସାଇ ବାବାଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ସାଇ ଜନାନୀ, ୟୁନିଟ୍ ୩, ସମୟ: ସନ୍ଧ୍ୟା ୫ଟା ୩୦ ।
- ଭାରତୀୟ ସାହିତ୍ୟ କେନ୍ଦ୍ର ପକ୍ଷରୁ ଡ. ତ୍ରିଲୋଚନ ଖୁଣ୍ଟିଆଙ୍କ ଗ୍ରନ୍ଥାବଳୀ ଉନ୍ମୋଚନ ଏବଂ ଆଲୋଚନାଚକ୍ର, ସ୍ଥାନ: ବୁଦ୍ଧମନ୍ଦିର ୟୁନିଟ୍ ୩, ସମୟ: ସନ୍ଧ୍ୟା ୬ଟା ।
- କିମ୍ବଦନ୍ତୀ ପୁରୁଷ ଜୟୀ ରାଜଗୁରୁଙ୍କ ଜୀବନୀ ଉପରେ ଆଧାରିତ ନାଟକ ଧର୍ମଯୋଦ୍ଧା ପରିବେଷଣ, ସ୍ଥାନ: ଭଞ୍ଜ କଳାମଣ୍ଡପ, ସମୟ: ସନ୍ଧ୍ୟା ୭ଟା ।

## କଟକ

- ଏନ୍‌ସିସି ଗ୍ରୁପ୍ ହେଡ୍‌କ୍ୱାର୍ଟର ପକ୍ଷରୁ ୭୭ତମ ଏନ୍‌ସିସି ଦିବସ ପାଳନ, ସ୍ଥାନ: ହେଡ୍ କ୍ୱାର୍ଟର୍ସ ପରିସର, ବାରବାଟୀ ଦୁର୍ଗ, ସମୟ: ପୂର୍ବାହ୍ନ ୧୧ଟା ।
- ୨୯ତମ ଗୁଞ୍ଜନ ଡ୍ୟାନ୍ସ ଆଣ୍ଡ ମ୍ୟୁଜିକ ଫେଷ୍ଟିଭାଲର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ଗ୍ରାଣ୍ଡ ଅଡିଟୋରିୟମ, ମହତାବ ରୋଡ୍, ସମୟ: ସନ୍ଧ୍ୟା ୬ଟା ୩୦ ।

## ବାଲେଶ୍ୱର

- ଶ୍ରୀ ସତ୍ୟସାଇ ବାବାଙ୍କ ଶତବାର୍ଷିକୀ ଜନ୍ମ ଜୟନ୍ତୀ ଉତ୍ସବ, ସ୍ଥାନ: ଜଳେଶ୍ୱରପୁର ସମିତି, ଦେଉଳା ଭଜନ ମଣ୍ଡଳୀ, ରାଇପୁର ଭଜନ ମଣ୍ଡଳୀ, କାଁଥିଭଉଁରୀ ଭଜନ ମଣ୍ଡଳୀ, ଭୋଗରାଇ, ସମୟ: ଭୋର ୪ଟାରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ।
- ବିଶାଳ ରକ୍ତଦାନ ଶିବିର, ସ୍ଥାନ: ନେତ୍ରାନନ୍ଦ ସରକାରୀ ଉପ୍ରା ବିଦ୍ୟାଳୟ, ସାହାଦା, ବାଲେଶ୍ୱର, ସମୟ: ସକାଳ ୯ଟା ।
- ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି ଦିବସ, ସ୍ଥାନ: ବଟେଶ୍ୱର ମହାଦେବ ମନ୍ଦିର ପଡ଼ିଆ, ବଡ଼ାଶ, ବାଲିଆପାଳ, ସମୟ: ମଧ୍ୟାହ୍ନ ୧୨ଟା ।
- କଂଗ୍ରେସର ମିଶ୍ରଣ ପର୍ବ, ସ୍ଥାନ: ଜିଲା କଂଗ୍ରେସ କାର୍ଯ୍ୟାଳୟ, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା ୩୦ ।
- ସାଇ ନୃତ୍ୟ ସଙ୍ଗୀତ ମହାବିଦ୍ୟାଳୟର ସାମ୍ବତ୍ସରିକ ଉତ୍ସବ, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା ।
- ବାଲେଶ୍ୱର ଲୋକ ମହୋତ୍ସବର ପଞ୍ଚମ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା ।

## ଭଦ୍ରକ

- ଶ୍ରୀ ସତ୍ୟସାଇ ବାବାଙ୍କ ୧୦୦ତମ ଜନ୍ମ ଉତ୍ସବ, ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ତିହିଡ଼ି, ସମୟ: ସକାଳ ୭ଟା ।
- ସାଂସଦ ଖେଳକୁଦ କାର୍ଯ୍ୟକ୍ରମ, ସ୍ଥାନ: ଗେଲପୁର ଏସ୍‌ବିଡି ସ୍କୁଲ ପରିସର, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ।
- ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପାୟୀଙ୍କ ସ୍ମୃତିଚାରଣ ଓ ସମ୍ବର୍ଦ୍ଧନା ସଭା, ସ୍ଥାନ: ଶିଶୁମନ୍ଦିର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୧ଟା ।
- ଜିଲାସ୍ତରୀୟ ମହକ ଉତ୍ସବର ଉଦ୍‌ଯାପନୀ, ସ୍ଥାନ: ଶହୀଦ ସ୍ମୃତି ଭବନ, ଭଦ୍ରକ, ସମୟ: ଅପରାହ୍ନ ୨ଟା ।
- ଟାଏକୋଣ୍ଡୋ ରେଫେରୀ ଶିବିର ଉଦ୍‌ଯାପନୀ, ସ୍ଥାନ: କାର୍‌ମେଲ ସ୍କୁଲ ଅଡିଟୋରିୟମ, ଭଦ୍ରକ, ସମୟ: ଅପରାହ୍ନ ୩ଟା ।

## କେନ୍ଦୁଝର

- ସତ୍ୟସାଇଙ୍କ ଶତ ବାର୍ଷିକୀ ଜନ୍ମ ମହୋତ୍ସବ, ସ୍ଥାନ: ମରେଇଗାଁ, ଡ଼ଅଁର, ଇଂଚୋଳ, ମଠ କପୁଣ୍ଡି, ହାଟଡ଼ିହୀ, ସମୟ : ପ୍ରାତଃ ୫ ଟା ।
- ଟାଟା କମ୍ପାନୀ ଦ୍ୱାରା ଗଣ ଦୌଡ଼, ସ୍ଥାନ: କେନ୍ଦ୍ରୀୟ ଖେଳ ପଡ଼ିଆ, ଯୋଡ଼ା, ସମୟ: ପ୍ରାତଃ ୫ ଟା ୩୦ ।
- ୭୭ତମ ଜାତୀୟ ଏନ୍‌ସିସି ଦିବସ ସମାରୋହ, ସ୍ଥାନ : ଧରଣୀଧର ବିଶ୍ୱ ବିଦ୍ୟାଳୟ ପରିସର, କେନ୍ଦୁଝର, ସମୟ: ସକାଳ ୯ଟା ।
- ଜଗନ୍ନାଥ ସଂସ୍କୃତି ଜ୍ଞାନ ପରୀକ୍ଷା, ସ୍ଥାନ: ହାଟଡ଼ିହୀ ଶିକ୍ଷା ମଣ୍ଡଳ, ଛେନାପଦି, ସମୟ: ପୂର୍ବାହ୍ନ ୧୦ ଟା ।
- ବ୍ଲକ୍‌ସ୍ତରୀୟ କୁଇଜ୍ ପ୍ରତିଯୋଗିତା, ସ୍ଥାନ: ଯୋଡ଼ା ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ ଟା ।
- ସାଂସଦ ଖେଳ ମହୋତ୍ସବ, ସ୍ଥାନ : ସୁନ୍ଦରାପାଳ, ହାଟଡ଼ିହୀ, ସମୟ : ପୂର୍ବାହ୍ନ ୧୧ ଟା ।
- ସପ୍ତମ ସର୍ବଭାରତୀୟ ମିନି କଳିଙ୍ଗ କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପନ, ସ୍ଥାନ : ସଦର ବ୍ଲକ ରାଇକଳା ଗ୍ରାମ, ସମୟ: ଅପରାହ୍ନ ୩ଟା ।

## ମୟୂରଭଞ୍ଜ

- ଶ୍ରୀ ଶ୍ରୀ ସତ୍ୟସାଇ ବାବାଙ୍କ ଜନ୍ମ ଶତବାର୍ଷିକୀ ସମାରୋହ, ସ୍ଥାନ: କୁଆମରା ତଳକଡଦା ଭଜନ ମଣ୍ଡଳୀ, ଗୋପବନ୍ଧୁ ନଗର, ସମୟ: ସକାଳ ୮ଟା ।
- ବିଶାଳ ଫିଜିଓଥେରାପି ଚିକିତ୍ସା ଶିବିର, ସ୍ଥାନ: ବିଜିପୁର ମାନଗୋବିନ୍ଦପୁର, ବଡ଼ସାହି, ସମୟ: ପୂର୍ବାହ୍ନ ୧୦ଟା ।
- ବାର୍ଷିକ ଉତ୍ସବ ପାଳନ, ସ୍ଥାନ:ଚିତ୍ରଡା ସତ୍ୟସାଇ ବିଦ୍ୟା ମନ୍ଦିର, ମୋରଡା , ସମୟ: ଅପରାହ୍ନ ୩ଟା ।
- ବହୁଭାଷୀ ନାଟକ ମହୋତ୍ସବ, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ସନ୍ଧ୍ୟା ୭ଟା ।

## ବ୍ରହ୍ମପୁର

- ସତ୍ୟସାଇ ବାବାଙ୍କ ୧୦୦ତମ ଜନ୍ମଦିନ ପାଳନ, ସ୍ଥାନ: ଡାଇମଣ୍ଡ ଟ୍ୟାଙ୍କ ରୋଡ, ସମୟ: ପ୍ରାତଃ ୫ଟା ।
- ବାଲ୍ୟ ରୁଦ୍ର ଦଣ୍ଡକାଳୀଙ୍କ ଶିଳା ବିଗ୍ରହ ପ୍ରତିଷ୍ଠା, ସ୍ଥାନ: ଶାଳିଆବନ୍ଧ ହୁଡା, ପୁରୁଣା ବ୍ରହ୍ମପୁର, ସମୟ: ସକାଳ ୬ଟା ।
- ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ସିଭିଲ କୋର୍ଟ ପରିସର, ବ୍ରହ୍ମପୁର, ସମୟ: ପୂର୍ବାହ୍ନ ୧୦ ଟା ।

## ଗଞ୍ଜାମ

- ସାଇବାବାଙ୍କ ଶତବର୍ଷ ଜନ୍ମ ମହୋତ୍ସବ: ସ୍ଥାନ: ବୁଗୁଡ଼ା ଶ୍ରୀ ସତ୍ୟସାଇ ସେବା ସମିତି କେନ୍ଦ୍ର, ସମୟ: ସକାଳ ୬ ଟା ।

## ଢେଙ୍କାନାଳ

- ତ୍ରିରଙ୍ଗା-ସୁପ୍ରଭାତ ରୌପ୍ୟ ଜୟନ୍ତୀ ପ୍ରସ୍ତୁତି ବୈଠକ, ସ୍ଥାନ: ଅନୁଷ୍ଠାନର କାର୍ଯ୍ୟାଳୟ, ଦକ୍ଷୀଣକାଳୀ ରୋଡ୍, ସମୟ: ପୂର୍ବାହ୍ନ ୧୧ଟା ।

## ଅନୁଗୋଳ

- ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ : ଆଠମଲ୍ଲିକ ନ୍ୟାୟାଳୟ ପରିସର, ସମୟ: ସକାଳ ୮ ଟା ୪୫ ।
- ଜନନାୟକ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ୧୨୪ତମ ଜୟନ୍ତୀ, ସ୍ଥାନ: ଅନୁଗୋଳ ବାଜି ରାଉତ ଛାତ୍ରାବାସ, ସମୟ: ପୂର୍ବାହ୍ନ ୧୦ଟା ୩୦ ।

## ଜଗତ୍‌ସିଂହପୁର

- ଡମ୍ଫର ମାଲିକ ସଂଘ କର୍ମକର୍ତ୍ତା ନିର୍ବାଚନ, ସ୍ଥାନ: ସଂଘ ପରିସର, ବାଲିପ୍ଲଟ, ଅଠରବାଙ୍କୀ, ପାରାଦୀପ, ସମୟ: ସକାଳ ୭ ଟା ।
- ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଉଦ୍ଦେଶ୍ୟରେ ଏକତା ପଦଯାତ୍ରା, ସ୍ଥାନ: କଲେଜ ପରିସର, ନୁଆବଜାର, ପାରାଦୀପ, ସମୟ: ସକାଳ ୮ଟା ।

## କେନ୍ଦ୍ରାପଡ଼ା

- ବଗଡା ସ୍ପୋର୍ଟସ କ୍ଲବ ଓ ତ୍ରିପୁରା କ୍ଲବ ପକ୍ଷରୁ ଦିବା ରାତ୍ର ଭଲିବଲ ପ୍ରତିଯୋଗିତା, ସ୍ଥାନ: ଅରଡାସାହି, ବଗଡା, କେନ୍ଦ୍ରାପଡା, ସମୟ: ପୂର୍ବାହ୍ନ ୧୦ଟା ।
- ମାଇଁ ଏନ୍‌ସିସି ଆଲୁମନି ଆସୋସିଏଶନର ବାର୍ଷିକ ଉତ୍ସବ, ସ୍ଥାନ: କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ, କେନ୍ଦ୍ରାପଡା ସହର, ସମୟ:ପୂର୍ବାହ୍ନ ୧୦ଟା ।
- କେନ୍ଦ୍ରାପଡା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ: ସକାଳ ୬ଟା ।
- ରକ୍ତଦାନ ମହୋତ୍ସବ, ସ୍ଥାନ: ନିଗିନିପୁର, ସାନଜରିଆ, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୮ଟା ।

## ଯାଜପୁର

- ଯାଜପୁର ରୋଡ ଶ୍ରୀସତ୍ୟସାଇ ସେବା ସମିତି ପକ୍ଷରୁ ସତ୍ୟସାଇ ବାବାଙ୍କ ଜନ୍ମଦିନ ପାଳନ ଉତ୍ସବ, ସ୍ଥାନ : ବ୍ୟାସନଗର ଶ୍ରୀସତ୍ୟସାଇ ମନ୍ଦିର ପରିସର, ସମୟ : ସକାଳ ୮ଟା୩୦ ।
- ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା, ସ୍ଥାନ : ଜାରକା ହାଇସ୍କୁଲ୍ ପରିସର, ସମୟ: ପୂର୍ବାହ୍ନ ୧୦ଟା ।

## ନୟାଗଡ଼

- ଶ୍ରୀ ସତ୍ୟସାଇ ବାବାଙ୍କ ୧୦୦ତମ ଜନ୍ମ ମହୋତ୍ସବ, ସ୍ଥାନ:ଦଶପଲ୍ଲା ଦୁର୍ଗାବଜାର କଲୋନୀସ୍ଥିତ ଶ୍ରୀସତ୍ୟସାଇ ସେବା ସମିତି, ସମୟ:ସକାଳ ୫ଟା , ପୂର୍ବାହ୍ନ ୧୦ଟାରୁ ସଂଧ୍ୟା ୬ଟା ୩୦ ।
- ଶ୍ରୀ ସତ୍ୟସାଇ ବାବାଙ୍କ ୧୦୦ତମ ଜନ୍ମ ମହୋତ୍ସବ, ସ୍ଥାନ:ଓଡଗାଁ ବିଜୟ ମଣ୍ଡପ ସାହି, ସମୟ:ସକାଳ ୫ଟାରୁ ସଂଧ୍ୟା ୭ଟା ୧୫ ।
- ମହାବିଦ୍ୟାଳୟର ପ୍ରତିଷ୍ଠାତା ରୁଦ୍ର ମାଧବ ରାୟଙ୍କ ୮୮ତମ ଜନ୍ମ ଜୟନ୍ତୀ ଉତ୍ସବ, ସ୍ଥାନ: କୃଷ୍ଣପ୍ରିୟା ଦେବୀ ମହିଳା ମହାବିଦ୍ୟାଳୟ, ସମୟ:ପୂର୍ବାହ୍ନ ୧୧ଟା୧୫ ।
- ୬୪ତମ ସର୍ବ ଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ, ସ୍ଥାନ: ଶରଣକୂଳ ନାରାୟଣ ହାଇସ୍କୁଲ ଖେଳ ପଡିଆ, ସମୟ: ଅପରାହ୍ନ ୩ଟା ।
- ନ

## ରାୟଗଡ଼ା

- ଜିଲାସ୍ତରୀୟ ସର୍ଗିଫୁଲ, ସ୍ଥାନ: ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ବିକ୍ରମପୁର, ଗୁଣପୁର
- ସମୟ: ସକାଳ ୯ଟା ।
- ତାଲୁକ୍ ଆଇନ ସେବା ସଂସ୍ଥା ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ଗୁଣପୁର କୋର୍ଟ ପରିସର, ସମୟ: ସକାଳ ୯ଟା ।
- ସତ୍ୟସାଇ ବାବାଙ୍କ ୧୦୦ତମ ଜନ୍ମ ଚଜୟନ୍ତୀ, ସ୍ଥାନ: ମୁନିଗୁଡ଼ା ସତ୍ୟସାଇ ମନ୍ଦିର, ସମୟ: ସକାଳ ୧୦ଟା ।

## ନବରଙ୍ଗପୁର

- ଜେଏମ୍‌ଏଫ୍‌ସି କୋର୍ଟ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ଝରିଗାଁ କୋର୍ଟ ପରିସର, ସମୟ: ସକାଳ ୯ଟା ।
- ଭାଜପା ପକ୍ଷରୁ ହରଘର ସ୍ୱଦେଶୀ କାର୍ଯ୍ୟକ୍ରମ, ସ୍ଥାନ: ଝରିଗାଁ ମିନି ଷ୍ଟାଡିୟମ୍, ସମୟ: ପୂର୍ବାହ୍ନ ୧୦ଟା ।

## କୋରାପୁଟ

- ସତ୍ୟ ସାଇବାବାଙ୍କ ୧୦୦ତମ ଜୟନ୍ତୀ ପାଳିତ, ସ୍ଥାନ: ହାଟପଦାସ୍ଥିତ ଭଜନ ମଣ୍ଡଳ ପ୍ରାର୍ଥନା କକ୍ଷ, ନନ୍ଦପୁର, ସମୟ: ପ୍ରାତଃ ୫ଟା ।
- ସତ୍ୟସାଇଙ୍କ ୧୦୦ତମ ଜୟନ୍ତୀ ଉତ୍ସବ, ସ୍ଥାନ: ସେବା ଅନୁଷ୍ଠାନ ପରିସର, ସେମିଳିଗୁଡ଼ା, ସମୟ: ସକାଳ ୯ଟା ।
- ରକ୍ତଦାନ ଦାନ ଶିବିର, ସ୍ଥାନ: ବେହରା ଗୁଡ଼ା, ସେମିଳିଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା ।
- ମା' ନିଶାଣୀ ମୁଣ୍ଡା ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ, ସ୍ଥାନ: ସାଇକ୍ରିଷ୍ଟା କଲୋନୀ ଖେଳପଡିଆ, ଦଶମନ୍ତପୁର, ସମୟ: ଅପରାହ୍ନ ୨ଟା ୩୦ ।

## ମାଲକାନଗିରି

- ସତ୍ୟସାଇଙ୍କ ଜନ୍ମବାର୍ଷିକୀ ଉତ୍ସବ, ସ୍ଥାନ: ସାଇବାବାଙ୍କ ମନ୍ଦିର ପରିସର, ବାଲିମେଳା ସାଇବାବା ଲାଇନ୍, ସମୟ: ପ୍ରାତଃ ୫ଟା ।
- ସତ୍ୟ ସାଇଙ୍କ ଜନ୍ମବାର୍ଷିକୀ ପାଳିତ, ସ୍ଥାନ: ସାଇବାବା ମନ୍ଦର ପରିସର, ସଦର ମହକୁମା କୁମୁଟିଗୁଡ଼ା, ମାଲକାନଗିରି, ସମୟ: ସକାଳ ୬ଟା ।

## ସମ୍ବଲପୁର

- ଶ୍ରୀସତ୍ୟ ସାଇବାବାଙ୍କ ୧୦୦ତମ ଜୟନ୍ତୀ, ସ୍ଥାନ : ଭୁତାପଡା ସ୍ଥିତ ପ୍ରଶାନ୍ତି ମନ୍ଦିର, ସମୟ : ସକାଳ ୫ଟାରୁ ସନ୍ଧ୍ୟା ୬ଟା ୩୦ ।
- କଲମ ପରିବାର ଆୟୋଜନରେ ଶୀତ ସକାଳ କବିତା ଆସର, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସକାଳ ୯ଟା ୩୦ ।
- ଶ୍ରୀହନୁମାନ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଶ୍ରୀରାମଚନ୍ଦ୍ର ଓ ମାତା ସୀତାଙ୍କ ବିବାହ ସକାଶେ ପ୍ରସ୍ତୁତି କାର୍ଯ୍ୟକ୍ରମ, ସ୍ଥାନ : ବୁଢ଼ାହିଲ ସ୍ଥିତ ହନୁମାନ ମନ୍ଦିର ପରିସର, ସମୟ : ପୂର୍ବାହ୍ନ ୧୦ଟା ।
- ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ନାଟ୍ୟ ମହର୍ଷି ଭଗବାନ ସାହୁ ଜୟନ୍ତୀ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ପୂର୍ବାହ୍ନ ୧୦ଟା ୩୦ ।

## ବଲାଙ୍ଗୀର

- ସମାଜବାଦୀ ଜନ ପରିଷଦର ଦ୍ୱିଦିବସୀୟ ରାଷ୍ଟ୍ରୀୟ ସମ୍ମିଳନୀର ଉଦ୍‌ଯାପନୀ, ସ୍ଥାନ: ମହାବୀର ଧର୍ମଶାଳା, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ।

## ରାଉରକେଲା

- ରୋଟାରୀ କ୍ଲବ ପକ୍ଷରୁ ମିନି ମାରାଥନ, ସ୍ଥାନ: ଛେଣ୍ଡ ବିଏସ୍‌ଏନ୍‌ଏଲ ଛକ, ସମୟ: ସକାଳ ୭ଟା ।
- ଶ୍ରୀ ସତ୍ୟ ସାଇସେବା ସମିତି ରାଉରକେଲା ପକ୍ଷରୁ ଜନ୍ମ ଶତବାର୍ଷିକୀ କାର୍ଯ୍ୟକ୍ରମ, ସ୍ଥାନ: ଓରାମପଡ଼ା ସମିତି କାର୍ଯ୍ୟାଳୟ, ସମୟ: ସକାଳ ୯ଟା ।
- ସାନ୍ତାଳୀ ଭାଷାର ଲିପି ଅଲଚିକିର ବାର୍ଷିକ ଉତ୍ସବ, ସ୍ଥାନ: ସେକ୍ଟର--୧୯ ସିଭିକ୍ ସେଣ୍ଟର, ସମୟ: ପୂର୍ବାହ୍ନ ୧୦ଟା ।
- ପରମ ପୂଜ୍ୟପାଦ ଶ୍ରୀ ଶ୍ରୀ ବଡଦାଙ୍କ ଜୟନ୍ତୀ ଉତ୍ସବ, ସ୍ଥାନ: ସେକ୍ଟର-୨୧ ସତ୍‌ସଙ୍ଗ ବିହାର, ସମୟ: ପୂର୍ବାହ୍ନ ୧୧ଟା ।
- ପାୱାର କ୍ଲବ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର-୭ ରାଏମା କ୍ଲବ, ସମୟ: ପୂର୍ବାହ୍ନ ୧୧ଟା ୩୦ ।
- ଅରିଜିନାଲ ପାୱାର କ୍ଲବର ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର-୭, ର୍ୟାମା, ସମୟ: ପୂର୍ବାହ୍ନ ୧୧ଟା ୩୦ ।
- ଖାଦ୍ୟ ଓ ଯୋଗାଣ ମନ୍ତ୍ରୀଙ୍କ ରାଉରକେଲା ଗସ୍ତ, ସ୍ଥାନ: ଓରାମପଡ଼ା, ସମୟ: ମଧ୍ୟାହ୍ନ ୧୨ଟା ୪୫ ।
- ଗବେଷକ କନକ୍ଲେଭ ଉଦ୍‌ଯାପନ କାର୍ଯ୍ୟକ୍ରମ, ସ୍ଥାନ: ଛେଣ୍ଡ, ବିପିୟୁଟି, ସମୟ: ଅପରାହ୍ନ ୨ଟା ।
- ବିକାଶ ଗ୍ଲୋବାଲ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ସେକ୍ଟର-୯, ରାଉରକେଲା, ସମୟ: ସନ୍ଧ୍ୟା ୫ଟା ।
- ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ପାଳନ, ସ୍ଥାନ: ସେକ୍ଟର-୫ କଲଚରାଲ ଏକାଡେମୀ, ସମୟ: ସନ୍ଧ୍ୟା ୬ଟା ।

## ସୁନ୍ଦରଗଡ଼

- ଶ୍ରୀମଦ ଭାଗବତ କଥା,ସ୍ଥାନ:ଇବ ନଗର,ଆରଆରଆଇଟି କଲୋନୀ, ଶିବ ମନ୍ଦିର ପ୍ରାଙ୍ଗଣ,ସୁନ୍ଦରଗଡ,ସମୟ: ଅପରାହ୍ନ୫ଟା୩୦ରୁ ୮ଟା୩୦ପର୍ଯ୍ୟନ୍ତ ।

## ବରଗଡ଼

- ଶ୍ରୀ ସତ୍ୟସାଇ ବାବାଙ୍କ ୧୦୦ତମ ଜନ୍ମୋତ୍ସବ, ସ୍ଥାନ:ଡାଙ୍ଗବାହାଲ, ଗାଇସିଲେଟ, ସମୟ: ପ୍ରାତଃ ୪ଟା ୩୦ ।
- ଉଦ୍ଭିଦ ବିଜ୍ଞାନ ବିଭାଗର ଆଲୋଚନା ଚକ୍ର, ସ୍ଥାନ: ପଞ୍ଚାୟତ କଲେଜ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା ।
- ପୁସ୍ତକମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜଜ୍ ହାଇସ୍କୁଲ ପଡ଼ିଆ, ବରଗଡ଼, ସମୟ:ସନ୍ଧ୍ୟା ୫ଟା ।

## କଳାହାଣ୍ଡି

- ୭୭ତମ ଏନ୍‌ସିସି ଦିବସ, ସ୍ଥାନ: ଭବାନୀପାଟଣାସ୍ଥିତ ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୯ଟା ।
- ଜିଲା ମୁଖ୍ୟ କୋର୍ଟରେ ଚିତ୍ରାଙ୍କନ, ଚିତ୍ରକଳା ପ୍ରତିଯୋଗିତା, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ କୋର୍ଟ, ସମୟ: ପୂର୍ବାହ୍ନ ୧୧ଟା ।

## ବୌଦ୍ଧ

- ପଞ୍ଚମ ରାଜ୍ୟସ୍ତରୀୟ ମା' ଭୈରବୀ ମହୋତ୍ସବ, ପଲ୍ଲିଶ୍ରୀ, ବାଣିଜ୍ୟ ମେଳା ଉଦ୍‌ଯାପନ ଦିବସ, ସ୍ଥାନ: ମିନି ଷ୍ଟାଡିୟମ ପୁରୁଣାକଟକ, ସମୟ:ସନ୍ଧ୍ୟା ୭ଟା ।

## ଦେବଗଡ଼

- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ, ସ୍ଥାନ: ଦେବଗଡ ସହର , ସମୟ: ଭୋର୍ ୪ଟା ।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ତିଲେଇବଣି ବ୍ଲକ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ।
- ମା'କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ଦେବଗଡ ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ : ସନ୍ଧ୍ୟା ୬ଟା୩୦ ।

## ସୁବର୍ଣ୍ଣପୁର

- ଅଖିଳ ଭାରତୀୟ ଗଣ୍ଡୱାନା ଗଣ୍ଡ ମହାସଭା ପକ୍ଷରୁ ରାଜ୍ୟସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ-୨୦୨୫, ସ୍ଥାନ: ବିନିକା ବ୍ଲକ ମହଦା ହାଇସ୍କୁଲ ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ରାଜ୍ୟସ୍ତରୀୟ ସୁଧୀର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ କମାଣ୍ଡୋ-୧୧ ଭୁବନେଶ୍ୱର ବନାମ ସୁହାନି -୧୧ ୱେଷ୍ଟବେଙ୍ଗଲ, ସ୍ଥାନ: କମିରା ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୧ଟା ।
- ସଞ୍ଜୟ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ଦାଦରପାଲି, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା୩୦ ।
- ମା'ମାହେଶରୀ ରାଜ୍ୟସ୍ତରୀୟ କଳାପଥର କ୍ରିକେଟ କପ, ସ୍ଥାନ: କଳାପଥର, ଉଲୁଣ୍ଡା ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା୩୦ ।
- ସୁନିତା ସାହୁ କୀର୍ତ୍ତନ ଧାରା, ସ୍ଥାନ: ନୂଆପାଲି, ବିନିକା, ସମୟ: ସନ୍ଧ୍ୟା ୬ଟା ।

## ନୂଆପଡ଼ା

- ୩ୟ ଫୁଟ୍‌ବଲ ମହାକୁମ୍ଭ ଷଷ୍ଠ ଦିବସ, ସ୍ଥାନ: ରାଜା ଏଟି ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ସମୟ: ଅପରାହ୍ନ ୩ଟା ।
- କୁରାଳ (କୁମ୍ଭାର) ସମାଜ ପକ୍ଷରୁ କୁରାଳ ପୂଜା ପ୍ରସ୍ତୁତି ବୈଠକ, ସ୍ଥାନ: ନୂଆପଡ଼ା ଏନ୍‌ଏସି ମହୁଆଭଟା ୱାର୍ଡ ନଂ.୧୩, ୧୪, ସମୟ: ଅପରାହ୍ନ ୫ଟା ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆମ୍ବ ଗଛରେ ପାଣି ଦେଉ ଦେଉ**
**ଶିମ୍ବ ଗଛ ମଲା।**

କିଛି ବ୍ୟକ୍ତି ଅବହେଳାର ଶିକାର ହୋଇଥାନ୍ତି । ତାଙ୍କ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆ ନ ଯିବା ଫଳରେ ସେମାନେ ଆଖିଦୃଶିଆ ଅଗ୍ରଗତି କରିପାରି ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

**ଆଠ ଦୁମୁକାଣି, ଷୋଳ ଅସରା,**
**ବତିଶି ଝିପିଝିପି, ଚଉଷଠି କୁଣ୍ଡାଝରା,**
**ତେବେ ଯାଇ ଚଷାର ପେଟ ପୂରା।**

ବର୍ଷାର ପରିମାଣ ଅଧିକ ହେଲେ ଧାନଗଛ ଭଲ ବଢ଼ିଥାଏ ଓ ସେହି ଅନୁସାରେ ଭଲ ଫସଲ ମିଳିଥାଏ । ବର୍ଷା ଉପରେ ଧାନ ଫସଲ ନିର୍ଭର କରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର ।

# ଟ୍ରକ୍ ଧକ୍କାରେ ମଉସା ମୃତ, ଝିଆରୀ ଗୁରୁତର

**ବଅଁରପାଳ,୨୨।୧୧ (ସୁବାସ ସାହୁ)/ ସନ୍ତ୍ରୀଛକ, (ସନ୍ତୋଷ ପରିଡ଼ା)**

ଅନୁଗୋଳ ଜିଲା ବଅଁରପାଳ-ତାଳଚେର ୧୪୯ ନମ୍ବର ଜାତୀୟ ରାଜପଥର ଗୋଡମରା ସ୍ଥିତ ଏକ ପେଟ୍ରୋଲ ପମ୍ପ ନିକଟରେ ଶନିବାର ଅପରାହ୍ନରେ ଦୁର୍ଘଟଣା ଘଟିଛି । ଟ୍ରକ୍ ଧକ୍କାରେ ବାଇକ୍‌ରେ ଯାଉଥିବା ମଉସାଙ୍କ ମୃତ୍ୟୁ ହୋଇଥିବାବେଳେ ଝିଆରୀ ଗୁରୁତର ହୋଇଛନ୍ତି । ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି ।

ସୂଚନା ଅନୁଯାୟୀ, ନୂଆହତା ଗ୍ରାମ ଜୋରାଗାଡ଼ିଆ ସାହିର ରାଜ କିଶୋର ପରିଡ଼ା(୪୭) ଏବଂ ଝିଆରୀ ପରଜଙ୍ଗ ବ୍ଲକ ବସୁଲେଇ ଗ୍ରାମର ମିତାଲି ପରିଡ଼ା (୧୯) ଏକ ବାଇକ୍ ଯୋଗେ ନୂଆହତାରୁ ବସୁଲେଇ ଯାଉଥିଲେ । ଅପରାହ୍ନ ୪ଟା ବେଳେ ସେମାନେ ଉକ୍ତ ପେଟ୍ରୋଲ ପମ୍ପ ସମ୍ମୁଖରେ ହୋଇଥିବାବେଳେ ପଛରୁ ଆସୁଥିବା ଟ୍ରକ୍ (ଓଡି୩୫ଡି-୯୭୧୫) ବାଇକ୍‌କୁ ଧକ୍କା ଦେଇଥିଲା । ଘଟଣାସ୍ଥଳରେ ମଉସା ରାଜକିଶୋରଙ୍କ ମୃତ୍ୟୁ ହୋଇଥିଲା । ଦୁର୍ଘଟଣା ପରେ ଟ୍ରକ୍ ଚାଳକ ଗାଡ଼ି ଛାଡ଼ି ଫେରାର ହୋଇଯାଇଥିଲେ । ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା । ସେମାନେ କ୍ଷତିପୂରଣ ଦାବିରେ ମୃତଦେହ ରଖି ରାସ୍ତାରୋକୋ କରିବାରୁ ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟାରେ ଗାଡ଼ି ଅଟକି ରହିଥିଲା । ଖବରପାଇ ବଅଁରପାଳ ଥାନା ପୋଲିସ ପହଞ୍ଚି ଗୁରୁତରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଦେବା ସହ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲା ।

## ପ୍ରଥମ ପୃଷ୍ଠାରୁ...

### ଏସ୍‌ଆଇଆର୍ ...

ନିଖୋଜ ଅଛନ୍ତି । କେରଳରେ ଜଣେ ବିଏଲ୍‌ଓଙ୍କ ମୃତ୍ୟୁ ଘଟିଥିବାବେଳେ ରାଜସ୍ଥାନରେ ଜଣେ ଏବଂ ଗୁଜରାଟରେ ୪ ଦିନରେ ୪ ଜଣଙ୍କ ଜୀବନ ଗଲାଣି । ଶନିବାର ଭଦୋଦାରାର ଏକ ସ୍କୁଲରେ କାର୍ଯ୍ୟରତ ଜଣେ ମହିଳା ସହକାରୀ ବିଏଲ୍‌ଓ ମୂର୍ଚ୍ଛାଯିବା ସହ ତାଙ୍କର ମୃତ୍ୟୁ ଘଟିଛି । ୨ ଜଣଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଆତ୍ମହତ୍ୟା କରିଛନ୍ତି । ପଶ୍ଚିମବଙ୍ଗରେ ୨ ଜଣ ବିଏଲ୍‌ଓ ପ୍ରାଣ ହରାଇଛନ୍ତି । ଏଥିପାଇଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏସ୍‌ଆଇଆର୍‌କୁ ଦାୟୀ କରିବା ସହ ନିର୍ବାଚନ କମିଶନଙ୍କୁ ପତ୍ର ଲେଖି ଭୋଟର ତାଲିକା ସଂଶୋଧନ ସ୍ଥଗିତ ରଖିବାକୁ କହିଥିଲେ । କର୍ମଚାରୀଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ଲାଗି ରହିଥିବାବେଳେ ଏସ୍‌ଆଇଆର୍‌କୁ ବନ୍ଦ ରଖିବା ପାଇଁ ସୁପ୍ରିମକୋର୍ଟରେ ଏକାଧିକ ଆବେଦନ ହୋଇଛି ।

ଇସିଆଇ ସୂଚନା ଅନୁଯାୟୀ, ୧୨ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ୫୦.୯୭ କୋଟି ଭୋଟରଙ୍କ ଉପରେ ସର୍ଭେ କରାଯାଉଛି । ଏଥିପାଇଁ ୫.୩୨ ଲକ୍ଷ ବିଏଲ୍‌ଓଙ୍କୁ ନିୟୋଜିତ କରାଯାଇଛି । ଅର୍ଥାତ୍ ମାସେ ମଧ୍ୟରେ ଜଣେ ବିଏଲ୍‌ଓଙ୍କୁ ଅନ୍ୟୂନ ୯୫୬ ଭୋଟରଙ୍କ ତାଲିକା ସଂଶୋଧନ କରିବାକୁ ହେବ । ଏଥିରେ ରହିଛି ଫର୍ମ ବଣ୍ଟନ, ଘରକୁ ଘର ଯାଇ ତଥ୍ୟ ସଂଗ୍ରହ ଏବଂ ସେମାନଙ୍କ ସମସ୍ୟାର ସମାଧାନ । ବିଏଲ୍‌ଓମାନଙ୍କୁ ଫୋନ୍ ଯୋଗେ କ୍ରମାଗତ ଭାବେ ବିଭିନ୍ନ ପରାମର୍ଶ ଦିଆଯାଉଛି । ଟାର୍ଗେଟ ପୂରଣ ନ କଲେ କାର୍ଯ୍ୟାନୁଷ୍ଠାନ ଭୟ ରହୁଛି । କାର୍ଯ୍ୟଚାପ ବଢୁଥିବାରୁ ବିଏଲ୍‌ଓମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ।

ମଧ୍ୟପ୍ରଦେଶରେ ପ୍ରାଣ ହରାଇଥିବା ୨ ଜଣ ବିଏଲ୍‌ଓ ହେଲେ ରମାକାନ୍ତ ପାଣ୍ଡେ ଏବଂ ସୀତାରାମ ଗୋଣ୍ଡ । ନିଖୋଜ ବିଏଲ୍‌ଓ ଜଣକ ଭବ୍ୟ ସିଟିରେ ରହୁଥିବା ଶିକ୍ଷକ ନାରାୟଣ ଦାସ ସୋନି ବୋଲି ଜଣାପଡ଼ିଛି । ସେହିପରି ଶନିବାର ପଶ୍ଚିମବଙ୍ଗ ନଦିଆ ଜିଲାରେ ମହିଳା ବିଏଲ୍‌ଓ ରିଙ୍କୁ ତରଫଦାରଙ୍କ ମୃତ୍ୟୁ ଘଟିଛି । ଗତ ବୁଧବାର ଜଳପାଇଗୁଡ଼ି ଜିଲାରେ ଆଉ ଜଣେ ବିଏଲ୍‌ଓ ରଶି ଲଗାଇ ଆତ୍ମହତ୍ୟା କରିଥିଲେ ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**: ପରିବାରରେ ବିଭିନ୍ନ ସମସ୍ୟା ରହିଥିଲେ ମଧ୍ୟ କର୍ମଜଞ୍ଜାଳ ମଧ୍ୟରେ ଚିନ୍ତା କରିବାକୁ ଅବସର ମିଳିବ ନାହିଁ । ପାରିବାରିକ ସମସ୍ୟା ସମାଧାନରେ ପଡ଼ୋଶୀଙ୍କ ଅବଦାନକୁ ଅସ୍ୱୀକାର କରିପାରିବେ ନାହିଁ । ରଚନାତ୍ମକ କାମରୁ ସାମାଜିକ ସ୍ତରରେ ପ୍ରଶଂସିତ ହେବେ । ସନ୍ତାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ସୁଧାରିବାରେ ବନ୍ଧୁଙ୍କୁ ସାହାଯ୍ୟ ଭିକ୍ଷା କରିପାରନ୍ତି ।

**ବୃଷ**: ସ୍ୱାସ୍ଥ୍ୟ ସମସ୍ୟା ପୂର୍ବପରି ରହିଲେ ମଧ୍ୟ ବିଶେଷ ଗୁରୁତର ହୋଇ ନ ପାରେ । ପରିବାରରୁ ପୂର୍ଣ୍ଣ ସମର୍ଥନ ଲାଭ କରି ଗଠନମୂଳକ କାର୍ଯ୍ୟ ସମ୍ପନ୍ନ କରିବେ । ବନ୍ଧୁଙ୍କ ପରାମର୍ଶରେ ଦୂରଯାତ୍ରାରେ ସଫଳତା ପାଇପାରିବେ । ପଡ଼ୋଶୀଙ୍କ ସହିତ ବିବାଦୀୟ ଘଟଣାର ଅବସାନ ଘଟିବାର ସୂଚନା ରହିଛି ।

**ମିଥୁନ**: ବନ୍ଧୁଙ୍କ ଅନୁରୋଧକ୍ରମେ ସମାଜ କଲ୍ୟାଣ କାମ ସକାଶେ ସ୍ୱୀକୃତି ପ୍ରଦାନ କରିବେ । ସହକର୍ମୀଙ୍କ ମନରେ ବିଶ୍ୱାସ ଜନ୍ମାଇ କାମ ହାସଲ ସକାଶେ ସମର୍ଥନ ପାଇପାରନ୍ତି । ଅଂଶୀଦାର ବ୍ୟବସାୟୀଙ୍କ ସହିତ ବାଣିଜ୍ୟରେ ମାନମନାନ୍ତର ସୃଷ୍ଟି ହେବ । ଆତ୍ମୀୟମାନେ ଅସହଯୋଗ କଲେ ମଧ୍ୟ ଆପଣଙ୍କ କାମ ଅଟକି ରହିବ ନାହିଁ ।

**କର୍କଟ**: କର୍ମକ୍ଷେତ୍ରରେ ସହକର୍ମୀ ସହାନୁଭୂତିର ସହିତ ସହଯୋଗର ହାତ ବଢ଼ାଇପାରନ୍ତି । ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ । ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବା ସହିତ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ । ଅଭାବ ଲାଗି ରହିବା କାରଣରୁ ଅଶାନ୍ତି ଅନୁଭବ କରିପାରନ୍ତି ।

**ସିଂହ**: ଆଜି କୌଣସି କାମ ଅଟକିବ ନାହିଁ, କିନ୍ତୁ ଅର୍ଥ ସଂକଟ ଲାଗିରହିବ । ବନ୍ଧୁଙ୍କ ବ୍ୟବହାରରେ ପରିବର୍ତ୍ତନ ଜନିତ ମାନସିକ ମନକୁ କବଳିତ କରି ରଖିବ । ବିଭିନ୍ନ ଯୋଜନା ସମ୍ପର୍କୀୟ ଆଲୋଚନା, ଜମିଜମା କାରବାର ପ୍ରଭୃତି ସକାଶେ ବ୍ୟସ୍ତତା ବଢ଼ିଯାଇପାରେ । ନିଜ ପରିସରର ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି ।

**କନ୍ୟା**: ଆଜି ଯେତିକି ପାଇବେ, ଦୁଇଗୁଣା ଖର୍ଚ୍ଚ ମାନସିକ ଅସ୍ଥିରତାର କେନ୍ଦ୍ରବିନ୍ଦୁ ପାଲଟିଯିବ । ବିଭିନ୍ନ ସମସ୍ୟା ଲାଗି ରହିଥିବାରୁ ଆନୁଷ୍ଠାନିକ କାମ ସ୍ଥଗିତ ରହିଯିବ । ଭଲ ସମ୍ପର୍କ ରହିଥିବା ଆତ୍ମୀୟସ୍ୱଜନଙ୍କ ଆରୋଗ୍ୟ ପାଇଁ ଚିନ୍ତା ବଢ଼ିପାରେ । ବାଣିଜ୍ୟ, ଗବେଷଣା, ଅନୁସନ୍ଧାନ, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ର ମନ୍ଦ ହେବନି ।

**ତୁଳା**: ଆଜି ବନ୍ଧୁତ୍ୱ ଡୋରିରେ ବାନ୍ଧି ହୋଇ ଜୀବନର ନୂତନ ଅଧ୍ୟାୟ ଆରମ୍ଭ କରିପାରନ୍ତି । ଆଲୋଚନା ପରିସରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପାରସ୍ପରିକ ଆଲୋଚନା କରିବା ଭଲ । ସଭାସମିତିରେ ଯୋଗ ଦେଇ ଲାଭବାନ୍ ହେବେ ଓ ପ୍ରତିଷ୍ଠା ପାଇବେ । ପୂର୍ବ ସ୍ଥିରୀକୃତ ଗସ୍ତ କାର୍ଯ୍ୟକ୍ରମ ସମସ୍ୟା ହେତୁ ବାତିଲ ହୋଇପାରେ ।

**ବିଛା**: ଆଜି ଏକାଧିକ କାମ ହାତକୁ ନେଇ କୌଣସି କାମକୁ ପୂର୍ଣ୍ଣାଙ୍ଗ କରିପାରିବେ ନାହିଁ । ଗୃହସୀମାକୁ କେନ୍ଦ୍ରକରି ରହିଥିବା ବିବଦମାନ ସ୍ଥିତିରୁ ସହସା ମୁକ୍ତି ମିଳିବ । ନୀଚ ମନୋଭାବସମ୍ପନ୍ନ ବ୍ୟକ୍ତିଙ୍କ ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି । ପରିବାରର ଆବଶ୍ୟକତା ପୂରଣ କରିବା ସକାଶେ ଧାରସୂତ୍ରରେ ଅର୍ଥ ଆଣିବେ ।

**ଧନୁ**: ପରିବର୍ତ୍ତିତ ପରିସ୍ଥିତି ମାନସିକ ସ୍ଥିରତା ରକ୍ଷା କରିବାରେ ସମର୍ଥ ହେବ । ନିଜର ପୂର୍ବ ଦୈନନ୍ଦିନ ଜୀବନଚର୍ଯ୍ୟାକୁ ବଦଳାଇବାକୁ ବାଧ ହେବେ । ଆବଶ୍ୟକତା ପୂରଣ କରିବା ସକାଶେ ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରି ସଫଳତା ହାସଲ କରିବେ । ଦେହ ଭଲ ରହିଲେ ମଧ୍ୟ ସାମୟିକ ପେଟ ଓ ମୁଣ୍ଡ ରୋଗରେ କଷ୍ଟ ପାଇପାରନ୍ତି ।

**ମକର**: ଆଜି ଆପଣ ଯେଉଁ କାମରେ ହାତ ଦେବେ, ସେଥିରେ ସଫଳତା ଅବଶ୍ୟମ୍ଭାବୀ । ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ମିତ୍ରଭଳି ଆଚରଣ କରିପାରନ୍ତି । ପ୍ରତ୍ୟୁଷ ଯାତ୍ରା, ପ୍ରଶାସନ, ଆଇନ ଏବଂ କଳା ସାହିତ୍ୟ କ୍ଷେତ୍ର ମନ୍ଦ ହେବନି । ପରିବାରରେ ବିଶୃଙ୍ଖଳିତ ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ଲାଗି ରହିବ ।

**କୁମ୍ଭ**: ପ୍ରତ୍ୟେକ କ୍ଷେତ୍ରରେ ସତର୍କତାର ସହ ନ ଚଳିଲେ ନିନ୍ଦା, ଅପମାନ ପାଇପାରନ୍ତି । ତଥାପି ଯେଉଁ କାମ ପାଇଁ ଚେଷ୍ଟା କରୁଛନ୍ତି ସେଥିରେ ବିଳମ୍ବରେ ସଫଳତା ପାଇବେ । ସମ୍ପର୍କୀୟଙ୍କ ସାହାଯ୍ୟ ଲାଭ କରି ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବାର ମଉକା ମିଳିବ । ବିବାଦୀୟ ପରିସ୍ଥିତିରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବାକୁ ଚେଷ୍ଟା କରିବେ ।

**ମୀନ**: ଆପଣ ଯେଉଁ ଜିନିଷଟିକୁ ପାଇବାକୁ ଇଚ୍ଛା କରିଛନ୍ତି, ତାହା ବିଳମ୍ବରେ ପାଇବେ । କର୍ମକ୍ଷେତ୍ରରେ ଅପରାହ୍ନରେ ଟେନସନ୍ କମିଯିବ ଏବଂ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇପାରନ୍ତି । ଶିଳ୍ପ, ବ୍ୟବସାୟ, ପରିବହନରେ ପ୍ରତିବନ୍ଧକ ସୃଷ୍ଟି ହେବ । ନିରୁଦ୍ଦିଷ୍ଟ ବ୍ୟକ୍ତିଙ୍କ ଖବର କିମ୍ବା ହଜି ଯାଇଥିବା ଜିନିଷ ଅଜଣା ବ୍ୟକ୍ତିଙ୍କ ନିକଟରୁ ପାଇପାରନ୍ତି ।

ଆଜି ନଭେମ୍ବର ୨୩ ତାରିଖ, ସତ୍ୟସାଇ ବାବାଙ୍କ ଜୟନ୍ତୀ, ସାର୍ ଜଗଦୀଶ ଚନ୍ଦ୍ର ବୋଷଙ୍କ ତିରୋଧାନ ଦିବସ, ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ, ମାର୍ଗଶିର ଶୁକ୍ଳ ତୃତୀୟା ରବିବାର । ରାଶି ନକ୍ଷତ୍ର-ମୂଳା/ଧନୁ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୪୭ ଗତେ ଘ.୦୮।୫୯ ମଧ୍ୟେ, ଘ.୧୨।୫୫ମି. ଗତେ ଘ.୦୨।୫୦ମି. ମଧ୍ୟେ ଶୁଦ୍ଧ ଶୁଭବେଳା । ଅପରାହ୍ନ ଘ.୦୩।୩୯ମି. ଗତେ ଘ.୦୫।୦୨ମି. ମଧ୍ୟେ ରାହୁକାଳ ।

# ‘ଓସିପିଏଲ୍-ଓପିଜିସି ମିଶ୍ରଣ ହେବନାହିଁ’

## ଓସିପିଏଲ୍ ସିଇଓଙ୍କୁ କେନ୍ଦ୍ର କୋଇଲା ମନ୍ତ୍ରଣାଳୟର ଚିଠି

ଭୁବନେଶ୍ୱର,୨୨।୧୧(ସୁନିତ୍ ମିଶ୍ର)

ଓଡ଼ିଶା କୋଲ୍ ଆଣ୍ଡ୍ ପାୱାର ଲିମିଟେଡ୍(ଓସିପିଏଲ୍)କୁ ଓଡ଼ିଶା ପାୱାର ଜେନେରେଶନ କର୍ପୋରେଶନ(ଓପିଜିସି) ସହ ମିଶ୍ରଣ କରାଯିବା ନିଷ୍ପତ୍ତିକୁ କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ଦ୍ୱାରା ମନୋନୀତ କର୍ତ୍ତୃପକ୍ଷ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। ଫଳରେ ଓଡ଼ିଶା ସରକାରଙ୍କ ଏହି ଯୋଜନା ବିଫଳହେବା ସାଙ୍ଗକୁ ଏହାକୁ ନେଇ ଚାଲିଥିବା ସବୁ କଳ୍ପନାଜଳ୍ପନାର ଅନ୍ତ ଘଟିଛି। ଓସିପିଏଲ୍-ଓପିଜିସି ମିଶ୍ରଣ ପ୍ରସ୍ତାବ ଉପରେ ଓଡ଼ିଶା ସରକାର ଗତ ଅକ୍ଟୋବର ୮ରେ ନୀତିଗତ ନିଷ୍ପତ୍ତି ନେବା ପରେ କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ଦ୍ୱାରା ମନୋନୀତ କର୍ତ୍ତୃପକ୍ଷଙ୍କ ଅନୁମୋଦନର ଆବଶ୍ୟକତା ଥିଲା। କେନ୍ଦ୍ର କୋଇଲା ମନ୍ତ୍ରଣାଳୟର ଅନୁମୋଦନ ହାସଲ କରିବାକୁ ଗତ ୧ ତାରିଖରେ ଓସିପିଏଲ୍ ଏକ ପତ୍ର ମାଧ୍ୟମରେଆବେଦନ କରାଯାଇଥିଲା। ଓସିପିଏଲ୍‌ର ଆବେଦନକୁ ବିଚାରକରି କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ନିଜ ବିଚାର ଓ ନିଷ୍ପତ୍ତିକୁ ସ୍ପଷ୍ଟ ଉଲ୍ଲେଖକରି ଗତ ୨୦ ତାରିଖରେ ଏକ ପତ୍ର ମାଧ୍ୟମରେ ଓଡ଼ିଶା ସରକାରଙ୍କ ନିଷ୍ପତ୍ତିକୁ ପ୍ରତ୍ୟାଖ୍ୟାନ କରିଛି।

ମନ୍ତ୍ରଣାଳୟ ପକ୍ଷରୁ ଲେଖାଯାଇଥିବା ଚିଠିରେ ଉଲ୍ଲେଖ କରାଯାଇଛି, ମନୋହରପୁର କୋଇଲା ଖଣି ପାଇବା ପାଇଁ କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ସହ ଓସିପିଏଲ୍ ସମ୍ପାଦନ କରିଥିବା ଆବଣ୍ଟନ ଚୁକ୍ତିନାମାର ଧାରା ୧୩.୨.୧ ଅନୁସାରେ ଓସିପିଏଲ୍-ଓପିଜିସି ମିଶ୍ରଣ ହୋଇପାରିବ ନାହିଁ। ଟାଙ୍ଗରପଡ଼ିହି ଉତ୍ତର କୋଇଲା ଖଣିକୁ ନିଲାମ କରିବା ପାଇଁ କୋଇଲା ମନ୍ତ୍ରଣାଳୟ ପ୍ରକାଶ କରିଥିବା ବିଜ୍ଞପ୍ତି ଦସ୍ତାବିଜର ପାରା ୫.୨.୧.୩ ଅନୁସାରେ ଲକ୍-ଇନ୍ ଅବଧିରେ ଓସିପିଏଲ୍-ଓପିଜିସି ମିଶ୍ରଣ ସମ୍ଭବ ନୁହେଁ। ସେହିପରି ଟାଙ୍ଗରପଡ଼ିହି ଉତ୍ତର କୋଇଲାଖଣି ପାଇବା ପରେ ଓସିପିଏଲ୍ ଓ କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ଚୁକ୍ତିନାମାର ଧାରା ୧୩.୧.୩ ଅନୁସାରେ ସାମ୍ପ୍ରତିକ ପରିସ୍ଥିତିରେ ଉକ୍ତ ମିଶ୍ରଣ ବେଆଇନ।

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଗତ ଅକ୍ଟୋବର ୮ ରେ ଏକ ନୋଟ୍‌ଶିଟ୍ ମାଧ୍ୟମରେ ଶକ୍ତି ବିଭାଗକୁ ସୂଚିତ କରାଯାଇଥିଲା। ରାଜ୍ୟ ସରକାର ଓସିପିଏଲ୍‌କୁ ଓପିଜିସିରେ ମିଶ୍ରଣ କରିବା ପାଇଁ ନୀତିଗତ ନିଷ୍ପତ୍ତି ଗ୍ରହଣ କରିଥିଲେ। ଫଳରେ ଓସିପିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ନିଯୁକ୍ତିର ଆଉ ଆବଶ୍ୟକ ନ ଥିଲା। ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର ସେତେବେଳେ ଏହାକୁ ବିରୋଧକରି କହିଥିଲେ, ମିଶ୍ରଣ ନିଷ୍ପତ୍ତି ସପକ୍ଷରେ ଓପିଜିସିର ଯୁକ୍ତି ହେଉଛି, ମିଶ୍ରଣ ହୋଇଗଲେ ଜିଏସ୍‌ଟି କ୍ଷତିପୂରଣ ସେସ୍ ବାବଦକୁ ଟନ୍ ପିଛା ୪୦୦ ଟଙ୍କା ଦେବାକୁ ପଡିବ ନାହିଁ, ଫଳରେ ବିଦ୍ୟୁତ୍ ମୂଲ୍ୟ କମିଯିବ। କେନ୍ଦ୍ର ଜିଏସ୍‌ଟି କାଉନସିଲ କୋଇଲା ଉତ୍ପାଦନ ଉପରେ ଲାଗୁଥିବା ଜିଏସ୍‌ଟି କ୍ଷତିପୂରଣ ସେସ୍ ଟନ୍ ପିଛା ୪୦୦ ଟଙ୍କା ୨୨.୦୯.୨୦୨୫ରୁ ବନ୍ଦ କରିଦେଇଛନ୍ତି। ତେଣୁ ଓପିଜିସି ଆଉ ୪୦୦ ଟଙ୍କା ସେସ୍ ଦେଉନାହିଁ। କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ୨୨।୦୮।୨୦୨୫ରେ ଓସିପିଏଲ୍‌କୁ ସୁନ୍ଦରଗଡ଼ ଜିଲାର ଟାଙ୍ଗରପଡ଼ିହି ଉତ୍ତର କୋଇଲାଖଣି ବାଣିଜ୍ୟ ଉଦ୍ଦେଶ୍ୟରେ ନିଲାମ କରିଛନ୍ତି। ପରିବର୍ତ୍ତିତ ପରିସ୍ଥିତିରେ ଓସିପିଏଲକୁ ଓପିଜିସିରେ ମିଶ୍ରଣ କରିଦେଲେ ନିଲାମରେ ପାଇଥିବା ଖଣି ବାଜ୍ୟାପ୍ତ ହେବା ସହ ରାଜ୍ୟର ପ୍ରବଳ ବ୍ୟବସାୟିକ ଓ ଅର୍ଥନୈତିକ କ୍ଷତି ହେବ। ଦକ୍ଷତା ବୃଦ୍ଧି ପାଇଁ ଏନ୍‌ଟିପିସି ଏକ ନୂତନ କୋଇଲା କମ୍ପାନୀ ଏନ୍‌ଏମ୍‌ଏଲ୍(ଏନ୍‌ଟିପିସି ମାଇନିଂ ଲିମିଟେଡ୍) ଗଠନ କରିଥିବାବେଳେ ଓଡ଼ିଶା ସରକାର କୋଇଲା ଉତ୍ପାଦନରେ ଦକ୍ଷ ଓ ଅଭିଜ୍ଞ ଥିବା ଓସିପିଏଲ୍‌କୁ ଓପିଜିସିରେ ମିଶ୍ରଣ କରିବା ନିଷ୍ପତ୍ତି ରାଜ୍ୟ ସ୍ୱାର୍ଥ ପରିପନ୍ଥୀ।

# ହାତୀ ଲଢ଼େଇରେ ଦନ୍ତାର ମୃତ୍ୟୁ



ଜଙ୍ଗଲରେ ପଡ଼ିଥିବା ଦନ୍ତାର ମୃତଦେହ।

ମୋରଡ଼ା/ରାସଗୋବିନ୍ଦପୁର,୨୨।୧୧
(ସ୍ମାରକ ମାଝୀ/ସତ୍ୟବାଦୀ ପରିଡ଼ା)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ରେଞ୍ଜ ଅଞ୍ଚଳରେ ଶନିବାର ଏକ ଦନ୍ତା ହାତୀର ମୃତଦେହକୁ ବନ ବିଭାଗ ଠାବ କରିଛି। ହାତୀ-ହାତୀ ମଧ୍ୟରେ ଲଢ଼େଇରୁ ଦନ୍ତାର ମୃତ୍ୟୁ ହୋଇଥିବା କୁହାଯାଉଛି। ବନ ବିଭାଗ ପକ୍ଷରୁ ବ୍ୟବଚ୍ଛେଦ କରାଯାଇ ତଦନ୍ତ ଜାରି ରହିଥିବା କୁହାଯାଇଛି।

ସୂଚନା ଅନୁଯାୟୀ, ଉକ୍ତ ରେଞ୍ଜ ଅଧୀନ ସାରୁମୂଳା ବିଟ୍‌ର ବେତନାସିଆ ସଂରକ୍ଷିତ ଜଙ୍ଗଲକୁ ସ୍ଥାନୀୟ ଲୋକେ ପତ୍ର ତୋଳିବାକୁ ଯାଇଥିଲେ। ସେଠାରେ ଗୋଟିଏ ହାତୀର ମୃତଦେହକୁ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ରାସଗୋବିନ୍ଦପୁର ରେଞ୍ଜର ଘନଶ୍ୟାମ ସିଂ, ଫରେଷ୍ଟର ମାଳତୀଲତା ସିଂ, ଫରେଷ୍ଟଗାର୍ଡ ଚିତ୍ତରଞ୍ଜନ ଜେନା ଘଟଣାସ୍ଥଳରେ ପହଞ୍ଚି ଦନ୍ତାହାତୀର ମୃତଦେହକୁ ଜବତ କରିଥିଲେ। ପରେ ଡିଏଫ୍‌ଓ . ଗୋବିନ୍ଦଚନ୍ଦ୍ର ବିଶ୍ୱାଳ, ଏସ୍‌ସିଏଫ ମେହେରବାନ ଅଲ୍ଲୀ, ଆରସିସିଏଫ ପ୍ରକାଶଚନ୍ଦ୍ର ଗଗିନେନୀ ପ୍ରମୁଖ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ତେବେ ମୃତ ଦନ୍ତାହାତୀର ବୟସ ୭ ରୁ ୮ ବର୍ଷ ହେବ। ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ସୂଚନା ମିଳିଛି। ଶୁକ୍ରବାର ଉକ୍ତ ଦନ୍ତାହାତୀର ଅନ୍ୟ ଏକ ହାତୀ ସହିତ ଜଙ୍ଗଲରେ ଲଢ଼େଇ ହେଉଥିବା ବନ ବିଭାଗ କର୍ମଚାରୀ ଦେଖିଛନ୍ତି। ଫଳରେ ହାତ-ହାତୀ ଲଢ଼େଇରେ ମୃତ୍ୟୁ ହୋଇଥିବାର ସନ୍ଦେହ କରାଯାଉଛି। ସୂଚନାଯୋଗ୍ୟ, ଶୁକ୍ରବାର ବାଙ୍କବଣରେ ୪୦ଟି ଝାଡ଼ଖଣ୍ଡୀ ହାତୀ ଥିବା ବେଳେ ସନ୍ଧ୍ୟାରେ ସାରୁମୂଳା ବିଟର ବେତନସିଆ ଜଙ୍ଗଲକୁ ଆସିଥିଲେ।

# ନିଶା ନିବାରଣ କେନ୍ଦ୍ରରେ ଯୁବକଙ୍କ ମୃତ୍ୟୁ

- ହତ୍ୟା ଅଭିଯୋଗ ଆଣିଲେ ପରିବାର
- ୭ ଦିନ ତଳେ କେନ୍ଦ୍ରକୁ ଯାଇଥିଲେ

ବ୍ରହ୍ମପୁର,୨୨।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ନିମଖଣ୍ଡି ଥାନା ଅନ୍ତର୍ଗତ ଜଗଦଳପୁରରେ ଥିବା ଏକ ନିଶା ନିବାରଣ କେନ୍ଦ୍ରରେ ରହୁଥିବା ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ମିଲନ ନାୟକ। ତାଙ୍କ ମୃତ୍ୟୁକୁ ନେଇ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ଏମ୍‌କେସିଜିରେ ପରିବାର ଲୋକେ ମିଲନଙ୍କ ହାତ, ଗୋଡ଼ ଓ ପାଦରେ କ୍ଷତ ଚିହ୍ନ ରହିଥିବା ଦେଖିବାକୁ ପାଇ ପୁଅକୁ ନିଶା ନିବାରଣ କେନ୍ଦ୍ରର ପରିଚାଳକ ଓ ତାଙ୍କ ସହଯୋଗୀ ହାତ, ଗୋଡ଼ ବାନ୍ଧି ହତ୍ୟା କରିଥିବା ଅଭିଯୋଗ ଆଣିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୩୬୧/୨୫ରେ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। କେନ୍ଦ୍ରର ପରିଚାଳକ ଓ ତାଙ୍କ ସହଯୋଗୀଙ୍କୁ ଥାନାକୁ ଡାକି ପୋଲିସ ପଚରାଉଚରା କରୁଛି। ଉକ୍ତ ନିଶା ନିବାରଣ କେନ୍ଦ୍ରରେ ସିସିଟିଭି ଫୁଟେଜ ଅଛି କି ନାହିଁ ତାହା ଯାଞ୍ଚ କରୁଛି। ଏଥିସହ ଉକ୍ତ ନିଶା ନିବାରଣ କେନ୍ଦ୍ରରେ ରହୁଥିବା ଅନ୍ତେବାସୀଙ୍କ ସୁରକ୍ଷା ବ୍ୟବସ୍ଥା ପ୍ରତି ପୋଲିସ ଗୁରୁତ୍ୱାରୋପ କରି ଏହାର ତଦାରଖ କରୁଛି। ତଦନ୍ତରେ ସାଇଣ୍ଟିଫିକ୍ ଟିମ୍‌ର ସହାୟତା ନିଆଯାଇଛି। ସେଠାରେ ମିଳନଙ୍କ ସହ ଅନ୍ୟ କେଉଁମାନେ ରହୁଥିଲେ ସେମାନଙ୍କୁ ଘଟଣା ସମ୍ପର୍କରେ ପୋଲିସ ପଚରାଉଚରା କରୁଛି।

ଖବରରୁ ପ୍ରକାଶ, ରାଧାକୃଷ୍ଣ ହରିଜନ ସାହିର ସାଇବାଣୀ ନାୟକଙ୍କ ପୁଅ ମିଲନ ଅତ୍ୟଧିକ ନିଶାପାନ କରୁଥିଲେ। ସେ କିପରି ନିଶାଠାରୁ ଦୂରେଇଯିବେ ସେ ନେଇ ପରିବାର ଲୋକ ଚିନ୍ତାରେ ଥିଲେ। ଏହି ସମୟରେ ଜଗଦଳପୁରରେ ଥିବା ନିଶା ନିବାରଣ କେନ୍ଦ୍ରର ପରିଚାଳକ ସାଇବାଣୀଙ୍କୁ ଭେଟିଥିଲେ। ମିଲନଙ୍କୁ ନିଶା ନିବାରଣ କେନ୍ଦ୍ରରେ ଭର୍ତ୍ତି କଲେ ତାଙ୍କର ନିଶା ଅଭ୍ୟାସ ସେମାନେ ଦୂରେଇଦେବେ ବୋଲି ଉକ୍ତ କେନ୍ଦ୍ରର ପରିଚାଳକ ସାଇବାଣୀଙ୍କୁ କହିଥିଲେ। ଏହାକୁ ବିଶ୍ୱାସ କରି ପରିବାର ଲୋକେ ଗତ ୧୬ ତାରିଖରେ ମିଲନ୍‌ଙ୍କ ନିଶା ନିବାରଣ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେତେବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିଲା। ଶୁକ୍ରବାର ବିଳମ୍ବିତ ରାତି ସାଢେ ୨ଟାରେ ନିଶା ନିବାରଣ କେନ୍ଦ୍ରର ପରିଚାଳକ ଫୋନ କରି ସାଇବାଣୀଙ୍କୁ ଏମ୍‌କେସିଜି ମେଡିକାଲ ଆସିବାକୁ କହିଥିଲେ। ମିଲନ ଅସୁସ୍ଥ ହେବାରୁ ତାଙ୍କୁ ଏମ୍‌କେସିଜିରେ ଭର୍ତ୍ତି କରାଯାଇଛି। ସାଇବାଣୀ ମେଡିକାଲରେ ପହଞ୍ଚି ପୁଅର ମୃତ୍ୟୁ ହୋଇଥିବା ଦେଖିବାକୁ ପାଇଥିଲେ। ପୁଅକୁ କେନ୍ଦ୍ରର ପରିଚାଳକ ଓ ତାଙ୍କ ସହଯୋଗୀମାନେ ହତ୍ୟା କରିଛନ୍ତି ବୋଲି ମା’ ସାଇବାଣୀ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ଗତ ଦୁଇମାସ ତଳେ ସଦର ଥାନା ଅନ୍ତର୍ଗତ ଲାଠିରେ ଥିବା ଏକ ନିଶା ନିବାରଣ କେନ୍ଦ୍ରରେ ରହୁଥିବା ଜଣେ ଯୁବକଙ୍କୁ ମଧ୍ୟ ହତ୍ୟା କରାଯାଇଥିବା ନେଇ ତାଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ।





DSPL - 372

# ଆମ ନନ୍ଦନକାନନ

NANDANKANAN
CONSERVE | EDUCATE | INSPIRE




## ଆକର୍ଷଣୀୟ ଜନ୍ତୁ ସଂଗ୍ରହ

ନନ୍ଦନକାନନରେ ୧୭୭ ପ୍ରଜାତିର ମୋଟ ୪୧୩୦ଟି ଜୀବଜନ୍ତୁ ରହିଛନ୍ତି, ଯେଉଁଥିରେ ୧୧୫ ଭାରତୀୟ ଏବଂ ୬୨ ବିଦେଶୀ ପ୍ରଜାତିର ପ୍ରାଣୀ ଅଛନ୍ତି । ଏଥିରେ ୫୭ ପ୍ରଜାତିର ସ୍ତନ୍ୟପାୟୀ, ୮୩ ପ୍ରଜାତିର ପକ୍ଷୀ, ୩୧ ପ୍ରଜାତିର ସରୀସୃପ ଓ ୬ ପ୍ରଜାତିର ଉଭୟଚର ପ୍ରାଣୀ ଅଛନ୍ତି। ଭାରତୀୟ ଚିଡିଆଖାନାଙ୍କ ମଧ୍ୟରେ ନନ୍ଦନକାନନର ଜନ୍ତୁ ସଂଗ୍ରହ ସର୍ବାଧିକ।







## ମନମୁଗ୍ଧକର ପର୍ଯ୍ୟଟକ ସୁବିଧା

ପର୍ଯ୍ୟଟକଙ୍କ ସୁବିଧା ପାଇଁ ବହୁତଳ ଗାଡ଼ି ରହଣି ସ୍ଥଳ, ୪ଟି ବନ୍ୟପ୍ରାଣୀ ସଫାରି, ବ୍ୟାଟେରୀ ଚାଳିତ ଯାନ ସେବା, ଶିଶୁମାନଙ୍କ ପାଇଁ ବ୍ୟାଟେରୀ ଚାଳିତ ରେଳଗାଡ଼ି, ନୌକାବିହାର, ରଜୁପଥ ଓ ବିହଙ୍ଗ ସରଣୀ ଆଦି ରହିଛି।

## ସଂରକ୍ଷଣ ପ୍ରଜନନ କାର୍ଯ୍ୟକ୍ରମ

ନନ୍ଦନକାନନରେ ବିଶ୍ୱର ଏକମାତ୍ର ଭାରତୀୟ ବଜ୍ରକାପ୍ତା ସଂରକ୍ଷଣ ପ୍ରଜନନ କେନ୍ଦ୍ର ରହିଛି। ଏଥି ସହିତ ବାଘ, ଗୁରାଣ୍ଡି, ଲମ୍ବା ଥଣ୍ଟିଆ ଶାଗୁଣାମାନଙ୍କ ସଂରକ୍ଷଣ ପ୍ରଜନନ ମଧ୍ଯ ଜାରି ରହିଛି । ବିଲପମୁଖି ଘଡିଆଳ କୁମ୍ଭୀରର ବଂଶ ରକ୍ଷା ପାଇଁ ମହାନଦୀରେ ଘଡିଆଳ ପୁନରୁଦ୍ଧାର ପ୍ରକଳ୍ପ ଚାଲିଛି।

## ଉନ୍ନତମାନର ବନ୍ୟପ୍ରାଣୀ ରକ୍ଷଣାବେକ୍ଷଣ

ନନ୍ଦନକାନନରେ ବନ୍ୟପ୍ରାଣୀଙ୍କ ଉନ୍ନତମାନର ରକ୍ଷଣାବେକ୍ଷଣ ପାଇଁ ଅତ୍ୟାଧୁନିକ ବନ୍ୟପ୍ରାଣୀ ଚିକିତ୍ସାଳୟ, ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା, ବନ୍ୟପ୍ରାଣୀ ଶାବକ ପାଳନ କେନ୍ଦ୍ର ଉପଲବ୍ଧ ଅଛି। ବନ୍ୟପ୍ରାଣୀଙ୍କ ରୋଗନିରୁପଣ ଓ ଗବେଷଣା ପାଇଁ ସଂରକ୍ଷଣ, ଅନୁସନ୍ଧାନ ଓ ପ୍ରଶିକ୍ଷଣ କେନ୍ଦ୍ର କାର୍ଯ୍ୟ କରୁଛି।









## ସଂରକ୍ଷଣ ଶିକ୍ଷା କାର୍ଯ୍ୟକ୍ରମ

ନନ୍ଦନକାନନରେ ସଂରକ୍ଷଣ ଶିକ୍ଷା କାର୍ଯ୍ୟକ୍ରମ ଯଥା ପରିବେଶ ସମ୍ବନ୍ଧୀୟ ଦିବସ ପାଳନ, ପ୍ରାଣୀ ଉଦ୍ୟାନ ରାଷ୍ଟ୍ରଦୂତ କାର୍ଯ୍ୟକ୍ରମ, ଛାତ୍ରଛାତ୍ରୀଙ୍କ ପାଇଁ ନନ୍ଦନକାନନରେ ଗୋଟିଏ ଦିନ, ଗବେଷଣାତ୍ମକ ଶିକ୍ଷା କାର୍ଯ୍ୟକ୍ରମ, ବିଦ୍ୟାଳୟରେ ପ୍ରାଣୀ ଉଦ୍ୟାନ ସମ୍ବନ୍ଧୀୟ ଶିକ୍ଷା କାର୍ଯ୍ୟକ୍ରମ ଓ ବିଜ୍ଞାନରେ ନାଗରିକଙ୍କ ଯୋଗଦାନ ଆଦି କାର୍ଯ୍ୟକ୍ରମ ବନ୍ୟପ୍ରାଣୀ ସୁରକ୍ଷା ସଚେତନତା ପାଇଁ ଉପାଦେୟ ହେଉଅଛି।

OIPR-

ଇନ୍ଦ୍ରିୟମାନଙ୍କର କ୍ରିୟାକଳାପ ବା ପ୍ରାଣର ଆବେଗ କିମ୍ବା କାମନା ବାସନା ଗୁଡ଼ିକୁ ଯଦି ଆମେ ପରିହାର ବା ଦମନ କରୁ - ତେବେ ଆମେ ସେଗୁଡ଼ିକୁ ନିରାମୟ କରି ପାରିବା ନାହିଁ। ତା'ପରିବର୍ତ୍ତେ ଆମେ ଯଦି ସେଗୁଡ଼ିକୁ ବୁଦ୍ଧି ଓ ବିବେକ ଦ୍ୱାରା ଅନୁଶାସିତ ବା ପରିଶୀଳିତ କରୁ ବା ମାର୍ଜିତ କରୁ- ତା'ହେଲେ ସେମାନଙ୍କ ଉପଦ୍ରବରୁ ଆମେ ରକ୍ଷା ପାଇବା। -ଶ୍ରୀମା



# ପ୍ରଭାବୀ ସ୍ୱର



ଆକାର ପଟେଲ

କାଶ୍ମୀର ଟାଇମ୍ସ ଖବରକାଗଜ ଏବଂ ଏହାର ସମ୍ପାଦିକା ଅନୁରାଧା ଭାସିନଙ୍କ ଉପରେ ଚଢ଼ାଉ ସମ୍ପର୍କରେ ବହୁ ଅଯୋଗାତ୍ମକ ଖବର ପ୍ରକାଶ ପାଉଛି। ଏହି ପରିପ୍ରେକ୍ଷୀରେ କିଛି ପୃଷ୍ଠଭୂମିକୁ ଏଠାରେ ଉପସ୍ଥାପନ କରାଯାଉଛି, ଯେଉଁଥିରୁ ପାଠକେ ଏହାର ଗୁରୁତ୍ୱକୁ ଉପଲବ୍ଧି କରିପାରିବେ। ୨ ଜୁନ୍ ୨୦୨୦ରେ ମୋଦି ସରକାର କଶ୍ମୀରକୁ ଲକ୍ଷ୍ୟ କରି 'ନୂତନ ଗଣମାଧ୍ୟମ ନୀତି ୨୦୨୦' ଘୋଷଣା କରିଥିଲେ। ଉଲ୍ଲେଖନୀୟ, କଶ୍ମୀରରେ ଲୋକଦେଖାଣିଆ ସମସ୍ତ ଆଶିକା ଏବଂ ଏହାର ସ୍ୱତନ୍ତ୍ର ଆଇନଗୁଡ଼ିକୁ ଉଚ୍ଛେଦ କରିବା ସରକାରଙ୍କ ଏକ ବାହାନା ଥିଲା। ତଥାପି ଏଠାରେ ଆଉ ଏକ କଶ୍ମୀର ନୀତି ଥିଲା। ୫୦ ପୃଷ୍ଠାରୁ ଅଧିକ ଲମ୍ବା ଏହି ନୀତି ସରକାରଙ୍କୁ 'ନକଲି', 'ଅନୈତିକ' କିମ୍ବା 'ଦେଶ ବିରୋଧୀ' ଖବର କ'ଣ ତାହା ନିର୍ଣ୍ଣୟ କରିବା ପାଇଁ ଅବାଧ କ୍ଷମତା ଦେଇଥିଲା। ଏହି ଆଧାରରେ ଏହା ସାମ୍ବାଦିକ ଏବଂ ଗଣମାଧ୍ୟମ ସଙ୍ଗଠନ ବିରୋଧରେ ଆଇନଗତ ଏବଂ ଅନ୍ୟାନ୍ୟ ଦଣ୍ଡମୂଳକ କାର୍ଯ୍ୟାନୁଷ୍ଠାନ ନେଇପାରିବ। ବିଦେଶରେ ଗଣମାଧ୍ୟମ ତତ୍ତ୍ୱାବଧାରକମାନେ 'ନକଲି', 'ଅନୈତିକ', 'ଦେଶ ବିରୋଧୀ' ଏବଂ 'ସମାଜ ବିରୋଧୀ' ଭଳି ଅସ୍ପଷ୍ଟ ତଥା ଅନିର୍ଦ୍ଦିଷ୍ଟ ଶବ୍ଦର ବ୍ୟବହାର ସମ୍ପର୍କରେ ଭଲଭାବେ ଜାଣିଥିଲେ, ଯାହା ଅପବ୍ୟବହାର ପାଇଁ ପଥ ଖୋଲି ଦେଇଥିଲା। କାରଣ ଖବର ଉପରେ ବିଚାର କରୁଥିବା ଅମଲାତନ୍ତ୍ରୀ ବା ଅଧିକାରୀଙ୍କ ପାଇଁ କୌଣସି ମାର୍ଗଦର୍ଶିକା ମାନଦଣ୍ଡ କିମ୍ବା ନୀତି ରଖାଯାଇ ନ ଥିଲା। ଏହା ସମ୍ପୂର୍ଣ୍ଣ ଭାବରେ ସରକାରଙ୍କ ନିଷ୍ପତ୍ତି ଥିଲା। କଶ୍ମୀରର ଗଣମାଧ୍ୟମ ଏହି ନୀତିର ଦୃଢ଼ ବିରୋଧ କରିଥିବାବେଳେ କଶ୍ମୀର ପ୍ରେସ୍ ଏ ବିଷୟରେ ନୀରବ ରହିଥିଲେ। ଯେଉଁମାନେ ଦୃଢ଼ ସ୍ୱର ଉଠାଇଥିଲେ, ସେମାନଙ୍କ ମଧ୍ୟରୁ ଭାସିନ ଥିଲେ ଜଣେ। ୧୦ ଜାନୁଆରୀ ୨୦୨୦ରେ କଶ୍ମୀରରେ ଇଣ୍ଟରନେଟ୍ ପୁନଃ ସ୍ଥାପନ ସମ୍ପର୍କିତ ଏକ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ରାୟ ଦେଇଥିଲେ ଯେ, ଇଣ୍ଟରନେଟ୍ ବ୍ୟବହାର ଭାରତୀୟଙ୍କର ଏକ ମୌଳିକ ଅଧିକାର। ପରଦିନ 'ଇଣ୍ଟରନେଟ୍ ବ୍ୟବହାର ଏକ ମୌଳିକ ଅଧିକାର ବୋଲି ସୁପ୍ରିମକୋର୍ଟ କହିଛନ୍ତି' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଦୁର୍ଭାଗ୍ୟବଶତଃ, ପ୍ରକୃତରେ ନ୍ୟାୟ ମିଳିଲା ନାହିଁ ଏବଂ କଶ୍ମୀରରେ ଇଣ୍ଟରନେଟ୍ ବ୍ୟବହାର ବନ୍ଦ ଜାରି ରହିଲା। ସରକାର କହିଥିଲେ ଯେ, 'ଇଣ୍ଟରନେଟ୍ ବ୍ୟବହାର କରିବାର ଅଧିକାର ଏକ ମୌଳିକ ଅଧିକାର ନୁହେଁ। ତେଣୁ ଅନୁଚ୍ଛେଦ ୧୯(୧)(ଏ) ଅନୁଯାୟୀ ବାକ୍ ଏବଂ ଅଭିବ୍ୟକ୍ତି ସ୍ୱାଧୀନତାର ଅଧିକାର ପାଳନ କରିବା କିମ୍ବା ଇଣ୍ଟରନେଟ୍ ମାଧ୍ୟମରେ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧୯(୧)(ଜି) ଅନୁଯାୟୀ ଯେକୌଣସି ପ୍ରକାର ବାଣିଜ୍ୟ କିମ୍ବା ବ୍ୟବସାୟର ପ୍ରଚାର ବା ବିସ୍ତାରକୁ ରୋକାଯାଇପାରିବ।' କଶ୍ମୀରବାସୀଙ୍କ ପାଇଁ ଏହି ସାମୂହିକ ଦଣ୍ଡ ଯଥାର୍ଥ ବୋଲି ଦର୍ଶାଇ କୁହାଯାଇଥିଲା ଯେ, 'ଅଗଷ୍ଟ ୨୦୧୯ ସାମ୍ବିଧାନିକ ଘଟଣା ପରେ ପାକିସ୍ତାନ ଏଣ୍ଟେଣ୍ଟମାନେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ଏହି ଅଞ୍ଚଳରେ ଶାନ୍ତି ଭଙ୍ଗ କରିବା, ହିଂସାକୁ ଉସ୍କାଇବା ଏବଂ ଆତଙ୍କବାଦ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ସୋସିଆଲ ମିଡିଆରେ ଅଧିକ ସକ୍ରିୟ ରହିଛନ୍ତି।' ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କୋର୍ଟରେ ଯୁକ୍ତି ଉପସ୍ଥାପନ କରିଥିଲେ ଯେ, 'ଦୁର୍ଭାଗ୍ୟବଶତଃ, ଇଣ୍ଟରନେଟ୍ ଜିହାଦ ସଫଳ ହୋଇଛି। ଏହା ଏକ ବିଶ୍ୱସ୍ତରୀୟ ବିଷୟ। ଜିହାଦୀ ନେତାମାନେ ଇଣ୍ଟରନେଟ୍ ମାଧ୍ୟମରେ ଘୃଣା ଏବଂ ଅବୈଧ କାର୍ଯ୍ୟକଳାପ ପ୍ରସାର କରିପାରୁଛନ୍ତି।' ଖଣ୍ଡପୀଠ ପଚାରିଥିଲେ ଯେ କିଛି ପ୍ରତିବନ୍ଧକ ସହିତ ଇଣ୍ଟରନେଟ୍ ବ୍ୟବହାର ପାଇଁ ଅନୁମତି ଦିଆଯାଇପାରିବ କି? କେନ୍ଦ୍ରର ଉତ୍ତର ଥିଲା, 'ଇଣ୍ଟରନେଟ୍ ଗତି ବୃଦ୍ଧି ହେବା ଦ୍ୱାରା ଉତ୍ତେଜକ ଭିଡିଓ ଏବଂ ଅନ୍ୟାନ୍ୟ ତଥ୍ୟ ସମ୍ବଳିତ ଫାଇଲଗୁଡ଼ିକ ଶୀଘ୍ର ଅପଲୋଡ ଏବଂ ପୋଷ୍ଟ୍ କରିହେବ।'

ଉଲ୍ଲେଖନୀୟ, ୨୦୦୧ରେ କଶ୍ମୀରରେ ହିଂସା ଶୀର୍ଷରେ ପହଞ୍ଚିଥିଲା ଏବଂ ଏଥିରେ ୪,୦୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିଲା। ସେତେବେଳେ କଶ୍ମୀରରେ ଇଣ୍ଟରନେଟ୍ କିମ୍ବା ମୋବାଇଲ ଟେଲିଫୋନ ନ ଥିଲା। ତଥ୍ୟ ଅନୁଯାୟୀ, ହିଂସାର ସ୍ତର ସହିତ ଇଣ୍ଟରନେଟ୍ ଉପଲବ୍ଧତାର କୌଣସି ସମ୍ପର୍କ ନାହିଁ। କିନ୍ତୁ ସରକାର କିମ୍ବା କୋର୍ଟ ଏହାକୁ ବିଚାରକୁ ନେଇନଥିଲେ। ୨୦୧୯ରେ ସାମ୍ବିଧାନିକ ପରିବର୍ତ୍ତନ ପରଠାରୁ ଜମ୍ମୁ ଏବଂ କଶ୍ମୀରରେ ସରକାର ଅତିକମ୍‌ରେ ୭୦ ଥର ଇଣ୍ଟରନେଟ୍ ବନ୍ଦ କରିବା ଯୋଗୁ ଏହାର ଉପଲବ୍ଧତା ବାଧାପ୍ରାପ୍ତ ହୋଇଛି, ଯାହା ବିଶ୍ୱରେ ସର୍ବାଧିକ। ଇଣ୍ଟରନ୍ୟାସନାଲ ଆଡ୍‌ଭୋକେସି ଗ୍ରୁପ୍ ଆକ୍ସେସ ନାଓ ରିପୋର୍ଟ ଅନୁଯାୟୀ, ୧୭ ମାସ ଇଣ୍ଟରନେଟ୍ ବନ୍ଦ କରାଯିବା ଏକ ଗଣତନ୍ତ୍ରରେ ସବୁଠାରୁ ଦୀର୍ଘ ସମୟ। ଆମ୍‌ନେଷ୍ଟି ଇଣ୍ଡିଆ ରିପୋର୍ଟ ଅନୁଯାୟୀ, ୧୪ ଜାନୁଆରୀ ୨୦୨୦ରୁ ୪ ଅଗଷ୍ଟ ୨୦୨୦ ମଧ୍ୟରେ ସରକାର ମୋଟ ୬୬ ଥର ଇଣ୍ଟରନେଟ୍ ବନ୍ଦ କରିଥିଲେ। କଶ୍ମୀରରେ ଇଣ୍ଟରନେଟ୍ ପୁନଃ ସ୍ଥାପନ ସତ୍ତ୍ୱେ ମନମୁଖି ଭାବେ ଏହାକୁ ବନ୍ଦ କରାଯାଉଛି।

ତେବେ ୧୦ ଜାନୁଆରୀ ୨୦୨୦ରେ ଶୁଣାଣି ହୋଇଥିବା ମାମଲାର ଆବେଦନକାରୀ ଥିଲେ 'କଶ୍ମୀର ଟାଇମ୍ସ'ର ସମ୍ପାଦିକା ଏବଂ ପ୍ରକାଶକ ଅନୁରାଧା ଭାସିନ୍। ସେ କୋର୍ଟକୁ କହିଥିଲେ, ଭାରତ ସରକାରଙ୍କ ଦ୍ୱାରା ଲାଗୁ ହୋଇଥିବା ଯୋଗାଯୋଗ କଟକଣା ଯୋଗୁଁ ସେ ଖବରକାଗଜ ପ୍ରକାଶ କରିପାରି ନ ଥିଲେ। ସେ ଇଣ୍ଟରନେଟ୍, ମୋବାଇଲ ଏବଂ ଲ୍ୟାଣ୍ଡଲାଇନ୍ ଫୋନ ବ୍ୟବହାର ଉପରେ ଲାଗୁ ହୋଇଥିବା କଟକଣାକୁ ହଟାଇବା ଏବଂ ଅନ୍ୟାନ୍ୟ ବିଷୟକୁ କୋହଳ କରିବା ପାଇଁ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ହେଲେ କୋର୍ଟ ସେପରି ଉତ୍ତର ଦେବା କଥା ସେପରି କରି ନ ଥିଲେ ଏବଂ କଟକଣା ଜାରି ରହିଲା। ଫଳରେ କଶ୍ମୀର ଟାଇମ୍ସ ପ୍ରକାଶ ପାଇପାରିଲା ନାହିଁ ଏବଂ ସ୍ୱତଃ ଏହାର କାମ ବନ୍ଦ ହୋଇଗଲା। ୨୦ ଅକ୍ଟୋବର ୨୦୨୦ରେ 'ଭେଣ୍ଡେଟା: ଭାରତୀୟ ଅଧିକାରୀଙ୍କ ଦ୍ୱାରା କଶ୍ମୀର ଖବରକାଗଜର କାର୍ଯ୍ୟାଳୟକୁ ସିଲ୍ କରାଯାଇଛି' ଶୀର୍ଷକ ଏକ ମୁଖ୍ୟ ଖବର ପ୍ରକାଶ ବି ପାଇଥିଲା। ଏହବାର ଅଭିଯୋଗ ପରେ, ଚଳିତ ସପ୍ତାହରେ 'କଶ୍ମୀର ଟାଇମ୍ସ: ଏକ ଜମ୍ମୁ ଖବରକାଗଜ ଯାହା ଉପତ୍ୟକା ପାଇଁ ଠିଆ ହୋଇଥିଲା' ଶୀର୍ଷକ ଆଉ ଏକ ଖବର ପ୍ରକାଶ ପାଇଛି। ରିପୋର୍ଟରେ କୁହାଯାଇଛି ଯେ, ୧୯୫୪ରେ ପ୍ରତିଷ୍ଠିତ ଏହି ଖବରକାଗଜ କଶ୍ମୀର ଗଣମାଧ୍ୟମ କ୍ଷେତ୍ରରେ ଏକ ପ୍ରଭାବଶାଳୀ ଏବଂ ବିଶ୍ୱସନୀୟ ସ୍ୱର ଭାବରେ ବିବେଚିତ ହୋଇଛି।' ଏହା ସମ୍ପୂର୍ଣ୍ଣ ସତ୍ୟ। ହେଲେ ଏହା ଉପରେ ଯେଉଁଭଳି ଆକ୍ରମଣ କରାଯାଉଛି ଏବଂ ଭାସିନ୍ ତଥା ତାଙ୍କ ଖବରକାଗଜକୁ ବିଶେଷକରି ଭାରତର ତେଜହୀନ ଗଣମାଧ୍ୟମରୁ ଅଧିକ ସମର୍ଥନ ନ ମିଳିବା ଅତ୍ୟନ୍ତ ଲଜ୍ଜାଜନକ।

Email:aakar.patel@gmail.com

su | do | ku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | 9 | | 4 | | | | | 3 |
| 2 | 1 | | | | 5 | | 6 | |
| | | 8 | | | 1 | | 7 | 4 |
| | 3 | | | 2 | 9 | 1 | | |
| | | | | 7 | | | | |
| | | 1 | | | 6 | | | 5 |
| | | | | | | | | 7 |
| | | | | | | | | |
| 8 | | | | 4 | | | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 6 | 8 | 9 | 7 | 4 | 1 | 3 | 2 |
| 4 | 2 | 7 | 3 | 5 | 1 | 9 | 8 | 6 |
| 3 | 9 | 1 | 8 | 2 | 6 | 7 | 4 | 5 |
| 1 | 5 | 6 | 2 | 9 | 3 | 8 | 7 | 4 |
| 8 | 4 | 2 | 7 | 1 | 5 | 3 | 6 | 9 |
| 7 | 3 | 9 | 4 | 6 | 8 | 2 | 5 | 1 |
| 2 | 1 | 4 | 5 | 8 | 7 | 6 | 9 | 3 |
| 9 | 7 | 5 | 6 | 3 | 2 | 4 | 1 | 8 |
| 6 | 8 | 3 | 1 | 4 | 9 | 5 | 2 | 7 |

ଗତକାଲିର ଉତ୍ତର

# ବେକାରି ସମସ୍ୟା ଓ ଚାକିରି ଜାଲିଆତି



ସୁଧୀର କୁମାର ନାୟକ

ଭାରତରେ ବେକାରି ସମସ୍ୟା ଚିନ୍ତାର ବିଷୟ। ସମସ୍ୟା ଏହିପରି କି ଯଦି କୌଣସି ସରକାରୀ କାର୍ଯ୍ୟାଳୟରେ ପିଅନ, ହୋମଗାର୍ଡ, ଝାଡୁଦାର, ସିକ୍ୟୁରିଟି ପୋଷ୍ଟ ବାହାରୁଛି ତେବେ ନିମ୍ନ ଶିକ୍ଷାଗତ ଯୋଗ୍ୟତା କଥା କ'ଣ କହିବା ସ୍ନାତକ, ସ୍ନାତକୋତ୍ତର, ଇଞ୍ଜିନିୟରିଂ ଡିଗ୍ରୀଧାରୀ ପିଲାମାନେ ଆବେଦନ କରୁଛନ୍ତି। ବେସରକାରୀ କିମ୍ବା କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଥିବା ଏଜେନ୍ସିଗୁଡ଼ିକ ଚାକିରି ଦେବା ଆଳରେ ବେକାର ପିଲାଙ୍କୁ ବିଭିନ୍ନ ଦିଗରେ ଶୋଷଣ କରିଥାନ୍ତି। ଏହି ପରିସ୍ଥିତିରେ ଓଡ଼ିଶା ପୋଲିସ ଏସ୍‌ଆଇ ଚାକିରି ନିଯୁକ୍ତି ପାଇଁ ଲକ୍ଷ ଲକ୍ଷ ଟଙ୍କାରେ ବିଭିନ୍ନ ଦଲାଲ ମାଧ୍ୟମରେ ପ୍ରାର୍ଥୀମାନଙ୍କୁ ବିକ୍ରି କରିବାର ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏହା ବର୍ତ୍ତମାନ ଅନେକ ଲକ୍ଷ ପିଲାଙ୍କୁ ହତାଶ କରିଛି। ସରକାରଙ୍କ ନିଯୁକ୍ତି ପରିଚାଳନା କାର୍ଯ୍ୟାଳୟ ଉପରେ ସେମାନଙ୍କ ଭରସା ଓ ବିଶ୍ୱାସ ନ ରହିବା ସ୍ୱାଭାବିକ। ସରକାର ଯେତେ ପ୍ରକାରର ତଦନ୍ତ କଲେ ବି ଏହା ସ୍ୱୀକାର କରିବାକୁ ପଡ଼ିବଯେ, ଏପରି ଜାଲିଆତି ପଛରେ ନିଶ୍ଚୟ ବଡ଼ ବାବୁମାନଙ୍କ ହାତ ଅଛି। ତାହାର କାରଣ ହେଲା ପ୍ରଶ୍ନପତ୍ର ତିଆରି କରିବା, ଛପାଇବା, ବିଭିନ୍ନ କେନ୍ଦ୍ରକୁ ବିତରଣ କରିବା, ପରୀକ୍ଷା କେନ୍ଦ୍ର ଚୟନ କରିବା, ପରୀକ୍ଷା ଖାତା ମୂଲ୍ୟାୟନ ସହ ଶାରୀରିକ ଓ ମୌଖିକ ପରୀକ୍ଷା ଦାୟିତ୍ୱ ସୀମିତ ଅଧିକାରୀଙ୍କ ହାତରେ ସମ୍ଭବପର ନୁହଁ।

ପରୀକ୍ଷା ପରିଚାଳନା ପାଇଁ ଆଇଟିଆଇ ଲିମିଟେଡ୍, ଟେଣ୍ଡର ପାଇଥିବା ବେଳେ ପରବର୍ତ୍ତୀ ସମୟରେ ବିନା ଓଡ଼ିଶା ପୋଲିସ ନିଯୁକ୍ତି ବୋର୍ଡ ଅନୁମତିରେ ସିଲିକନ୍ ଟେକ୍ ଲାବ୍ ପ୍ରାଇଭେଟ ଲିମିଟେଡ୍‌କୁ ସବ୍ କଣ୍ଟ୍ରାକ୍ଟ ଦିଆଗଲା କିପରି? ଏଥିରେ ଓଡ଼ିଶା ପୋଲିସ ନିଯୁକ୍ତି ବୋର୍ଡ ନୀରବ ଥିଲା କାହିଁକି? ପ୍ରତ୍ୟକ୍ଷ ଭାବେ ପରିଚାଳନା କରିବାର ଦାୟିତ୍ୱ ବୋର୍ଡର ଥିଲେ ବି ଯେଉଁ ପରୀକ୍ଷାର୍ଥୀମାନେ ଆନ୍ଧ୍ରପ୍ରଦେଶ ପରୀକ୍ଷା କେନ୍ଦ୍ରକୁ ଯାଉଥିଲେ ଏ ବାବଦରେ ବୋର୍ଡକୁ ସୂଚନା ମିଳିଲା ନାହିଁ କେମିତି? ଏଥିସହ ସିଲିକନ୍ ଓ ପଞ୍ଚସଫ୍ଟର ସିଧାସଳଖ ଜାଲିଆତି କାମରେ ସମ୍ପୃକ୍ତି ରହିଥିବାର ପ୍ରାରମ୍ଭିକ ତଦନ୍ତରୁ ଜଣାପଡୁଛି। ପୋଷ୍ଟକୁ ବିଭିନ୍ନ ପ୍ରାର୍ଥୀଙ୍କୁ ଅନେକ ଲକ୍ଷ ଟଙ୍କାରେ ବିକ୍ରି କରିଥିବାର ଯାହା ଅନୁସନ୍ଧାନରୁ ଜଣାପଡୁଛି। ଏଥିରେ ବିଭିନ୍ନ ଜିଲାରେ ଦଲାଲମାନେ ମୁଖ୍ୟ ଭୂମିକା ନିର୍ବାହ କରିଛନ୍ତି।

କେନ୍ଦ୍ର ସରକାରଙ୍କ ରେଳ, ଡାକ ବିଭାଗ, ସେଣ୍ଟ୍ରାଲ ପୋଲିସ ଅର୍ଗାନାଇଜେଶନ୍, ରାଜ୍ୟ ପୋଲିସ ନିଯୁକ୍ତି ବୋର୍ଡ, ବ୍ୟାଙ୍କିଂ, ସେକ୍ସନ ଅଫିସର, ଆର୍‌ଆଇ ଏଆର୍‌ଆଇ, ଏଲ୍‌ଆଇ, ଏପରି କି ପିଅନ, ଚପରାସୀ, ହୋମଗାର୍ଡ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ନିଯୁକ୍ତି ସମୟରେ ନାନାଦି ବିଶୃଙ୍ଖଳା ହେବାର ଖବର ଆସିଥାଏ। କୌଣସି ପରିସ୍ଥିତିରେ ଯଦି ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷଙ୍କ ଅବହେଳା କିମ୍ବା ଜାଲିଆତି ଧରାପଡ଼େ, ତଥାପି ସେମାନଙ୍କ ପ୍ରତି ଅନେକ କ୍ଷେତ୍ରରେ କଠୋର ଦଣ୍ଡବିଧାନ ହୁଏନାହିଁ। ତଳଆଡୁ କିଛି କର୍ମଚାରୀଙ୍କୁ ଧରି ବଡ଼ ବଡ଼ିଆଙ୍କୁ ଖସାଇ ଦେବାର ଧାରା ପାରମ୍ପରିକ ହୋଇଯାଇଛି।



ମନେପକାଇ ଦେଉଛି, ୨୦୨୧ ଜୁଲାଇରେ ଓଡ଼ିଶା ଷ୍ଟାଫ୍ ସିଲେକ୍‌ଶନ କମିଶନ୍‌ଙ୍କ ଜଣେ ଅଧିକାରୀଙ୍କୁ ଦୁର୍ନୀତି ନିବାରଣ ବିଭାଗ ଧରିଥିଲା। ତାଙ୍କ ଘରୁ ୩.୫୧ କୋଟି ଟଙ୍କା ଜବତ ହେବା ସହ ବହୁ ସୁନା ରୁପା ଅଳଙ୍କାର, ଗାଡ଼ି, ପ୍ଲଟ ଠାବ କରାଯାଇ ତାଙ୍କୁ ଗିରଫ କରାଗଲା। ତାଙ୍କ ଘରୁ ବିଭିନ୍ନ ପରୀକ୍ଷାର ପରୀକ୍ଷାର୍ଥୀଙ୍କ ଆଡମିଟ କାର୍ଡ ମଧ୍ୟ ଜବତ କରାଯାଇଥିଲା। ଏ ସବୁ ଘଟଣାକୁ ଲକ୍ଷ୍ୟ କଲେ ସାଧାରଣ ପରୀକ୍ଷାର୍ଥୀଟିଏ କେଉଁ ଭରସା ନେଇ ସରକାରୀ ଚାକିରି ପାଇଁ ପରୀକ୍ଷା ଦେବ। ଆଜିପ୍ରମାଣ ହେଉଛି ଲକ୍ଷ ଲକ୍ଷ ଛାତ୍ରୀଛାତ୍ର ପ୍ରତିଭା ଥାଇ ମଧ୍ୟ ଚାକିରିରୁ ବଞ୍ଚିତ ହେଉଛନ୍ତି। ଏହା ମଧ୍ୟରେ ସାଧାରଣ ବର୍ଗର ପିଲାମାନଙ୍କର ବୟସ ସୀମା ମଧ୍ୟ ଅତିକ୍ରାନ୍ତ କରିଯାଉଛି। ନିକଟରେ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ହେବା ଦ୍ୱାରା ବୋର୍ଡର କର୍ମଚାରୀଙ୍କ ସମ୍ପୃକ୍ତି ଥିବାରୁ ସେମାନଙ୍କୁ ଗିରଫ କରାଯାଇଛି। ରାଜ୍ୟରେ ବହୁ ଉଚ୍ଚଶିକ୍ଷିତ ନିଜର ଯୋଗ୍ୟତା ଥାଇ ବି ଉପଯୁକ୍ତ ଚାକିରି ନ ପାଇ ବାହାର ରାଜ୍ୟ ବା ଦେଶକୁ ପଳାଉଛନ୍ତି। ଆଶ୍ଚର୍ଯ୍ୟର କଥା, ପ୍ରତ୍ୟେକ ବର୍ଷ ରାଜ୍ୟରୁ ବାହାର ରାଜ୍ୟକୁ କାମ ଅନ୍ୱେଷଣରେ ଯେଉଁ ଦାଦନ ଯାଇଥାନ୍ତି, ସେମାନଙ୍କ ମଧ୍ୟରେ ଅନେକ ଉଚ୍ଚଶିକ୍ଷିତ ଡିଗ୍ରୀଧାରୀ ଯୁବକ ଅଛନ୍ତି। ପରିବାରର ବୋଝ ଓ ନିତିଦିନିଆ ଖର୍ଚ୍ଚ ତୁଲାଇବା ପାଇଁ ସେମାନେ ଦାଦନ ଖଟିବାକୁ ବାଧ ହୋଇଥାନ୍ତି।

ଦେଶରେ ଖାଦ୍ୟ ସୁରକ୍ଷା ଯୋଜନାଠାରୁ ଆରମ୍ଭ କରି ରହିବା ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସବୁକିଛି ହିତାକାଧିକାରୀଙ୍କୁ ମିଳୁଛି। ଶ୍ରମ ସୃଷ୍ଟିକାରୀ ଯୋଜନାଗୁଡ଼ିକ ଦ୍ୱାରା ଗ୍ରାମାଞ୍ଚଳ ଶ୍ରମିକଙ୍କୁ କାମ ଯୋଗାଇ ଦିଆଯାଉଛି ବୋଲି ଯଦିଓ ସରକାରୀ ତଥ୍ୟ ମିଳିଥାଏ ତେବେ ସେହି ସବୁ ଅଞ୍ଚଳରୁ ପ୍ରତ୍ୟେକ ବର୍ଷ ହଜାର ହଜାର ଶ୍ରମିକ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି କାହିଁକି? ଦେଶରେ ଉଚ୍ଚଶିକ୍ଷିତ ବେକାରି ହାର ୩୦%ରୁ ଅଧିକ। ବେରୋଜଗାରଙ୍କ ସଂଖ୍ୟା ୬୫.୭%ରୁ ଅଧିକ। ଭାରତରେ ୧୫ରୁ ୩୦ ବର୍ଷ ବୟସର ବ୍ୟକ୍ତିଙ୍କ ମଧ୍ୟରେ ବେକାରି ହାର ୮୦%ରୁ ଅଧିକ। ଜିଲାଗୁଡ଼ିକରେ ଥିବା କର୍ମ ନିଯୋଜନ ସଂସ୍ଥା ଯେଉଁ ହାରରେ ପଞ୍ଜୀକୃତ ହୋଇଥାଏ ସେଥିରୁ ୧ ପ୍ରତିଶତ ନିଯୁକ୍ତି ମିଳିବା ସମ୍ଭବ ହେଉନାହିଁ। ଅବଶ୍ୟ ସବୁ ଉଚ୍ଚ ଶିକ୍ଷିତଙ୍କୁ ସରକାରୀ ଚାକିରି ମିଳିବା ସମ୍ଭବ ନୁହେଁ। କିନ୍ତୁ ମେଧାବୀ ପରୀକ୍ଷାର୍ଥୀ ନିଯୁକ୍ତି ପ୍ରଶ୍ନପତ୍ରର ଠିକ୍ ଉତ୍ତର ଦେଇ ଚାକିରି ପାଇବା ସୁନିଶ୍ଚିତ ନୁହେଁ। କମ୍ପାନୀଗୁଡ଼ିକରେ ବିଭିନ୍ନ ପଦବୀରେ ଯେଉଁ ନିଯୁକ୍ତି ମିଳିଥାଏ ତାହା ମଧ୍ୟ ନେତାବାବୁଙ୍କ ସୁପାରିସ ଦରକାର।

ଆମ ଦେଶରେ ଅର୍ଥନୈତିକ ବୈଷମ୍ୟ ଚିନ୍ତାଜନକ। ଦିନକୁ ଦିନ ଦେଶରେ ଧନୀମାନଙ୍କ ସଂଖ୍ୟା ବଢୁଥିବାବେଳେ, ଗରିବଙ୍କ ସଂଖ୍ୟା କମୁନାହିଁ। କ୍ଷୁଧା, ଅପପୁଷ୍ଟି, ନାନାଦି ରୋଗରୁ ମୁକ୍ତି ପାଇଁ ଦେଶରେ ୩୫ କୋଟିରୁ ଅଧିକ ଲୋକ ସଂଘର୍ଷ କରୁଛନ୍ତି।

ଗତ ଦଶବର୍ଷ ମଧ୍ୟରେ ଲକ୍ଷ୍ୟ କରାଯାଏ ଦେଶରେ ବହୁ ଜ୍ଞାନୀ ଉଚ୍ଚ ଶିକ୍ଷା ଡିଗ୍ରୀଧାରୀ ଯୁବତୀ, ଯୁବକ, କୁଶଳୀ ବ୍ୟକ୍ତିମାନେ ନିଜ ଦେଶ ଛାଡ଼ି ବାହାର ଦେଶକୁ ଯାଇ ସେଠାରେ ଚାକିରି କରି ରହୁଛନ୍ତି। ଲଜ୍ଜାଜନକ ବିଷୟ ହେଉଛି, ଦେଶରେ ସବୁ କ୍ଷେତ୍ରରେ ଦଲାଲଙ୍କର ହାକିମାତି ରହୁଛି। ବର୍ତ୍ତମାନର ସରକାରୀ ନିଯୁକ୍ତି କ୍ଷେତ୍ରରେ ଦଲାଲଙ୍କର ଭୂମିକା ଓ ପ୍ରାଦୁର୍ଭାବ ବଢ଼ିଯାଇଛି। ଏମାନଙ୍କୁ ଅସାଧୁ ସରକାରୀ ବାବୁ ଏବଂ କ୍ଷମତାଶାଳୀ ନେତାମାନେ ହାତବାରିସି କରି ଜନତାଙ୍କଠାରୁ ଅନୈତିକ ଭାବେ ଅର୍ଥ ଲୁଟୁଛନ୍ତି। ଗୁରୁତ୍ୱପୂର୍ଣ୍ଣ ବିଷୟ, ରାଜ୍ୟ ଓ ଦେଶରେ ଯେଉଁ ସରକାରୀ ବିଭାଗଗୁଡ଼ିକରେ ଖାଲିଥିବା ପଦବୀଗୁଡ଼ିକ ପାଇଁ ପ୍ରତିଯୋଗିତାମୂଳକ ପରୀକ୍ଷା କରାଯାଉଛି, ସେଗୁଡ଼ିକରେ ସ୍ୱଚ୍ଛତା ରହିବା ଜରୁରୀ। ନିଯୁକ୍ତିର ଅନେକ ନୀତି ନିୟମ ଏବଂ ପରିଚାଳନା ବୋର୍ଡର ବର୍ତ୍ତମାନ ସମୟକୁ ନେଇ ସଂସ୍କାରର ଆବଶ୍ୟକତା ରହିଛି। ସମସ୍ତ ପରୀକ୍ଷାକୁ ଏସ୍‌ଓପିରେ ଧାର୍ଯ୍ୟ ବ୍ୟବସ୍ଥା କରାଯାଉ। ଆଉଟ୍‌ସୋର୍ସିଂକୁ ସବୁକ୍ଷେତ୍ରରେ ଦାୟିତ୍ୱ ଦେବା ଠିକ୍ ନୁହେଁ। ତେବେ ରାଜ୍ୟରେ ପରିଚାଳିତ ହେଉଥିବା ସମସ୍ତ ନିଯୁକ୍ତିଭିତ୍ତିକ ପରୀକ୍ଷାକୁ ସ୍ୱତନ୍ତ୍ର ସିସିଟିଭି ଦ୍ୱାରା ବ୍ୟବସ୍ଥା କରାଯାଇ ଅଭିଜ୍ଞ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଉ। ପରୀକ୍ଷା ସମ୍ବନ୍ଧୀୟ ତଥ୍ୟର ସୁରକ୍ଷା ଓ ବିଶ୍ୱସନୀୟତା ରକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉ। ବହୁ ଅଧିକାରୀଙ୍କ ବିରୋଧରେ ଯଦି ପୂର୍ବରୁ କିଛି ଅଭିଯୋଗ ଥାଏ କିମ୍ବା ସେମାନଙ୍କ କାର୍ଯ୍ୟକଳାପ ଉପରେ କିଛି ସନ୍ଦେହ ଆସିଥାଏ ସେମାନଙ୍କୁ ଏପରି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରୁ ଅନ୍ତର କରାଯାଉ। ପରୀକ୍ଷାର୍ଥୀ ଯଦି ସୂଚନା ଅଧିକାର ଆଇନ ଦ୍ୱାରା ତାହାର ଉତ୍ତର ଖାତା ନକଲ ଚାହାନ୍ତି ତେବେ ଆଇନାନୁଯାୟୀ ତାଙ୍କୁ ଯୋଗାଇ ଦିଆଯାଉ। କୌଣସି ପରିସ୍ଥିତିରେ ବିଭିନ୍ନ ଆଳ ଦେଖାଇ ସେମାନଙ୍କୁ ସେହି ଅଧିକାରରୁ ବଞ୍ଚିତ କରା ନ ଯାଉ।

ଶ୍ୟାମପୁର, ଧାମନଗର, ଭଦ୍ରକ
ମୋ: ୯୯୩୮୦୮୦୨୯୪

# ସଂସ୍କୃତ: ଭାଷାର ଜନନୀ



ଡ. ଭାରତ ଭୂଷଣ ରଥ

ସମୟକ୍ରମେ ବିଶ୍ୱରେ ଅନେକ ଭାଷା ସୃଷ୍ଟି ହୋଇଛି ଏବଂ କିଛି ବିଲୀନ ହୋଇଛି। ତନ୍ମଧ୍ୟରେ ସଂସ୍କୃତ ବିଶ୍ୱର ଏକ ପ୍ରାଚୀନ ଭାଷା। ସଂସ୍କୃତ ଭାଷାରେ ବିରଚିତ ବେଦ ଏକ ପ୍ରାଚୀନ ଶାସ୍ତ୍ର ଯାହା ପୂର୍ବରୁ କୌଣସି ତତ୍ତ୍ୱ ବିଶ୍ୱ ରହସ୍ୟକୁ ଏତେ ପ୍ରାମାଣିକ ଭାବରେ ଉପସ୍ଥାପନ କରି ନ ଥିଲା। ଯେତେବେଳେ ବିଶ୍ୱରେ ଲେଖନ କଳାର ସୃଷ୍ଟି ହୋଇ ନ ଥିଲା ସେତେବେଳେ ଶ୍ରବଣ ମାଧ୍ୟମରେ ଋଷିମାନେ ବେଦ ମନ୍ତ୍ରଗୁଡ଼ିକୁ ମନେରଖୁଥିଲେ। ତେଣୁ ବେଦକୁ ଶ୍ରୁତିଶାସ୍ତ୍ର କୁହାଯାଏ। ପରବର୍ତ୍ତୀ ସମୟରେ ଲିପି ସୃଷ୍ଟି ହେଲା ତଥା ଭୁଜପତ୍ର ଏବଂ ତାଳପତ୍ର ପ୍ରଭୃତିରେ ଲେଖନ ଆବିଷ୍କାର ହେଲା। ବିଶ୍ୱରେ ନିଶ୍ଚୟ ଅନେକ ପ୍ରାନ୍ତୀୟ, ଗ୍ରାମ୍ୟ ତଥା ଅରଣ୍ୟବାସୀଙ୍କର ଭାଷା ରହିଥିବ। କିନ୍ତୁ ବିଶ୍ୱର ରହସ୍ୟ ସଂସ୍କୃତ ଶାସ୍ତ୍ରଗୁଡ଼ିକରେ ଲିଖିତ ହେବା କାରଣରୁ ସଂସ୍କୃତ ବଞ୍ଚିରହିଲା। ଏହା ପ୍ରମାଣିତ କରେ ଅନ୍ୟ ଭାଷାଗୁଡିକ ଅପେକ୍ଷା ସଂସ୍କୃତ ଏକ ସର୍ବମାନ୍ୟ ବିଶ୍ୱ ଭାଷାର ସ୍ଥାନ ଗ୍ରହଣ କରିଥିଲା।

ବାଲ୍ମୀକି ରାମାୟଣର ସୁନ୍ଦରାକାଣ୍ଡ ମତରେ ତ୍ରେତୟାଯୁଗରେ ସଂସ୍କୃତ ଭାଷା କଥୋପକଥନର ଏକ ପ୍ରମୁଖ ଭାଷା ଥିଲା। କାରଣ ଯେତେବେଳେ ମା'ସୀତାଙ୍କୁ ଅନ୍ୱେଷଣ କରି ହନୁମାନ ଲଙ୍କାର ଅଶୋକବାଟିକାରେ ପହଞ୍ଚିଲେ ସେତେବେଳେ ସଂସ୍କୃତ ଭାଷାରେ ସୀତାଙ୍କ ସହ କଥାହେଲେ। ଏପରିକି ରାବଣ ମଧ୍ୟ ସଂସ୍କୃତ ଭାଷାରେ ସୀତାଙ୍କ ସହ କଥା ହେଉଥିଲେ। ଠିକ୍ ସେହିପରି ଦ୍ୱାପର ଯୁଗରେ ମଧ୍ୟ ସଂସ୍କୃତ ଭାଷା ଲୋକ ଭାଷା ଥିଲା। ତେଣୁ ଶ୍ରୀମଦ୍‌ଭଗବଦ୍‌ଗୀତାର ୧୮ଟି ଯାକ ଅଧ୍ୟାୟରେ ଭଗବାନ୍ ଶ୍ରୀକୃଷ୍ଣ ସଂସ୍କୃତ ଭାଷାରେ ହିଁ ଅର୍ଜୁନଙ୍କୁ ଦିବ୍ୟଜ୍ଞାନ ପ୍ରଦାନ କରିଛନ୍ତି। ବେଦ, ଉପନିଷଦ, ରାମାୟଣ, ମହାଭାରତ, ଧର୍ମଶାସ୍ତ୍ର ପ୍ରଭୃତି ପ୍ରାଚୀନ ଶାସ୍ତ୍ରଗୁଡିକ ସଂସ୍କୃତ ଭାଷାରେ ବିରଚିତ। ପରବର୍ତ୍ତୀ ସମୟରେ ସଂସ୍କୃତ ଭାଷାରୁ ଅନୁଦିତ ହୋଇ ବିଭିନ୍ନ ଭାଷାରେ ସମସ୍ତ ତଥ୍ୟ ପ୍ରକାଶ ପାଇଲା। ସଂସ୍କୃତ ଭାଷାରେ ବିରଚିତ ଉପନିଷଦ ଆତ୍ମଜ୍ଞାନକୁ ଉପସ୍ଥାପନ କରେ, ସମାଜତତ୍ତ୍ୱ ଉପସ୍ଥାପନ କରେ ସାହିତ୍ୟ, ଶାନ୍ତ ଜୀବନର ମାର୍ଗଦର୍ଶକ ରାମାୟଣ ଏବଂ ଗୀତା, ବିଜ୍ଞାନକୁ ଉପସ୍ଥାପନ କରିବା ପାଇଁ ବେଦ ମନ୍ତ୍ର ତଥା ବିଭିନ୍ନ ଶାସ୍ତ୍ର, ଗ୍ରହମଣ୍ଡଳର ସ୍ଥିତି ଅନୁଧ୍ୟାନ କରିବା ପାଇଁ ଜ୍ୟୋତିଷ, ଭାଷା ଜ୍ଞାନ ପାଇଁ ବ୍ୟାକରଣ, ସାମ୍ବିଧାନିକ ବିଧିବ୍ୟବସ୍ଥା ପାଇଁ ସ୍ମୃତିଗ୍ରନ୍ଥ, ଅର୍ଥନୀତି ପାଇଁ କୌଟିଲ୍ୟ ଅର୍ଥଶାସ୍ତ୍ର, ଶରୀରର ସୁସ୍ଥତା ପାଇଁ ଆୟୁର୍ବେଦ ତଥା ଯୋଗଶାସ୍ତ୍ର, ସମାଜ ଚେତନା ପାଇଁ ପୁରାଣ ପ୍ରଭୃତି ଅନେକ ଶାସ୍ତ୍ର ସମାଜକୁ ମାର୍ଗଦର୍ଶନ କରନ୍ତି। କହିବାକୁ ଗଲେ ଭାରତର ସଂସ୍କୃତି ଏବଂ ସଂସ୍କୃତ ଭାଷା ଅଙ୍ଗାଙ୍ଗୀ ଭାବେ ଜଡ଼ିତ।



ଟିକେ ଗଭୀର ଚିନ୍ତା କଲେ ଜାଣିହୁଏ, ଭାରତର ପ୍ରତିଷ୍ଠାରେ ଏହି ସଂସ୍କୃତ ଭାଷା କେତେ ଉପଯୋଗୀ ସାବ୍ୟସ୍ତ ହୋଇଛି। ଭାରତୀୟମାନେ ଅନେକ ବର୍ଷ ଧରି ବଣଜଙ୍ଗଲରେ ସାଧାରଣ ଜୀବନଯାପନ କଲେ। କଳକାରଖାନା ତଥା ଆଧୁନିକତା ଭାରତରେ ନ ଥିଲା। ଭାରତ ତୁଳନାରେ ବିଶ୍ୱର ଅନେକ ଦେଶ ଅଗ୍ରଗତି କରିସାରିଥିଲେ। ଏପରିକି ବିକଶିତ ଦେଶଗୁଡ଼ିକ ଭାରତକୁ ଶାସନ କଲେ। ଇଂରେଜ ଏବଂ ମୋଗଲମାନେ ଏ ଦେଶର ଶାନ୍ତି ଭଙ୍ଗ କଲେ। ଦେଶର ଧନରତ୍ନ ଲୁଣ୍ଠନ କଲେ। ଏତେ ସବୁ ପରେ ମଧ୍ୟ ବିଶ୍ୱ ଆମକୁ ସମ୍ମାନ କରୁଥିଲା। ବୈଦେଶିକ ଶତ୍ରୁ ଆମ ସଂସ୍କୃତି ଏବଂ ସଂସ୍କାରକୁ ନତମସ୍ତକ ହୋଇ ସମ୍ମାନ ଦେଉଥିଲେ। ଭାରତକୁ ଯେଉଁଭଳି ଭାବରେ ଲୁଣ୍ଠନ କରାଗଲା ଯଦି ଆମ ଭାଷା ଏବଂ ସଂସ୍କୃତି ସେତିକି ସୁଦୃଢ଼ ନ ଥାନ୍ତା ଆମ ଦେଶ କେଉଁ ରସାତଳକୁ ଚାଲିଯାଇଥାନ୍ତା, ଯାହାକୁ ପୁନଃ ପ୍ରାପ୍ତି କରିବା ସହଜ ସାଧ୍ୟ ହୋଇ ନ ଥାନ୍ତା। ଆମର ଭାଷା, ସାହିତ୍ୟ, ସଂସ୍କୃତି, ଜ୍ଞାନ, ବିଜ୍ଞାନ ଇତ୍ୟାଦି ଏତେ ମାର୍ଜିତ ଥିଲା ଯେ, ବିଦେଶୀମାନେ ଆମର ପୂର୍ବପୁରୁଷଙ୍କର ଗବେଷଣାକୁ ନେଇଯାଇ ନିଜ ନାମରେ ନାମିତ କରିଛନ୍ତି। ମାକ୍ସମୁଲାର, ମାକ୍‌ଡୋନାଲ, ମନିୟର ଉଇଲିୟମ୍‌ସ, ହୋମର ପ୍ରମୁଖ ଅନେକ ବିଶିଷ୍ଟ ପାଶ୍ଚାତ୍ୟ ବିଦ୍ୱାନ୍ ଭାରତ ଆସି ସଂସ୍କୃତ ଭାଷାକୁ ଅଧ୍ୟୟନ କରିବା ସହିତ ସଂସ୍କୃତ ଶାସ୍ତ୍ରକୁ ପଢ଼ି ସେଗୁଡିକର ଅନୁବାଦ କରିପାରିଥିଲେ। ତେବେ ପ୍ରଶ୍ନ ଉଠେ ସଂସ୍କୃତରେ ଏମିତି କ'ଣ ସବୁ ବିଶେଷତ୍ୱ ରହିଅଛି ଯାହାକୁ ପଢ଼ିବା ପାଇଁ ଦେଶବିଦେଶର ବିଦ୍ୱାନ୍ ଏବଂ ମହାତ୍ମାମାନେ ଏତେ ଉତ୍କଣ୍ଠିତ। ଏ ପ୍ରଶ୍ନର ଉତ୍ତର ସ୍ୱରୂପ ଗୋଟିଏ ବାକ୍ୟ କୁହାଯାଇ ପାରେ ସଂସ୍କୃତ ହେଉଛି ସମାଜ ନିର୍ମାଣର ମୂଳ ଉତ୍ସ। ଏହା କେବଳ ଏକ ଭାଷା ନୁହେଁ ଏହା ଶୃଙ୍ଖଳିତ ଜୀବନ ଜିଇବାର ମାର୍ଗ। ଆମ ଭାଷା ଏବଂ ସଂସ୍କୃତିକୁ ଆମ ଜନଜୀବନରେ ମଜଭୁତ କରିରଖିବା ଏକାନ୍ତ ଆବଶ୍ୟକ।

ପ୍ରାୟ ସମସ୍ତ ଭାରତୀୟ ଭାଷାର ସୃଷ୍ଟି ସଂସ୍କୃତରୁ ହୋଇଛି। ଓଡ଼ିଆରେ ବ୍ୟବହୃତ ଅର୍ଦ୍ଧାଧିକ ଶବ୍ଦ ସଂସ୍କୃତରୁ ହିଁ ସୃଷ୍ଟି। କେଉଁଠି ସଂସ୍କୃତ ଏବଂ ଓଡ଼ିଆ ଶବ୍ଦମାନଙ୍କ ମଧ୍ୟରେ ଶତପ୍ରତିଶତ ସମାନତା ଥାଏ ତଥା କେତେକ ସ୍ଥଳରେ ସାମାନ୍ୟ ସମାନତା ପରିଲକ୍ଷିତ ହୁଏ। ଭାରତର ପ୍ରାୟ ସମସ୍ତ ଆଞ୍ଚଳିକ ଭାଷା ସହିତ ସଂସ୍କୃତ ଭାଷା ନିବିଡ଼ଭାବେ ଜଡିତ। ତେଣୁ ସଂସ୍କୃତ ଭାଷାକୁ ଭାଷାର ଜନନୀ ଏବଂ ଭଗିନୀ ଭାବରେ ସମ୍ମାନ ଦିଆଯାଏ। ଶହଶହ ବର୍ଷ ପୂର୍ବରୁ ରଚିତ ରାମାୟଣ, ମହାଭାରତ, ଅର୍ଥଶାସ୍ତ୍ର, ନୀତିଶତକ, ସ୍ମୃତିଗ୍ରନ୍ଥ ପ୍ରଭୃତିରେ ଦେଶ ଶାସନ ପ୍ରକ୍ରିୟା ଯେପରି ବର୍ଣ୍ଣିତ ଅଛି ତାକୁ ଅନୁସରଣ କରି ଆମ ଦେଶର ସମ୍ବିଧାନ ତିଆରି କରାଯାଇଛି। ସଂସ୍କୃତରେ ଥିବା ମହତ୍ତ୍ୱକୁ ଦୃଷ୍ଟିରେ ରଖି ଏବେ ସଂସ୍କୃତ ଏବଂ ଭାରତୀୟ ସଂସ୍କୃତିର ବିଶେଷ ଅଧ୍ୟୟନରେ ବିଶ୍ୱ ମନ ଦେଇଛି।

ଉପନିର୍ଦ୍ଦେଶକ, ଦୂର ଶିକ୍ଷା ନିର୍ଦ୍ଦେଶାଳୟ
ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ,
ତିରୁପତି, ଆନ୍ଧ୍ରପ୍ରଦେଶ
ମୋ: ୮୮୯୭୪୨୬୨୪୩

## ଏଇ ଭାରତରେ

ବର୍ଷର ସବୁ ସମୟରେ ଏବେ ପଣସର ସ୍ୱାଦ ପାଇପାରିବେ। କେରଳର ରାନି ସୁନିଙ୍କ ଦ୍ୱାରା ପଣସରୁ ପ୍ରସ୍ତୁତ ବିଭିନ୍ନ ଉତ୍ପାଦ ଆପଣଙ୍କର ଏହି ଆଶା ପୂରଣ କରିପାରିବ। ରାନିଙ୍କୁ ବୟସ ଏବେ ୫୭। ସେ ରହୁଛନ୍ତି ଇଡୁକ୍କିରେ। ସେ ପାଖାପାଖି ୫ ଏକରରେ ପଣସ ଗଛ ଲଗାଇଛନ୍ତି। ସେହି ଗଛଗୁଡ଼ିକରେ ପଣସ ପାଚିବା ପରେ ତାହାକୁ ସଂଗ୍ରହ କରି ବଜାରରେ ବିକ୍ରି କରିଦେବା ବଦଳରେ ସେଥିରୁ ଶୁଖିଲା ପଣସ ଗୁଣ୍ଡ, ପଣସ ସସ୍ ଓ ପଣସ ମଞ୍ଜିଗୁଣ୍ଡ ଇତ୍ୟାଦି ପ୍ରସ୍ତୁତ କରି ବଜାରରେ ବିକ୍ରି କରୁଛନ୍ତି। ସେଥିରୁ ସେ ବର୍ଷକୁ ୮ ଲକ୍ଷ ପର୍ଯ୍ୟନ୍ତ ରୋଜଗାର କରିପାରୁଛନ୍ତି। ଉତ୍ପାଦଗୁଡ଼ିକୁ 'ଏଡେନ ଜ୍ୟାକଫ୍ରୁଟ ପ୍ରଡକ୍ଟ' ବ୍ରାଣ୍ଡରେ ବିକ୍ରି କରାଯାଉଛି। ଜଣେ ଗୃହିଣୀ ଭାବେ ଏଭଳି ଏକ ନିଆରା ବିଜ୍‌ନେସ୍ ଆରମ୍ଭ କରି ସଫଳ ହେବା ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇଛି। ସେ ପ୍ରତିଦିନ ଘର କାମ ଶେଷ କରିବା ପରେ ଅବଶିଷ୍ଟ ସମୟ ବିଜ୍‌ନେସ୍ ପାଇଁ ଦେଉଛନ୍ତି। ରାନିଙ୍କ ବ୍ୟବସାୟିକ ଯାତ୍ରା ସଂଘର୍ଷମୟ ଥିଲା। ସେ ପ୍ରଥମେ ଏକ ଛୋଟ ରୁମ୍‌ରେ ବିଜ୍‌ନେସ୍ ଆରମ୍ଭ କରି ତାହାକୁ ନେଇପାରିଛନ୍ତି। ଏବେ ନିଜ ବଗିଚାରୁ ସଂଗୃହୀତ ପଣସ ବ୍ୟତୀତ ଅନ୍ୟ ୨୦ଟି ପରିବାରଠାରୁ ପଣସ ସଂଗ୍ରହ କରି ଅଧିକ ଉତ୍ପାଦ ପ୍ରସ୍ତୁତ କରୁଛନ୍ତି। ପଣସ ସଂଗ୍ରହ କରିବାଠାରୁ ଆରମ୍ଭ କରି ଉତ୍ପାଦ ପ୍ରସ୍ତୁତି କରିବା କାର୍ଯ୍ୟରେ ସେ ୧୦ଜଣ ଲୋକଙ୍କୁ ନିଯୁକ୍ତି ଦେଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୩ ନଭେମ୍ବର ୧୯୭୬

- ସିରିଆର ପଦାତିକ ସାମରିକ ବାହିନୀ ଓ ଟ୍ୟାଙ୍କ ବାହିନୀ ତ୍ରିପୋଲିର ମୁଖ୍ୟ ବନ୍ଦର ଓ କେତେକ ସହର ଦଖଲ କରି ନେଇଛନ୍ତି।
- ଭାରତ ଓ ଆଲଜେରିଆ ମଧ୍ୟରେ ଜାତୀୟ ସମ୍ବାଦ ସରବରାହ ସଂସ୍ଥା ଘେନି ଏକ ନୂତନ ବିନିମୟ ଚୁକ୍ତିନାମା ସ୍ୱାକ୍ଷରିତ।

# ପାଠକ ଶ୍ରେଷ୍ଠ ବିଚାରକ

## ଇ-ଆଡ୍‌ମିଶନରେ ଅଭିଭାବକ ସନ୍ତୁଷ୍ଟ ନୁହନ୍ତି

ମହାଶୟ,

ଇ-ଆଡ୍‌ମିଶନ ଯେତେ ସୁବିଧାଜନକ, ଏଥିରେ ପିଲାଙ୍କ ମତାମତ ଉପରେ ମଧ୍ୟ ଧ୍ୟାନ ଦିଆଯାଇଛି। ଏଥିରେ ଅନେକ ଆଗ୍ରହୀ ଛାତ୍ରୀ-ଛାତ୍ର ଯୋଗ୍ୟତା ବଳରେ ନିଜ ଜିଲାରେ ବା ସାରା ରାଜ୍ୟର ନାମୀଦାମୀ କଲେଜକୁ ଇ-ଚଏସ୍ ମାଧ୍ୟମରେ ବାଛିବାର ପ୍ରସ୍ତାବ ରହୁଛି। କେତେକାଂଶରେ ଅନେକ ଛାତ୍ରୀଛାତ୍ର ଏହି ପ୍ରକ୍ରିୟାକୁ ସମର୍ଥନ ଜଣାଉଥିବା ବେଳେ, ପିଲାର ସର୍ବାଙ୍ଗୀନ ଚିନ୍ତା କରୁଥିବା ଅଭିଭାବକ ମହଲରେ କିନ୍ତୁ ବ୍ୟତିକ୍ରମ ଦେଖାଯାଇଛି। ସାଧାରଣତଃ ନିଜ ଘରଠାରୁ ଅନେକ ଦୂରରେ ଅବସ୍ଥିତ କଲେଜରେ ସେମାନେ ପିଲାଙ୍କ ନାମ ଲେଖାଇବାକୁ କୁଣ୍ଠାବୋଧ କରୁଛନ୍ତି। କାରଣ ଅନେକ ଅଭିଭାବକ ପ୍ରତିଦିନ ପିଲାଙ୍କ ଗସ୍ତ ଖର୍ଚ୍ଚକୁ ନେଇ ଚିନ୍ତିତ। ବାଙ୍ଗିରିପୋଷିରୁ ୩୦ କିମିରୁ ଦୂର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବସବାସ କରୁଥିବା ଅନେକ ଛାତ୍ରୀଛାତ୍ରଙ୍କ ଅଭିଭାବକ ମହଲରେ ଏ ବିଷୟରେ ଅଧିକ ଚିନ୍ତାର କାରଣ ହୋଇଛି। ପିଲାର ଭବଷ୍ୟତ ଉଜ୍ଜ୍ୱଳ କରିବା ପରିବର୍ତ୍ତେ ଖର୍ଚ୍ଚକୁ ଭୟ କରି ଆଜି ବି ଅନେକ ଅଭିଭାବକ ପିଲାଙ୍କୁ କଲେଜ ପାଠରୁ ଦୂରେଇ ରଖିବା ଦେଖାଯାଉଛି। ଫଳରେ ପିଲାମାନେ ମୌଳିକ ଅଧିକାରରୁ ବଞ୍ଚିତ ହେଉଛନ୍ତି। ସରକାର ଏ ଦିଗରେ ପଦକ୍ଷେପ ନେବା ପାଇଁ ଅଧ୍ୟୁଷିତ ଅଞ୍ଚଳର ଅଭିଭାବକମାନେ ନିବେଦନ କରିଛନ୍ତି।

**- ସଂଜିତ ବୈଠା, ବାଙ୍ଗିରିପୋଷି, ମୟୂରଭଞ୍ଜ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଏ ଦେହ ମୋର
ନିଭିଲା ଏଥି
ଜଣାଇ କା'ରେ ନତି
ନାହିଁ ନା ଲୋଡ଼ା ନ ଜଳୁ ଆଜି ବତୀ!
-(ସନ୍ଧ୍ୟା ପଥେ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ବଡ଼ଦେଓ ଦେବ ଲୋକ ନାଟକ ମହୋତ୍ସବ



ଚଢ଼ଲା ମାଛର ମୁଡେ ଠେଁଙ୍ଗାର ଏକ ଦୃଶ୍ୟ ।

**ଲୋଇସିଂହା,୨୨।୧୧(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ ଦୁର୍ଗାମଣ୍ଡପରେ ବଡଦେଓ ଦେବ ଲୋକ ନାଟକ ମହୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହାୟତାରେ ଲୋଇସିଂହା ଆଦିବାସୀ ଯୁବକ ସାଂସ୍କୃତିକ ସଂଘ ଓ ସୁର ସଙ୍ଗମ ସାଂସ୍କୃତିକ ସଂସଦ ମିଳିତ ଆନୁକୂଲ୍ୟରେ ଏହି ମହୋତ୍ସବ ଆୟୋଜିତ ହୋଇଥିଲା। ଯୁବ ସମାଜ ମଦ ନିଶାରେ କବଳିତ ହୋଇ ପଥଭ୍ରଷ୍ଟ ହୋଇଯାଉଛନ୍ତି। ୮୦ ପ୍ରତିଶତ ଦୁର୍ଘଟଣା କେବଳ ମାଦକ ଦ୍ରବ୍ୟ ସେବନ ଯୋଗୁ ଘଟୁଛି। ମଦ ଯୋଗୁ ପରିବାର,ସଂସାର ଉଜୁଡି ଯାଉଛି । ଏଭଳି ଏକ କାହାଣୀ ନେଇ ହାସ୍ୟ ରସାତ୍ମକ ନାଟକ 'ଛଢଲା ମାଛର ମୁଡେ ଠେଁଙ୍ଗା'କୁ ସ୍ଥାନୀୟ ସୁରସଙ୍ଗମ ସାଂସ୍କୃତିକ ସଂସଦର କଳାକାରମାନେ ପରିବେଷଣ କରିଥିଲେ। ସେହିପରି ବ୍ଲକର ତଲିଉଡାର ଗ୍ରାମର କଳାକାରମାନେ ସୀତା ହରଣ ନାଟକ ମଞ୍ଚସ୍ଥ କରିଥିଲେ। ୨ ଅଭିନୀତ ନାଟକ ଉପସ୍ଥିତ ଦର୍ଶକଙ୍କ ମନକୁ ଛୁଇଁଥିଲା। ମଣ୍ଟୁ ଖାନଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଯୋଗ ଦେଇଥିଲେ। ଜିଲା ସଂସ୍କୃତି ଅଧିକାରୀ ରଶ୍ମିରଞ୍ଜନ ମିଶ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଜେନ୍ଦ୍ର ଓଝା, ଜିଲା କ୍ରୀଡା ଅଧିକାରୀ ପରାସର ବାଗ, ନାଟ୍ୟକାର ଜୀତେନ୍ଦ୍ର ପଟ୍ଟନାୟକ ଓ ପବିତ୍ର ପଧାନ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ହୋଇଥିଲେ। ଅତିଥି ସମାଜରେ ନାଟକର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ଉପଦେଷ୍ଟା ତଥା ଗୀତିକାର ଧର୍ମସିଂ ମିଶ୍ର କଳାକାର ମଣ୍ଟୁ ଖାନକୁ ସମ୍ମାନିତ କରାଯାଇଥିଲା। ସଭାକୁ ସରୋଜ ବିଶ୍ୱାଳ ସଂଯୋଜନା କରିଥିଲେ। କୁନା ବାରିକ, ଗଜାନନ ନାଏକ, ବୀରେନ୍ଦ୍ର ବେହେରା, ରାଜେନ୍ଦ୍ର ଶତପଥୀ, ସୁସ୍ମିକା ବେହେରା, ଜାହିଦ ଖା, ଦେବେନ୍ଦ୍ର କୁମାର ମିସ୍ତ୍ରୀ, ସରୋଜ ମହାକୁର,ସତ୍ୟ ସ୍ୱାଇଁ, ଦିନୁ ମେହେର ପ୍ରମୁଖ କଳାକାର ନାଟକରେ ଅଭିନୟ କରିଥିଲେ ।

# 'ଗଣତାନ୍ତ୍ରିକ ଆନ୍ଦୋଳନ ଲୋକଙ୍କ ଆୟୁଧ'

## ସମାଜବାଦୀ ଜନ ପରିଷଦର ରାଷ୍ଟ୍ରୀୟ ସମ୍ମେଳନ ଉଦ୍‌ଘାଟିତ

- ଆଜି ପାରିତ ହେବ ଓଡ଼ିଶା ସମ୍ବନ୍ଧୀୟ ପ୍ରସ୍ତାବ
- ଯୋଗ ଦେଇଛନ୍ତି ୬ ରାଜ୍ୟର ପ୍ରତିନିଧି



ରାଷ୍ଟ୍ରୀୟ ସମ୍ମେଳନରେ ମଞ୍ଚାସୀନ ଅତିଥି।

**ବଲାଙ୍ଗୀର/ଟିଟିଲାଗଡ଼,୨୨।୧୧(ବୀରେନ୍ଦ୍ର କୁମାର ଝାଙ୍କର/ଶରତ ମିଶ୍ର)**

ବିକଳ୍ପ ରାଜନୈତିକ ସଙ୍ଗଠନ ସମାଜବାଦୀ ଜନ ପରିଷଦର ଦୁଇଦିନିଆ ରାଷ୍ଟ୍ରୀୟ ସମ୍ମେଳନ ଶନିବାର ଟିଟିଲାଗଡ ସ୍ଥିତ ମହାବୀର ଧର୍ମଶାଳାଠାରେ ଉଦ୍‌ଘାଟିତ ହୋଇଛି। ପରିଷଦର ରାଷ୍ଟ୍ରୀୟ ଅଧ୍ୟକ୍ଷ ଆଡଭୋକେଟ ନିଶା ସିଉରକରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଅଧିବେଶନରେ ମୁଖ୍ୟଅତିଥି ଭାବେ ଜନଆନ୍ଦୋଳନଗୁଡିକର ରାଷ୍ଟ୍ରୀୟ ସମନ୍ୱୟ (ଏନ୍‌ଏପିଏମ୍)ର ସଂଯୋଜକ ନରେନ୍ଦ୍ର କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ ସମାଜିକ କର୍ମୀ ବାଳକୃଷ୍ଣ ଷାଣ୍ଡେ ଏବଂ ସତ୍ୟ ମାହାର ଯୋଗଦାନ କରିଥିଲେ। ପରିଷଦର ସାଧାରଣ ସମ୍ପାଦକ ଲିଙ୍ଗରାଜ ଆଜାଦ୍ ଓ ସଙ୍ଗଠନ ମନ୍ତ୍ରୀ ଅଫ୍‌ଲାତୁନ୍ ମଞ୍ଚାସୀନ ଥିଲେ। ଏହି ରାଷ୍ଟ୍ରୀୟ ସମ୍ମେଳନକୁ ନିକଟରେ ଦିବଙ୍ଗତ ହୋଇଥିବା ବିଶିଷ୍ଟ ସମାଜବାଦୀ ଚିନ୍ତକ ସଚ୍ଚିଦାନନ୍ଦ ସିହ୍ନାଙ୍କୁ ସମର୍ପିତ କରାଯାଇଥିଲା। ସଭା ପ୍ରାରମ୍ଭରେ ସାଧାରଣ ସମ୍ପାଦକ ଆଜାଦ୍ ସମସ୍ତଙ୍କୁ ସ୍ୱାଗତ କରିବା ସହ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ। ମୁଖ୍ୟଅତିଥି ମହାନ୍ତି ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାର ମୂଳ ଉଦ୍ଦେଶ୍ୟ ହେଉଛି ଲୋକଙ୍କୁ ସଶକ୍ତ କରିବା। ଲୋକେ ସଶକ୍ତ ହେଲେ ଦେଶ ସଶକ୍ତ ହେବ। ସମ୍ବେଦନଶୀଳ ଗଣତାନ୍ତ୍ରିକ ରାଷ୍ଟ୍ରରେ ଜନ ଆନ୍ଦୋଳନକୁ ଗୁରୁତ୍ୱ ଦିଆଯାଏ। ଏହାକୁ ଲୋକଙ୍କ ଆୟୁଧ ଭାବେ ଗଣାଯାଏ। ଏବେ କିନ୍ତୁ ସରକାର ସର୍ବୋଦୟୀ, ସମାଜବାଦୀ, ସାମ୍ୟବାଦୀ ଏବଂ କମ୍ୟୁନିଷ୍ଟମାନଙ୍କ ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ ଏବଂ ଆନ୍ଦୋଳନକୁ ନେଇ ଭୟଭୀତ ହୋଇପଡୁଛନ୍ତି। ଦେଶକୁ ପ୍ରକୃତ ଶକ୍ତିଶାଳୀ କରିବାକୁ ହେଲେ ଲୋକଙ୍କୁ ଶକ୍ତିଶାଳୀ କରିବାକୁ ପଡିବ ବୋଲି କହିଥିଲେ। ଅନ୍ୟ ଅତିଥିମାନେ ମଧ୍ୟ ସାମାଜିକ ଏବଂ ଆର୍ଥିକ ବିଷମତା ବୃଦ୍ଧିକୁ ନେଇ ଚିନ୍ତା ପ୍ରକଟ କରିଥିଲେ। ସଭାରେ ପ୍ରଫେସର ମହେଶ ବିକ୍ରମ ରାଜନୈତିକ ଓ ଆର୍ଥିକ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଏହାକୁ ସଙ୍ଗଠନ ମନ୍ତ୍ରୀ ଅଫଲାତୁନ୍ ସମର୍ଥନ କରିଥିଲେ। ଏହି ପ୍ରସ୍ତାବରେ ଦେଶର ସାମ୍ପ୍ରତିକ ଘୋର ଆର୍ଥିକ ଦୁଃସ୍ଥିତିକୁ ନେଇ ଗଭୀର ଚିନ୍ତା ପ୍ରକଟ କରାଯାଇଥିଲା। ଗତ ୧୧ ବର୍ଷ ଧରି ଯେଭଳି ଭାବେ ଆର୍ଥିକ ଅବନତି ଦେଖାଦେଇଛି ତାକୁ ନେଇ ଆଲୋଚନା କରାଯାଇଥିଲା। ଗତ ୧୧ ବର୍ଷ ହେଲା ଦେଶର ବିଦେଶ ନୀତି ଏବଂ କୁଟନୀତି ଅସଫଳ ସିଦ୍ଧ ହୋଇଛି। ପଡୋଶୀ ଦେଶ ନେପାଳ, ବଙ୍ଗଳାଦେଶ, ପାକିସ୍ତାନ, ଶ୍ରୀଲଙ୍କା, ମ୍ୟାନ୍‌ମାର ଏବଂ ଚୀନ ସହ ସମ୍ବନ୍ଧ ବିଗିଡି ଚାଲିଛି। ଦେଶରେ ଉଦ୍ୟୋଗିକ ନୀତି ଯୋଗୁ ଲଘୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ବନ୍ଦ ହେବାରେ ଲାଗିଛି। ଆଦିବାସୀ ଅଞ୍ଚଳରେ ଶୋଷଣ ବଢ଼ିଛି। କର୍ପୋରେଟ୍ ମାନଙ୍କୁ ପ୍ରାକୃତିକ ସଂସାଧନ ହସ୍ତାନ୍ତର ପାଇଁ ଆଦିବାସୀଙ୍କୁ ଟାର୍ଗେଟ କରାଯାଉଛି। ମାଓବାଦୀ ନାଁରେ ଦମନ ଚାଲିଛି। ଦେଶରେ ଜାତିଗତ ହିଂସା, ମହିଳାମାନଙ୍କ ପ୍ରତି ଅତ୍ୟାଚାର ବଢ଼ି ଚାଲିଛି। ଛାତ୍ର ନିର୍ବାଚନ କରାଯାଉନାହିଁ। ଚାରି ଶ୍ରମିକ ସଂହିତାକୁ ଲାଗୁ କରି ଶ୍ରମିକ ଶୋଷଣ ଉଦ୍ୟମ ଜାରି ରହିଛି। ବିଶ୍ୱବିଦ୍ୟାଳୟ ଏବଂ ଅନ୍ୟ ଶିକ୍ଷାନୁଷ୍ଠାନ ଗୁଡିକର ଧ୍ରୁବୀକରଣକୁ ନେଇ ଚିନ୍ତାପ୍ରକଟ ପାଇଥିଲା। କାର୍ଯ୍ୟକ୍ରମରେ ଦେଶର ଅନ୍ୟ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ରବିବାର ଉଦ୍‌ଯାପନୀ ଅଧିବେଶନରେ ଓଡିଶା ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହେବ ଏବଂ ପ୍ରସ୍ତାବ ପାରିତ ହେବ। ଏହି କାର୍ଯ୍ୟକ୍ରମରେ ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, କେରଳ, ମହାରାଷ୍ଟ୍ର ଏବଂ ଓଡିଶାର ବରିଷ୍ଠ ସଦସ୍ୟ ସତ୍ୟେନ୍ଦ୍ର ରାୟ, ଚଞ୍ଚଳ ମୁଖାର୍ଜୀ, ମଲିନ୍ ବର୍ମା, ଫାଗାରାମ, ଗୁଲିଆ ବାଇ, କପିଲ ଖଣ୍ଡେଲୱାର, ବିକ୍ରମ ମୋର୍ଯ୍ୟ, ସନ୍ତୋଷ କୁମାର, ଚୌଧୁରୀ ରାଜେନ୍ଦ୍ର, ରାଜକିଶୋର, ଉପେନ୍ଦ୍ର, କ୍ରିଷ୍ଣା ସିକକା, ଲକ୍ଷ୍ମଣ ନାୟକ, ସନାତନ ପ୍ରଧାନ, ଦୈତାରୀ ଗୌଡ, ଇଶାନ୍ତ ଭୋଇ, ନିରଞ୍ଜନ ପ୍ରଧାନ, ନିୟମଗିରି ଅଞ୍ଚଳର ଡଙ୍ଗରିଆ ଯୋଗଦାନ କରିଥିଲେ।

# ମନ ମୋହିଲା ଯୁବୋଦୟ ବ୍ଲାଷ୍ଟ ୨୦୨୫

**ବଲାଙ୍ଗୀର,୨୨।୧୧(ବୀରେନ୍ଦ୍ର କୁମାର ଝାଙ୍କର)**

ଅନ୍ୟତମ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଯୁବୋଦୟର ସକ୍‌ମା କ୍ୟାମ୍ପସଠାରେ ବାର୍ଷିକ ମ୍ୟୁଜିକାଲ ନାଇଟ୍ ଯୁବୋଦୟ ବ୍ଲାଷ୍ଟ -୨୦୨୫ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଯୁବୋଦୟର ନିର୍ଦ୍ଦେଶକ ଅମ୍ବରୀଶ ଦାଶ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ର ମାନେ ସମୟର ସଦୁପଯୋଗ କରିବାକୁ ପରାମର୍ଶ ଦେଇଥିଲେ। ନିଜକୁ ଆଗାମୀ ଚାଲେଞ୍ଜର ସାମ୍ନା କରିବାକୁ ପ୍ରସ୍ତୁତ ହେବାକୁ ଆହ୍ୱାନ କରିଥିଲେ। ଏହାସହ ଛାତ୍ରୀଛାତ୍ର ମାନଙ୍କ ଶୈକ୍ଷିକ ବିକାଶ ପାଇଁ ଯୁବୋଦୟ ସବୁ ପ୍ରକାର ଉଦ୍ୟମ କରୁଥିବା ସୂଚନା ଦେଇଥିଲେ। ସମଗ୍ର ଓଡ଼ିଶାରେ ଏଠାକାର ଛାତ୍ରୀଛାତ୍ରମାନେ କିଭଳି ଶ୍ରେଷ୍ଠ ହେବେ ସେ ସମ୍ପର୍କରେ କହିଥିଲେ। ପ୍ରାରମ୍ଭରେ ଓଡ଼ିଆ ଅଧ୍ୟାପକ ସନ୍ଦୀପ କୁମାର କୁଅଁର ସ୍ୱାଗତ ଜଣାଇଥିଲେ। ସଭା ପରେ ମା' ଇଷ୍ଟଦେବୀ ମେଲୋଡି ପକ୍ଷରୁ ଲୋକପ୍ରିୟ ଗାୟକ ଉମାକାନ୍ତ ବାରିକ ଓ ତାଙ୍କ ସାଥୀଙ୍କ ଦ୍ୱାରା ହୃଦୟଛୁଆଁ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଯୁବୋଦୟର ଏନ୍‌ସିସି କ୍ୟାଡେଟ୍ ତଥା ଲୋଇସିଂହା ପୋଲିସ ଶାନ୍ତିଶୃଙ୍ଖଳା ରକ୍ଷା ଦିଗରେ ସହଯୋଗ କରିଥିଲେ। ପ୍ରଶାସନିକ ଅଧିକାରୀ ତ୍ରୟମ୍ବକ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପାଠ୍ୟକ୍ରମ ସଂଯୋଜକ ଅସିତ ଦାଶ, ମାର୍କେଟିଂ ଏକଜ୍‌କ୍ୟୁଟିଭ ତାରିଣୀ ମିଶ୍ର, ଅଧ୍ୟାପକ ରଜତରାଜ ପାଣିଗ୍ରାହୀ ସହଯୋଗ କରିଥିଲେ। ସଙ୍ଗୀତ କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କ ମାନସିକ ଚାପକୁ କମାଇବାରେ ସାହାଯ୍ୟ କରୁଥିବାରୁ ଏହାକୁ ନେଇ ଛାତ୍ରୀଛାତ୍ର ମହଲରେ ଉତ୍ସାହ ପରିଲକ୍ଷିତ ହୋଇଥିଲା।




କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ଅମ୍ବରୀଶ ଦାଶ ବକ୍ତବ୍ୟ ରଖୁଛନ୍ତି।

# ଚକ୍ଷୁ ବିଶେଷଜ୍ଞ ଡା. ସତ୍ୟ ନାରାୟଣ ସାହୁଙ୍କ ପରଲୋକ



ଡାକ୍ତର ସତ୍ୟନାରାୟଣ ସାହୁ।

**ବଲାଙ୍ଗୀର,୨୨।୧୧ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସହର ତେଲିଗୋଠପଡ଼ା ନିବାସୀ ବରିଷ୍ଠ ଚକ୍ଷୁ ବିଶେଷଜ୍ଞ ଡା. ସତ୍ୟନାରାୟଣ ସାହୁ (୭୪)ଙ୍କ ଶୁକ୍ରବାର ରାତିରେ ପରଲୋକ ହୋଇଯାଇଛି। ସେ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ସମ୍ବଲପୁରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଛି। ଜଣେ ମିଷ୍ଟଭାଷୀ ଓ ମେଳାପି ଡାକ୍ତର ଭାବେ ସେ ପରିଚିତ ଥିଲେ। ବଲାଙ୍ଗୀର ଜିଲା ମୁଖ୍ୟ ହସ୍ପିଟାଲରେ ସେ ବହୁ ବର୍ଷ ଧରି ଚକ୍ଷୁ ବିଶେଷଜ୍ଞ ଭାବେ କାର୍ଯ୍ୟ କରିଥିଲେ। କିଛି ବର୍ଷ ତଳେ ସେ ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ପଦବୀରୁ ଅବସର ଗ୍ରହଣ କରିଥିଲେ। ମୃତ୍ୟୁ ବେଳକୁ ତାଙ୍କ ସ୍ତ୍ରୀ ବାସନ୍ତୀ, ଏକମାତ୍ର ପୁଅ ସୁରେଶ କୁମାର, ପୁତ୍ରବଧୂ ପ୍ରିୟଙ୍କା, ଝିଅ ଶ୍ୱେତା, ଜ୍ୱାଇଁ ତନ୍ମୟ ସାହୁ ଓ ପରିବାରବର୍ଗ ଉପସ୍ଥିତ ଥିଲେ। ବଲାଙ୍ଗୀର ବିଭୁତିପଡା ସ୍ୱର୍ଗଦ୍ୱାର ଠାରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ପୁଅ ସୁରେଶ ମୁଖାଗ୍ନି ଦେଇଥିଲେ । ମୃତ୍ୟୁଖବର ପାଇବା ପରେ ସହରର ବହୁ ବିଶିଷ୍ଟ ବ୍ୟକ୍ତି, ଡାକ୍ତର, ବ୍ୟବସାୟୀ ତାଙ୍କ ବାସଭବନକୁ ଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।


GOVERNMENT OF ODISHA

OFFICE OF THE SUPERINTENDING ENGINEER MINOR IRRIGATION DIVISION, KEONJHAR

NOTICE INVITING TENDER e-Procurement

Bid ID No. 06 SEMID (KJR/2025-2026) Dt.20.11.2025

No. A-962: The Superintending Engineer, Minor Irrigation Division, Keonjhar on behalf of the Governer of Odisha invites online percentage rate tender through "e" procurement to be received in online mode for the works as detailed in the Annexure to this bid notice.

| | |
|---|---|
| Name of Work | Civil Construction works |
| No. of Works | 3 (Three) Nos. |
| Estimaed Cost | Various from Rs.59.45 lakhs to Rs.82.76 lakhs approximately |
| Tender Paper Cost | Mentioned in Column No. 6 of Tender Call Notice |
| Period of Completion | 3 (Three) Calendar Months |
| Availability of Bid Documents | From 27.11.2025 to 06.12.2025 in Website (www.tenderorissa.gov.in) |
| Period of receipt of Bid through online | From 27.11.2025 to 06.12.2025 through online |
| Date of Opening of Technical Bid Documents | At 11.00 A.M. on 08.12.2025 in the Office Chamber of the Superintending Engineer, M.I. Division, Keonjhar |
| Date of Opening of Financial Bid Documents | At 11.00 A.M. on 11.12.2025 in the Office Chamber of the Superintending Engineer, M.I. Division, Keonjhar |
| Date of Lottery | At 11.00 A.M. on 18.12.2025 in the Office Chamber of the Superintending Engineer, M.I. Division, Keonjhar |
| Digital Signature Certificate of Bidder | The bidder must possess compatible Digital Signature Certificate (DSC) of Class-II or Class - III |
| Name and address of the OIT | Superintending Engineer, M.I. Division, Keonjhar, Near Parkline Keonjhar, At/P.O.: Keonjhar, Dist.: Keonjhar, PIN - 758001, E-Mail ID: eemikjr@yahoo.co.in |

Further details can be seen from the website: www.tendersorissa.gov.in.

Sd./- (Er. Rashmi Rekha Chattar)
Superintending Engineer, M.I. Division, Keonjhar

OIPR-



OFFICE OF THE EXECUTIVE ENGINEER
SUBERNAREKHA CANAL DIVISION, JAMSHEDPUR
(Email ID: - eescdjsr.chandil@gmail.com)

E-Procurement Tender Notice (e-Tender Notice)

E-Tender Ref. No.: WRD/SCD/JSR/F2-01/2025-26

DATE- 21.11.2025

| | | |
|---|---|---|
| 1. | Name of Work | Repair and Maintenance of Kitanala Dam (at Ch. Km. 43.30 of CLMC). |
| 2. | Estimated cost of work (in INR) | Rs. 10093585.79 (Rupees 1 Crore ninety-three thousands five hundreds eighty five rupees and seventy nine paise only) |
| 3. | Initial Bid Security ((in INR) | Rs.201900/- (Rupees two lakh One thousands Nine Hundred only) |
| 4. | Initial Bid Security in the shape of | Initial Bid Security- As per SOP issued by Information Technology and E-Governance Department, Govt. of Jharkhand. Vide letter no-120 dated-03.10.2023 |
| 5. | Cost of Bidding Documents | Rs. 10,000.00 (Rupees ten thousand only) |
| 6. | Time of completion | 11 (Eleven) Months |
| 7. | Date of Publication of Tender on Website | 26.11.2025 (5:00 P.M.) |
| 8. | Start Date of Bidding | 26.11.2025(5:00 P.M.) |
| 9. | Last Date and time for online Bidding | 15.12.2025 up to 5.00 P.M |
| 10 | Last Date & Time for receipt of Bid Security and other Documents in online form | 15.12.2025 Through e-Tendering Portal www.jharkhandtenders.gov.in - As per SOP issued by Information Technology and E-Governance Department, Govt. of Jharkhand. Vide letter no-120 dated-03.10.2023 |
| 11 | Date & Time for opening of Technical Bid | 16.12.2025 At 3.00 P.M by E-procurement cell office of the Chief Engineer, Swarnrekha Project chandil complex Adityapur, Jamshedpur. |
| 12 | Name & Address of office inviting Tender | Executive Engineer,Subernarekha Canal Division, Jamshedpur. |
| 13 | Contact no. of Procurement officer | 7903560727 |
| 14 | Helpline no. of E-Procurement Cell | 0657-2371765 |

Above informations are only indicative. Detail NIT Published on Tender Portal shall be final and mandatory. Details can be seen on Website http://jharkhandtenders.gov.in

Executive Engineer
Subernarekha Canal Division,
Jamshedpur.

PR 366797 (Water Resource)25-26*D



**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.50/ET/SBP/ENGG/2025-26, ତା.13.11.2025ରିଖ

(1)ଇ-ଟେଣ୍ଡର ସଂ.51-eT-DENS-SBP-25

କାର୍ଯ୍ୟର ନାମ : ସହାୟକ ମଣ୍ଡଳ ଯନ୍ତ୍ରୀ/ମୁନିଗୁଡ଼ା ପରିସୀମା ଅଧୀନସ୍ଥ ନରଲା ରୋଡ୍-ଥେରୁବାଲି ସେକ୍ସନରେ ବିଭିନ୍ନ ସ୍ଥାନଗୁଡ଼ିକ ଠାରେ ସେସ୍-ମରାମତି କାର୍ଯ୍ୟଗୁଡ଼ିକର ସମ୍ପାଦନ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 2,95,79,412/-,

ବିଡ୍ ସିକ୍ୟୁରିଟି (ଟଙ୍କାରେ): 2,97,900/-।

(2)ଇ-ଟେଣ୍ଡର ସଂ.27-eT-SDENW-SBP-25

କାର୍ଯ୍ୟର ନାମ : ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ପଶ୍ଚିମ/ସମ୍ବଲପୁର ପରିସୀମା ଅଧୀନସ୍ଥ ନୂଆପଡ଼ା ରୋଡ୍-ଲାଖୋଲି ସେକ୍ସନରେ ବିଭିନ୍ନ ସ୍ଥାନଗୁଡ଼ିକ ଠାରେ ସେସ୍-ମରାମତି ଏବଂ ପାର୍ଶ୍ୱ ଡ୍ରେନ୍ କାର୍ଯ୍ୟଗୁଡ଼ିକର ସମ୍ପାଦନ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 3,03,48,861.98,

ବିଡ୍ ସିକ୍ୟୁରିଟି (ଟଙ୍କାରେ): 3,01,800/-।

(3)ଇ-ଟେଣ୍ଡର ସଂ.56-eT-DENE-SBP-25

କାର୍ଯ୍ୟର ନାମ : ଆବଶ୍ୟକତା ଭିତ୍ତିରେ କୋଚ୍‌ରେ ପାଣି ଭରିବା ପାଇଁ ସମ୍ବଲପୁର ସିଟି ରେଳ ଷ୍ଟେସନ ପର୍ଯ୍ୟନ୍ତ 5000 ଲିଟର କ୍ଷମତା ବିଶିଷ୍ଟ ପାଣି ଟାଙ୍କିଗୁଡ଼ିକ ଦ୍ୱାରା ଜଳ ଯୋଗାଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 37,66,875.20,

ବିଡ୍ ସିକ୍ୟୁରିଟି (ଟଙ୍କାରେ): 75,400/-।

କାର୍ଯ୍ୟ ଶେଷ ହେବା ଅବଧି : 12 ମାସ (କ୍ରମ ସଂ. 1 ଏବଂ 2 ପାଇଁ) ଏବଂ 04 ମାସ (କ୍ରମ ସଂ. 3 ପାଇଁ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.09.12.2025 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ), ସମ୍ବଲପୁର

PR-815/Q/25-26



GOVERNMENT OF ODISHA — No. O-1550

OFFICE OF THE SUPERINTENDING ENGINEER, RURAL WORKS DIVISION, RAIRANGPUR (MAYURBHANJ)

E-Mail ID: eerwrairangpur@yahoo.com

Letter No. // Date:

"e" Procurement Notice for Road Works | Bid Identification No. - RWDRRP-15/2025-26

| | | | |
|---|---|---|---|
| 1. | Name of the Work | : | Periodical maintenance of road for the year 2025-26 |
| 2. | Estimated Cost | : | From Rs.8.05 to 13.39 lakhs (approximately) |
| 3. | Class of Contractor | : | "D", "C" Class or relevant Class of works licence |
| 4. | Period of Completion | : | As per Annexure |
| 5. | Tender paper cost | : | As per Annexure |

The details are as follows

| Procurement Officer | Bid Identification No. | Availability of Tender Online for Bidding | | Last date and time of seeking Tender Clarification | Date & time of Opening of Tender in O/o. S.E.R.W. Division, Rairangpur Technical Bid & Financial Bid |
|---|---|---|---|---|---|
| | | From | To | | |
| S.E.R.W. Division, Rairangpur | RWDRRP-15/2025-26 | 24.11.2025 at 11.00 A.M. | 01.12.2025 upto 5.00 P.M. | 29.11.2025 upto 5.00 P.M. | 02.12.2025 at 11.30 A.M. |

Further details can be seen from the website www.tendersodisha.gov.in.

OIPR- Sd./- Er. S. Naik, Executive Engineer, R.W. Division, Rairangpur



DADLS- 65



**ବିଶିଷ୍ଟ ଜନନାୟକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ**

**୨୩.୧୧.୨୦୨୫**

ସମୟ : ସକାଳ ୯ .୩୦ ମିନିଟ୍

ସ୍ଥାନ : ଓଡ଼ିଶା ବିଧାନ ସଭା, ଭୁବନେଶ୍ୱର

ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ, ବାଚସ୍ପତି, ମନ୍ତ୍ରୀ ଓ ବିଧାୟକଗଣ ତଥା ମାନ୍ୟଗଣ୍ୟ ଅତିଥି ମାନଙ୍କ ଦ୍ୱାରା ମାଲ୍ୟାର୍ପଣ

ସମୟ : ସନ୍ଧ୍ୟା ୫.୩୦ ମିନିଟ୍ ସ୍ଥାନ : ଜୟଦେବ ଭବନ, ଭୁବନେଶ୍ୱର

**ସାଧାରଣ ସଭା**

ମୁଖ୍ୟ ଅତିଥି

**ଡ଼ ରବୀନ୍ଦ୍ର ନାରାୟଣ ବେହେରା**

ସାଂସଦ, ଯାଜପୁର

ସମ୍ମାନନୀୟ ବକ୍ତା

**ଶ୍ରୀଯୁକ୍ତ ପ୍ରହଲ୍ଲାଦ କୁମାର ସିଂହ**

ବିଶିଷ୍ଟ ଗାନ୍ଧିବାଦୀ ଚିନ୍ତକ ଏବଂ ସ୍ତମ୍ଭକାର

ମୁଖ୍ୟ ବକ୍ତା

**ଶ୍ରୀଯୁକ୍ତ ଭାଗବତ ଶୁକ୍ଳ**

ବିଶିଷ୍ଟ ଶିକ୍ଷାବିତ ଏବଂ ସ୍ତମ୍ଭକାର

ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ସଭାରେ ଯୋଗଦେବାକୁ ବିନମ୍ର ଅନୁରୋଧ

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-

# ହାଇୱାକୁ ପିଟିଲା ଆମ୍ବୁଲାନ୍ସ, ଜଣେ ମୃତ

ସମ୍ବଲପୁର,୨୨।୧୧(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ଯୁଯୁମୁରା ଥାନା ମହୁଲପାଲି ଫୁଲଝରଣ ଛକ ନିକଟ ଜାତୀୟ ରାଜପଥ(୫୫) ପାର୍ଶ୍ୱରେ ଛିଡ଼ା ହୋଇଥିବା ଏକ ବାଲି ବୋଝେଇ ହାଇୱାକୁ ପଛରୁ ଧକ୍କା ଦେଇ ଏକ ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ସମ୍ମୁଖ ସିଟ୍‌ରେ ବସିଥିବା ଆମ୍ବୁଲାନ୍ସ କର୍ମଚାରୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୫ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ବୁର୍ଲା ଭିମ୍‌ସାର୍‌ରେ ଭର୍ତ୍ତି କରାଯାଇଛି। ମୃତକ ବୌଦ୍ଧ ଜିଲା ଆଦର୍ଶ ଥାନା ଅନ୍ତର୍ଗତ ଲକ୍ଷ୍ମୀପ୍ରସାଦ ଗ୍ରାମର ଆମ୍ବୁଲାନ୍ସ କର୍ମଚାରୀ ତଥା ଆଟେଣ୍ଡାଣ୍ଟ ମାନଭଞ୍ଜନ ସାହୁ। ଯୁଯୁମୁରା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କରିଥିଲା। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଦୁର୍ଘଟଣାଗ୍ରସ୍ତ ହାଇୱା ଓ ଆମ୍ବୁଲାନ୍ସକୁ ପୋଲିସ ଜବତ କରିଛି।



**୫ ଗୁରୁତର**

ମିଳିଥିବା ସୂଚନା ଅନୁସାରେ, ବୌଦ୍ଧରୁ ୧୦୮ ଆମ୍ବୁଲାନ୍ସ(ନଂ.ଓଡି–୦୨–ବିଏଚ୍––୨୮୯୮) ଜଣେ ରୋଗୀଙ୍କୁ ନେଇ ବୁର୍ଲା ଭିମସାରକୁ ଆସୁଥିଲା। ଶନିବାର ଭୋର ପ୍ରାୟ ସାଢ଼େ ୫ଟାରେ ଫୁଲଝରଣ ଛକ ନିକଟ ରାସ୍ତାପାର୍ଶ୍ୱରେ ଛିଡ଼ା ହୋଇଥିବା ଏକ ବାଲି ବୋଝେଇ ହାଇୱାକୁ ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

# ମିଲ୍‌କୁ ପଶୁଛି ଧାନ, ପ୍ରଶାସନ ଚୁପ୍ ବସିଛି

ସୋନପୁର,୨୨।୧୧(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାରେ ଧାନ ଅମଳ ଆରମ୍ଭ ହୋଇଗଲାଣି। ବିନିକା ଓ ଡୁଙ୍ଗୁରିପାଲି ବ୍ଲକର ୨୦% ଜମିରୁ ଧାନ ଅମଳ ହୋଇ ଚାଷୀଙ୍କ ଖଳାରେ ରହିଲାଣି। ଆଗୁଆ ଧାନ ଚାଷ କରିଥିବା ଜିଲାର ଚାଷୀମାନେ ଖରିଫ ଧାନ ଅମଳ କରି ବିକ୍ରି କରିବା ପାଇଁ ପ୍ରସ୍ତୁତ ହେଉଛନ୍ତି। ତେବେ ଜିଲା ପ୍ରଶାସନ ତରଫରୁ ଧାନ କିଣା ନେଇ ସେଭଳି ତତ୍ପରତା ଦେଖାଯାଉନି। ଆସନ୍ତା ୨୪ ତାରିଖରେ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି(ଡିଏଲ୍‌ପିସି) ବୈଠକ ବସିବ। ଏହି ଦିନ ହିଁ ନିର୍ଦ୍ଧାରିତ ହେବ, ଜିଲାରେ କେବେ ଧାନକିଣା ହେବ ଓ କେତୋଟି ଧାନ କ୍ରୟ କେନ୍ଦ୍ର(ପିପିସି)ରେ ଚାଷୀଙ୍କ ନିକଟରୁ ଧାନ ସଂଗ୍ରହ କରାଯିବ। ସେହିଭଳି ଜିଲାର କେତୋଟି ପାକ୍ସ ଓ ଡବ୍ଲ୍ୟୁଏସ୍ଏଚ୍‌ଜି ଜରିଆରେ ଯୋଗାଣ ନିଗମ ପଞ୍ଜୀକୃତ ଚାଷୀଙ୍କ ନିକଟରୁ ଧାନ କିଣିବ ତାହା ମଧ୍ୟ ସ୍ଥିର ହେବ। ନିୟମ ଅନୁଯାୟୀ ଧାନ କ୍ରୟ କେନ୍ଦ୍ରର ତାଲିକା ପଠାଗଲେ ଜିଲାର ଚାଷୀକୁ ଧାନ ବିକ୍ରି ପାଇଁ ସରକାରଙ୍କ ପକ୍ଷରୁ ଟୋକନ ମିଳିବ। ସ୍ୱଳ୍ପ ସମୟ ଭିତରେ କାମଚଳା ଭାବେ ମଣ୍ଡି ସଜାଡିବା ଏବଂ ଆନୁସଙ୍ଗିକ ବ୍ୟବସ୍ଥା କରିବା ପ୍ରଶାସନ ପାଇଁ କାଠିକର ପାଠ ହେବ। ଏହି ଆଶଙ୍କାରେ ସମ୍ଭବତଃ ଧାନକିଣାକୁ ବିଳମ୍ବ କରାଯିବ।

ଡିସେମ୍ବର ଦ୍ୱିତୀୟ ସପ୍ତାହ ପର୍ଯ୍ୟନ୍ତ ଧାନକିଣାକୁ ଟାଳିବାକୁ ଯୋଜନା ଚାଲିଛି। ଜିଲାରେ ୮୫ ପ୍ରତିଶତରୁ ଅଧିକ ଧାନ ଅମଳକ୍ଷମ। ତେଣୁ ଚାଷୀ ଧାନ କଟା କାମ ଜାରି ରଖିଛନ୍ତି। ଆଗକୁ ଲଘୁଚାପଜନିତ ବର୍ଷା ହେବ ବୋଲି ପାଣିପାଗ ବିଭାଗ



ଡୁଙ୍ଗୁରିପାଲି ବ୍ଲକ୍‌ରେ ଟ୍ରାକ୍ଟରରେ ଧାନ ଲୋଡ ହୋଇ ମିଲ୍‌କୁ ଯାଉଛି।

**୨୪ରେ ଡିଏଲ୍‌ପିସି ବୈଠକ**

ପୂର୍ବାନୁମାନ କରିଛି। ଧାନ ନଷ୍ଟ ହେବା ଆଶଙ୍କା କରି ଚାଷୀ ମିଲ୍‌କୁ ସିଧା ଧାନ ନେବାକୁ ଲାଗିଛନ୍ତି। ନଭେମ୍ବର ମାସ ତୃତୀୟ ସପ୍ତାହରୁ ଖରିଫ୍ ଧାନ କିଣିବାକୁ ଚାଷୀନେତା ମାନେ ଦୀର୍ଘ ବର୍ଷ ଧରି ପ୍ରଶାସନ ନିକଟରେ ନେହୁରା ହେଉଛନ୍ତି। ଏଭଳି ସ୍ଥିତିରେ ବର୍ଷା ହେଲେ ଚାଷୀଙ୍କ ଅମଳକ୍ଷମ ଧାନ ବରବାଦ୍ ହେବା ନିଶ୍ଚିତ। ମଣ୍ଡି ଖୋଲିବାକୁ ତିନି ସପ୍ତାହ ବାକି ଥିବା ବେଳେ ଏବେଠୁ ଟ୍ରାକ୍ଟରରେ ମିଲ୍‌କୁ ଧାନ ଗଲାଣି। ଏହି ଧାନକୁ ମିଲିଂ କରି ମିଲର୍ସ ଗତ ରବି ଚାଉଳ ସରକାରଙ୍କୁ ଦେବାକୁ ସୁଯୋଗ ପାଇବେ। ଜିଲାରେ ଏଥର ଧାନ ଭଲ ଉତ୍ପାଦନ ହୋଇଥିବା ବେଳେ ବିଳମ୍ବରେ ମଣ୍ଡି ଖୋଲିବା ଚାଷୀଙ୍କ ପାଇଁ କାଳ ସାଜିବ। ସଅଳ ଅମଳ ହୋଇଥିବା ଧାନ ରଖିବାକୁ ଚାଷୀଙ୍କ ପାଖରେ ସ୍ଥାନାଭାବ। ଏବେ କୌଣସି ସମୟରେ ପାଗ ବିଗିଡିପାରେ। ଏସବୁ ଆଶଙ୍କା କରି ଚାଷୀ ମିଲ୍‌କୁ ସ୍ୱଳ୍ପ ଦରରେ ଧାନ ନେବା ଆରମ୍ଭ କରିଛନ୍ତି। ବିନିକା ଓ ଡୁଙ୍ଗୁରିପାଲି ବ୍ଲକର ବିଭିନ୍ନ ଗ୍ରାମର ରାସ୍ତା ଦେଇ ଟ୍ରାକ୍ଟରରେ ଧାନ ବୋଝେଇ ହୋଇ ବିଭିନ୍ନ ମିଲ୍‌କୁ ଯାଉଛି। ସେଠାରେ ଗୋଦାମରେ ଅନଲୋଡିଂ କରି ଟ୍ରାକ୍ଟର ଅନ୍ୟ ରାସ୍ତାଦେଇ ପୁଣି ଫେରିଆସୁଛି। ତେବେ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହେବେନି ପୂର୍ବ ବର୍ଷ ମାନଙ୍କ ଭଳି ଡିସେମ୍ବର ଦ୍ୱିତୀୟ ସପ୍ତାହରେ ଧାନ କିଣା ଆରମ୍ଭ ହେବ ବୋଲି ଜିଲା ପ୍ରଶାସନ ବାହାସ୍ଫୋଟ ମାରୁଛି। ହେଲେ ବାସ୍ତବରେ ଚିତ୍ର ସମ୍ପୂର୍ଣ୍ଣ ଅଲଗା। ସ୍ଥିତି ସମ୍ପର୍କରେ ପ୍ରଶାସନ ଅବଗତ ଥିଲେ ହେଁ ସଅଳ ଧାନ କିଣା ବ୍ୟବସ୍ଥା ନହେବା ଆଶ୍ଚର୍ଯ୍ୟର କଥା ବୋଲି ଚାଷୀ ସଙ୍ଗଠନଗୁଡିକ ଅଭିଯୋଗ କରିଛନ୍ତି।

# ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ

ଅମରପାଲି,୨୨।୧୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡହତା ରବୀନ୍ଦ୍ରନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶନିବାର ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜ ଅଧ୍ୟକ୍ଷ ଜଗବନ୍ଧୁ ବେରିହା ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ନିଶାଠାରୁ ଛାତ୍ରୀଛାତ୍ରଙ୍କୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଅଧ୍ୟାପକ ଶରତ ଭୋଇ ଛାତ୍ର ଜୀବନରେ ଶୃଙ୍ଖଳା ରହିଲେ ଭବିଷ୍ୟତ ଉଜ୍ୱଳ ହେବ ବୋଲି କହିଥିଲେ। ଅଧ୍ୟାପକ ସଞ୍ଜୟ ସାହୁ ନିଶା ମଣିଷକୁ ମୃତ୍ୟୁମୁଖକୁ ଟାଣି ନିଏ ବୋଲି କହିଥିଲେ। ସ୍ୱେଚ୍ଛାସେବୀ ସୁଶାନ୍ତ ଭୋଇ ଓ ପ୍ରମୋଦ ପଣ୍ଡା ମଦ ବିଭିନ୍ନ ରୋଗର କାରଣ ବୋଲି ଉପସ୍ଥାପନା କରିଥିଲେ। ଶେଷରେ ମଦ ମୁକ୍ତି ଯୁବବାହିନୀର ଜିଲା ସଂଯୋଜକ ସୁଦାମ ଗାଇଗରିଆ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ୨ଶହ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

# ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

ତରଭା,୨୨।୧୧(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଦେଉଳପଦର କୃଷ୍ଣମୋହନ କର୍ମ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଡିଇଓ ତଥା ବିଇଓ ଘନଶ୍ୟାମ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ବ୍ଲକ ଅଧ୍ୟକ୍ଷ ସରୋଜ କର୍ମ ଯୋଗଦେଇ ବାଲ ବୈଜ୍ଞାନିକ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଏବିଇଓ ସତ୍ୟ ନାରାୟଣ ମହାପାତ୍ର, ପିଏମଶ୍ରୀ ତରଭା ବାଳକ ହାଇସ୍କୁଲ ପ୍ରଧାନଶିକ୍ଷକ ମୁରଲୀଧର ବିଶାଳ, ବ୍ଲକ ବିଜ୍ଞାନ ପରିଦର୍ଶକ ସୁରଜ ସେଠୀ, ବିଦ୍ୟାଳୟ ପ୍ରଧାନଶିକ୍ଷକ ଅମୀୟ ମହାନ୍ତି ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଯୋଗଦାନ କରି ପିଲାଙ୍କୁ ବିଜ୍ଞାନ ଶିକ୍ଷା ପ୍ରତି ଆଗ୍ରହ ରଖିବାକୁ ଉଦବୋଧନ ଦେଇଥିଲେ। ପ୍ରଧାନ ଶିକ୍ଷକ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ସଞ୍ଜୀବ ସେଠୀ ଅତିଥି ପରିଚୟ ପ୍ରଦାନ ଓ ପ୍ରଶାନ୍ତ ମିଶ୍ର ମଞ୍ଚ ପରିଚାଳନା କରିଥିଲେ । ପ୍ରଦର୍ଶନୀ ପାଇଁ ଚଳିତ ବର୍ଷର ବିଷୟବସ୍ତୁ ରହିଛି 'ବିକଶିତ ଏବଂ ଆତ୍ମ ନିର୍ଭର ଭାରତ। କନିଷ୍ଠ ଓ ବରିଷ୍ଠ ବିଭାଗରେ ଛାତ୍ରଛାତ୍ରୀମାନେ ଏଥିରେ ଭାଗନେଇଥିଲେ। ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରକଳ୍ପ ଆଣିଥିଲେ।

ଉଦ୍‌ଯାପନୀ ଉତ୍ସବର ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ସତ୍ୟନାରାୟଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର, ସମ୍ମାନିତ ଅତିଥିଭାବେ ପିଏମ୍‌ଶ୍ରୀ ବାଳକ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମୁରଲୀଧର ବିଶ୍ୱାଳ, ଦେଉଳପଦର ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅମିୟ କୁମାର ମହାନ୍ତି, ତରଭା ବ୍ଲକ ବିଜ୍ଞାନ ନିରୀକ୍ଷକ ସୁରଜ କୁମାର ସେଠୀ ଯୋଗଦାନ କରିଥିଲେ। ବିଜ୍ଞାନମେଳାରେ ୭ଟି ଉପବିଭାଗରୁ ସୁରଜ ନାଗ, ମୌସମ ପଧାନ, ରାଜ ମହାକୁଡ, ଶିବ ନାଏକ, ଇଶାରାଣୀ ନାଏକ, ଅନାମିକା ମହାକୁଡ, ଶିବାନୀ ମହାକୁର ଏବଂ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କନିଷ୍ଠ ବିଭାଗରେ ସୁରଜ ନାଗ, ପ୍ରତ୍ୟୁଷା ଜାଲ, ପାୟଲ ନାଏକ, ବରିଷ୍ଠ ବିଭାଗରେ ଶିବ ନାଏକ, ଓମ ସାହୁ, ବବଲି କୁଅଁର ଜିଲ୍ଲାସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀରେ ଯୋଗଦାନ କରିବେ। ସେହିପରି ବରିଷ୍ଠ ବିଭାଗ କୁଇଜ ପ୍ରତିଯୋଗିତାରେ ବିଶ୍ୱଜିତ ଛତ୍ରିଆ ପ୍ରଥମ, ଯଶୋସ୍ୱିତା ବରାଇ ଦ୍ୱିତୀୟ, ଓମ ସାହୁ ତୃତୀୟ ଏବଂ କନିଷ୍ଠ ବିଭାଗରେ ସଲିନି ପଧାନ ପ୍ରଥମ, ଶୀତଲ ମେହେର ଦ୍ୱିତୀୟ ଓ ସିବିଶେକ ଚୌହାନ ତୃତୀୟ ସ୍ଥାନ ହାସଲ କରି ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ। ପ୍ରାଥମିକ ସ୍ତରରେ କେକଟପାଲି ପ୍ରାଥମିକ ବିଦ୍ୟାଳୟର ପୃଥ୍ୱୀରାଜ ସାହୁ ପ୍ରଥମ, ଡୁଲୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଆର୍ଯ୍ୟାସ୍ମିତା ମିଶ୍ର ଦ୍ୱିତୀୟ ଏବଂ ଦେଉଳପଦର୍ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସତ୍ୟନାରାୟଣ ମିଶ୍ର ଓ କୁଟଶିରା ପ୍ରାଥମିକ ବିଦ୍ୟାଳୟର ପ୍ରିୟଲକ୍ଷ୍ମୀ ମହାନନ୍ଦ ତୃତୀୟ ସ୍ଥାନ ହାସଲ କରିଥିଲେ। ଶିକ୍ଷକ ଗୋପବନ୍ଧୁ ଝାଙ୍କର ଅତିଥି ପରିଚୟ, ଶିକ୍ଷକ ନୀଳକଣ୍ଠ ବରର୍ତ୍ତି ମଞ୍ଚ ପରିଚାଳନା କରିଥିଲେ।



ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ସଭାରେ ମଞ୍ଚାସୀନ ଅତିଥି।

# ବାଗବର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

ବୀରମହାରାଜପୁର,୨୨।୧୧ (ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବାଗବର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ତଥା ବିଜ୍ଞାନ ମେଳା ଶନିବାର ପୂର୍ବାହ୍ନ ୧୦ଟା୩୦ରେ ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ଛାତ୍ରୀଛାତ୍ରମାନେ ବିଭିନ୍ନ ବିଷୟଭିତ୍ତିରେ ୧୫ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଆୟୋଜିତ ସାଧାରଣ ସଭାରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ଲକ୍ଷ୍ମୀନାରାୟଣ ସାହୁ ଅଧ୍ୟକ୍ଷତା କରିଥିଲେ। ବୀରମହାରାଜପୁର ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ନିରଞ୍ଜନ ଦାଶ ମୁଖ୍ୟ ଅତିଥି ତଥା ବିଜ୍ଞାନ ନିରୀକ୍ଷକଭାବେ ଯୋଗଦାନ କରି ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରକଳ୍ପର ପ୍ରଶଂସା କରିଥିଲେ। ଅନ୍ୟତମ ନିରୀକ୍ଷକଭାବେ ଜଟେଟସିଂହା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ କେଶବ ନାୟକ ଯୋଗଦେଇ ପ୍ରକଳ୍ପଗୁଡିକର ମୂଲ୍ୟାୟନ କରିଥିଲେ। ଏ ସମସ୍ତ କାର୍ଯ୍ୟରେ ଶିକ୍ଷକ ସୁରେନ୍ଦ୍ର କୁମାର ଓତା, ଶିକ୍ଷୟିତ୍ରୀ ଗୌରୀ କୁମୁରା, ମୌସୁମୀ ଭୋଇ ସହଯୋଗ କରିଥିଲେ। ଶିକ୍ଷକ ପ୍ରଭୁଦତ୍ତ ବେଦୋଲ୍ତା ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ମିନାକ୍ଷୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଆସନ୍ତା ୨୫ ତାରିଖରେ ବୀରମହାରାଜପୁର ବ୍ଲକସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ସାଗୁରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହେବ।

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER MINOR IRRIGATION DIVISION, KEONJHAR**
**NOTICE INVITING TENDER e-Procurement**
Bid ID No. 06 SEMID (KJR/2025-2026) Dt.20.11.2025

No. A-962: The Superintending Engineer, Minor Irrigation Division, Keonjhar on behalf of the Governer of Odisha invites online percentage rate tender through "e" procurement to be received in online mode for the works as detailed in the Annexure to this bid notice.

| | |
|---|---|
| Name of Work | Civil Construction works |
| No. of Works | 3 (Three) Nos. |
| Estimaed Cost | Various from Rs.59.45 lakhs to Rs.82.76 lakhs approximately |
| Tender Paper Cost | Mentioned in Column No. 6 of Tender Call Notice |
| Period of Completion | 3 (Three) Calendar Months |
| Availability of Bid Documents | From 27.11.2025 to 06.12.2025 in Website (www.tenderorissa.gov.in) |
| Period of receipt of Bid through online | From 27.11.2025 to 06.12.2025 through online |
| Date of Opening of Technical Bid Documents | At 11.00 A.M. on 08.12.2025 in the Office Chamber of the Superintending Engineer, M.I. Division, Keonjhar |
| Date of Opening of Financial Bid Documents | At 11.00 A.M. on 11.12.2025 in the Office Chamber of the Superintending Engineer, M.I. Division, Keonjhar |
| Date of Lottery | At 11.00 A.M. on 18.12.2025 in the Office Chamber of the Superintending Engineer, M.I. Division, Keonjhar |
| Digital Signature Certificate of Bidder | The bidder must possess compatible Digital Signature Certificate (DSC) of Class-II or Class - III |
| Name and address of the OIT | Superintending Engineer, M.I. Division, Keonjhar, Near Parkline Keonjhar, At/P.O.: Keonjhar, Dist.: Keonjhar, PIN - 758001, E-Mail ID: eemikjr@yahoo.co.in |

Further details can be seen from the website: www.tendersorissa.gov.in.
Sd./- (Er. Rashmi Rekha Chattar)
OIPR- Superintending Engineer, M.I. Division, Keonjhar

**OFFICE OF THE EXECUTIVE ENGINEER**
**SUBERNAREKHA CANAL DIVISION, JAMSHEDPUR**
(Email ID: - eescdjsr.chandil@gmail.com)
**E-Procurement Tender Notice (e-Tender Notice)**
E-Tender Ref. No.: WRD/SCD/JSR/F2-01/2025-26
DATE- 21.11.2025

| | | |
|---|---|---|
| 1. | Name of Work | Repair and Maintenance of Kitanala Dam (at Ch. Km. 43.30 of CLMC). |
| 2. | Estimated cost of work (in INR) | Rs. 10093585.79 (Rupees 1 Crore ninety-three thousands five hundreds eighty five rupees and seventy nine paise only) |
| 3. | Initial Bid Security ((in INR) | Rs.201900/- (Rupees two lakh One thousands Nine Hundred only) |
| 4. | Initial Bid Security in the shape of | Initial Bid Security- As per SOP issued by Information Technology and E-Governance Department, Govt. of Jharkhand. Vide letter no-120 dated-03.10.2023 |
| 5. | Cost of Bidding Documents | Rs. 10,000.00 (Rupees ten thousand only) |
| 6. | Time of completion | 11 (Eleven) Months |
| 7. | Date of Publication of Tender on Website | 26.11.2025 (5:00 P.M.) |
| 8. | Start Date of Bidding | 26.11.2025(5:00 P.M.) |
| 9. | Last Date and time for online Bidding | 15.12.2025 up to 5.00 P.M |
| 10 | Last Date & Time for receipt of Bid Security and other Documents in online form | 15.12.2025 Through e-Tendering Portal www.jharkhandtenders.gov.in - As per SOP issued by Information Technology and E-Governance Department, Govt. of Jharkhand. Vide letter no-120 dated-03.10.2023 |
| 11 | Date & Time for opening of Technical Bid | 16.12.2025 At 3.00 P.M by E-procurement cell office of the Chief Engineer, Swarnrekha Project chandil complex Adityapur, Jamshedpur. |
| 12 | Name & Address of office inviting Tender | Executive Engineer,Subernarekha Canal Division, Jamshedpur. |
| 13 | Contact no. of Procurement officer | 7903560727 |
| 14 | Helpline no. of E-Procurement Cell | 0657-2371765 |

Above informations are only indicative. Detail NIT Published on Tender Portal shall be final and mandatory. Details can be seen on Website http://jharkhandtenders.gov.in
Executive Engineer
Subernarekha Canal Division,
PR 366797 (Water Resource)25-26*D Jamshedpur.

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ.50/ET/SBP/ENGG/2025-26, ତା.13.11.2025ରିଖ

(1)ଇ-ଟେଣ୍ଡର ସଂ.51-eT-DENS-SBP-25
କାର୍ଯ୍ୟର ନାମ : ସହାୟକ ମଣ୍ଡଳ ଯନ୍ତ୍ରୀ/ମୁନିଗୁଡ଼ା ପରିସୀମା ଅଧୀନସ୍ଥ ନରଲା ରୋଡ୍-ଥେରୁବାଲି ସେକ୍ସନରେ ବିଭିନ୍ନ ସ୍ଥାନଗୁଡ଼ିକ ଠାରେ ସେବ୍-ମରାମତି କାର୍ଯ୍ୟଗୁଡ଼ିକର ସମାଧାନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 2,95,79,412/-, ବିଡ୍ ସିକ୍ୟୁରିଟି (ଟଙ୍କାରେ): 2,97,900/-।

(2)ଇ-ଟେଣ୍ଡର ସଂ.27-eT-SDENW-SBP-25
କାର୍ଯ୍ୟର ନାମ : ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ପଶ୍ଚିମ/ସମ୍ବଲପୁର ପରିସୀମା ଅଧୀନସ୍ଥ ନୂଆପଡ଼ା ରୋଡ୍-ଲାଖୋଲି ସେକ୍ସନରେ ବିଭିନ୍ନ ସ୍ଥାନଗୁଡ଼ିକ ଠାରେ ସେବ୍-ମରାମତି ଏବଂ ପାର୍ଶ୍ୱ ଡ୍ରେନ୍ କାର୍ଯ୍ୟଗୁଡ଼ିକର ସମାଧାନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 3,03,48,861.98, ବିଡ୍ ସିକ୍ୟୁରିଟି (ଟଙ୍କାରେ): 3,01,800/-।

(3)ଇ-ଟେଣ୍ଡର ସଂ.56-eT-DENE-SBP-25
କାର୍ଯ୍ୟର ନାମ : ଆବଶ୍ୟକତା ଭିତ୍ତିରେ କୋଚ୍‌ରେ ପାଣି ଭରିବା ପାଇଁ ସମ୍ବଲପୁର ସିଟି ରେଳ ଷ୍ଟେସନ ପର୍ଯ୍ୟନ୍ତ 5000 ଲିଟର କ୍ଷମତା ବିଶିଷ୍ଟ ପାଣି ଟାଙ୍କିଗୁଡ଼ିକ ଦ୍ୱାରା ଜଳ ଯୋଗାଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 37,66,875.20, ବିଡ୍ ସିକ୍ୟୁରିଟି (ଟଙ୍କାରେ): 75,400/-।
କାର୍ଯ୍ୟ ଶେଷ ହେବା ଅବଧି : 12 ମାସ (କ୍ରମ ସଂ. 1 ଏବଂ 2 ପାଇଁ) ଏବଂ 04 ମାସ (କ୍ରମ ସଂ. 3 ପାଇଁ)।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.09.12.2025 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ଼ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ),
PR-815/Q/25-26 ସମ୍ବଲପୁର

**GOVERNMENT OF ODISHA** No. O-1550
**OFFICE OF THE SUPERINTENDING ENGINEER, RURAL WORKS DIVISION, RAIRANGPUR (MAYURBHANJ)**
E-Mail ID: eerwrairangpur@yahoo.com
Letter No. // Date:
**"e" Procurement Notice for Road Works | Bid Identification No. - RWDRRP-15/2025-26**

| | | | |
|---|---|---|---|
| 1. | Name of the Work | : | Periodical maintenance of road for the year 2025-26 |
| 2. | Estimated Cost | : | From Rs.8.05 to 13.39 lakhs (approximately) |
| 3. | Class of Contractor | : | "D", "C" Class or relevant Class of works licence |
| 4. | Period of Completion | : | As per Annexure |
| 5. | Tender paper cost | : | As per Annexure |

The details are as follows

| Procurement Officer | Bid Identification No. | Availability of Tender Online for Bidding | | Last date and time of seeking Tender Clarification | Date & time of Opening of Tender in O/o. S.E.R.W. Division, Rairangpur Technical Bid & Financial Bid |
|---|---|---|---|---|---|
| | | From | To | | |
| S.E.R.W. Division, Rairangpur | RWDRRP-15/2025-26 | 24.11.2025 at 11.00 A.M. | 01.12.2025 upto 5.00 P.M. | 29.11.2025 upto 5.00 P.M. | 02.12.2025 at 11.30 A.M. |

Further details can be seen from the website www.tendersodisha.gov.in.
OIPR- Sd./- Er. S. Naik, Executive Engineer, R.W. Division, Rairangpur

DADLS- 65



**ବିଶିଷ୍ଟ ଜନନାୟକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ**

**୨୩.୧୧.୨୦୨୫**

ସମୟ : ସକାଳ ୯ .୩୦ ମିନିଟ୍
ସ୍ଥାନ : ଓଡ଼ିଶା ବିଧାନ ସଭା, ଭୁବନେଶ୍ୱର

ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ, ବାଚସ୍ପତି, ମନ୍ତ୍ରୀ ଓ ବିଧାୟକଗଣ ତଥା ମାନ୍ୟଗଣ୍ୟ ଅତିଥି ମାନଙ୍କ ଦ୍ୱାରା ମାଲ୍ୟାର୍ପଣ

ସମୟ : ସନ୍ଧ୍ୟା ୫.୩୦ ମିନିଟ୍ ସ୍ଥାନ : ଜୟଦେବ ଭବନ, ଭୁବନେଶ୍ୱର

**ସାଧାରଣ ସଭା**

ମୁଖ୍ୟ ଅତିଥି
**ଡ଼ ରବୀନ୍ଦ୍ର ନାରାୟଣ ବେହେରା**
ସାଂସଦ, ଯାଜପୁର

ସମ୍ମାନନୀୟ ବକ୍ତା
**ଶ୍ରୀଯୁକ୍ତ ପ୍ରହଲ୍ଲାଦ କୁମାର ସିଂହ**
ବିଶିଷ୍ଟ ଗାନ୍ଧିବାଦୀ ଚିନ୍ତକ ଏବଂ ସ୍ତମ୍ଭକାର

ମୁଖ୍ୟ ବକ୍ତା
**ଶ୍ରୀଯୁକ୍ତ ଭାଗବତ ଶୁକ୍ଳ**
ବିଶିଷ୍ଟ ଶିକ୍ଷାବିତ ଏବଂ ସ୍ତମ୍ଭକାର

ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ସଭାରେ ଯୋଗଦେବାକୁ ବିନମ୍ର ଅନୁରୋଧ

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ
OIPR-

# ସରକାରୀ ମହିଳା କଲେଜରେ ବିଶ୍ୱ ଐତିହ୍ୟ ସପ୍ତାହ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅଧ୍ୟାପିକାଅଧ୍ୟାପକ।

**ସୁନ୍ଦରଗଡ଼,୨୨।୧୧ (ଜୟ ନାରାୟଣ ମେଶ୍ରୁଲି)**

ସୁନ୍ଦରଗଡ଼ ସରକାରୀ ମହିଳା ମହାବିଦ୍ୟାଳୟ ଇତିହାସ ବିଭାଗ ଦ୍ୱାରା ବିଶ୍ୱ ଐତିହ୍ୟ ସପ୍ତାହ ପାଳନ ସହ ଅତିରିକ୍ତ ବକ୍ତୃତା ପଶ୍ଚିମ ଓଡ଼ିଶାର ବିସ୍ମୃତ ଐତିହ୍ୟର ଉନ୍ମୋଚନ: ପ୍ରତ୍ନତତ୍ତ୍ୱ, ସଂସ୍କୃତି ଏବଂ ପରିଚୟ ବିଷୟରେ ଏକ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଆଲୋଚନାଚକ୍ରରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ ମୁଖ୍ୟ ଡ. ଅତୁଲ କୁମାର ପ୍ରଧାନ ମୁଖ୍ୟ ବକ୍ତାଭାବେ ଯୋଗଦେଇ ପଶ୍ଚିମ ଓ ବିଭିନ୍ନ ଐତିହାସିକ ସ୍ଥଳୀ ସମ୍ପର୍କରେ ଛାତ୍ରୀଙ୍କୁ ତଥ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମର ଆବାହିକା ଇତିହାସ ବିଭାଗର ମୁଖ୍ୟ ନଳିନୀ ଭିତ୍ରିଆ ଅତିଥି ପରିଚୟ ପ୍ରଦାନ କରି କାର୍ଯ୍ୟକ୍ରମ ସମ୍ପର୍କରେ ନିଜର ଅଭିଭାଷଣ ପ୍ରଦାନ କରିଥିଲେ ଏବଂ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ତଥା ଆଇକ୍ୟୁଏସି ସଂଯୋଜକ ଡ. ସାରଦା ପ୍ରସାଦ ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଇତିହାସ ବିଭାଗର କୃତୀ ଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଧ୍ୟାପକ ତପନ ବିଶାଳ, ଅଧ୍ୟାପିକା ମାନିନୀ ପ୍ରଧାନ, ରୁବୀ କୁମାରୀ ଶାହାଙ୍କ ସମେତ ମହାବିଦ୍ୟାଳୟର ଅନ୍ୟ ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀମାନେ ଉପସ୍ଥିତ ଥିଲେ। ଅଧ୍ୟାପକ ଅମୃତ କେରକେଟା ସଭା ପରିଚାଳନା କରିଥିବା ବେଳେ ଅଧ୍ୟାପକ ଆଲୋକ ରଞ୍ଜନ ମହନ୍ତ ଧନ୍ୟବାଦ ପ୍ରଦାନ କରିଥିଲେ।

# ଶୃଙ୍ଖଳା, ପରିଶ୍ରମ ସଫଳତାର ଚାବିକାଠି

**ବଡ଼ଗାଁ,୨୨।୧୧(ଅଶୋକ ଷଡଙ୍ଗୀ)**

ଆମେ ସମସ୍ତେ ଶୃଙ୍ଖଳିତ ରହି କଠିନ ପରିଶ୍ରମ କଲେ ନିଶ୍ଚୟ ସଫଳତା ହାସଲ କରିବା। ଶାରୀରିକ ସୁସ୍ଥତା ପାଇଁ କ୍ରୀଡ଼ାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସୁନ୍ଦରଗଡ଼ ଜିଲା ବଡ଼ଗାଁ ସ୍ଥିତ ପଞ୍ଚାୟତ ସମିତି ସ୍ୱାତକ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉପଜିଲାପାଳ ଭବାନୀ ଶଙ୍କର ଭୋଇ ମନ୍ତବ୍ୟ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ବଡ଼ଗାଁ ବିଡିଓ ପୂର୍ଣ୍ଣଚନ୍ଦ୍ର ଭୋଇ, ସମ୍ମାନିତ ଅତିଥିଭାବେ ନର୍ସିଂ କଲେଜର ଚେୟାରମ୍ୟାନ ଡ. ଅରୁଣ କୁମାର ନାୟକ, ଭାଜପା ଯୁବନେତା ଅମୀର ନାଏକ ପ୍ରମୁଖ ବ୍ୟକ୍ତିମାନେ ଅଂଶଗ୍ରହଣ କରିଥିଲେ। ସ୍ୱାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ହେମନ୍ତ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଶନିବାର ଉଦ୍‌ଯାପନୀ ଉତ୍ସବରେ ଆଇଆଇସି ବାଲୁଙ୍କେଶ୍ୱର ନାଏକ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଭାବେ ବଡ଼ଗାଁ ରେଞ୍ଜର ପ୍ରଦୀପ କୁମାର ଭୁଟିଆ, କୃଷି ଅଧିକାରୀ ରିତୁ ରାଣୀ କାଲୋ ଯୋଗଦେଇଥିଲେ। ସଭାକୁ କଲେଜର କ୍ରୀଡ଼ା ସଂଯୋଜକ ତାପସ କର ପରିଚାଳନା କରିଥିଲେ। ଉତ୍ସବରେ ୨୧ଟି ବିଭାଗକୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବାଳକ ବିଭାଗରେ ବୁଦ୍ଧନ କିସାନ, ବାଳିକା ବିଭାଗରେ ଗୀତା ମିଞ୍ଜ ଓ ବେଷ୍ଟ ଭଲେଣ୍ଟିୟର ଭାବେ ନକୁଲ ଟପ୍ପୋ ଓ ଯଶୋବନ୍ତି ବେହେରାଙ୍କ ସମେତ ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଅଧ୍ୟାପିକା ମାଳବିକା ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



କୃତି ଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

# ମହିଳା ଟ୍ରେନ୍ ଯାତ୍ରୀଙ୍କ ପର୍ସ ଚୋରି

**ରାଉରକେଲା,୨୨।୧୧(ସଙ୍ଗୀତା ଜେନା)**

ଟାଟାରୁ ଗୁଜୁରାଟ ଯାଉଥିବା ଏକ ଦୂରଗାମୀ ଟ୍ରେନରେ ଶୁକ୍ରବାର ବିଳମ୍ବିତ ରାତିରେ ଜଣେ ମହିଳା ଯାତ୍ରୀଙ୍କ ମନିପର୍ସ ଚୋରି ହୋଇଥିବା ସୂଚନା ମିଳିଛି। ଉକ୍ତ ପର୍ସରେ ୩ଟି ସୁନା ଚେନ୍, ସୁନାମୁଦି ଏବଂ ୪୦ ହଜାର ଟଙ୍କା ଥିଲା। ଚୋରି ସୁନାର ମୂଲ୍ୟ ୬ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ରାଉରକେଲା ଷ୍ଟେଶନରେ ପହଞ୍ଚିବା ପରେ ରାତି ୮ଟାରେ ପର୍ସ ଚୋରି ହୋଇଥିବା ଜାଣି ମହିଳା ଜଣଙ୍କ ଆରପିଏଫ୍‌ରେ ଏତଲା ଦେଇଥିଲେ। ଆରପିଏଫ୍ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି।

# ନାରୀକୁ ସମ୍ମାନ ମିଳିଲେ ଉତ୍କୃଷ୍ଟ ସମାଜ ଗଠନ ହେବ

**ସୁନ୍ଦରଗଡ଼,୨୨।୧୧(ଜୟ ନାରାୟଣ ମେଶ୍ରୁଲି)**

ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ ଅନ୍ତର୍ଗତ କଣ୍ଡାବାହାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶୁକ୍ରବାର ରାଜନୀତି ବିଜ୍ଞାନ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷା ମହାରାଣୀ ଲାରଙ୍ଗଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ମୁଖ୍ୟ ବକ୍ତାଭାବେ ପଞ୍ଚାୟତ ସମିତି ମହାବିଦ୍ୟାଳୟ ବାଲିଶଙ୍କରାର ରାଜନୀତି ବିଜ୍ଞାନ ଅଧ୍ୟାପିକା ତନୟା ପଟେଲ ଯୋଗଦେଇ ଶୀର୍ଷକ 'ଭାରତରେ ନାରୀ ଆନ୍ଦୋଳନ' ସମ୍ପର୍କରେ ଆଲୋଚନା କରି ନାରୀକୁ ସମ୍ମାନ ମିଳିଲେ ଉତ୍କୃଷ୍ଟ ସମାଜ ଗଠନ ହେବ ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ ବନଡେଗା ପଞ୍ଚାୟତର ସରପଞ୍ଚ ଲକ୍ଷ୍ମୀପ୍ରିୟା ଲାକରା ଯୋଗଦେଇ କହିଥିଲେ, ଯୁଗ ଯୁଗ ଧରି ନାରୀ ଅତ୍ୟାଚାରିତ ହୋଇଆସୁଛି। ତା'ର ସମାଧାନ କରିବା ଆମ ସମସ୍ତଙ୍କ ଦାୟିତ୍ୱ। ନାରୀଙ୍କୁ ସଦାସର୍ବଦା ସମ୍ମାନ ଦେବା ପାଇଁ ଅଧ୍ୟକ୍ଷା ମହାରାଣୀ ଲାରଙ୍ଗ ଛାତ୍ରୀଛାତ୍ରଙ୍କୁ ଉପଦେଶ ଦେଇଥିଲେ। ବିଦ୍ୟାଳୟର ଅଧ୍ୟାପିକା ଜ୍ୟୋତ୍ସ୍ନାରାଣୀ ବେହେରା ଶୀର୍ଷକ ସମ୍ପର୍କରେ କହିଥିଲେ ନାରୀ ଆନ୍ଦୋଳନକୁ ରୋକିବାକୁ ହେଲେ ଆମକୁ ତା'ପ୍ରତି ସଚେତନ ହେବାକୁ ପଡ଼ିବ। ଅଧ୍ୟାପକ ପ୍ରଶାନ୍ତ କୁମାର ମେହେର ଓ କ୍ରୀଡ଼ା ଶିକ୍ଷକ ପ୍ରଦୀପ କୁମାର ଜେନା ଶୀର୍ଷକ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ଆଲୋଚନାଚକ୍ର ଗୁଡିକରେ ଛାତ୍ରୀଛାତ୍ରମାନେ ପ୍ରବନ୍ଧ ପାଠ କରିଥିଲେ। ବିଦ୍ୟାଳୟର ଅଧ୍ୟାପିକା ପ୍ରେମଶିଳା କୁଜୁର, ଅଧ୍ୟାପିକା ପ୍ରମିଳା ସଏ, ଅଧ୍ୟାପିକା ଅମ୍ରିତା ପଧାନ, ଶିକ୍ଷୟିତ୍ରୀ ପ୍ରଭିତ ଟପ୍ପୋ, ନିଲମ ଖାଲକୋ, ସୁକାନ୍ତି ନାଏକ, ପୂର୍ଣ୍ଣିମା କିଶନ, ଦିପ୍ତିରାଣୀ ପଲେଇ, ବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହଯୋଗରେ ଆଲୋଚନାଚକ୍ର ପରିଚାଳିତ ହୋଇଥିଲା।

**କଣ୍ଡାବାହାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରାଜନୀତି ବିଜ୍ଞାନ ପାଠଚକ୍ର**




ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

# ପୂଜକଙ୍କ ପୁଣ୍ୟତିଥିରେ ସେବାକାର୍ଯ୍ୟ

**ରାଉରକେଲା,୨୨।୧୧(ସଙ୍ଗୀତା ଜେନା)**

ମାଲଗୋଦାମ ରାଧାକୃଷ୍ଣ ମନ୍ଦିରର ପୂଜକ ଗୋଲକ ଚନ୍ଦ୍ର ପାଢ଼ୀଙ୍କ ୫ମ ପୁଣ୍ୟତିଥି ଅବସରରେ ଶନିବାର ମଧ୍ୟାହ୍ନ ୧୨ଟାରେ ସେବା କାର୍ଯ୍ୟ ଅନୁଷ୍ଠିତ ହୋଇଛି। ଏହି କ୍ରମରେ ସେକ୍ଟର-୬ସ୍ଥିତ କୃଷ୍ଣ କଲୋନି ଅନ୍ତେବାସୀଙ୍କୁ ଖାଦ୍ୟ, ପାନୀୟ ଓ ଅନ୍ୟ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଗତ ଶନିବାର ମାଲଗୋଦାମ ଅଞ୍ଚଳରେ ପୂଜକ ପାଢ଼ୀଙ୍କ ଉଦ୍ଦେଶ୍ୟରେ ସାମୂହିକ ଭୋଜନ ବ୍ୟବସ୍ଥା କରାଯାଇଥିଲା। ସୂଚନାଯୋଗ୍ୟ, ସ୍ୱର୍ଗତ ପାଢ଼ୀ ଦୀର୍ଘବର୍ଷରୁ ଉଭୟ ମନ୍ଦିର ଏବଂ ସ୍ଥାନୀୟ ଲୋକଙ୍କ ସେବା କରୁଥିଲେ।

# ଲୌହ ସାମଗ୍ରୀ ଚୋରି, ୫ ଗିରଫ

**କୁଆଁରମୁଣ୍ଡା,୨୨।୧୧(ମହେନ୍ଦ୍ର କୁମାର ସାହୁ):** ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ହାତିବାରି ରୋଡରେ ଥିବା ସର୍ଭେଶ ରିଫ୍ରାକ୍ଟରିରୁ ଲୌହ ସାମଗ୍ରୀ ଚୋରି ଘଟଣାରେ ଶନିବାର ପୋଲିସ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ କାଲୋସିହିରିଆ ଗ୍ରାମର ସନ୍ତୋଷ ତନ୍ତି(୩୫), ସୁଦର୍ଶନ ଯୋଜୋ(୨୩), ଆଲଫନସ ବିଲୁଙ୍ଗ(୨୯), କୈଳାଶ ହରୋ(୧୯) ଓ ବିଜୟ ଉର୍ମା(୨୭)। ସେମାନଙ୍କ ଠାରୁ ପୋଲିସ ଚୋରି ଲୌହ ସାମଗ୍ରୀ ଜବତ କରିଛି ବୋଲି ଫାଣ୍ଡି ଅଧିକାରୀ ଅଭୟ ମହାପାତ୍ର ସୂଚନା ଦେଇଛନ୍ତି। ଏନେଇ ବୀରମିତ୍ରପୁର ଥାନାରେ ଏକ ମାମଲା ରୁଜୁ ହୋଇଛି। ମଙ୍ଗଳବାର ବିଳମ୍ବିତ ରାତିରେ ପାଚେରୀ ଡେଇଁ ଦୁର୍ବୃତ୍ତମାନେ ଉକ୍ତ କାରଖାନାର ଲୁହା ରଡ ଓ ଛାଞ୍ଚ ଆଦି ପ୍ରାୟ ଏକ ଲକ୍ଷ ଟଙ୍କା ମୂଲ୍ୟର ସାମଗ୍ରୀ ଚୋରି କରିଥିଲେ। ଏନେଇ କାରଖାନା ପକ୍ଷରୁ ବୁଧବାର କୁଆଁରମୁଣ୍ଡା ଫାଣ୍ଡିରେ ଅଭିଯୋଗ କରାଯାଇଥିଲା।

# ଦେଶୀ ମଦ ଜବତ, ଜଣେ ମହିଳା ଗିରଫ

**ବଣ୍ଡାମୁଣ୍ଡା,୨୨।୧୧ (ସୁବ୍ରତ ଦେ)**

ବଣ୍ଡାମୁଣ୍ଡା ଅଞ୍ଚଳରେ ବେଆଇନ ଦେଶୀ ମଦ ବ୍ୟବସାୟ ଉପରେ ଅଙ୍କୁଶ ଲଗାଇବା ପାଇଁ ପୋଲିସ ଶନିବାର ଅପରାହ୍ନରେ ମଦ ବିରୋଧି ଅଭିଯାନ ଚଳାଇ ତିଳକାନଗରର ଜଣେ ମହିଳାଙ୍କୁ ଗିରଫ କରିଛି। ଗିରଫ ମହିଳାଙ୍କ ନାଁ ସରସ୍ୱତୀ ଗାଗରାଇ (୫୩)। ପୋଲିସ ତାଙ୍କ ନିକଟରୁ ପ୍ରାୟ ୪୦ ଲିଟର ବେଆଇନ ଦେଶୀ ମଦ ଜବତ କରିଛି। ଏହାସହ ଏକ ମାମଲା ରୁଜୁ କରି ମହିଳାଙ୍କୁ କୋର୍ଟ ଚାଲାଣ କରିଛି। ଉଲ୍ଲେଖନୀୟ ଯେ, ଗତ କିଛି ମାସ ଧରି ବଣ୍ଡାମୁଣ୍ଡା ସମେତ ଫଟାପାଇପ, ଉଷମ ବସ୍ତି, କୋଇଲାଗେଟ, ତିଳକାନଗର, ଆର୍‌ଏସ କଲୋନୀ, ଜୋବାଘାଟ, ଜାମସେରା ସ୍ଥାନରେ ବହୁ ପରିମାଣରେ ଦେଶୀ ମଦର ପାଉଚ ବିକ୍ରି ହେଉଥିବା ଅଭିଯୋଗ ହେଉଛି।


GOVERNMENT OF ODISHA
OFFICE OF THE SUPERINTENDING ENGINEER MINOR IRRIGATION DIVISION, KEONJHAR
NOTICE INVITING TENDER e-Procurement
Bid ID No. 06 SEMID (KJR/2025-2026) Dt.20.11.2025

No. A-962: The Superintending Engineer, Minor Irrigation Division, Keonjhar on behalf of the Governor of Odisha invites online percentage rate tender through "e" procurement to be received in online mode for the works as detailed in the Annexure to this bid notice.

| | |
|---|---|
| Name of Work | Civil Construction works |
| No. of Works | 3 (Three) Nos. |
| Estimated Cost | Various from Rs.59.45 lakhs to Rs.82.76 lakhs approximately |
| Tender Paper Cost | Mentioned in Column No. 6 of Tender Call Notice |
| Period of Completion | 3 (Three) Calendar Months |
| Availability of Bid Documents | From 27.11.2025 to 06.12.2025 in Website (www.tenderorissa.gov.in) |
| Period of receipt of Bid through online | From 27.11.2025 to 06.12.2025 through online |
| Date of Opening of Technical Bid Documents | At 11.00 A.M. on 08.12.2025 in the Office Chamber of the Superintending Engineer, M.I. Division, Keonjhar |
| Date of Opening of Financial Bid Documents | At 11.00 A.M. on 11.12.2025 in the Office Chamber of the Superintending Engineer, M.I. Division, Keonjhar |
**ଭବାନୀପାଟଣା,୨୨।୧୧(ଉତ୍ତମ କୁମାର ଦାଶ)**





କଳାହାଣ୍ଡି ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ।

କଳାହାଣ୍ଡି ଜିଲା ଚାଷରେ ଆଗୁଆ ଥିବାବେଳେ କର୍ମଚାରୀ ଅଭାବ ଯୋଗୁ କୃଷି ବିଭାଗ ସେବା ଯୋଗାଇବାରେ ପଛୁଆ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଜିଲା କୃଷି ବିଭାଗରେ ୪୨୦ ପଦବୀ ମଧ୍ୟରୁ ୧୮୧ଟି ଖାଲି ପଡ଼ିଥିବା ଜଣାପଡ଼ିଛି। ପ୍ରକାଶ ଯେ, କଳାହାଣ୍ଡି ଜିଲାରେ ଇନ୍ଦ୍ରାବତୀ ବହୁମୁଖୀ ଜଳ ପ୍ରକଳ୍ପ, ରେତ ପ୍ରକଳ୍ପ, ଉତ୍ତେଇ ଜଳସେଚନ ପ୍ରକଳ୍ପ, କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ମେଗାଲିଫ୍ଟ ପ୍ରକଳ୍ପ ସମେତ ବିଭିନ୍ନ ଜଳସେଚନ ପ୍ରକଳ୍ପ ଯୋଗୁ ଅଧିକ ଫସଲ ଉତ୍ପାଦନ ହେଉଛି। ଜିଲାରେ ୩୮ ପ୍ରତିଶତରୁ ଅଧିକ ଜମି ଜଳସେଚିତ ହେଉଛି। ଉଭୟ ଖରିଫ ଓ ରବିଋତୁରେ ଜିଲାରେ ପ୍ରାୟ ୬୦ ଲକ୍ଷ କୁଇଣ୍ଟାଲ ଧାନ ବିକ୍ରି ହେଉଛି। ଫଳରେ କଳାହାଣ୍ଡି ଜିଲା ସମଗ୍ର ଓଡ଼ିଶାରେ ଦ୍ୱିତୀୟ ଧାନ ଉତ୍ପାଦନକାରୀ ଜିଲା ଭାବରେ ନିଜର ପରିଚୟ ସୃଷ୍ଟି କରିପାରିଛି। ସେହିପରି ଡାଲିଜାତୀୟ ଫସଲ ଓ କପା ଉତ୍ପାଦନରେ ପ୍ରଥମ ସ୍ଥାନରେ ରହିଛି। କିନ୍ତୁ କୃଷି ବିଭାଗରେ କର୍ମଚାରୀ ଅଭାବ ଯୋଗୁ ବିଭିନ୍ନ ସରକାରୀ ଯୋଜନା ପହଞ୍ଚିବା ଓ ଠିକ୍ ଭାବେ ସେବା ଯୋଗାଇବା ମରିଚିକା ପାଲଟିଛି। ଜିଲା ମୁଖ୍ୟ କୃଷି ଉପନିର୍ଦ୍ଦେଶକ ପଦବୀ ବହୁଦିନ ଧରି ଖାଲି ପଡ଼ିଥିବା ବେଳେ ଗତ ୨ଦିନ ତଳେ ନୂତନ ଅଧିକାରୀ ଯୋଗଦେଇଛନ୍ତି। ଜିଲାରେ ୪ଟି ସହକାରୀ ଜିଲା କୃଷି ଅଧିକାରୀ ପଦବୀ ଥିବାବେଳେ ୩ଟି ଖାଲିରହିଛି। ସେହିପରି ଜିଲାର ୧୩ ବ୍ଲକ୍ କୃଷି ଅଧିକାରୀ ପଦ ମଧ୍ୟରୁ ୭ଟି ଖାଲି ପଡ଼ିଛି। ୨ଟି ସହକାରୀ କୃଷି ଉପନିର୍ଦ୍ଦେଶକ ପଦ ଥିବାବେଳେ ଗୋଟିଏ ଖାଲି ପଡ଼ିଛି। ୩୦ଟି ସହକାରୀ କୃଷି ଅଧିକାରୀ ପଦ ମଧ୍ୟରୁ ୧୪ଟି ଖାଲି ପଡ଼ିଛି। ସେହିପରି ସହକାରୀ ବାୟୋ କେମିଷ୍ଟ ଗୋଟିଏ ପଦ ଥିବାବେଳେ ଏହା ମଧ୍ୟ ଖାଲି ରହିଛି। କୃଷି ଓଭରସିଅର ୬୫ଟି ପଦ ମଧ୍ୟରୁ ୩ଟି, ୨୦୪ଟି ଭିଏଡବ୍ଲ୍ୟୁ ପଦ ମଧ୍ୟରୁ ୮୧ଟି ଓ ଅଫିସ କର୍ମଚାରୀ ୧୦୦ଟି ମଧ୍ୟରୁ ୭୧ଟି ପଦ ଖାଲିରହିଛି। ଜିଲାରେ ସମୁଦାୟ ୪୨୦ଟି ପଦ ଥିବାବେଳେ ୧୮୧ଟି ଖାଲି ରହିଛି। ଇନ୍ଦ୍ରାବତୀ ପ୍ରକଳ୍ପ ପରେ ଅଧିକ ଅଞ୍ଚଳ ଜଳସେଚିତ ହୋଇଥିବା ଯୋଗୁ କୃଷି ଉତ୍ପାଦନ ମଧ୍ୟ ବୃଦ୍ଧି ପାଇଛି। କିନ୍ତୁ ସେହି ହିସାବରେ କୃଷି କର୍ମଚାରୀ ପଦ ବହୁଦିନ ଧରି ଖାଲି ରହୁଥିବାରୁ ଚାଷୀମାନେ କୃଷି ବିଭାଗର ବହୁ ଯୋଜନାର ଲାଭ ଉଠାଇପାରୁନାହାନ୍ତି। ରାଜ୍ୟ ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଚାଷୀ ମହଲରେ ଦାବି ହେଉଛି। ଏ ନେଇ ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରୁ ଜିଲାରେ ଅନେକ ପଦବୀ ଖାଲି ଥିବାରୁ କାର୍ଯ୍ୟ ପରିଚାଳନାରେ ଅସୁବିଧା ହେଉଛି। ସରକାର ଖାଲି ଥିବା ପଦବୀ ପୂରଣକଲେ ଏହାର ସମାଧାନ ହେବ ବୋଲି ସେ କହିଥିଲେ।

## ଖଡ଼ିଆଳ କଲେଜରେ ଜାତୀୟ ସମ୍ମାନ





ଜାତୀୟ ସମ୍ମାନରେ ଯୋଗଦେଇଥିବା ଅତିଥି।

**ଖଡ଼ିଆଳ,୨୨।୧୧ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜାତୀୟ ସମ୍ମାନ ଉଦ୍‌ଘାଟିତ ହୋଇଯାଇଛି। ଅଧକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧକ୍ଷତାରେ ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ଡ. ନିବେଦିତା ନାଥ ମୁଖ୍ୟ ଅତିଥି, ପୂର୍ବତନ ଅଧକ୍ଷ ଡ. ଫଣିନ୍ଦମ ଦେଓ, ପୂର୍ବତନ ଭାରତୀୟ ରାଜସ୍ୱ ଆୟକର ଅଧିକାରୀ ଶ୍ରୀକାନ୍ତ ଚାଟାର୍ଜୀ, ଡ. ରଣବୀର ସିଂହ, ମୁଖ୍ୟ ସଂଯୋଜନ ସୁନୀଲ କୁମାର ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଷୟବସ୍ତୁ ସମ୍ପର୍କିତ ତଥ୍ୟ ଉପସ୍ଥାପନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୧୦ଜଣ ନିଜର ମତ ରଖିଥିଲେ। ଡ. ଗୀତାଶ୍ରୀ ପ୍ରିୟମ୍ବଦା ସଂଯୋଜନା କରିଥିବା ବେଳେ ଡ. ସରୋଜ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍‌ଲାଇନ ସେମିନାରରେ ୧୪ ଜଣ ତଥ୍ୟ ଉପସ୍ଥାପନ କରିଥିଲେ।



କାର୍ଯ୍ୟକ୍ରମରେ ଅତିଥି ଓ ବକ୍ତାଙ୍କ ସହ ଛାତ୍ରୀଛାତ୍ର।

## ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଜନଜାତି ଗୌରବ ଦିବସ

**ଭବାନୀପାଟଣା,୨୨।୧୧(ଉତ୍ତମ କୁମାର ଦାଶ)**

ଭବାନୀପାଟଣାସ୍ଥିତ ମା’ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ସମାଜ ବିଜ୍ଞାନ ବିଭାଗ ପକ୍ଷରୁ ଜନଜାତି ଗୌରବ ଦିବସ ପାଳିତ ହୋଇଯାଇଛି। ଏଥିରେ ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ ସଭାପତିତ୍ୱ କରିଥିଲେ। ବୀର ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜୟନ୍ତୀକୁ ସମ୍ମାନ ତଥା ଭକ୍ତିର ଅର୍ଘ୍ୟ ଅର୍ପଣ ପୂର୍ବକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭାରପ୍ରାପ୍ତ କୁଳପତି ଡ଼. ନାଥ ଜନଜାତି ସଂସ୍କୃତି ଓ ଐତିହ୍ୟର ଗୁଣଗାନ କରି ଅଭିଭାଷଣ ପ୍ରଦାନ କରିଥିଲେ। ଉପକୁଳସଚିବ ମେଜର ଡ. ଜୟଦେବ ସାହୁ ଜନଜାତିଙ୍କ ଗୌରବଗାଥା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସରକାରୀ ମହାବିଦ୍ୟାଳୟ, ବଲାଙ୍ଗୀରର ଅଧକ୍ଷ ଡ. କୌତୁକ ପନ୍ଦର ବକ୍ତା ରୂପେ ଉପସ୍ଥିତ ହୋଇ ‘ଜନଜାତି ଜ୍ଞାନ ଓ ଆଧୁନିକ ଆକାଂକ୍ଷା: ପରମ୍ପରା ଓ ଆସନ୍ତାକାଲିର ସେତୁବନ୍ଧ’ ଶୀର୍ଷକରେ ବକ୍ତବ୍ୟ ରଖିଥିଲେ। ଜନଜାତିମାନଙ୍କ ସଂସ୍କୃତି, ଭାଷା ଓ ସାହିତ୍ୟ ଉପରେ ଆଲୋଚନା କରି ସାମ୍ପ୍ରତିକ ସମୟରେ ସେମାନଙ୍କ ସାମାଜିକ, ସାଂସ୍କୃତିକ, ଧାର୍ମିକ, ଅର୍ଥନୈତିକ ଓ ରାଜନୈତିକ ସ୍ଥିତି ସମ୍ପର୍କରେ ବିଶ୍ଳେଷଣ କରିଥିଲେ। ଅଧ୍ୟାପକ ଡ. ସୁବଳ ତାଣ୍ଡି ମଞ୍ଚ ପରିଚାଳନା କରିଥିବାବେଳେ ଡ. ରୋଜାଲିନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ବିଶ୍ୱବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ବିର୍ସା ମୁଣ୍ଡା କପ୍ ଫୁଟ୍‌ବଲ: ତୁଷୁରା ଚାମ୍ପିୟନ

**ରିଷିଡ଼ା, ୨୨।୧୧ (ସୁଶାନ୍ତ ମଲ୍ଲିକ):** ଚତୁର୍ଥ ବାର୍ଷିକ ବିର୍ସା ମୁଣ୍ଡା କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ୨୦୨୫ କର୍ଲାମୁଣ୍ଡା ବ୍ଲକ୍ ପୌରକେଲା ପଞ୍ଚାୟତ ଶିରାବାହାଲ ବିର୍ସା ମୁଣ୍ଡା ଖେଳପଡ଼ିଆରେ ଶନିବାର ଉଦ୍‌ଯାପିତ ହୋଇଯାଇଛି। ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀରେ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଥିବାବେଳେ ଏଥିରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ତୁଷୁରା ଦଳ ଟାଇବ୍ରେକର ଜରିଆରେ କରେଲଧୁଆ ଦଳକୁ ପରାଜିତକରି ଚାମ୍ପିୟନ ହୋଇଛି। ରେଫରି ଭାବେ ପିଙ୍କୁ ଚନ୍ଦନ, ଡୋଲାମଣି ବଗର୍ତ୍ତୀ ଓ ମନୋଜ ପୁଟା ଖେଳ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ କଳାହାଣ୍ଡି ଜିଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂଦେଓ ମୁଖ୍ୟ ଅତିଥି ଓ ଜିଲା ପରିଷଦ ସଭ୍ୟ (କ) ମହେନ୍ଦ୍ର ରଣା, ପୌରକେଲା ସରପଞ୍ଚ ଯଶସ୍ୱିନୀ ଧରୁଆ, ନେହେରୁ ଯୁବକେନ୍ଦ୍ର ସଂଯୋଜକ ସନତ କୁମାର ସାହୁ, ରିଷିଡା ପ୍ୟାକ୍ସ ସଭାପତି ଗୋକୁଳ ମାଝୀ, ରିଷିଡ଼ା ପଞ୍ଚାୟତ ସମିତି ସଭ୍ୟ ନିମାଇଁ ଚରଣ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦାନକରି ଖେଳାଳିମାନଙ୍କୁ ଉତ୍ସାହିତକରି ଟ୍ରଫି ପ୍ରଦାନ କରିଥିଲେ।

## ଅହିର ଯାଦବ ସମାଜର ସମରସ୍ତା ଶୋଭାଯାତ୍ରା

**ନୂଆପଡ଼ା,୨୨।୧୧ (ମକାରୁ ବେମାଲ)**

ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ତରବୋଡ଼ ଧାନମଣ୍ଡି ପ୍ରାଙ୍ଗଣରେ ଶନିବାର ଅହିର ଯାଦବ ସମାଜର ସମ୍ବର୍ଦ୍ଧନା ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛତିଶଗଡ଼, ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ରରୁ ସମରସ୍ତା ଯାତ୍ରାରେ ଆସିଥିବା ଛତିଶଗଡ଼ ମହାସଭା ଯୁବ ସଭାପତି ପ୍ରମାନନ୍ଦ ଯାଦବ, ସମ୍ପାଦକ ନରୋତ୍ତମ ଯାଦବ ଓ ସଂଯୋଜକ ହରିଶ ଯାଦବ ପ୍ରମୁଖଙ୍କୁ ସୀମାନ୍ତ ଖରିଆର ରୋଡ୍‌ଠାରେ ସ୍ୱାଗତ କରାଯାଇ ବାଇକ୍ ଶୋଭାଯାତ୍ରାରେ ତରବୋଡ ପର୍ଯ୍ୟନ୍ତ ନିଆଯାଇଥିଲା। ସେଠାରେ ଯାଦବ ସାମାଜ ସଭାପତି ଶଙ୍କର ଲାଲ ଅହିରଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ଛତିଶଗଡ ମହିଳା ସଭାନେତ୍ରୀ ଲଳିତା ଯାଦବ, ଉତ୍କଳ ଯାଦବ ମହାସଂଘ ସଭାପତି ଲମ୍ବୋଦର ନିଆଲ, ଯାଦବ ସମାଜ ଜିଲା ସଭାପତି ଭରତଲାଲ ରାଉତ, କୋମନା ବ୍ଲକ ସଭାପତି ତାରାଚନ ଥପା, ସମ୍ପାଦକ ଯୋଗେନ୍ଦ୍ର ବାଗ, କୁନୁ କରୁଆଁ, ମାଧୋ ପ୍ରସାଦ ସାହୁ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ସବୁ ରାଜ୍ୟର ଯାଦବ ଏକତ୍ରିତ ହୋଇ ଅନ୍ଧବିଶ୍ୱାସ, କୁସଂସ୍କାରଠାରୁ ଦୂରେଇ ରହି ନାରୀ ଶିକ୍ଷା, ରାଜନୈତିକ, ଅର୍ଥନୈତିକ ଉପରେ ଗୁରୁତ୍ୱ ଦେଲେ ସମାଜ ଆହୁରି ଆଗକୁ ଗତି କରିବ ବୋଲି ମତବ୍ୟକ୍ତ କରିଥିଲେ। ବିଶେଷ କରି ଯାଦବଙ୍କ ଗୋପାଳନ ଉପରେ ପ୍ରାଧାନ୍ୟ ଦେବା ପାଇଁ ଆହ୍ୱାନ କରିଥିଲେ। ସମସ୍ତ ପ୍ରକାର ଯାଦବଙ୍କୁ ଏକତ୍ର କରିବା ଏହି ସମରସ୍ତା ଯାତ୍ରା ପୁରୀ ପର୍ଯ୍ୟନ୍ତ ଯିବ ବୋଲି କୁହାଯାଇଥିଲା। ଅହିର ଯାଦବ ସମାଜ ସମ୍ପାଦକ ଯମୁନାଲାଲ ଯାଦବ, କୋଷାଧକ୍ଷ ଭୋଜରାମ ଅହିର, ଉଦ୍ୟାନବନ୍ଧ ସଭାପତି ଈଶ୍ୱର ଅହିର, ଖରିଆର ରୋଡ୍ ସଭାପତି ବାଳକୃଷ୍ଣ ଅହିର, ରେଙ୍ଗାବାହାଲ ସଭାନେତ୍ରୀ ସରୋଜ ଅହିର ପ୍ରମୁଖ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ।

## ପୋଖରୀ ପୁନରୁଦ୍ଧାର ନାମରେ ଅର୍ଥ ଆତ୍ମସାତ୍ ଅଭିଯୋଗ

**ଥୁଆମୂଳ ରାମପୁର,୨୨।୧୧(ଦୁର୍ଗା କୀର୍ତ୍ତି)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ସଦରଠାରେ ରାଜରାଜୁଡ଼ା ଅମଳର ପୁରୁଷୋତ୍ତମ ସାଗର ଓ ଆଡ଼ିବନ୍ଧ ସାଗର ନାମରେ ୨ ପୋଖରୀ ରହିଛି। ଏହାର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ନାମରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଥିଲେ ବି ଆଖିଦୃଶିଆ କାମ ହୋଇ ନ ଥିବା ଲୋକେ ଅଭିଯୋଗକରି ଅସନ୍ତୋଷ ପ୍ରକାଶ କରିଛନ୍ତି। ସୂଚନା ଅନୁସାରେ ଏହି ଦୁଇ ପୋଖରୀର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପାଇଁ ଡିଏମ୍ଏଫ୍ ପାଣ୍ଠିରୁ ଆର୍ଥିକବର୍ଷ ୨୦୨୩-୨୪ରେ ୨୦ ଲକ୍ଷ ଲେଖାଏ ଟଙ୍କା ଖର୍ଚ୍ଚ କରାଯାଇଥିଲା। ସେହିପରି ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଓ ପଞ୍ଚଦଶ ଓଡ଼ିଶା ଷ୍ଟେଟ ଫାଇନାନ୍ସ କମିଶନରେ ଆର୍ଥିକବର୍ଷ ୨୦୨୩-୨୪, ୨୦୨୪-୨୫ରେ ୫ରୁ ୧୦ ଲକ୍ଷ ଏବଂ ବ୍ଲକ୍ ପାଣ୍ଠି ମିଶାଇ ପାଖାପାଖି ୫୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ହେଲେ ୨ଗୋଟି ପୋଖରୀରେ ପୂର୍ବ ଅପେକ୍ଷା ଅଧିକ ପଙ୍କ ଏବଂ ଚାରିଆଡ଼େ ଅନାବନା ଗଛଲତା ଉଠିଛି। ଏହାଦ୍ୱାରା ପୋଖରୀ ପାଣି ପ୍ରଦୂଷିତ ହୋଇପଡ଼ିଛି। ପୋଖରୀ ପୁନରୁଦ୍ଧାର ନାମରେ ଅର୍ଥ ଆତ୍ମସାତ୍ କରାଯାଇଥିବା ଅଭିଯୋଗକରି ଅଞ୍ଚଳବାସୀ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରୁଛନ୍ତି। ଏ ନେଇ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଟଙ୍କଧର ସାହୁଙ୍କୁ ପଚାରିବାରୁ ପୋଖରୀ ପୁନରୁଦ୍ଧାର ପାଇଁ ବର୍ତ୍ତମାନ ପଞ୍ଚାୟତରୁ ୪ଲକ୍ଷ ଦେଇଛୁ, ବହୁ ଶୀଘ୍ର ପୁଣି କାମ ଆରମ୍ଭ କରାଯିବ। କନିଷ୍ଠ ଯନ୍ତ୍ରୀ ସତ୍ୟନାରାୟଣ ବେହେରାଙ୍କୁ ପଚାରିବାରୁ ପୂର୍ବରୁ ଯାହା କାମ ସରିଛି, ବର୍ତ୍ତମାନ ଆମ ପାଖରେ ଆହୁରି ପାଣ୍ଠି ଅଛି, ସପ୍ତାହେ ମଧ୍ୟରେ ଯାହା କାମ ରହିଯାଇଛି ଆରମ୍ଭ କରିବେ ବୋଲି କହିଛନ୍ତି।



ପୋଖରୀ ଚାରିପାଖରେ ଅନାବନା ଗଛଲତା ଉଠିଛି।

## ପାଇକପଡ଼ାରେ ଶିଶୁ ଦିବସ

**ବେହେରା,୨୨।୧୧(ଭୂପେଶ ତିୱାରୀ):** କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ଧଅଁରପୁର ପଞ୍ଚାୟତ ପାଇକପଡ଼ାଠାରେ ଶନିବାର ଶିଶୁ ଦିବସ ପାଳିତ ହୋଇଯାଇଛି। ଶହୀଦ ରେଣ୍ଡୋ ମାଝି ଯୁବକ ସଂଘ ଆୟୋଜନରେ ଏବଂ ଧର୍ମଗଡ଼ ଆର୍‌ସିଡିସି ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିଶୁମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ସଙ୍ଗୀତ, ନୃତ୍ୟ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ଶଙ୍କର ପ୍ରସାଦ ଯୁଏଡ଼ ଯୋଗଦେଇ ଶିଶୁମାନଙ୍କ ଭବିଷ୍ୟତ ଗଢ଼ିବାରେ ସମାଜ ଓ ଅଭିଭାବକଙ୍କ ଭୂମିକା ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଆର୍‌ସିଡିସି ଫିଲ୍ଡ କୋଅର୍ଡିନେଟର ବିହାରୀ ରାଉତ ଶିଶୁ ସୁରକ୍ଷା, ଶିକ୍ଷା ଓ ଅଧିକାର ବିଷୟରେ ସଚେତନତାମୂଳକ ମନ୍ତବ୍ୟ ଦେଇଥିଲେ।

## ସମ୍ବିଧାନ ସଚେତନତା ରଥକୁ ସ୍ୱାଗତ





ରଥକୁ ସ୍ୱାଗତ କରାଯାଉଛି।

**ରିଷିଡ଼ା,୨୨।୧୧(ସୁଶାନ୍ତ ମଲ୍ଲିକ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ମୂଳନିବାସୀ ବହୁଜନ ମିଳିତ ମହାସଂଘ ଆନୁକୂଲ୍ୟରେ ପରିକ୍ରମା କରୁଥିବା ସମ୍ବିଧାନ ସଚେତନତା ରଥ ଶନିବାର କର୍ଲାମୁଣ୍ଡା ବ୍ଲକ୍‌ରେ ପହଞ୍ଚିଛି। ବ୍ଲକ୍‌ର ଯୋରାଡ୍ରବରା, ସରଗୁଲମାଲପଡ଼ା, ରିଷିଡା, ତେରେସିଂହା, ଗଜବାହାଲ, କର୍ଲାମୁଣ୍ଡା ଆଦି ଅଞ୍ଚଳରେ ରଥକୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଏଥିରେ କଳାହାଣ୍ଡି ଜିଲା ମହାସଚିବ ଯତିନ୍ଦ୍ର କର, ଆଦିବାସୀ ସଂଘ ଜିଲା ସଭାପତି ପ୍ରକାଶ ମାଝୀ, ଆଦିବାସୀ ସଂଘ କର୍ଲାମୁଣ୍ଡା ବ୍ଲକ୍ ସଭାପତି ସୁରେନ୍ଦ୍ର ଭୋଇ, ଅଲ ଓଡ଼ିଶା ସିଡ୍ୟୁଲ୍ଡ କାଷ୍ଟ ଫେଡେରେଶନ ଜିଲା ଓ ବ୍ଲକ୍ ଦାୟିତ୍ୱରେ ଥିବା ବରୁଣ ଛତ୍ରିଆ, ମଧୁସୂଦନ ବାଗ, ଏସ୍. ସୁଜାତା, ବରୁଣ ସୁନା, ଟିକେ ବାଗ, ଟୁନୁ ନନ୍ଦ, କବିତା ବାଗ, ଗଭୀର ସୁନା, ରମଣୀ ଦୁରିଆ ପ୍ରମୁଖ ସାମିଲ ହୋଇ ବକ୍ତବ୍ୟ ରଖିଥିଲେ।

## ଫୁଟ୍‌ବଲ ମହାକୁମ୍ଭ ୫ମ ଦିନରେ ୬ ମ୍ୟାଚ୍

**ଖଡ଼ିଆଳ,୨୨।୧୧ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ରାଜା ଆର୍ତ୍ତତ୍ରାଣ ହାଇସ୍କୁଲ ପଡିଆଠାରେ ଚାଲିଥିବା ଫୁଟ୍‌ବଲ ମହାକୁମ୍ଭର ଶନିବାର ପଞ୍ଚମ ଦିନରେ ୬ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ ଖଡିଆଳ ବ୍ଲକ ସୁନାରିଶିକୁଆଁ ଓ ସିନାପାଲି ବ୍ଲକ ଝାରବନ୍ଧ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଝାରବନ୍ଧ ଦଳ ୧-୦ରେ ବିଜୟ ଲାଭ କରିଥିଲା। ଅତିଥି ଭାବେ ଖବରଦାତା ଶାମ୍ଭ କୁମାର ସରାଫ ଓ ଦିନନାଥ ଛତ୍ରିଆ ଯୋଗଦାନ କରିଥିଲେ। ଦ୍ୱିତୀୟ ମ୍ୟାଚ ସିନାପାଲି ବ୍ଲକ ନିଲଜୀ ଓ ଖଡ଼ିଆଳ ବ୍ଲକ ଅରେଡ଼ା ମଧ୍ୟରେ ହୋଇଥିଲା। ପେନାଲ୍ଟି ଶୁଟ୍‌ରେ ନିଲଜି ୩-୨ରେ ବିଜୟୀ ହୋଇଥିଲା। ଅତିଥି ଭାବେ ଖବରଦାତା କୁନାଲ ଚରଣ ବେହେରା ଓ ବାପିନା ସାହୁ ଯୋଗଦେଇଥିଲେ। ତୃତୀୟ ମ୍ୟାଚ ଖଡ଼ିଆଳ ବ୍ଲକ ଖାସବାହାଲ ଓ ବିରିଘାଟ ମଧ୍ୟରେ ହୋଇଥିବାବେଳେ ଖସବାହାଲ ୧-୦ରେ ଜିତିଥିଲା। ଅତିଥି ଭାବେ ନୂଆପଡ଼ା ଜିଲା ପ୍ରେସ୍‌କ୍ଲବ ସଭାପତି ପରମେଶ୍ୱର ବାରିକ, ଖବରଦାତା ହେମନ୍ତ କୁମାର ବେହେରା ଓ ଖାସବାହଲ ସରପଞ୍ଚ କୁନୁ ଚରଣ ବେହେରା ଯୋଗଦାନ କରିଥିଲେ। ଚତୁର୍ଥ ମ୍ୟାଚ ଖଡ଼ିଆଳ ବ୍ଲକ ଭୁଲିଆଶିକୁଆଁ ଓ ବୋଡ଼େନ ମଧ୍ୟରେ ହୋଇଥିଲା। ବୋଡ଼େନ ଦଳ ପେନାଲ୍ଟି ଶୁଟରେ ୨-୧ରେ ବିଜୟୀ ହୋଇଥିଲା। ଅତିଥି ଭାବେ ଭୁଲିଆସିକୁଆ ସରପଞ୍ଚ ଲକ୍ଷ୍ମୀ ବାଗ, ସମିତି ସଭ୍ୟ ଶିଶୁପାଳ ବାଗ ଉପସ୍ଥିତ ଥିଲେ। ପଞ୍ଚମ ମ୍ୟାଚ ଖଡ଼ିଆଳ ବ୍ଲକ ନେହେନା ଓ ସିନାପାଲି ବ୍ଲକ ଖରସେଲ ମଧ୍ୟରେ ହୋଇଥିବାବେଳେ ନେହେନା ୨-୦ରେ ବିଜୟ ଲାଭ କରିଥିଲା। ଅତିଥି ଭାବେ ନେହେନା ସରପଞ୍ଚ ଅଶୋକ ଦଣ୍ଡସେନା, ନେହେନା ସମିତି ସଭ୍ୟା ଲୀଳା ରାଉତରାୟ ଯୋଗଦାନ କରିଥିଲେ। ଷଷ୍ଠ ମ୍ୟାଚ ଖଡ଼ିଆଳ ବ୍ଲକ ଦାବିରୀ ଓ ଖୁଦପେଜ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଖୁଦପେଜ ବିଜୟୀ ହୋଇଛି।



ଅତିଥିଙ୍କ ଗହଣରେ ଖେଳାଳିମାନେ।

## ଶହୀଦ ଲାଲସିଂ, ସ୍ତ୍ରୀ ଲୋଇସିଂହିନଙ୍କ ଗୌରବ ଦିବସ

**ସରକାରୀ ଭାବେ ପାଳନ ଦାବି**

**ନୂଆପଡ଼ା,୨୨।୧୧ (ମକାରୁ ବେମାଲ)**

ନୂଆପଡ଼ା ସଦର ବ୍ଲକ୍ ଟାନ୍‌ୱାଟ ଗାଁ କଣାଭଇଁରା ମନ୍ଦିର ସମ୍ମୁଖରେ ଶନିବାର ସ୍ୱାଧୀନତା ସଂଗ୍ରାମୀ ଶହୀଦ ଲାଲସିଂ ମାଝି ଓ ତାଙ୍କ ସ୍ତ୍ରୀ ଲୋଇସିଂହିନଙ୍କ ଗୌରବ ଦିବସ ପାଳିତ ହୋଇଯାଇଛି। ଛତିଶଗଡ଼ ରାଜ୍ୟ ମହାସମୁନ୍ଦ ପୂର୍ବତନ ଏମ୍‌ପି ଚୁନିଲାଲ ସାହୁଙ୍କ ତତ୍ତ୍ୱାବଧାନରେ ଗ୍ରାମ୍ୟ ଉନ୍ନୟନ କମିଟି ଟାନ୍‌ୱାଟ ସଭାପତି ଦେଓସିଂ ବିଶ୍ୱାଳଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ନୂଆପଡ଼ା ବିଧାୟକ ଜୟ ଢୋଲକିଆ ମୁଖ୍ୟ ଅତିଥି, ନୂଆପଡ଼ା ସଦର ବ୍ଲକ ଅଧକ୍ଷା ତାରେଶ୍ୱରୀ ସାହୁ, ଭାଜପା ଯୁବମୋର୍ଚ୍ଚା ଜିଲା ସଭାପତି ଅଭିନନ୍ଦନ ପଣ୍ଡା, ସ୍ଥାନୀୟ ସରପଞ୍ଚ ଜୟରାମ ସତ୍‌ନାମୀ, ଗୌଡ଼ ସମାଜ ସଭାପତି ବେହେରାଡିହି (ଛତିଶଗଡ) କୁଅର ସିଂ ମାଝି, ସାମାଜିକ କର୍ମୀ ଉମାଶଙ୍କର ସାହୁ, ବିଝାଲ ସମାଜ ସଭାପତି କଲ୍ୟାଣ ସିଂ ବରିହା, ଗୌଡ଼ ସମାଜ ସଭାପତି ମଦନ ସିଂ ଠାକୁର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶହୀଦ ଲାଲସିଂ ମାଝି ଓ ତାଙ୍କ ଧର୍ମପତ୍ନୀଙ୍କ ବୀରତ୍ୱର ଗାଥା ଉପରେ ଆଲୋକପାତ କରିଥିଲେ। ଟାନ୍‌ୱାଟ ଗାଁ ହେଉଛି ବୀର ପୁରୁଷଙ୍କ ମାଟି। ଏହି ମାଟି ଅନେକ ବୀର ପୁରୁଷଙ୍କୁ ଜନ୍ମ ଦେଇଛି। ସେମାନେ ଇଂରେଜମାନଙ୍କ ସହ ସଂଗ୍ରାମକରି ପ୍ରାଣବଳି ଦେଇଥିଲେ। ସେମାନଙ୍କୁ ମନେପକାଇବା ପାଇଁ ପ୍ରତିବର୍ଷ ନଭେମ୍ବର ୨୨ରେ ସରକାରୀ ଭାବରେ ଗୌରବ ଦିବସ ପାଳନ କରିବାକୁ ଅତିଥିମାନେ ଦାବି କରିଥିଲେ। ପୂର୍ବତନ ଏମ୍‌ପି ଚୁନିଲାଲ ସାହୁ ଗବେଷଣାକରି ଟାନ୍‌ୱାଟ ମାଟିର ବୀରତ୍ୱ ଗାଥାକୁ ଲୋକଲୋଚନକୁ ଆଣିଥିବାରୁ ଗ୍ରାମବାସୀ, ପରିବାର ଓ ଜିଲାବାସୀ ତାଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି । ପ୍ରକାଶଥାଉ କି ୧୮୬୦ ନଭେମ୍ବର ୨୨ରେ ଖଡିଆଳ ରାଜା କୃଷ୍ଣଚନ୍ଦ୍ର ଦେବଙ୍କ ନିର୍ଦ୍ଦେଶକ୍ରମେ ଲାଲସିଂ ମାଝି ବ୍ରିଟିଶମାନଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ। ଶେଷରେ ରାଜନୈତିକ ଚାପରେ ଲାଲସିଂଙ୍କୁ କଳାପାଣି ଦଣ୍ଡାଦେଶ ଦିଆଯାଇଥିଲା। ସ୍ୱାମୀଙ୍କ ମୃତ୍ୟୁ ଖବର ପାଇବା ପରେ ସ୍ତ୍ରୀ ଲୋଇସିଂହିନ ଦାଇ ଗାଁ ଇଷ୍ଟଦେବତା କଣାଭଇଁରାଠାରେ ଅଧିଆ ପଡି ପ୍ରତିବାଦ କରିଥିଲେ। ଲାଲସିଂଙ୍କ ପରେ ଲୋଇସିଂହିନଙ୍କ ଏହି ବଳିଦାନ ସ୍ୱାଧୀନତା ଆନ୍ଦୋଳନ ଇତିହାସରେ ଲିପିବଦ୍ଧ ହୋଇଛି।





କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

# ଆଗକୁ ମାଟ୍ରିକ ପରୀକ୍ଷା: ଶ୍ରେଣୀଗୃହ ପାଠ୍ୟଦାନ ପରଖିଲେ ଡିଇଓ

**ବରଗଡ଼,୨୨।୧୧(ପ୍ରେମାନନ୍ଦ ଖମାରୀ):** ହାଇସ୍କୁଲ ସାର୍ଟିଫିକେଟ (ମାଟ୍ରିକ) ପରୀକ୍ଷାଫଳରେ ବରଗଡ଼ ଜିଲା ରାଜ୍ୟରେ ଭଲ ସଫଳତା ହାସଲ ପାଇଁ ଜିଲା ଶିକ୍ଷା ବିଭାଗ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି କ୍ରମରେ ସାଇନିଂ ଷ୍ଟାର ଶିକ୍ଷାଦାନ ହୋଇଛି। ଅନ୍ୟପଟେ ଜିଲା ଶିକ୍ଷା ଅଧିକାରୀ(ଡିଇଓ) ଜ୍ୟୋତିକାନ୍ତ ସାହୁ ବିଭିନ୍ନ ସ୍କୁଲ ପରିଦର୍ଶନ କରି ସେଠାରେ ଚାଲିଥିବା ଶ୍ରେଣୀଗୃହ ପାଠ୍ୟଦାନ ପରଖି ଆସୁଛନ୍ତି। ଶନିବାର ଡିଇଓ ସାହୁ ସ୍ଥାନୀୟ ରାଣା ପ୍ରତାପ ସ୍କୁଲରେ ପହଞ୍ଚି ଦଶମ ଶ୍ରେଣୀ ପରିଦର୍ଶନ କରି ଛାତ୍ରୀଛାତ୍ରଙ୍କ ପାଠ୍ୟଦାନ ପରଖିଥିଲେ। ଏହି ଅବସରରେ ଦଶମ ଶ୍ରେଣୀର ଶ୍ରେଣୀଗୃହ ଶିକ୍ଷାଦାନ ପ୍ରଣାଳୀ ନିରୀକ୍ଷଣ କରିବା ସହିତ ଛାତ୍ରୀଛାତ୍ରଙ୍କୁ ଗଣିତ ବିଷୟରେ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ଛାତ୍ରୀଛାତ୍ର ସନ୍ତୋଷଜନକ ଉତ୍ତର ପ୍ରଦାନ କରିପାରି ନ ଥିବାରୁ ଡିଇଓ ଅସନ୍ତୋଷ ପ୍ରକାଶ କରିବା ସହିତ ଛାତ୍ରୀଛାତ୍ରଙ୍କ ଲିଖନ କାର୍ଯ୍ୟକୁ ଗୁରୁତ୍ୱ ପ୍ରଦାନ କରିବା ଏବଂ ସମୟ ଅନୁସାରେ ନିରନ୍ତର ୟୁନିଟ ଟେଷ୍ଟ କରିବାକୁ ଉପସ୍ଥିତ ଶିକ୍ଷୟିତ୍ରୀଙ୍କୁ ପରାମର୍ଶ ପ୍ରଦାନ କରିଥିଲେ। ଆଗକୁ ଛାତ୍ରୀଛାତ୍ରମାନେ ପ୍ରତି ବିଷୟରେ କିପରି ଭଲ ନମ୍ବର ରଖିବେ, ସେ ସମ୍ପର୍କରେ ସମ୍ପୃକ୍ତ ବିଷୟର ଶିକ୍ଷୟିତ୍ରୀ, ଶିକ୍ଷକମାନେ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରି ଯୋଜନା ମୁତାବକ ପାଠ୍ୟଦାନ କରିବାକୁ ଡିଇଓ ପରାମର୍ଶ ଦେଇଥିଲେ। ଏହା ସହିତ ପ୍ରଧାନ ଶିକ୍ଷକ ସୁଦୀପ ରଥଙ୍କୁ ସେଥିପ୍ରତି ଧ୍ୟାନ ଦେବାକୁ ଡିଇଓ ନିର୍ଦ୍ଦେଶ ଦେଇଥିଲେ।



ଯମୁନା କନ୍ଧୁଣୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ରାସ୍ତାରେ ଶୁଖୁଛି ଧାନ, ହ୍ରାସ ପାଉଛି ମାନ

## ଚାଷୀଙ୍କ ପାଇଁ ଖଳା ନିର୍ମାଣ ଦାବି

**ପଦ୍ମପୁର, ୨୨।୧୧(ପ୍ରଦୀପ୍ତ ଦାଶ)**

ବହୁ କଷ୍ଟ ପରେ ଧାନ ଅମଳ କରିଛି ଚାଷୀ। ଧାନକୁ ଏଫ୍‌ଏକ୍ୟୁ କରିବା ପାଇଁ ଚାଷୀ ଏବେ ଧାନ ଶୁଖାଇବାରେ ବ୍ୟସ୍ତ। କିନ୍ତୁ ପଦ୍ମପୁର ଅଞ୍ଚଳରେ କଂକ୍ରିଟ ଧାନ ଖଳା ଅଭାବରୁ ଧାନର ଆର୍ଦ୍ରତା ଲାଗି ରହୁଛି ଏବଂ ଚାଷୀ କଟ୍‌ନି ଛଟ୍‌ନିର ଶିକାର ହେଉଥିବା ଅଭିଯୋଗ ହେଉଛି। ଏ ବର୍ଷ



ପଦ୍ମପୁର ଅଞ୍ଚଳରେ ରାସ୍ତା ଉପରେ ଧାନ ଶୁଖାଯାଇଛି।

ଚାଷ ପାଇଁ ପ୍ରାୟ ଅନୁକୂଳ ପାଗ ଥିବା ବେଳେ ଅମଳ ପୂର୍ବରୁ ଚକଡା, ଗୁଣ୍ଡିପୋକ ଚାଷୀକୁ ଚିନ୍ତାରେ ପକାଇଥିଲା। କିନ୍ତୁ ଧାନ ଅମଳ ପରେ କଂକ୍ରିଟ ଖଳା ଅଭାବରୁ ଚାଷୀ ବାଧ ହୋଇ ନିଜ ଜୀବନକୁ ବାଜି ଲଗାଇ ରାସ୍ତାରେ ଶୁଖାଉଛି, ଯାହା ଧାନକୁ ଠିକ୍ ଭାବେ ଶୁଖାଇବା ପାଇଁ ସମୟ ଲାଗୁଛି। ମାତ୍ର ଏହି ରାସ୍ତାରେ ଶୁଖାଇବା ଦ୍ୱାରା ଧାନ ନଷ୍ଟ ମଧ୍ୟ ହେଉଛି। ଏହା ସହିତ ଉଡ଼ି ଆସୁଥିବା ଧୂଳି ଧାନରେ ମିଶୁଛି। ଧାନ ବିକ୍ରି ସମୟରେ ଯେତେବେଳେ ଧାନରମାନ ମଣ୍ଡିରେ ପରିକ୍ଷଣ ହୁଏ ମିଲର୍‌ମାନେ ଏହି ଧାନକୁ ବିଭିନ୍ନ ଆଳ କରି କଟ୍‌ନି ଛଟ୍‌ନି କରନ୍ତି। ଫଳରେ ଚାଷୀ ପ୍ରକୃତ ଧାନର ମୂଲ୍ୟ ପାଇ ପାରେ ନାହିଁ। ତେଣୁ ସରକାର ଚାଷୀଙ୍କ ସୁବିଧା ପାଇଁ ଆବଶ୍ୟକ ଖଳା ନିର୍ମାଣ ଲାଗି ଚାଷୀମାନେ ଦାବି କରିଛନ୍ତି।

# ଯମୁନା କନ୍ଧୁଣୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ପାଇକମାଳ, ୨୨।୧୧(ବଡ଼ ଶତପଥୀ)**

ପାଇକମାଳ ଯମୁନା କନ୍ଧୁଣୀ ବାଳିକା ଉଚ୍ଚ ବିଦ୍ୟାଳୟ ୩୩ତମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପରିଚାଳନା କମିଟି ସଭାପତି ନିରୁପମା ନାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ମେଜର ଚିତ୍ତରଞ୍ଜନ ଦାସ, ସମ୍ମାନିତ ଅତିଥି ଭାବରେ ବିଡିଓ ପ୍ରଫୁଲ୍ଲ କୁମାର ଅଦ୍ଦୁ, ଜିଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ, ବ୍ଲକ ଶିକ୍ଷା ଅଧିକାରୀ ଅଦନ ସୁନା, ନୃସିଂହନାଥ ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ, ଗୋବର୍ଦ୍ଧନ ଅଗ୍ରୱାଲ, ନନ୍ଦଲାଲ ନାୟକ ପ୍ରମୁଖ ଯୋଗଦେଇ ଶିକ୍ଷା କ୍ଷେତ୍ରରେ ଛାତ୍ରୀ ଆଗେଇ ଆସି ନିଜର କର୍ମ କ୍ଷେତ୍ରକୁ ଆଗେଇ ନେବା ପାଇଁ ବିଭିନ୍ନ ଉଦାହରଣ ଦେଇ ପରାମର୍ଶ ପ୍ରଦାନ କରିଥିଲେ। ଶିକ୍ଷା କ୍ଷେତ୍ରରେ ପ୍ରମୁଖ ଭୂମିକା ନିର୍ବାହ କରୁଥିବା ଯମୁନା କନ୍ଧୁଣୀ ବାଳିକା ଉଚ୍ଚ ବିଦ୍ୟାଳୟର ଉତ୍ତରୋତ୍ତର କାମନା କରିଥିଲେ। ବାର୍ଷିକ ଉତ୍ସବରେ ପ୍ରଧାନ ଶିକ୍ଷକ ସୁଶାନ୍ତ ପଣ୍ଡା ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ସଭାକୁ ଶିକ୍ଷୟିତ୍ରୀ ଅନିମା ରାଉତ ସଞ୍ଚାଳନ କରିଥିଲେ। ଅବସରପ୍ରାପ୍ତ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରେମାନନ୍ଦ ବାରିକଙ୍କୁ ହଟକିଶୋର ପାଣିଗ୍ରାହୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟ ଛାତ୍ରୀମାନଙ୍କୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ନିର୍ବାହ କରି କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟ ଏହି ଉତ୍ସବରେ ଶିକ୍ଷୟିତ୍ରୀ ଉଷା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ପରିଶେଷରେ ସ୍କୁଲ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ଅଜିତ୍ ପାଣିଗ୍ରାହୀଙ୍କ ଖର ଜଙ୍ଗଲ ପାଣି ପବନ ଗୀତ ଦର୍ଶକଙ୍କ ମନ ମୁଗ୍ଧ କରିଥିଲା। ଶ୍ରୀ ଶ୍ରୀ ନୃସିଂହନାଥ ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ବିଦ୍ୟାଳୟରେ ଏକ ସୁଲଭ ଶୌଚାଳୟ ନିର୍ମାଣ ପାଇଁ ଘୋଷଣା କରିବା ସହ ଏହାକୁ ସାଂସଦ ପ୍ରଦୀପ ପୁରୋହିତଙ୍କ କରକମଳରେ ଶିଳାନ୍ୟାସ କରାଯାଇଥିଲା। ଉଷାରାଣୀ ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# କନ୍ଧମାଳରେ ୧୬, ବୌଦ୍ଧ ଓ ହରଭଙ୍ଗାରେ ୨୩ରେ ଖୋଲିବ ମଣ୍ଡି



ବୈଠକରେ ଉପସ୍ଥିତ ଦୁଇ ବିଧାୟକ ଓ ଅନ୍ୟମାନେ।

## ଜିଲାସ୍ତରୀୟ ଧାନ କ୍ରୟ ବୈଠକ

**ବୌଦ୍ଧ,୨୨।୧୧(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଗତ ଶୁକ୍ରବାର ଜିଲାସ୍ତରୀୟ ଧାନକ୍ରୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିଭୂତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବୌଦ୍ଧ ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ଏବଂ କନ୍ଧମାଳ ବିଧାୟକ କହ୍ନାଇଁ ଚରଣ ଡାଙ୍ଗ ଅତିଥି ଭାବେ ଯୋଗ ଦେଇଥିଲେ। ଆସନ୍ତା ଡିସେମ୍ବର ୧୬ ତାରିଖରୁ କନ୍ଧମାଳ ବ୍ଲକ ଏବଂ ୨୩ ତାରିଖରୁ ବୌଦ୍ଧ ଓ ହରଭଙ୍ଗା ବ୍ଲକରେ ଧାନମଣ୍ଡି ଖୋଲିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଚଳିତବର୍ଷ ଜିଲାରେ ଧାନକ୍ରୟ ଯେପରି ସୁରୁଖୁରୁରେ ହୋଇପାରିବ ସେ ନେଇ ଗୁରୁତ୍ୱ ଦେବାକୁ କୁହାଯାଇଥିଲା। ଜିଲା ଯୋଗାଣ ଅଧିକାରୀ ଶ୍ରୀନାଥ ହାସଁଦା ଧାନକିଣା ଉପରେ ସୂଚନା ଦେଇଥିଲେ। ଚଳିତ ବର୍ଷ ୪୫ ହଜାର ୯୯୧ ଜଣ ଚାଷୀ ପଞ୍ଜୀକରଣ କରିଥିବା ବେଳେ ୧୨ଲକ୍ଷ ୨୬ ହଜାର କୁଇଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ ରଖାଯାଇଛି। ଏପଟେ ବର୍ତ୍ତମାନ ସୁଧା ମିଲରମାନଙ୍କ ପାଖରେ ଚାଉଳ ଗଚ୍ଛିତ ଥିବା ନେଇ ସେମାନେ ବୈଠକରେ କହିଥିବା ବେଳେ ସେ ନେଇ ମଧ୍ୟ ଆଲୋଚନା ହୋଇଥିଲା। ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପଧାନ, ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ ଜିଲାପାଳ ବିନୟ କୁମାର ଭୋଇ, ଅଶୋକ କୁମାର ଅଗ୍ରୱାଲାଙ୍କ ସମେତ ସମସ୍ତ ମିଲର ଓ ଅଧିକାରୀ ଯୋଗ ଦେଇଥିଲେ।

# ସଂସ୍କାର ସ୍କୁଲରେ ସହୋଦୟ ବାସ୍କେଟବଲ ଟୁର୍ନାମେଣ୍ଟ

**ବରଗଡ଼,୨୨।୧୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ସ୍ଥିତ ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲରେ ଶନିବାର ପଶ୍ଚିମ ଓଡ଼ିଶା ସହୋଦୟ ସ୍କୁଲ କମ୍ପ୍ଲେକ୍ସ ଦ୍ୱାରା ବାସ୍କେଟବଲ ଟୁର୍ନାମେଣ୍ଟ ଆୟୋଜନ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥିଭାବେ ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲର ଡାଇରେକ୍ଟର ଅଜିତ ପଟ୍ଟନାୟକ, ସହୋଦୟର ଚେୟାରମ୍ୟାନ ତଥା ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲର ପ୍ରିନ୍ସିପାଲ କରନ ସାହୁ, ବରଗଡ଼ କେନ୍ଦ୍ରୀୟ ବିଦ୍ୟାଳୟର ପ୍ରିନ୍ସିପାଲ ଅକ୍ଷୟ ରାୟ, ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲର ଭାଇସ ପ୍ରିନ୍ସିପାଲ ପ୍ରଭୁଦତ୍ତ ଦାଶ, ଏକାଡେମିକ କୋଅର୍ଡିନେଟର ସୀମା ସାହୁ, କୋଅର୍ଡିନେଟର ମମତା ସିହ୍ନା, କୋଅର୍ଡିନେଟର ରୀତା ନାୟକ ଏବଂ ଶିକ୍ଷୟିତ୍ରୀ, ଶିକ୍ଷକବୃନ୍ଦ ଉପସ୍ଥିତ ଥିଲେ। ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲର ଡାଇରେକ୍ଟର ଅଜିତ ପଟ୍ଟନାୟକ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରମାନେ ଶ୍ଳୋକ ଉଚ୍ଚାରଣ କରିଥିଲେ। ଟୁର୍ନାମେଣ୍ଟରେ ପଶ୍ଚିମ ଓଡ଼ିଶାର ୪ଟି ବିଦ୍ୟାଳୟ ତଥା ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲ ବରଗଡ଼, କ୍ରିଷ୍ଣା ବିକାଶ ସ୍କୁଲ ବରଗଡ଼, ବିଦ୍ୟା ବିକାଶ ସ୍କୁଲ ସମ୍ବଲପୁର ଏବଂ ବେଥାନୀ କନ୍‌ଭେଣ୍ଟ ସ୍କୁଲ ବରଗଡ଼ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ଝିଅମାନଙ୍କ ବିଭାଗରେ ବିକାଶ ରେସିଡେନ୍ସିଆଲ ସ୍କୁଲ ରନର୍ ଅପ ଏବଂ ବିକାଶ ଦ କନ୍‌ସେପ୍ଟ ସ୍କୁଲ ୱିନର୍ ହୋଇଥିବା ବେଳେ ମେଘା ମୁର୍ମୁଙ୍କୁ ‘ବେଷ୍ଟ ପ୍ଲେୟର’ ଘୋଷିତ କରାଯାଇଥିଲା। ପୁଅମାନଙ୍କ ବିଭାଗରେ ବିକାଶ ରେସିଡେନ୍ସିଆଲ ସ୍କୁଲ ରନର୍ ଅପ ଏବଂ ବିକାଶ ଦ କନ୍‌ସେପ୍ଟ ସ୍କୁଲ ୱିନର୍ ହୋଇଥିବା ବେଳେ ଅଭିଲାଷଙ୍କୁ ‘ବେଷ୍ଟ ପ୍ଲେୟର’ ଘୋଷିତ କରାଯାଇଥିଲା। ସହୋଦୟର ଚେୟାରମ୍ୟାନ କରନ ସାହୁ ସମସ୍ତ ବିଜେତା ପ୍ରତିଯୋଗୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲର ଚେୟାରମ୍ୟାନ ସୁମନ ସାୱଡ଼ିଆ ଓ ଡାଇରେକ୍ଟର ସିଦ୍ଧାର୍ଥ ସାୱଡ଼ିଆ ସମସ୍ତ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଥିଲେ।



ପ୍ରତିଯୋଗୀଙ୍କ ସହିତ ଅତିଥି ପରିଚିତ ହେଉଛନ୍ତି।




ମଞ୍ଚରେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଉଛି।

# ନାଚଗୀତରେ କମ୍ପୁଛି ମହୋତ୍ସବ ମଞ୍ଚ

## ପଞ୍ଚମ ରାଜ୍ୟସ୍ତରୀୟ ମାଁ ଭୈରବୀ ମହୋତ୍ସବ

**ବୌଦ୍ଧ/ହରଭଙ୍ଗା,୨୨।୧୧ (ଅଜିତ କୁମାର ବାରିକ/ନରେନ୍ଦ୍ର କୁମାର ସାହୁ)**

ବୌଦ୍ଧ ଜିଲା ପୁରୁଣାକଟକଠାରେ ଚାଲିଥିବା ମା’ ଭୈରବୀ ମହୋତ୍ସବର ଶନିବାର ଥିଲା ପଞ୍ଚମ ଦିବସ ଥିଲା। ଏହି ଦିବସ କାର୍ଯ୍ୟକ୍ରମରେ ବୌଦ୍ଧ ବନଖଣ୍ଡ ଅଧିକାରୀ ରାଜେନ୍ଦ୍ର ଗୋଛାୟତ, ସର୍ବଭାରତୀୟ ବନ ଅଧିକାରୀ ମହାସଂଘ ସାଧାରଣ ସମ୍ପାଦକ ଜଗବନ୍ଧୁ ପାତ୍ର, ସନ୍ତୋଷ କୁମାର ମିଶ୍ର , ହରଭଙ୍ଗା ବ୍ଲକର ପୂର୍ବତନ ଅଧକ୍ଷ ସୁଶାନ୍ତ କୁମାର ପ୍ରଧାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଂସ୍କୃତିକ ସନ୍ଧ୍ୟାରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଧଳପୁର, ପୁନମ ଡ୍ୟାନ୍ସ ଗ୍ରୁପ୍ ପୁରୁଣାକଟକ, କରକଟା ଉଚ୍ଚ ବିଦ୍ୟାଳୟ, ଆଦର୍ଶ ବିଦ୍ୟାଳୟ ମଣିପୁର, ବଜାଶାଳ ବଲାଙ୍ଗୀର ଏବଂ ଆଶିଶ କୁମ୍ଭାର ଓ ହିମାନି ହଂସରାଗ ଗ୍ରୁପ୍‌ଙ୍କ ଗୀତ ଦର୍ଶକଙ୍କୁ ବିମୋହିତ କରିଥିଲା। ରବିବାର ମହୋତ୍ସବ ଉଦ୍‌ଯାପନ ହେବ। ମହୋତ୍ସବ କମିଟି ସଭାପତି ଅଶୋକ କୁମାର ଅଗ୍ରୱାଲା, ଉପସଭପତି ଅକ୍ରୁର ସେଠି, ସହ ସମ୍ପାଦକ ମନୋଜ ପାଢ଼ି, କାର୍ଯ୍ୟକାରୀ ସଭାପତି ସତୀଶ କୁମାର ବେହେରା, ବାଳକୃଷ୍ଣ ନାୟକ, ଶୁଭ୍ରଜିତ ପ୍ରଧାନ, ତୁଷାର ସାହୁ, ଅମୂଲ୍ୟ ମିଶ୍ର, ସତ୍ୟା ନାଏକ, ପ୍ରଶାନ୍ତ ସେଠି, ପଞ୍ଚାନନ ଆପଟଙ୍କ ସମେତ ଭୈରବୀ କ୍ଳବର ସମସ୍ତ ସଦସ୍ୟ, ଡ୍ରାଇଭର ସଂଘ ସଦସ୍ୟ ସହଯୋଗ କରିଛନ୍ତି।

# ବ୍ଲକସ୍ତରୀୟ ମତ୍ସ୍ୟ, ପ୍ରାଣୀସମ୍ପଦ ମେଳା ଉଦ୍‌ଘାଟିତ

**ଝାରବନ୍ଧ,୨୨।୧୧(ଦେବେନ୍ଦ୍ର ସାହୁ):** ଝାରବନ୍ଧ ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଝାରବନ୍ଧ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ସମୀର ଖମାରୀଙ୍କ ସଂଯୋଜନାରେ ତଥା ବିଡିଓ ପର୍ଶୁରାମ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଏମ୍‌ପି ପ୍ରତିନିଧି ହରିହର ସାହୁ, ଜିଲାପରିଷଦ ସଭ୍ୟ ସନ୍ତୋଷ କୁମାର ବେହେରା, ପାଇକମାଳ ବ୍ଲକ ମତ୍ସ୍ୟ ଅଧିକାରୀ ରୋଶନ ସେଠ, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଆଚାର୍ଯ୍ୟ ଚନ୍ଦ୍ରକାନ୍ତ ପାଟଯୋଶୀ ଯୋଗ ଦେଇଥିଲେ। ଏହି ଅବସରରେ ୮ଜଣ ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

**ବରଗଡ଼,୨୨।୧୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସିମେଣ୍ଟ ନଗରସ୍ଥିତ ବିକାଶ ଇଂଲିଶ ମିଡିୟମ ସ୍କୁଲରେ ଶୁକ୍ରବାର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଛି। ସ୍କୁଲର ପ୍ରଧାନ ଶିକ୍ଷକ ସନାତନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ରୀଡ଼ା ଉତ୍ସବକୁ ଏସିସି ପ୍ଲାଣ୍ଟ ମ୍ୟାନେଜର ସୁକାନ୍ତ ସାମନ୍ତ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସ୍କୁଲର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା। ଉଦ୍‌ଯାପନୀ ସମାରୋହରେ କେଭିଜିଆଇର ଅଶ୍ୱିନୀ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଏହା ସହିତ ସେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଛାତ୍ରୀ ପ୍ରତୀକ୍ଷା ଦାଶ ଏବଂ ଅର୍ଚ୍ଚିତା ସାମନ୍ତରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ପ୍ରତୀକ୍ଷା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ବୋଟାନିକାଲ ବିଜ୍ଞାନର ଭୂମିକା ଉପରେ ଆଲୋଚନା

## ଜାତୀୟ ସେମିନାର ଉଦ୍‌ଘାଟିତ

**ବରଗଡ଼,୨୨।୧୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ପଞ୍ଚାୟତ କଲେଜର ବୋଟାନୀ ବିଭାଗ ଦ୍ୱାରା ଆୟୋଜିତ ଦୁଇଦିନିଆ ଜାତୀୟ ସେମିନାର ଶନିବାର ଉଦ୍‌ଘାଟିତ ହୋଇଛି। ଦେଶ, ବିଦେଶର ବିଶିଷ୍ଟ ଗବେଷକ ଓ ଶିକ୍ଷାବିତ୍ ଏଥିରେ ଅଂଶଗ୍ରହଣ କରିଛନ୍ତି । ପ୍ରଫେସର ପ୍ରିୟବ୍ରତ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସେମିନାରକୁ ଉଦ୍‌ଘାଟନ କରିଥିଲେ। ଆଧୁନିକ ଗବେଷଣାରେ ବୋଟାନିକାଲ ବିଜ୍ଞାନର ଭୂମିକା ଓ ଭବିଷ୍ୟତ୍ ଦିଗ ବିଷୟରେ ସେ ଆଲୋଚନା କରିଥିଲେ। କଲେଜ ଅଧ୍ୟକ୍ଷ ଡ଼ଃ ନକୁଳ ସେଠ ସ୍ୱାଗତ ଭାଷଣ ଦେଇଥିଲେ। ସେମିନାରକୁ ସଂଯୋଜକ ସୂର୍ଯ୍ୟକାନ୍ତି ସିକାନ୍ଦର, ଆୟୋଜକ ସଚିବ ଡ଼ଃ ଦିଳେଶ୍ୱର ସାହୁ, ସହାୟକ ସଚିବ ଭାସ୍କର ସାହୁ, ସଦସ୍ୟ ସଂଯୁକ୍ତା ବକ୍ସଲା ପରିଚାଳନା କରିଥିଲେ। ଶିକ୍ଷକ ସେବାଶିଷ ପ୍ରଧାନ ଓ ଯୁଶ୍ରା ବାନୋଙ୍କ ସହଯୋଗ କରିଥିଲେ। ପ୍ରଫେସର ନେତ୍ରଭାନୁ ପ୍ରଧାନ, ପ୍ରଫେସର ଏକାମ୍ବର କରିଆଳୀ (ସମ୍ବଲପୁର ବିଶ୍ୱବିଦ୍ୟାଳୟ), ପ୍ରଫେସର ପ୍ରବତ କୁମାର ମହାପାତ୍ର, ପ୍ରଫେସର ସୁଭାସିଷ ପଣ୍ଡା (କଲ୍ୟାଣୀ ବିଶ୍ୱବିଦ୍ୟାଳୟ), ପ୍ରଫେସର ରାଜେନ୍ଦ୍ର କୁମାର ବେହେରା (ସାମ୍ବଲପୁର ବିଶ୍ୱବିଦ୍ୟାଳୟ), ଡ. ଜୟନ୍ତ କୁମାର ସାହୁ (ଲାରମ୍ଭା କଲେଜ), ଡ଼ଃ ଅଦ୍ୱୈତ ପ୍ରସାଦ ପରିଡ଼ା (ଟେକ୍ସାସ ୟୁନିଭର୍ସିଟି) ଏବଂ ଆନ୍ତର୍ଜାତୀୟ ଶିକ୍ଷାବିଦ କାରୋଲାଇନ ବ୍ୟାକେସ, ହାଜଲ ଚାମ୍ପି ଆରିକ ଓ ଜେକବ ମୁରାସ ପ୍ରମୁଖ ଉପସ୍ଥିତ ଥିଲେ। ବକ୍ତାମାନେ ପରିବେଶ ସୁରକ୍ଷା, ଗ୍ରୀନ ରିସର୍ଚ ଏପ୍ରୋଚ, ବାଇଓ ଇନୋଭେସନ ଓ ଇଣ୍ଟରଡିସିପ୍ଲିନାରି ବିଜ୍ଞାନୀୟ ଅନୁସନ୍ଧାନ ସହିତ ଭବିଷ୍ୟତ୍ ବୋଟାନିକାଲ ବିଜ୍ଞାନର ନୂଆ ଦିଗଗୁଡ଼ିକୁ ଉପସ୍ଥାପନ କରିଥିଲେ। ସେମିନାର ଶେଷଭାଗରେ ଗବେଷଣା ଓ ଶିକ୍ଷାରେ ଅଧିକ ସମ୍ମିଳିତ ପ୍ରୟାସ ଓ ସଷ୍ଟେନେବଲ ସାଇନ୍ସ ପ୍ରାକ୍ଟିସ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ଜାତୀୟ ଆୟୋଜନ ମାଧ୍ୟମରେ ପଞ୍ଚାୟତ କଲେଜ ବରଗଡ଼, ପୁନର୍ବାର ଶିକ୍ଷା ଓ ଗବେଷଣାରେ ନିଜ ପ୍ରତିଷ୍ଠାକୁ ନୂଆ ଶୀଖରରେ ପହଞ୍ଚାଇବ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ।



ସେମିନାରରେ ଅତିଥିବୃନ୍ଦ।

# ଜିଲାସ୍ତରୀୟ କ୍ରୀଡ଼ା, ସାଂସ୍କୃତିକ ପ୍ରତିଯୋଗିତା

**ବରପାଲି,୨୨।୧୧(ଚିତ୍ତରଞ୍ଜନ ସାହୁ)**

ବରପାଲି ସରସ୍ୱତୀ ସଂଘ ପକ୍ଷରୁ ଏକ ଜିଲା ସ୍ତରୀୟ କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସରସ୍ୱତୀ ଭିନ୍ନକ୍ଷମ ତାଲିମ କେନ୍ଦ୍ର ଓ ସରସ୍ୱତୀ ଭୌତିକ ଚିକିତ୍ସା କେନ୍ଦ୍ର ଆନୁକୂଲ୍ୟରେ ଜିଲାର ପ୍ରାୟ ୨୦୦ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶାର ଆନ୍ତର୍ଜାତିକ ସ୍ପେଶାଲ କୋଚ ଉମାକାନ୍ତ ଷଡ଼ଙ୍ଗୀ, ସମ୍ମାନିତ ଅତିଥିଭାବେ ବରପାଲି ବ୍ଲକ ଶିକ୍ଷା ଅଧିକାରୀ ମୁକୁନ୍ଦ ମହରା ଓ ବରପାଲି ବି.ଆର. ଟି ମୁକୁନ୍ଦ ମେହେର, ମୁଖ୍ୟବକ୍ତା ଭାବେ ବରଗଡ଼ ବାପୁଜୀ ସ୍ପେଶାଲ ସ୍କୁଲର ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ସାହୁ ଯୋଗଦେଇଥିଲେ। ଅନ୍ତର୍ଜାତୀୟ କ୍ରୀଡ଼ାବିତ ସଚିନ ବାରିକ ଅନ୍ୟତମ ସମ୍ମାନିତ ଯୁବ ଖେଳାଳି ଭାବେ ଯୋଗଦେଇଥିଲେ। ସରସ୍ୱତୀ ସଂଘର ସମ୍ପାଦିକା ସୁନିତା ମୁଣ୍ଡ, ସଂଘର ଉପସଭାପତି ଘରଯୁଗୀ ଗଡ଼ତିଆଙ୍କ ଉପସ୍ଥିତିରେ ଅତିଥିଗଣ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।



ଅତିଥିଙ୍କ ଗହଣରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ର।

ସଭ୍ୟା ନିବେଦିତା ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଏକଦିବସୀୟ କାର୍ଯ୍ୟକ୍ରମରେ ସୁମନା ଦାଶ ସ୍ୱାଗତ ଭାଷଣ ଓ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ପରେ ଦିବ୍ୟାଙ୍ଗଙ୍କ ନିମନ୍ତେ ନୃତ୍ୟ ଚିତ୍ରାଙ୍କନ, ବୋଚି ଓ ଭଲିବଲ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଆଇଡି ବିଭାଗର ନୃତ୍ୟରେ ସୌମ୍ୟା ବାଗ ଦୀପିକା କୁମ୍ଭାର ଓ ସଞ୍ଚିତା ସିଂହ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ମୁଖ୍ୟ ଅତିଥିଙ୍କଠାରୁ ପୁରସ୍କୃତ ହୋଇଥିଲେ। ସେହିପରି ଚିତ୍ରାଙ୍କନ ପ୍ରତିଯୋଗିତାରେ ଏଚ.ଆଇ. ବରିଷ୍ଠ ବିଭାଗରେ ଗାୟତ୍ରୀ ବିଶି, ବନିତା ସାହୁ, ରାଜୁ ପଧାନ ଓ କନିଷ୍ଠ ବିଭାଗରେ ପ୍ରେମସାଗର ତନସେନା, ଶିବାନୀ ବାରିକ, ଶିଖା ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ଆଇ.ଡି. ବିଭାଗରେ ଶଶୀକଳା ବହିରା, ସୌମ୍ୟା ବାଗ ଓ ପ୍ରତୀକ୍ଷା ମହାପାତ୍ର ଏବଂ ଓ.ଏଚ୍ ବିଭାଗରେ ରିତିକ ନାଗ, ବର୍ଷା ଗଡ଼ତିଆ ଓ ଅର୍ଜୁନ ମଟାରୀ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିଲେ। ବୋଚି ଖେଳର ବରିଷ୍ଠ ବିଭାଗରେ ସରସ୍ୱତୀ ଭିନ୍ନକ୍ଷମ ଧନ୍ଦାମୂଳକ ତାଲିମ କେନ୍ଦ୍ର, ବରପାଲି ବିଜୟୀ ଦଳ ଓ ବାପୁଜୀ ସ୍ପେସିଆଲ ସ୍କୁଲ, ବରଗଡ଼ ରନର୍ସ ଅପ ଦଳ ଭାବେ ଘୋଷିତ ହୋଇଥିବା ବେଳେ କନିଷ୍ଠ ବିଭାଗରେ ରୋମାନ ନାଗ, ରାଜ ହରିପାଲ, ବିନୟ ପଧାନ, ସୁବ୍ରତ ସାହା ବିଜୟୀ ଦଳ ଓ କେଶବ ପ୍ରଧାନ, ଓଁକାର, ପ୍ରିୟାଂଶୁ ଭୋଇ, ପ୍ରୀତମ ପ୍ରଧାନ ରନର୍ସ ଅପ ଦଳ ଭାବେ ଘୋଷିତ ହୋଇଥିଲେ। ଭଲିବଲରେ ବରପାଲି ଦଳ ବିଜୟୀ ହୋଇଥିବା ବେଳେ ବରଗଡ ଦଳ ରନର୍ସ ଅପ ହୋଇଥିଲେ। ବିଭିନ୍ନ କାର୍ଯ୍ୟକ୍ରମକୁ କୋଚ ଉମାକାନ୍ତ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ସୌଭାଗ୍ୟରଞ୍ଜନ ବିଶ୍ୱାଳ, ସରୋଜ ପଧାନ, ବିଶ୍ୱରଞ୍ଜନ ଥଇତ୍, ଗୋପାଳ ନାଗ, ସରୋଜ ଥନାପତି, ଦେବେନ୍ଦ୍ର ମହାପାତ୍ର, ପୁରେନ୍ଦର ସିଂହ, ନୁରୀ ପଧାନ ବିଚାରକର ଦାୟିତ୍ୱ ତୁଲାଇଥିଲେ।

## ସଂକ୍ଷେପରେ

### ଚୋରା ବାଲି ଚାଲାଣ ଉପରେ ଚଢ଼ାଉ

**ରାଉରକେଲା,୨୨।୧୧(ସଙ୍ଗୀତା ଜେନା):**

କୋଏଲ ଏବଂ ବ୍ରାହ୍ମଣୀ ନଦୀକୂଳ ବାଲିଘାଟ ଗୁଡ଼ିକରେ ବେଆଇନ ବାଲି ଚାଲାଣ ଉପରେ ଅଙ୍କୁଶ ଲଗାଇବା ପାଇଁ ପୋଲିସ ତତ୍ପରତା ଦେଖାଇଛି। ଏହି କ୍ରମରେ ମାଇନିଂ ବିଭାଗ ସହିତ ରାଉରକେଲା ପୋଲିସ ଜିଲା ଅଧୀନ ବିଭିନ୍ନ ଥାନା ଅଞ୍ଚଳରେ ଶନିବାର ସକାଳୁ ଧରପଗଡ଼ କରାଯାଇଛି। ସ୍ୱତନ୍ତ୍ର ପୋଲିସ ଟିମ୍ ସହ ଥାନା ଅଞ୍ଚଳରେ ଟ୍ରାକ୍ଟର, ଜେସିବି ସମେତ ଏହାର ଚାଳକମାନଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଛି। ସେକ୍ଟର-୧୫, ଝିରପାଣି, ସେକ୍ଟର-୧୯ ସମେତ ଅନ୍ୟ ଥାନା ଅଞ୍ଚଳରେ ଧରପଗଡ଼ ଜୋରଦାର କରାଯାଇଛି ବୋଲି ପୋଲିସ କହିଛି।

### ମେଗା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ରାଉରକେଲା,୨୨।୧୧(ସଙ୍ଗୀତା ଜେନା):** ରାଉରକେଲା ଓରାମପଡ଼ାସ୍ଥିତ ଶ୍ରୀ ସତ୍ୟସାଇ ସେବା ସମିତି ଆନୁକୂଲ୍ୟରେ ଭଗବାନ ଶ୍ରୀ ଶ୍ରୀ ସତ୍ୟସାଇ ବାବାଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ଶନିବାର ଏକ ନିଃଶୁଳ୍କ ମେଗା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସମୁଦାୟ ୨୨୨ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଭେଷଜ, ସ୍ନାୟୁ, ଦନ୍ତ ଏବଂ କର୍ଣ୍ଣ, ନାସା, ଗଳା ବିଭାଗର ବିଶେଷଜ୍ଞ ଡାକ୍ତର ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।


ଶିବିରରେ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।


୪ ଶ୍ରମ କୋର୍ଡ ଲାଗୁକୁ ବିରୋଧ କରି ଶନିବାର ରାଉରକେଲା ବିଶ୍ରା ଛକରେ ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଶ୍ରମ କୋଡ୍ ଲାଗୁ ବିରୋଧରେ ବିକ୍ଷୋଭ

**ରାଉରକେଲା, ୨୨।୧୧(ସଙ୍ଗୀତା ଜେନା)**

କେନ୍ଦ୍ରର ମୋଦି ସରକାର ଦେଶର ଶ୍ରମିକ ଆନ୍ଦୋଳନକୁ ଭ୍ରୂକ୍ଷେପ ନ କରି ଶନିବାର ଦେଶବ୍ୟାପୀ ଶ୍ରମିକ ବିରୋଧୀ ୪ଟି ଶ୍ରମ କୋର୍ଡ ଲାଗୁ କରିଛନ୍ତି। ଏହାକୁ ଦେଶବ୍ୟାପୀ ସିଆଇଟିୟୁ ଦୃଢ଼ ବିରୋଧ କରିଛି। ଏହି ଶ୍ରମ କୋର୍ଡ ମୋଦି ସରକାର କର୍ପୋରେଟ ମାଲିକମାନଙ୍କ ସ୍ୱାର୍ଥ ରକ୍ଷା କରିବା ପାଇଁ ଦେଶର ଶ୍ରମିକ ଶ୍ରେଣୀକୁ କ୍ରୀତଦାସରେ ପରିଣତ କରିବାକୁ ସମସ୍ତ ପ୍ରସ୍ତୁତି କରିଛନ୍ତି। ଏଥିପାଇଁ ଗତ ଜୁଲାଇ ୯ ତାରିଖରେ ଦେଶବ୍ୟାପୀ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ଦେଶବ୍ୟାପୀ ଧର୍ମଘଟ ଓ ହରତାଳ କରିଥିଲେ। ଦେଶର ଶ୍ରମିକ ଆନ୍ଦୋଳନ ଓ ଟ୍ରେଡ ୟୁନିୟନର ଦାବିକୁ ପଦାଘାତ କରି ସରକାର ଏହାକୁ ଲାଗୁ କରିଛନ୍ତି। ଏହା ବିରୁଦ୍ଧରେ ଶନିବାର ସନ୍ଧ୍ୟା ୬ଟାରେ ଷ୍ଟିଲ ଏମ୍ପ୍ଲଇଜ ଟ୍ରେଡ ୟୁନିୟନ, ରାଉରକେଲା କଣ୍ଟ୍ରାକ୍ଟର ୱାର୍କର୍ସ ୟୁନିୟନ ଓ ଏନ୍ଏସ୍‌ପିସିଏଲ ୱାର୍କର୍ସ ୟୁନିୟନ, ସିଆଇଟିୟୁ ପକ୍ଷରୁ ବିଶ୍ରା ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ଶ୍ରମ କୋର୍ଡ ନୋଟିଫିକେସନକୁ ଶ୍ରମିକମାନେ ପୋଡ଼ିଥିଲେ। ଏହି ବିକ୍ଷୋଭରେ ସିଆଇଟିୟୁ ଜିଲା ସାଧାରଣ ସମ୍ପାଦକ ବିମାନ ମାଇତି, ଶ୍ରୀମନ୍ତ ବେହେରା, ବି. ପି. ମହାପାତ୍ର, ରାଜକିଶୋର ପ୍ରଧାନ, ଅଜୟ ଶର୍ମା, ଅରୁ ଦାସ, ଲକ୍ଷ୍ମୀଧର ନାୟକ, ବିଶ୍ୱଜିତ ମାଝୀ, ପ୍ରଭାତ ମହାନ୍ତି, ବିନୟ ବେହୁରିଆ ପ୍ରମୁଖ ନେତୃତ୍ୱ ନେଇଥିଲେ।

# ୨ ମାସରେ ବନ୍ଧାହେଲେଣି ୩୭

## ଷ୍ଟିଲ ସିଟିରେ ଅପରେଶନ ଧରପଗଡ଼

**ରାଉରକେଲା, ୨୨।୧୧(ସଙ୍ଗୀତା ଜେନା)**

ରାଉରକେଲା ପୋଲିସ ଜିଲାକୁ ଅପରାଧମୁକ୍ତ କରିବା ପାଇଁ ପ୍ରାୟ ୧୫ ଦିନ ହେଲା ଆରମ୍ଭ ହୋଇଛି ଅପରେଶନ ଧରପଗଡ଼। ଏଥିରେ ସହରର ନିକାଞ୍ଚନ, ଜନଗହଳିଶୂନ୍ୟ, ଅନ୍ଧାରୁଆ ସ୍ଥାନମାନଙ୍କରେ ଅପରାଧ କରିବାକୁ ଯୋଜନା ବେଳେ ପୋଲିସ ଅଭିଯୁକ୍ତମାନଙ୍କୁ ଧରିବାରେ ସଫଳତା ହାସଲ କରୁଛି। ଅକ୍ଟୋବର ଓ ନଭେମ୍ବର ମାସରେ ଏହିପରି ବିଶେଷ ଅଭିଯାନ ଦ୍ୱାରା ୩୭ରୁ ଉର୍ଦ୍ଧ୍ୱ ଅଭିଯୁକ୍ତ ଗିରଫ ହୋଇଛନ୍ତି। ଆପରାଧିକ କାର୍ଯ୍ୟକ କରିବା ପୂର୍ବରୁ ଅପରାଧୀଙ୍କୁ ବାନ୍ଧି ପୋଲିସ ସହରରେ ଅପରାଧ ନିରୋଧ କରୁଥିବା କହିଛି। ହେଲେ ପୋଲିସ ଜିଲାର ୧୭ରୁ ଉର୍ଦ୍ଧ୍ୱ ଥାନାରେ ବହୁ ଡକାୟତି ମାମଲା ଗଡୁଥିବା ନଜୀର ରହିଛି। ସମ୍ପ୍ରତି ପୋଲିସ ଜିଲାରେ ୮ଶହରୁ ଉର୍ଦ୍ଧ୍ୱ ସିସିଟିଭି ଲାଗିଥିବାରୁ ଏପରି ଅପରାଧୀଙ୍କୁ ଆୟତ୍ତ କରିବା ସହଜସାଧ ହୋଇଛି ବୋଲି ପୋଲିସ କହିଛି।

ଗତ ୨ ମାସର ପୋଲିସ ତଥ୍ୟ ଅନୁଯାୟୀ, ଡକାୟତି ଯୋଜନା କରୁଥିବା ସମୟରେ ଅପରାଧୀମାନଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଅକ୍ଟୋବର ମାସରେ ରଘୁନାଥପାଲୀ ଥାନା ଅଧୀନ ଦେଓଗାଁ ଅଞ୍ଚଳରେ ୫ ଜଣ ଦୁର୍ବୃତ୍ତ ବିଭିନ୍ନ ଦୋକାନ, ଶପିଂ ମଲ୍, ଘର ଆଦିରେ ଡକାୟତି ପାଇଁ ଯୋଜନା କରୁଥିବାବେଳେ ଗିରଫ ହୋଇଥିଲେ। ସେମାନଙ୍କ ନିକଟରୁ ଲୁହାରଡ୍, ଭୁଜାଲି, ଖଣ୍ଡା ଆଦି ଜବତ ହୋଇଥିଲା। ସେହିପରି ପ୍ଲାଣ୍ଟସାଇଟ୍ ଥାନା ରେଲୱେ କଲୋନିରେ ୬ ଜଣ ଅଭିଯୁକ୍ତଙ୍କୁ ଡକାୟତି ଯୋଜନା ବେଳେ ଗିରଫ କରାଯାଇଥିଲା। ନଭେମ୍ବର ୯ରେ ପ୍ଲାଣ୍ଟସାଇଟ୍ ଥାନା ଇଦଗା ପଡ଼ିଆରେ ୫ ଜଣ ଦୁର୍ବୃତ୍ତଙ୍କୁ ପୋଲିସ ବାନ୍ଧିଥିଲା। ସେହିପରି ୧୩ତାରିଖରେ ସମାନ ଥାନା ଅଞ୍ଚଳରେ ୫ ଜଣ ଅଭିଯୁକ୍ତଙ୍କୁ ସଶସ୍ତ୍ର ଗିରଫ କରାଯାଇଥିଲା। ବ୍ରାହ୍ମଣୀତରଙ୍ଗ ଥାନା ଆଇଡ଼ିସି ଫୁଟବଲ ପଡ଼ିଆରେ ୫ ଜଣ ଡକାୟତି ଯୋଜନାକାରୀଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କଠାରୁ ଭୁଜାଲି, ଛୁରି ଆଦି ଜବତ ହୋଇଥିଲା। ଅନୁରୂପ ଭାବେ ରଘୁନାଥପାଲୀ ଥାନା ଅଞ୍ଚଳରେ ୬ ଜଣ ଯୁବକଙ୍କୁ ମଧ୍ୟ ଗିରଫ କରାଯାଇଥିଲା। ସେହିପରି ପ୍ଲାଣ୍ଟସାଇଟ୍ ଥାନା ଅଞ୍ଚଳରେ ଗତ ୨୧ତାରିଖରେ ୫ ଜଣ ଯୁବକଙ୍କୁ ଗିରଫ କରାଯାଇ ମାରଣାସ୍ତ୍ର ଜବତ ହୋଇଥିଲା।

ଏ ସମ୍ପର୍କରେ ଡିଏସ୍‌ପି ଜୋନ୍-୧ ଅମରେନ୍ଦ୍ର ଷଣ୍ଢଙ୍କ କହିବା ଅନୁସାରେ, ଅପରାଧୀଙ୍କୁ ଧରିବା ପୂର୍ବରୁ ଅପରାଧ ନିରାକରଣ ପାଇଁ ପୋଲିସ ବିଭିନ୍ନ ପନ୍ଥା ଅବଲମ୍ବନ କରୁଛି। ଏହାଦ୍ୱାରା ମହିଳା, ପୁରୁଷ, ଯୁବପିଢ଼ି ଓ ଛୋଟ ପିଲା ସୁରକ୍ଷିତ ଭାବେ ରାସ୍ତାଘାଟରେ ବିଚରଣ କରିପାରିବେ। ଡକାୟତି ଯୋଜନା ପ୍ରସ୍ତୁତ କରିବା ପୂର୍ବରୁ ଉକ୍ତ ଅପରାଧୀମାନଙ୍କୁ ଧରାଯାଉଛି। ଅଧିକାଂଶ କ୍ଷେତ୍ରରେ ଡକାୟତି ମାମଲାରେ ଜଡିତ ଅଭିଯୁକ୍ତମାନଙ୍କ ନାଁରେ ବିଭିନ୍ନ ଥାନାରେ ଏକାଧିକ ମାମଲା ରହୁଛି। ଫଳରେ ଅଭିଯୁକ୍ତଙ୍କ ସମ୍ପର୍କରେ ସୁରକ୍ଷା ଦୃଷ୍ଟିରୁ ସମସ୍ତ ତଥ୍ୟ ରହିବ ବୋଲି ଡିଏସ୍‌ପି ଷଣ୍ଢ କରିଥିଲେ। ସୂଚନାଯୋଗ୍ୟ, ଅନେକ ସମୟରେ ସହରରେ ଅପରାଧ ରୋକିବା ଅଭିଯାନକୁ କଡାକଡ଼ି କରାଯାଉଛି। ଏହି କ୍ରମରେ ଅପରେଶନ ଧରପଗଡ଼ ଦ୍ୱାରା ନିଶାଖୋର ତଥା ଅପରାଧୀମାନଙ୍କୁ ଆୟତ୍ତ କରାଯାଉଛି। ସେହିପରି ଦୀପାବଳି ଓ ପାର୍ବଣ ଋତୁରେ ଅଗ୍ନି ଅଭିଯାନ ହୋଇଥିଲା। ବେଆଇନ ବାଣ ରଖିବା ଅଭିଯୋଗରେ ସେମାନଙ୍କୁ ଗିରଫ କରାଯାଇଥିଲା। ଅପରାଧୀମାନଙ୍କୁ ଗିରଫ କରାଯାଇ ଅପରାଧ ନିୟନ୍ତ୍ରଣାଧୀନ କରାଯାଉଛି ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ବିହାର ସାଂସ୍କୃତିକ ପରିଷଦର ନୂତନ କର୍ମକର୍ତ୍ତା


ନୂତନ ଭାବେ ମନୋନୀତ ହୋଇଥିବା କର୍ମକର୍ତ୍ତା।

**ରାଉରକେଲା,୨୨।୧୧(ବିପ୍ଲବ ରଞ୍ଜନ ଦାଶ)**

ରାଉରକେଲାସ୍ଥିତ ବିହାର ସାଂସ୍କୃତିକ ପରିଷଦର ବାର୍ଷିକ ସାଧାରଣ ବୈଠକ ବାସନ୍ତୀ କଲୋନିରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଦୁଇ ବର୍ଷ ପାଇଁ ନୂତନ କମିଟି ଗଠନ କରାଯାଇଥିଲା। ଏଥିରେ ଅରୁଣ କୁମାର ସିଂହ ସଭାପତି, ରବି ରାୟ କାର୍ଯ୍ୟକାରୀ ସଭାପତି, ବିନ୍ଦେଶ୍ୱର ସିଂହ ଶାହ ସାଧାରଣ ସମ୍ପାଦକ, ନୀରଜ ଚତୁର୍ବେଦୀ ସମ୍ପାଦକ, ଅଭିଷେକ ସିଂହ ସାଂସ୍କୃତିକ ସମ୍ପାଦକ, ସଞ୍ଜୟ ସିଂହ ଆଇନ ପରାମର୍ଶଦାତା, ସୁରେନ୍ଦ୍ର ପ୍ରଜାପତି ଉପସଭାପତି ଭାବେ ମନୋନିତ ହୋଇଥିଲେ। ଶଙ୍କର ସାହୁ, କେ.ବି. ପାଠକ, ସୁଚିତାନନ୍ଦ ସିଂହ, ବିପିନ ତିୱାରୀ, ସୁନୀଲ ମିଶ୍ରଙ୍କୁ ଯୁଗ୍ମ ସମ୍ପାଦକ ଏବଂ ଅଶୋକ କୁମାର ଗୁପ୍ତା, ଓସାର ପ୍ରସାଦ, ଗଣେଶ ସିଂହ, ଭୂଷଣ ସିଂହ, ବିଜୟ ସିଂହ, କାଳୀ ଚରଣ ସାହୁ, ଭୀମ ମହୋତୋ, ସୁରେନ୍ଦ୍ର ପ୍ରସାଦ, ରବିନ୍ଦ୍ର ଶର୍ମାଙ୍କୁ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ମନୋନିତ କରାଯାଇଥିଲା। ସେହିପରି ସଂସ୍କୃତି କମିଟିରେ ବିଜୟ କୁମାର ପାଠକ, ଅନିଲ ପ୍ରସାଦ, ରାମ ସିଂହ, ଏସ୍.ଏନ୍. ଦୁବେ, ଏ. କେ. ସିଂହ, ଏସ୍.ଏସ୍. ରାଣା, କୃଷ୍ଣ ସିଂହ ରହିଛନ୍ତି। ମୁଖ୍ୟ ପରାମର୍ଶଦାତା ଭାବେ ଗୌରୀଶଙ୍କର ସିଂହ, ପରାମର୍ଶଦାତା ଭାବେ ଶିବଲାଲ ସିଂହ, ବାସୁଦେବ ଯାଦବ, ନାଗେଶ୍ୱର ସିଂହ, ମହେନ୍ଦ୍ର ଶର୍ମା, ରୀତା ସିଂହ, ଇତୱର ଚନ୍ଦ୍ର ଯାଦବ, ଉମେଶ ସିଂହ ରହିଛନ୍ତି। ଏହି ଅବସରରେ ସମସ୍ତ ସଦସ୍ୟ ଶପଥ ପାଠ କରିଥିଲେ।

# ବିପିୟୁଟିର ୨୪ତମ ପ୍ରତିଷ୍ଠା ଦିବସ ପାଳିତ

**ରାଉରକେଲା,୨୨।୧୧(ଦିନେଶ ମିଶ୍ର)**

ରାଉରକେଲା ଛେଣ୍ଡସ୍ଥିତ ବିପିୟୁଟିର ନେତାଜୀ ସୁଭାଷ ଅଡିଟୋରିୟମ୍ କକ୍ଷରେ ଶନିବାର ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର ୨୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଥିରେ ବିପିୟୁଟିରେ କୁଳସଚିବ ନିଶି ପୁନମ ମିଞ୍ଜ ବାର୍ଷିକ ବିବରଣୀ ଉପସ୍ଥାପନା କରିବା ସହିତ ୨୦୦୨ରେ ଆରମ୍ଭ ହୋଇଥିବା ବିପିୟୁଟି ଆଜି ୧୪୫ଟି ଅନୁବନ୍ଧିତ ଏବଂ ସଂଲଗ୍ନ କଲେଜ ସହିତ ଓଡିଶାର ସର୍ବବୃହତ ବୈଷୟିକ ବିଶ୍ୱବିଦ୍ୟାଳୟରେ ପରିଣତ ହୋଇଛି ବୋଲି କହିଥିଲେ। କୁଳପତି ପ୍ରଫେସର ଅମୀୟ କୁମାର ରଥ ବିକଶିତ ଓଡିଶା ପାଇଁ ବିଶ୍ୱବିଦ୍ୟାଳୟରେ ଶିକ୍ଷା, ଗବେଷଣା ଓ ଛାତ୍ର କୈନ୍ଦ୍ରିକ ସଂସ୍କାର ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ରିମ୍ସର ଅଧକ୍ଷ ଡକ୍ଟର ଆର୍ଯ୍ୟ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବିପିୟୁଟି ୭ ଦିନ ଭିତରେ ସେମିଷ୍ଟାର ଫଳାଫଳ ପ୍ରକାଶ କରିବା ତଥା ହାକାଥନ୍ ଓ ପ୍ରୋଜେକ୍ଟ ପ୍ରଦର୍ଶନୀ ଆୟୋଜନ ଆଦି କାର୍ଯ୍ୟକ୍ରମ ବିଶ୍ୱବିଦ୍ୟାଳୟକୁ ପ୍ରଶଂସା ଶିଖରରେ ପହଞ୍ଚାଇଛି। ବିପିୟୁଟି ଖୁବ୍ ଶୀଘ୍ର ଜାତୀୟ ସ୍ତରରେ ଶ୍ରେଷ୍ଠ ୫୦ ବିଶ୍ୱବିଦ୍ୟାଳୟ ମଧ୍ୟରେ ସ୍ଥାନ ପାଇବ ବୋଲି ପଟ୍ଟନାୟକ ଆଶାବ୍ୟକ୍ତ କରିଥିଲେ। ରାଉରକେଲା ଏନ୍‌ଆଇଟିର ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ ଛାତ୍ରଛାତ୍ରୀମାନଙ୍କୁ କୃତ୍ରିମ ବୁଦ୍ଧିମତ୍ତା ଦ୍ୱାରା ଉପୁଜିଥିବା ଚ୍ୟାଲେଞ୍ଜ ପାଇଁ ପ୍ରସ୍ତୁତି ହେବାକୁ ବହୁବିଧ ଦକ୍ଷତା ବିକାଶ କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟରେ ୟୁଜି ଓ ପିଜି ଅଧ୍ୟୟନ କେନ୍ଦ୍ରର କୃତୀ ଛାତ୍ରୀଛାତ୍ରମାନଙ୍କୁ ପ୍ରମାଣପତ୍ର ଓ ପଦକ ପ୍ରଦାନ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କୁଳସଚିବ ଡକ୍ଟର ଶୁଭେନ୍ଦୁ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ବାର୍ଷିକ କାର୍ଯ୍ୟକାରିଣୀ ବୈଠକ

**ରାଉରକେଲା,୨୨।୧୧(ବିପ୍ଲବ ରଞ୍ଜନ ଦାଶ)**

ରାଉରକେଲା ଉଦିତନଗରସ୍ଥିତ ଆଇଟିଡିଏ ସମ୍ମିଳନୀ କକ୍ଷରେ ଶନିବାର ଓଡିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ବାର୍ଷିକ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସଂଘ ସଭାପତି ସୁଚନ୍ଦ୍ର ମହାନ୍ତି ମୁଖ୍ୟଅତିଥି, କଟକ ଜିଲା ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ସମ୍ପାଦକ ଅରୁଣ କୁମାର ବିଶ୍ୱାଳ ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘର ଜିଲା ସଭାପତି ଦିଲୀପ କୁମାର ସାହୁ, ଜିଲା ସାଧାରଣ ସମ୍ପାଦକ ଦୀପକ କୁମାର ନାୟକ ଓ ପୂର୍ବତନ ରାଜ୍ୟ ସଭାପତି ଗୋଲକ ବିହାରୀ ମଙ୍ଗରାଜ ଉପସ୍ଥିତ ଥିଲେ। ସେହିପରି ୧୮ଟି ତହସିଲ ଏବଂ ଭୂ-ଅର୍ଜନ ଉପ-ବିଭାଗରେ କାର୍ଯ୍ୟରତ ୧୪୭ଜଣ ରାଜସ୍ୱ ପରିଦର୍ଶକ, ରାଜସ୍ୱ ନିରୀକ୍ଷକ ଓ ସହକାରୀ ରାଜସ୍ୱ ନିରୀକ୍ଷକ ସାମିଲ ହୋଇଥିଲେ। ବୈଠକରେ ସରକାରଙ୍କ ବିଭିନ୍ନ ଯୋଜନାଗୁଡିକର ତୃଣମୂଳ ସ୍ତରରେ ସଫଳ ରୂପାୟନ କରିବା ପାଇଁ ରାଜସ୍ୱ କ୍ଷେତ୍ର କର୍ମଚାରୀମାନେ କିଭଳି ଗଠନମୂଳକ ଭୂମିକା ନିର୍ବାହ କରିଥାନ୍ତି ତାହା ଉପରେ ଆଲୋଚନା ହୋଇଥିଲା। ପରେ ସରକାରୀ ଯୋଜନାଗୁଡିକୁ ତୃଣମୂଳସ୍ତରରେ ସଫଳ ରୂପାୟନ କରିବା ସମୟରେ ରାଜସ୍ୱ କ୍ଷେତ୍ର ଅଧିକାରୀମାନେ ସମ୍ମୁଖୀନ ହେଉଥିବା ବିବିଧ ସମସ୍ୟା ବିଷୟରେ ଆଲୋଚନା କରାଯାଇଥିଲା। ଏଥିସହ ସଂଘର ବିଭିନ୍ନ ସମସ୍ୟା ସମେତ ଆର୍‌ଆଇ ଓ ବିଭିନ୍ନ ରାଜସ୍ୱ ବିଭାଗୀୟ କାର୍ଯ୍ୟାଳୟର ଉନ୍ନତୀକରଣ, ବିଦ୍ୟୁତ୍ ସଂଯୋଗୀକରଣ, ପାନୀୟ ଜଳ ବ୍ୟବସ୍ଥା ଓ ରାଜସ୍ୱ ଆଦାୟ ଜନିତ ଆନୁଷଙ୍ଗିକ ବ୍ୟବସ୍ଥାର ସୁଦୃଢୀକରଣ ଉପରେ ଆଲୋଚନା ହେବା ସହ ରାଜସ୍ୱ ବିଭାଗୀୟ କାର୍ଯ୍ୟ ବ୍ୟତୀତ ଅନ୍ୟ ବିଭାଗୀୟ କାର୍ଯ୍ୟ ତୁଲାଇବା ସକାଶେ ରାଜସ୍ୱ କ୍ଷେତ୍ର ଅଧିକାରୀ ଓ କର୍ମଚାରୀଙ୍କ ଉପରେ ଚାପ ପକା ନ ଯିବା ଆଦି ବିଷୟ ସରକାରଙ୍କ ନିକଟରେ ଉପସ୍ଥାପନ କରି କାର୍ଯ୍ୟକାରୀ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ସୁଶ୍ରୀ ନିବେଦିତା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା ଏବଂ ନିରଜ କୁମାର ଗୁପ୍ତା ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ମଞ୍ଚାସୀନ ଅତିଥି।

# ୨୬ରେ ସମ୍ବିଧାନ ଦିବସ ସମାରୋହ

**ରାଉରକେଲା,୨୨।୧୧(ବିପ୍ଲବ ରଞ୍ଜନ ଦାଶ)**

ଝିରପାଣି ଫୁଟବଲ ପଡିଆରେ ନିର୍ମଳମୁଣ୍ଡା ଖୁଟକାଟି ଟ୍ରଷ୍ଟ ପକ୍ଷରୁ ଆସନ୍ତା ୨୬ ତାରିଖରେ ସମ୍ବିଧାନ ଦିବସ ପାଳନ ସମାରୋହ ଆୟୋଜନ କରାଯିବ। ଏ ନେଇ ଶନିବାର ସେକ୍ଟର-୧୩ କମ୍ୟୁନିଟି ସେଣ୍ଟରରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ସମ୍ମିଳନୀରେ ଟ୍ରଷ୍ଟର ସାଧାରଣ ସମ୍ପାଦକ ଜେରୋମ୍ କେର୍କେଟା, ରାଉରକେଲା ମୁଣ୍ଡା ସମାଜ ସଭାପତି ଅଗସ୍ତି ନାଗ, ଆର୍‌ଏସ୍‌ପି ଏସ୍‌ଟି ୱେଲଫେୟାର କମିଟି ସାଧାରଣ ସମ୍ପାଦକ ରବିନ୍ଦ୍ର ମହାଲିଙ୍ଗ, ଟ୍ରଷ୍ଟର କୋଷାଧ୍ୟକ୍ଷ ବଲବୀର କୁଲ୍ଲୁ, ସମାରୋହ ସମିତିର ସଭ୍ୟ ଶାନ୍ତି ପ୍ରକାଶ କୁଜୁର, ଝିରପାଣି ସରପଞ୍ଚ ଅଜିତ ତିର୍କୀ, କୋର୍ଡିନେଶନ କମିଟି ସଭ୍ୟ ସୁର ଓରାମ, ଅମିତ କୁମାର ବାରା ପ୍ରମୁଖ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

# ଗୋପବନ୍ଧୁଙ୍କ ଜୀବନୀ ଉପରେ ବକ୍ତୃତା, ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ

**ରାଉରକେଲା,୨୨।୧୧**
**(ବିପ୍ଲବ ରଞ୍ଜନ ଦାଶ/ଦିନେଶ ମିଶ୍ର)**



କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ଆମେ ଓଡ଼ିଆ ରାଉରକେଲା ଶାଖା ପକ୍ଷରୁ ଉତ୍କଳମଣି ଗୋପବନ୍ଧୁଙ୍କ ଜୀବନୀ ଉପରେ ବିଦ୍ୟାଳୟସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ଉଦିତନଗର ସରକାରୀ ହାଇସ୍କୁଲରେ ପ୍ରଶ୍ନୋତ୍ତର ଓ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗାୟତ୍ରୀ ସେଠି ମୁଖ୍ୟ ଅତିଥି ଏବଂ ଶିଳ୍ପପତି ନିହାରିକା ବସ୍ତିଆ ମୁଖ୍ୟ ବିଚାରକ ଭାବେ ଯୋଗ ଦେଇଥିଲେ। ପ୍ରଥମ ଦିବସରେ ବକ୍ତୃତାରେ ୮ ଜଣ ଓ ପ୍ରଶ୍ନୋତ୍ତରରେ ୧୨ ଜଣଙ୍କୁ ପୁରସ୍କୃତ କରାଯାଇଥିଲା। ଦ୍ୱିତୀୟ ଦିବସରେ ଏନ୍‌ଆଇଟି ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ବକ୍ତୃତା ଓ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଦୀପ୍ତା ବେହେରା ଆବାହକ ଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ନିରୁପମା ପତି ସଭାପତିତ୍ୱ କରିଥିବାବେଳେ ମିନତୀ ଖମାରୀ ମଞ୍ଚ ପରିଚାଳନା କରିଥିଲେ। ସଙ୍ଗଠନ ସଭାପତି ଶମ୍ଭୁନାଥ ପରିଡା, ସମ୍ପାଦକ ଜଗନ୍ନାଥ ରାଉତ, ଉପଦେଷ୍ଟା ଡ. ସନାତନ ପ୍ରଧାନ, ଚାନ୍ଦମଣି ବେହୁରିଆ, ଗଙ୍ଗାଧର ପୁହାଣ ପ୍ରମୁଖ ଉପସ୍ଥିତ ଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ତୃତୀୟ ଦିବସରେ ଛେଣ୍ଡ ହାଇସ୍କୁଲ ସଭାଗୃହରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ୨୧ ଛାତ୍ରୀଛାତ୍ର ବକ୍ତୃତା ଏବଂ ୧୦ ଛାତ୍ରୀଛାତ୍ର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଶୁକ୍ରବାର ଚତୁର୍ଥ ଦିବସରେ ସେକ୍ଟର-୬ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆୟୋଜିତ ବକ୍ତବ୍ୟ ଓ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଆମେ ଓଡ଼ିଆ ସଭାପତି ଶମ୍ଭୁନାଥ ପରିଡ଼ା ସଭାପତିତ୍ୱ କରିଥିଲେ। ମମତା ସାମଲ ମଞ୍ଚ ସଞ୍ଚାଳନ କରିଥିବାବେଳେ ମମତା ଜେନା ଓ ସୁଶ୍ରୀ ପୁଷ୍ପଲତା ବିଶ୍ୱାଳ ମୂଲ୍ୟାୟନ କରିଥିଲେ। ସାଧାରଣ ସମ୍ପାଦକ ଜଗନ୍ନାଥ ରାଉତ, ଉପଦେଷ୍ଟା ଚାନ୍ଦମଣି ବେହୁରା, ଉପସଭାପତି ଅନିଲ ଦାଶ, ଗଙ୍ଗାଧର ପୁହାଣ ଓ ସହ ସମ୍ପାଦକ ସଲିଲ ଦାସ ପ୍ରମୁଖ ସହଯୋଗ କରିଥିଲେ।

# ବାଳକରେ ଗୁରୁଣ୍ଡିଆ, ବାଳିକାରେ କଲ୍ୟାଣୀ ରାୟ କଲେଜ ଚାମ୍ପିୟନ

## ଯୁକ୍ତ ୨ ଆନ୍ତଃ ଉଚ୍ଚ ମାଧ୍ୟମିକ ସ୍କୁଲସ୍ତରୀୟ ହକି ପ୍ରତିଯୋଗିତା ଉଦ୍‌ଯାପିତ

**ରାଉରକେଲା, ୨୨।୧୧(ବିପ୍ଲବ ରଞ୍ଜନ ଦାଶ)**



ଅତିଥିମାନଙ୍କ ଗହଣରେ କୃତୀ ଦଳର ଖେଳାଳି।

ରାଉରକେଲା ମ୍ୟୁନିସିପାଲ କଲେଜ ଆନୁକୂଲ୍ୟରେ ଚାଲିଥିବା ଯୁକ୍ତ ୨ ଆନ୍ତଃ ସ୍କୁଲସ୍ତରୀୟ ହକି ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତା ସ୍ପୋର୍ଟ୍ସ ହଷ୍ଟେଲ ପାନପୋଷଠାରେ ଅନୁଷ୍ଠିତ ହୋଇଥିଲା। ବାଳକ ବିଭାଗରେ ୧୮ଟି ସ୍କୁଲ ଏବଂ ବାଳିକା ବିଭାଗରେ ୧୦ଟି ସ୍କୁଲ ଭାଗ ନେଇଥିଲେ। ବାଳକ ବିଭାଗରେ ଗୁରୁଣ୍ଡିଆ ପଞ୍ଚାୟତ ହାୟର ସେକେଣ୍ଡାରୀ ସ୍କୁଲ ଚାମ୍ପିୟନ ହୋଇଥିବା ବେଳେ ମ୍ୟୁନିସିପାଲ ହାୟର ସେକେଣ୍ଡରୀ ସ୍କୁଲ ଉପବିଜେତା ହୋଇଥିଲା। ସେହିପରି ବାଳିକା ବିଭାଗରେ କଲ୍ୟାଣୀ ରାୟ ହାୟର ସେକେଣ୍ଡରୀ ସ୍କୁଲ ଚାମ୍ପିୟନ ହୋଇଥିବା ବେଳେ କିସ୍ ଭୁବନେଶ୍ୱର ଉପବିଜେତା ହୋଇଥିଲା। ଫାଇନାଲରେ ମ୍ୟୁନିସିପାଲ କଲେଜର ଅଧ୍ୟକ୍ଷ ପ୍ରଫେସର ହରିହର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତ ବିଜେତା ଏବଂ ଉପବିଜେତା ଦଳଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ତରଫରୁ କ୍ୟାପଟେନ ମିନା ଦାଶ, ସୁବାଷ ଚନ୍ଦ୍ର ବଳ, ସତ୍ୟ ରଞ୍ଜନ ପଣ୍ଡା, ସୁଶାନ୍ତ କୁମାର ଶତପଥୀ, ସୁବ୍ରତ ଭଞ୍ଜ ଏବଂ ଅଭିଜିତ ପ୍ରସାଦ ପ୍ରତିଯୋଗିତା ପରିଚାଳନା ଦାୟିତ୍ୱ ନିର୍ବାହ କରିଥିଲେ। ସେକ୍ରେଟାରୀ କ୍ୟାପ୍ଟେନ ସତ୍ୟ ନାରାୟଣ ରାଉତଙ୍କ ତତ୍ତ୍ୱାବଧାନରେ ହକି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ଶାନ୍ତି କମିଟି ବୈଠକ ପରେ ଗୋଷ୍ଠୀ ବିବାଦ ପ୍ରଶମିତ

**ସମ୍ବଲପୁର,୨୨।୧୧(ପ୍ରମୋଦ ବହିଦାର)**


ଲିପିଣ୍ଡା ଗ୍ରାମରେ ପୋଲିସ ଉପସ୍ଥିତିରେ ଅନୁଷ୍ଠିତ ଶାନ୍ତି କମିଟି ବୈଠକ ଚାଲିଛି।

ସମ୍ବଲପୁର ଜିଲା ଯୁଯୁମୁରା ଥାନା ଅନ୍ତର୍ଗତ ଲିପିଣ୍ଡା ଗ୍ରାମରେ ଶୁକ୍ରବାର ଦୁଇଗୋଷ୍ଠୀଙ୍କ ମଧ୍ୟରେ ବିବାଦ ଉଗ୍ରରୂପ ନେଇଥିଲା। ଶନିବାର ଶାନ୍ତି କମିଟି ବୈଠକ ପରେ ବିବାଦ ପ୍ରଶମିତ ହୋଇଛି। ବିଭିନ୍ନ କାରଣରୁ ଲିପିଣ୍ଡା ଗ୍ରାମର ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ଓ ଗ୍ରାମର ଯୁବଗୋଷ୍ଠୀଙ୍କ ମଧ୍ୟରେ ପୂର୍ବରୁ ଲାଗି ରହିଥିବା ବିବାଦ ଶୁକ୍ରବାର ହଠାତ ଉଗ୍ର ରୂପ ଧାରଣ କରି ଉତ୍ତେଜନା ସୃଷ୍ଟି ହୋଇଥିଲା। ଖବର ପାଇ ଯୁଯୁମୁରା ଥାନା ପୋଲିସ ତୁରନ୍ତ ସେଠାରେ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଥିଲା। ପ୍ରତିଷେଧମୂଳକ ବ୍ୟବସ୍ଥା ସ୍ୱରୂପ ଗ୍ରାମରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ରାତିତମାମ ପୋଲିସ ସୁରକ୍ଷା କର୍ମୀ ଗ୍ରାମରେ ଜଗି ରହିଥିଲେ। ଏସ୍‌ଡିପିଓ ପ୍ରଶାନ୍ତ କୁମାର ମେହେର ଶନିବାର ସକାଳେ ଲିପିଣ୍ଡା ଗ୍ରାମରେ ପହଞ୍ଚି ଘଟଣାର ଅନୁଧ୍ୟାନ କରିଥିଲେ। ତାଙ୍କ ଅଧ୍ୟକ୍ଷତାରେ ଉଭୟ ଗୋଷ୍ଠୀର ବରିଷ୍ଠ ବ୍ୟକ୍ତିଙ୍କୁ ନେଇ ସ୍ଥାନୀୟ ଜନ ପ୍ରତିନିଧି, ପ୍ରଶାସନିକ ଓ ପୋଲିସ ଅଧିକାରୀଙ୍କ ଉପସ୍ଥିତିରେ ଏକ ଶାନ୍ତି କମିଟି ବୈଠକ ବସିଥିଲା। ଏଥିରେ ଉଭୟ ଗୋଷୀ ଆଗାମୀ ଦିନରେ ମିଳିମିଶି ଭାଇଚାରାରେ ରହିବାକୁ ସହମତି ପ୍ରକାଶ କରି ଏକ ରାଜିନାମାରେ ସ୍ୱାକ୍ଷର କରିଥିଲେ। ଉଭୟ ଗୋଷ୍ଠୀ ଏସ୍‌ଡିପିଓ ମେହେରଙ୍କ ସମେତ ଡିଏସ୍‌ପି ଇଶ୍ୱର ତାଣ୍ଡି, ଯୁଯୁମୁରା ଥାନା ଆଇଆଇସି ସଞ୍ଜୟ କୁମାର ରାଉତ, ତହସିଲଦାର ପ୍ରଭାସ ବୁଡ଼ାଏକ, ଆର୍‌ଆଇ ସୈରେନ୍ଦ୍ରୀ ନାଏକ, ସରପଞ୍ଚ ପ୍ରଫୁଲ୍ଲ ମିର୍ଦ୍ଧା, ନୃପଶେଖର କୁମରା, ସୂର୍ଯ୍ୟକାନ୍ତ ପାଣିଗ୍ରାହୀ ପ୍ରମୁଖଙ୍କ ଉପସ୍ଥିତିରେ ଉକ୍ତ ରାଜିନାମାରେ ସ୍ୱାକ୍ଷତ କରିବା ସହ ଆଗାମୀ ଦିନରେ ପରିସ୍ପର ମିଳିମିଶି ରହିବାକୁ ପ୍ରତିଶ୍ରୁତି ଦେଇଥିଲେ।

ସୂଚନା ଅନୁସାରେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ କୌଣସି କଥାକୁ ନେଇ ଦୀର୍ଘ ଦିନରୁ ବିବାଦ ଲାଗି ରହିଥିଲା। ଶୁକ୍ରବାର ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଜଣେ ଯୁବକ ଅନ୍ୟ ଗୋଷ୍ଠୀ ବସୁଥିବା ଏକ ସ୍ଥାନରେ ଛେପ ପକାଇ ଦେଇଥିଲେ। ଏହାକୁ କେନ୍ଦ୍ର କରି ଉଭୟ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇ ଉଗ୍ର ରୂପ ଧାରଣ କରିଥିଲା। ତେବେ ଏହା ହିଂସାର ରୂପ ନେବା

## ଗ୍ରାମରେ ପୋଲିସ ସୁରକ୍ଷା କର୍ମୀ ମୁୟତନ

ପୂର୍ବରୁ ଠିକ୍ ସମୟରେ ଘଟଣାସ୍ଥଳରେ ପୋଲିସ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଥିଲା। ଶାନ୍ତି କମିଟି ପରେ ଶନିବାର ମଧ ଏଠାରେ ପୋଲିସ ସୁରକ୍ଷା କର୍ମୀଙ୍କୁ ମୁତୟନ କରାଯାଇଛି।

ଏସମ୍ପର୍କରେ ଏସ୍‌ଡିପିଓ ମେହେର କହିଛନ୍ତି, ବର୍ତ୍ତମାନ ଗଣ୍ଡୋଗଳ ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ରହିଛି। ଉଭୟ ଗୋଷ୍ଠୀଙ୍କୁ ନେଇ ଏଠାରେ ପ୍ରଶାସନିକ ଅଧିକାରୀ ଓ ଜନପ୍ରତିନିଧିଙ୍କ ଉପସ୍ଥିରେ ଏକ ଶାନ୍ତିକମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଉଭୟ ଗୋଷ୍ଠୀ ଆଗକୁ ଗଣ୍ଡଗୋଳ ନ କରିବା ଓ ଗାଁରେ ଶାନ୍ତି ଶୃଙ୍ଖଳାର ସହିତ ପରିସ୍ପର ଭାଇଚାରା ସହକାରେ ରହିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ତଥାପି ପୋଲିସ ପକ୍ଷରୁ ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରକ୍ଷାଯାଇଛି ବୋଲି ସେ କହିଛନ୍ତି।

# କ୍ରୀଡା ଅଭ୍ୟାସ ଦ୍ୱାରା ଶରୀର ମନ ଫୁର୍ତ୍ତି ରହିଥାଏ



କେସିଏନ ଓ ବିଏଫପିଏସର ବାର୍ଷିକ କ୍ରୀଡା ଉତ୍ସବରେ ମଞ୍ଚସୀନ ଅତିଥି ଓ ଛାତ୍ରୀଛାତ୍ର।

**ସମ୍ବଲପୁର,୨୨।୧୦(ବି.ଶଙ୍କର)**

କୋଶଳ କଲେଜ ଅଫ ନର୍ସିଂ(କେସିଏନ) ଓ ବ୍ରାଇଟ ଫ୍ୟୁଚର ପବ୍ଲିକ ସ୍କୁଲ (ବିଏଫ୍‌ପିଏସ)ର ବାର୍ଷିକ କ୍ରୀଡା ଉତ୍ସବ ଶନିବାର ନକ୍ସାପାଲି ସ୍ଥିତ ଖେଳପଡିଆରେ ଅନୁଷ୍ଠିତ ହୋଇଛି। ଉତ୍ସବରେ ଶିକ୍ଷାନୁଷ୍ଠାନ ସଭାପତି ଜଗଦିଶ ଚନ୍ଦ୍ର ତ୍ରିପାଠୀ ସଭାପତିତ୍ୱ କରିଥିଲେ। ପୂର୍ବତନ ବିଧାୟକ ନାଉରୀ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷାନୁଷ୍ଠାନ ନିର୍ଦ୍ଦେଶକ ଡା. ବସନ୍ତ କୁମାର ବିଶୋଇ କ୍ରୀଡାର ଉପଯୋଗିତା ବିଷୟରେ ଆଲୋକପାତ କରଇଥିଲେ। ନିୟମିତ କ୍ରୀଡା ଅଭ୍ୟାସ ଦ୍ୱାରା ଶରୀର, ମନ ସର୍ବଦା ଫୁର୍ତ୍ତି ରହିଥାଏ। ଏଥିସହ ମନକୁ ଶୃଙ୍ଖଳିତ କରିବାରେ ସହାୟକ ହୋଇଥାଏ। ଯଦ୍ୱାରା ଛାତ୍ରୀଛାତ୍ରମାନେ ଜୀବନର ଲକ୍ଷ୍ୟ ହାସଲ କରିବା ସହ ଶୀଖର ଛୁଇଁଥାନ୍ତି ବୋଲି ନିର୍ଦ୍ଦେଶକ ଡ. ବିଶୋଇ ମତ ପ୍ରକାଶ କରିଥିଲେ। ଭାଜପା ନେତା ରାଧେଶ୍ୟାମ ବାରିକ ସମ୍ମାନୀତ ଅତିଥି, ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ପାଣିଗ୍ରାହୀ ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ବିଜୟିତା ସାହୁ, ସୌମ୍ୟାରାଣୀ ବେହେରା, ସୁଜାତା ସେଟ, ମୁନୁ ଜେନା, ସଂଗୀତା ଜୟସିଂ, ଭି ପଟେଲ, ଆରଏନ ଜେନା, ଲିଜା ପ୍ରଧାନ, ମାନସ ବିଶୋଇ ପ୍ରତିଯୋଗୀକୁ ପରିଚାଳନା କରିଥିଲେ। ବ୍ରାଇଟ ଫ୍ୟୁଚର ପବ୍ଲିକ ସ୍କୁଲ ଖେଳ ଶିକ୍ଷକ ସିକୁନ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଇଭେଣ୍ଟ ହୋଇଥିଲା। ଶେଷରେ କୋଶଳ କଲେଜ ଅଫ ନର୍ସିଂ ପ୍ରିନ୍ସିପାଲ ଲିପିନା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# କାମ ନ କଲେ ଦରମା ବନ୍ଦ ନୋଟିସ୍ ଦେଲା ଠିକାସଂସ୍ଥା

**ସମ୍ବଲପୁର, ୨୨।୧୧(ଭବାନୀ ଶଙ୍କର ଭୋଇ)**

ତଳାବିରା ୨ ଓ ୩ କୋଇଲା ଖଣିରେ କାର୍ଯ୍ୟରତ ଶ୍ରମିକମାନଙ୍କ ବିକ୍ଷୋଭ ଯୋଗୁ ଗତ ୧୦ ଦିନ ହେବ ଖଣି ଖନନ ଏବଂ କୋଇଲା ପରିବହନ କାମ ବନ୍ଦ ରହିଛି। ସ୍ଥାନୀୟ ପତ୍ରାପାଲି ଏବଂ ମାଳଦା ଅଞ୍ଚଳର ଯୁବକମାନେ ସ୍ଥାୟୀ ନିଯୁକ୍ତି ଦାବିରେ ଖଣି କାର୍ଯ୍ୟ ବନ୍ଦ କରି ଆନ୍ଦୋଳନ କରୁଛନ୍ତି। ଏପରିସ୍ଥଳେ ଠିକାସଂସ୍ଥା ପକ୍ଷରୁ କାମ ନ କଲେ ଦରମା ବନ୍ଦ (ନୋ ୱାର୍କ ନୋ ପେ) ନୋଟିସ ଦିଆଯାଇଛି । ତେବେ ଆନ୍ଦୋଳନ ଯୋଗୁ କୋଇଲା ଖଣିରେ କାର୍ଯ୍ୟରତ ୧୨ ଶହ ଶ୍ରମିକଙ୍କ ଦରମା ବନ୍ଦ ହେବା ଆଶଙ୍କା ଦେଖାଦେଇଛି । ତେବେ ଠିକା ସଂସ୍ଥା ଦ୍ୱାରା ଏଭଳି ନୋଟିସ ଲଗାଯିବା ଫଳରେ ଶ୍ରମିକ ମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହାକୁ ନେଇ ଶ୍ରମିକମାନେ କମ୍ପାନୀ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

# ହାଇୱାକୁ ପିଟିଲା ଆମ୍ବୁଲାନ୍ସ, ଜଣେ ମୃତ

**ସମ୍ବଲପୁର,୨୨।୧୧(ପ୍ରମୋଦ ବହିଦାର)**


ହାଇୱାକୁ ଧକ୍କା ଦେଇ ୧୦୮ ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ।

ସମ୍ବଲପୁର ଜିଲା ଯୁଯୁମୁରା ଥାନା ମହୁଲପାଲି ଫୁଲଝରଣ ଛକ ନିକଟ ଜାତୀୟ ରାଜପଥ(୫୫) ପାର୍ଶ୍ୱରେ ଛିଡ଼ା ହୋଇଥିବା ଏକ ବାଲି ବୋଝେଇ ହାଇୱାକୁ ପଛରୁ ଧକ୍କା ଦେଇ ଏକ ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ସମ୍ମୁଖ ସିଟ୍‌ରେ ବସିଥିବା ଆମ୍ବୁଲାନ୍ସ କର୍ମଚାରୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୫ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ବୁର୍ଲା ଭିମ୍‌ସାର୍‌ରେ ଭର୍ତ୍ତି କରାଯାଇଛି। ମୃତକ ବୌଦ୍ଧ ଜିଲା ଆଦର୍ଶ ଥାନା ଅନ୍ତର୍ଗତ ଲକ୍ଷ୍ମୀପ୍ରସାଦ ଗ୍ରାମର ଆମ୍ବୁଲାନ୍ସ କର୍ମଚାରୀ ତଥା ଆଟେଣ୍ଡାଣ୍ଟ ମାନଭଞ୍ଜନ ସାହୁ। ଯୁଯୁମୁରା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କରିଥିଲା। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଦୁର୍ଘଟଣାଗ୍ରସ୍ତ ହାଇୱା ଓ ଆମ୍ବୁଲାନ୍ସକୁ ପୋଲିସ ଜବତ କରିଛି। ମିଳିଥିବା ସୂଚନା ଅନୁସାରେ, ବୌଦ୍ଧରୁ ୧୦୮ ଆମ୍ବୁଲାନ୍ସ(ନଂ.ଓଡି–୦୨–ବିଏଚ୍–୨୮୯୮) ଜଣେ ରୋଗୀଙ୍କୁ ନେଇ ବୁର୍ଲା ଭିମସାରକୁ ଆସୁଥିଲା। ଶନିବାର ଭୋର ପ୍ରାୟ ସାଢ଼େ ୫ଟାରେ ଫୁଲଝରଣ ଛକ ନିକଟ ରାସ୍ତାପାର୍ଶ୍ୱରେ ଛିଡ଼ା ହୋଇଥିବା ଏକ ବାଲି ବୋଝେଇ ହାଇୱାକୁ ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

# ହାତୀ ଆକ୍ରମଣରେ ଯୁବଚାଷୀଙ୍କ ମୃତ୍ୟୁ

**ସମ୍ବଲପୁର:୨୨।୧୧(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ଜିଲା ପଡିଆବାହାଲ ରେଞ୍ଜ ଛାମୁଣ୍ଡା ସେକ୍ସନ ଅଧୀନ ସାପଡଗର ଗାଁର ଜଣେ ଚାଷୀଙ୍କ ହାତୀ ଆକ୍ରମଣରେ ମୃତ୍ୟୁ ଘଟିଛି। ମୃତକ ହେଲେ ଇସ୍ରାଏଲ ଲୁଗୁନ(୩୫)। ଇସ୍ରାଏଲ ଶୁକ୍ରବାର ରାତି ୧୦ଟାରେ ଖାଇସାରି ବିଲକୁ ସାଥୀଚାଷୀଙ୍କ ସହ ଧାନଫସଲ ଜଗିବାକୁ ଯାଇଥିଲେ। ଏହି ସମୟରେ ସେମାନେ ହାତୀ ହାବୁଡ଼ରେ ପଡ଼ିଥିଲେ। ହାତୀ ତାଙ୍କୁ କଚାଡ଼ି ଦେଇଥିଲା। ଏଥିରେ ସେ ଗୁରୁତର ଆହତ ହୋଇଥିଲେ। ସାଥିରେ ଥିବା ଚାଷୀମାନେ ତାଙ୍କୁ ଯୁଯୁମୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହାତୀଟି ଗତ କିଛିଦିନ ହେବ ସାପଡଗର ଅଞ୍ଚଳରେ ବୁଲୁଛି। ଅପରାହ୍ନ ୩ଟାରୁ ରାସ୍ତାରେ ଯିବା ଆସିବା ପାଇଁ ସ୍ଥାନୀୟ ଲୋକେ ଭୟ କରୁଛନ୍ତି। ତେବେ ଫସଲ ନଷ୍ଟକୁ ରକ୍ଷା କରିବା ପାଇଁ ରାତିରେ ଚାଷୀମାନେ ପହରା ହେଉଛନ୍ତି। ତେବେ ପହରା ଦେବାକୁ ଯିବା ବାଟରେ ଇସ୍ରାଏଲଙ୍କ ହାତୀ ଆକ୍ରମଣରେ ମୃତ୍ୟୁ ଘଟିଛି ।

# ବୌଦ୍ଧିକ ଶିକ୍ଷାଜ୍ଞାନ ବୃଦ୍ଧିର ମାଧ୍ୟମ ପାଠଚକ୍ର



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

**କୁଚିଣ୍ଡା ୨୨।୧୧(ବିରଞ୍ଚି ଦର୍ଚ୍ଚା)**

ସମ୍ବଲପୁର ଜିଲା କୁଚିଣ୍ଡା ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ଶନିବାର ଶିକ୍ଷା ବିଭାଗ ଆନୁକୂଲ୍ୟରେ ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁଚିଣ୍ଡା ମହାବିଦ୍ୟାଳୟ ଅଧ୍ୟକ୍ଷ ଦାୟିତ୍ୱରେ ଥିବା ଡ.ସୁମନ୍ତ କୁମାର ପଟେଲ ମୁଖ୍ୟଅତିଥି, ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡ.ସୁଧାଂଶୁ କୁମାର ମହାପାତ୍ର, ଇଂଲିଶ ବିଭାଗ ମୁଖ୍ୟ ଡ.ପ୍ରକାଶ ଚନ୍ଦ୍ର ପଟେଲ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ତାଙ୍କ ବକ୍ତବ୍ୟରେ କହିଥିଲେ ଭାରତୀୟ ଶିକ୍ଷା ଦର୍ଶନ ଉପରେ ଛାତ୍ରୀଛାତ୍ରଙ୍କ ବୌଦ୍ଧିକ ଶିକ୍ଷା ବୃଦ୍ଧିର ମାଧ୍ୟମ ହେଉଛି ପାଠଚକ୍ର। ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଓ ମହାତ୍ମା ଗାନ୍ଧୀଙ୍କ ଶିକ୍ଷା ଦର୍ଶନ ଉପରେ ଆଲୋଚନା କରିଥିଲେ। ବ୍ରିଟିଶ ଶିକ୍ଷା ବ୍ୟବସ୍ଥାର ସମାଲୋଚନା ଏବଂ ଏକ ନୂତନ ବିକଳ୍ପ ଶୀର୍ଷକରେ ଛାତ୍ରୀଛାତ୍ରୀମାନେ ଅଂଶଗ୍ରହଣ କରି ସେମାନଙ୍କ ଜ୍ଞାନ ଓ ଅନୁଭବକୁ ଉପସ୍ଥାପନ କରିଥିଲେ। ମହାତ୍ମା ଗାନ୍ଧୀଙ୍କ ଜୀବନ ଦର୍ଶନ, ସତ୍ୟାଗ୍ରହ ଓ ରାଷ୍ଟ୍ର ନିର୍ମାଣର ପୃଷ୍ଠଭୂମି, ଭାରତୀୟ ଶିକ୍ଷା ବ୍ୟବସ୍ଥା ସହ ପାଶ୍ଚାତ୍ୟ ଶିକ୍ଷା ବ୍ୟବସ୍ଥା ଉପରେ ସେମାନେ ତୁଳନାତ୍ମକ ବିଶ୍ଳେଷଣ କରିଥିଲେ। ଶିକ୍ଷାବିଭାଗ ମୁଖ୍ୟ ଡ.ମେନକା ନାୟକ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଶିକ୍ଷା ବିଭାଗର ଅନ୍ୟତମ ଅଧ୍ୟାପିକା ବେଲମତି କୁମୁରା ପାଠଚକ୍ରର ମହତ୍ତ୍ୱ ଉପରେ ସୂଚନା ଦେଇଥିଲେ। ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଶିକ୍ଷାଦର୍ଶନ ଉପରେ ଛାତ୍ରୀ ଶୋଭାରାଣୀ ପାତ୍ର, ରଶ୍ମିତା ସାହୁ, ଛାତ୍ର ଅଜୟ ନାୟକ, ସୁବାଷ କିଷାନ ଏବଂ ମହାତ୍ମା ଗାନ୍ଧୀଙ୍କ ଶିକ୍ଷାଦର୍ଶନ ଉପରେ ଛାତ୍ରୀ ଧରିତ୍ରୀ ରୋହିଦାଶ, ବର୍ଷାରାଣୀ କେଛୁ, ମମତା ମାହାତ, ରେଶ୍ମା କିଷାନ, ଛାତ୍ର ଧଳେନ୍ଦ୍ର ବାଗ ଓ ପ୍ରିନ୍ସ ଦେହୁରୀ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ଦ୍ୱିତୀୟ ବର୍ଷ ଛାତ୍ର ଧରଣୀଧର କିଷାନ ପରିଚାଳନା କରିଥିବା ବେଳେ ତୃତୀୟ ବର୍ଷ ଛାତ୍ରୀ ମୌସୁମି ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରତିଭାକୁ ଗୁରୁତ୍ୱ ଦେଲେ ସଫଳତା ମିଳିବ

**ଜମନକିରା, ୨୧।୧୧(ରବୀନ୍ଦ୍ର ପ୍ରସାଦ ଦାନୀ)**

ସମ୍ବଲପୁର ଜିଲା ଜମନକିରା ସଦର ମହକୁମାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରାଙ୍ଗଣରେ ବିଂଶତିତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ବିଡ଼ିଓ ରବୀନ୍ଦ୍ର କୁମାର ସେଠୀ, ମୁଖ୍ୟବକ୍ତାଭାବେ କୁଚିଣ୍ଡା ମହାବିଦ୍ୟାଳୟ ଅଧ୍ୟକ୍ଷ ମନୋଜ କୁମାର ପଣ୍ଡା ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ବଡରମା ସରପଞ୍ଚ ବିଜୟ କୁମାର ନାଏକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସାଲେକରାମ ପ୍ରଧାନ, ସମ୍ପାଦକ ନାରାୟଣ ସାହୁ ମଞ୍ଚାସୀନ ଥିଲେ। ପାଠପଢା ସହ ଲୁକ୍କାୟିତ ପ୍ରତିଭାକୁ ଅନୁଧ୍ୟାନ ପୂର୍ବକ କାର୍ଯ୍ୟ କଲେ ପିଲାଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହୋଇ ପାରିବ ବୋଲି ଅତିଥିମାନେ କହିଥିଲେ। ପ୍ରଧାନଆଚାର୍ଯ୍ୟ ସୁରଲି ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଗୁରୁମା ଛବିରାଣୀ ଗଡ଼ନାୟକ ବୌଦ୍ଧିକ ପରିଚାଳନା କରିଥିବା ବେଳେ ସସ୍ମିତା ବିଶାଳ ଗୁରୁମା ଧନ୍ୟବାଦ ଅର୍ପଣ କରିଥିଲେ। ବାର୍ଷିକ ଉତ୍ସବ ଉପଲକ୍ଷେ ବିଦ୍ୟାଳୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଶିଶୁ ଭଉଣୀଭାଇମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ବାଲ ବୈଜ୍ଞାନିକ ପ୍ରଦର୍ଶନୀରେ ୧୫୭ପ୍ରକଳ୍ପ

**ସମ୍ବଲପୁର,୨୨।୧୦(ବି.ଶଙ୍କର)**


ଅତିଥିଙ୍କଠାରୁ ଜଣେ କୃତୀ ଛାତ୍ରୀ ପୁରସ୍କାର ଗ୍ରହଣ କରୁଛନ୍ତି।

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକସ୍ତରୀୟ ବାଲ ବୈଜ୍ଞାନିକ ବିଜ୍ଞାନ ପ୍ରଦର୍ଶନୀ ପୁରୁଣା ବଲାରଙ୍ଗା ହାଇସ୍କୁଲରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ରୁକ୍ମିଣୀ ମହାନନ୍ଦ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଜ୍ଞାନ ପ୍ରଦର୍ଶନୀର ଉଦ୍‌ଘାଟନ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ଲୋକିତା ଦାଶ ଏଥିରେ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚିତ୍ତରଞ୍ଜନ ମଲ୍ଲିକ, ପୂର୍ବତନ ଜିଲା ଶିକ୍ଷା ଅଧିକାରୀ ଡ. ପ୍ରମୋଦ କୁମାର ପଣ୍ଡା, ଡ. ଗିରିଧାରୀ ହୋତା ଯୋଗ ଦେଇଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୀତାରାମ ଭୋଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଜ୍ଞାନ ପ୍ରଦର୍ଶନୀରେ ୧୫୭ ପ୍ରକଳ୍ପ ପ୍ରଦର୍ଶିତ ହେଇଥିଲା। ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନର ମୁଖ୍ୟ ଥିମ୍ ବିକଶିତ ଓ ଆତ୍ମନିର୍ଭର ଭାରତ ଉପରେ ପର୍ଯ୍ୟବେଶିତ ୭ଟି ବିଷୟ ପୋଷଣୀୟ କୃଷି, ଆବର୍ଜନା ପ୍ରବନ୍ଧନ, ସବୁଜ ଶକ୍ତି, ନୂତନ ବୈଷୟିକ ପ୍ରଯୁକ୍ତି, ଗଣିତ, ସ୍ୱାସ୍ଥ୍ୟ ଓ ପରିଚ୍ଛନ୍ନତା, ଜଳ ସଂରକ୍ଷଣ ଉପରେ ଛାତ୍ରୀଛାତ୍ରମାନେ ପ୍ରକଳ୍ପ ପ୍ରସ୍ତୁତ କରିଥିଲେ। ବିଜ୍ଞାନ କୁଇଜ ଓ ପ୍ଲାଷ୍ଟିକ ପ୍ରଦୂଷଣ ଉପରେ ଏକ ସଂପାନ ଅନୁଷ୍ଠିତ ହେଇଥିଲା। ଇକୋ କ୍ଲବ ଓ ଶକ୍ତି କ୍ଲବର ପରିବେଶ ସହଯୋଗୀ ଜୀବନଶୈଳୀ ବିଷୟ ଅନ୍ତର୍ଭୁକ୍ତ ୭ଟି ଉପ ବିଷୟ ଜଳ ସଂରକ୍ଷଣ, ଶକ୍ତି ସଂରକ୍ଷଣ, ଆବର୍ଜନା ପ୍ରବନ୍ଧନ, ଏକକ ପ୍ଲାଷ୍ଟିକ, ସୁସ୍ଥ ଜୀବନଶୈଳୀ, ପୋଷଣୀୟ ଖାଦ୍ୟ ବ୍ୟବସ୍ଥା ଉପରେ ସ୍ୱତନ୍ତ୍ର ପ୍ରଦର୍ଶନୀ ଅନୁଷ୍ଠିତ ହେଇଥିଲା। ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଅନ୍ତର୍ଗତ ବିଜ୍ଞାନ, ଗଣିତ, ସାମାଜିକ ବିଜ୍ଞାନ ଓ ସାଂପ୍ରତିକ ବିଷୟ ଉପରେ ପ୍ରାଥମିକ ଓ ହାଇସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା ଆୟୋଜିତ ହେଇଥିଲା।

ବାଲ ବୈଜ୍ଞାନିକ ପ୍ରଦର୍ଶନୀରେ ୧୪୨ଟି, ଇକୋ କ୍ଲବ ପ୍ରଦର୍ଶନୀରେ ୧୫, ସେମିନାରରେ ୧୨, କୁଇଜରେ ୪୦ଜଣ ଅଂଶଗ୍ରହଣ କରିଥିଲେ। ୨୪୩ ଛାତ୍ରୀଛାତ୍ର ବିଜ୍ଞାନ ପ୍ରଦର୍ଶନୀରେ ଭାଗ ନେଇକରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଜିଲା ପ୍ରଶିକ୍ଷଣ ଅନୁଷ୍ଠାନ ଅଧ୍ୟକ୍ଷା ଗୀତାଞ୍ଜଳି ଭୋଇ ମୁଖ୍ୟ ଅତିଥି, ଏସ୍‌ବିଆଇ ଲାଇଫ ଡିଭିଜନାଲ ମ୍ୟାନେଜର ମାନସ ମହାନ୍ତି ସମ୍ମାନିତ ଅତିଥି, ଇଂ.ଭୁବନାନନ୍ଦ ପଟ୍ଟନାୟକ ମୁଖ୍ୟବକ୍ତାଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲଜିତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପୁରୁଣା ବଲାରଙ୍ଗା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଦୀପାଳି ଚୌଧୁରୀଙ୍କ ପରିଚାଳନାରେ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା।

# ରାସ୍ତା ଉପରେ ଛିଣ୍ଡିଲା ବିଦ୍ୟୁତ୍ ତାର

**ଜମନକିରା, ୨୨।୧୧(ରବୀନ୍ଦ୍ର ପ୍ରସାଦ ଦାନୀ)**

ସମ୍ବଲପୁର ଜିଲା ଜମନକିରା ବ୍ଲକ ଅନ୍ତର୍ଗତ ପୁକୁଡା ଗ୍ରାମ ମୁଖ୍ୟ ରାସ୍ତା ଉପରେ ଶନିବାର ସକାଳେ ୧୧ କେଭି ବିଦ୍ୟୁତ୍ ତାର ଛିଣ୍ଡି ପଡ଼ିଥିବା ଦେଖିବାକୁ ମିଳିଥିଲା। ମର୍ନିଂୱାକ କରୁଥିବା ଗ୍ରାମର ସୁଶାନ୍ତ ସେଠ ଓ ତାଙ୍କ ସ୍ତ୍ରୀ ଆରତୀ ସେଠ ରାସ୍ତାର ଉଭୟ ପାର୍ଶରେ ରହି ପଥଚାରୀ ଏବଂ ଯାନବାହାନକୁ ଅଟକାଇ ସୁରକ୍ଷା ଦେଇଥିଲେ। ପରେ ସ୍ଥାନୀୟ ଗ୍ରୀଡକୁ ଖବର ଦେବା ପରେ ବିଦ୍ୟୁତ୍ ସରାବରାହ ବନ୍ଦ କରି ତାରକୁ ରାସ୍ତାରୁ ହଟା ଯାଇଥିଲା। ଏହାପରେ ସମ୍ପୃକ୍ତ ପଥରେ ଯାତାୟତ ସ୍ୱାଭାବିକ ହୋଇଥିଲା। ଗ୍ରାମବାସୀଙ୍କ କହିବା ଅନୁସାରେ ବିଦ୍ୟୁତ୍ ତାର ପୂର୍ବରୁ ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ନେଇ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲା। ହେଲେ ଏ ଦିଗରେ ବିଭାଗ ପକ୍ଷରୁ କୌଣସି ପ୍ରତିକାର କରାଯାଇ ନଥିଲା। ଆଜି ଯଦି କୌଣସି ଅଘଟଣ ଘଟି ଥାଆନ୍ତା ତାହେଲେ ବିଭାଗୀୟ ଅଧିକାରୀ ଦାୟୀ ରହିଥାଆନ୍ତେ କି ବୋଲି ପ୍ରଶ୍ନ କରିଛନ୍ତି ଗ୍ରାମର କେଦାର ରଣା ଓ ଦମିତା ନାୟକ।

# ବିକାଶର ମୂଳ ଉତ୍ସ ବିଜ୍ଞାନ

## ନିର୍ଗୁଣପଡ଼ା ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ବିଜ୍ଞାନ ମେଳା


ଆୟୋଜିତ ବିଜ୍ଞାନ ମେଳାରେ ଛାତ୍ରୀଛାତ୍ରଙ୍କ ପ୍ରକଳ୍ପ ପ୍ରଦର୍ଶିତ ହୋଇଛି।

**ସମ୍ବଲପୁର, ୨୨।୧୦(ବି.ଶଙ୍କର)**

ବିକାଶର ମୂଳ ଉତ୍ସ ବିଜ୍ଞାନ। ବିଜ୍ଞାନ ବିନା ଦେଶର ପ୍ରଗତି ଅସମ୍ଭବ। ସ୍କୁଲସ୍ତରରୁ ଛାତ୍ରୀଛାତ୍ରଙ୍କ ମନରେ ବୈଜ୍ଞାନିକ ହେବାର ପ୍ରେରଣା ବିଜ୍ଞାନ ମେଳା ହିଁ ପ୍ରଦାନ କରିଥାଏ। ଶନିବାର ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ନିର୍ଗୁଣପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ ବିଜ୍ଞାନ ମେଳାରେ ଅତିଥି ଓ ବକ୍ତାମାନେ ଏହା କହିଛନ୍ତି। ବିଜ୍ଞାନ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ରଥଙ୍କ ସଂଯୋଜନା ଓ ପ୍ରଧାନଶିକ୍ଷକ ବବୃବାହନ ଭୋଇଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳାରେ ଅପସରପ୍ରାପ୍ତ ଶିକ୍ଷକ ଶ୍ୟାମଲାଲ ଦେହୁରୀ ମୁଖ୍ୟ ଅତିଥି, କାଇଁଶିର ସିଆରସିସି ଶୈଳସୁତା ପାଢ଼ୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ବିଜ୍ଞାନ ମେଳାର ଆବଶ୍ୟକତା ଓ ବିଜ୍ଞାନ ପାଠ୍ୟକ୍ରମ ବିଷୟରେ ଅତିଥି ଏବଂ ବକ୍ତାମାନେ ଆଲୋଚନା କରିଥିଲେ। ଜୁନିୟର ଓ ସିନିୟର ବର୍ଗରେ ପ୍ରଦର୍ଶନୀ ହୋଇଥିଲା। ମେଳାରେ ବିଦ୍ୟାଳୟର ୭୦ ଛାତ୍ରୀଛାତ୍ର ଭାଗନେଇଥିଲେ। ସେମାନଙ୍କର ୪୫ଟି ପ୍ରକଳ୍ପ ସ୍ଥାନିତ ହୋଇଥିଲା।

# ପୂର୍ଣ୍ଣକାଳୀନ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଦିଅ

## ହୀରାକୁଦ ରୋଗୀ କଲ୍ୟାଣ ସମିତିର ବୈଠକ

**ସମ୍ବଲପୁର,୨୨।୧୦(ବି.ଶଙ୍କର)**


ରୋଗୀ କଲ୍ୟାଣ ସମିତି ବୈଠକରେ ଏସଏମସି ଆୟୁକ୍ତଙ୍କ ସହ ଅଞ୍ଚଳବାସୀଙ୍କ ଆଲୋଚନା।

ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ବ୍ଲକ ଝାରବେଡ଼ା ଗ୍ରାମର ମହିଳା କୃଷି ଉଦ୍ୟୋଗୀ ସେରେଫିନା ସିନ୍ଦୂରଙ୍କ ଉନ୍ନତ ମାନର ମାଟି ବିହୀନ ଚାରା ଘର ଟିପିଡବ୍ଲ୍ୟୁଓର ସିଏସ୍‌ଆର୍ ବିଭାଗ ଦ୍ୱାରା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଚାଷୀଙ୍କ ପାଇଁ ଏକ ସବୁଜଭରା ଓ ପ୍ରଗତିଶୀଳ ଭବିଷ୍ୟତ ଆଣିବା ଲାଗି ଏହା ଟିପିଡବ୍ଲ୍ୟୁଓର ଅନନ୍ୟ ପ୍ରୟାସ, ଯାହାକି ଟାଟା କମ୍ପାନୀର ଏହା ଏକ ସକାରାତ୍ମକ ପଦକ୍ଷେପ। ଏହି ମାଟିବିହୀନ ଚାରା ଘର କୁଆଁରମୁଣ୍ଡାର ପ୍ରଗତି ପ୍ରଡ୍ୟୁସର୍ ଗ୍ରୁପ ତଥା ଅନ୍ୟାନ୍ୟ ଏସ୍‌ଏଚ୍‌ଜି ଗ୍ରୁପର ମହିଳା ଚାଷୀଙ୍କୁ ନିଜ ଅଞ୍ଚଳରେ ଉନ୍ନତ ମାନର ରୋଗ-ବିହୀନ ଚାରା ଯୋଗାଇବାରେ ସକ୍ଷମ ହେବ। ଏହି ଉଦ୍‌ଘାଟନୀ ଦିବସରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, ଝାରବେଡା ସରପଞ୍ଚ ରୀନା ଓରାମ, ପାନପୋଷ ଉପଖଣ୍ଡ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଦୁଷ୍ମନ୍ତ ବେହେରା, କୁଆଁରମୁଣ୍ଡା ବ୍ଲକ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଅଙ୍କିତା ନାଏକ, ଟିପିଡବ୍ଲ୍ୟୁଓ ଅଧୀକ୍ଷଣ ଯନ୍ତ୍ରୀ ସଞ୍ଜିତ ନାଏକ, ଉପଖଣ୍ଡ ଅଧିକାରୀ ଅଶୋକ କୁମାର ସାହୁ, ସିଏସ୍‌ଆର୍ ମୁଖ୍ୟ ଅରୁଣା ମାରାଣ୍ଡି, ପ୍ରଧାନ ଜିଲା ମୁଖ୍ୟ ସିଦ୍ଧାର୍ଥ ସ୍ୱାଇଁ ତଥା ପ୍ରଗତି ଉତ୍ପାଦିକା ମହିଳା ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ।



ଝାରବେଡାରେ ମାଟି ବିହୀନ ଚାରା ଗୃହ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।


## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍- (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ:(୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org

ପତ୍ରସଂଖ୍ୟା ୨୦୧ ତା.୦୧.୧୧.୨୫

### ବିଜ୍ଞାପନ

**No.CAD-2402**:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଛେଣ୍ଡ କଲୋନୀ, ତୃତୀୟ ପର୍ଯ୍ୟାୟ, ରାଉରକେଲା ଗୃହ ନିର୍ମାଣ ପ୍ରକଳ୍ପରେ ଘର ନଂ.ଏମ୍.ଆଇ.ଜି.-୨-୨୦୨, (MIG-II-202) କୁ ମିସ୍ ବାସନ୍ତୀ ମଞ୍ଜରୀ ନନ୍ଦ, ପି-ଂବାଞ୍ଛାନିଧି ନନ୍ଦ, ଗ୍ରା/ପୋ-ସାହାଜବାହାଲ, ଥା-ବାରଗାଁ, ଜି-ସୁନ୍ଦରଗଡଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ମିସ୍ ବାସନ୍ତୀ ମଞ୍ଜରୀ ନନ୍ଦ ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ସରୋଜ ରଂଜନ ନନ୍ଦ, ପି-ଂବାଞ୍ଛାନିଧି ନନ୍ଦ, ଗ୍ରା/ପୋ-ସାହାଜବାହାଲ, ଥା-ବାରଗାଁ, ଜି-ସୁନ୍ଦରଗଡଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଘରଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍- (୦୬୭୪) ୨୩୯୩୫୨୪
ଏପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ:(୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ https://oshb.org

ପତ୍ରସଂଖ୍ୟା ୨୪୧ ତା.୬.୧୧.୨୫

### ବିଜ୍ଞାପନ

**No.CAD-2407**:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଭୁବନେଶ୍ୱର ବରମୁଣ୍ଡା ହାଉସିଂ ପ୍ରକଳ୍ପରେ ଗୃହ ନଂ ଏଚ.ଆଇ.ଜି-ଡି-ସି-୬୨ (HIG-D-C-62) ଟିକୁ ଶ୍ରୀମତୀ ସ୍ୱିପ୍ନା ମିଶ୍ର, ସ୍ୱାମୀ ଶିବ ପ୍ରସାଦ ମିଶ୍ର, ସା-ଦମକଟା, ପୋ-ନିମସାହି, ଥାନା-ନରସିଂହପୁର, ଜିଲ୍ଲା-କଟକଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଉକ୍ତ ଆବଣ୍ଟନ ଗ୍ରହୀତା ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ଡଲି ବିଶ୍ୱାଳ, ସ୍ୱାମୀ-ବ୍ରହ୍ମାନନ୍ଦ ବିଶ୍ୱାଳ, ସା-ପ୍ଲଟ ନଂ-୯୨, ଏ, ଲେନ-୩, ରୋଡ-୧, ଜଗନ୍ନାଥ ବିହାର, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧାଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବାପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ନୋଟିସ୍ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-

## OFFICE OF THE MUNICIPAL COUNCIL, DEOGARH

Phone No.06641-295020, E-mail: eo-deogarhmncp@gov.in
No.2670/ DMC Dt.19.11.2025

### "e" Procurement Notice

**Bid Identification No.EO/DM/02/2025-26**

**No.C-1540:** Bid documents consisting of specification the schedule of quantities and the set of terms and conditions of contract and other necessary documents can be seen in the Govt. Website i.e. www.tendersodisha.gov.in

1. Nature of Work : Civil Work
2. No. of Works : 19 No.
3. Estimated Cost : As per NIT
4. Period of Completion : As per NIT
5. Date and Time of availability of the Documents in the Portal : From 11 hours of 21.11.2025 to 17 hours of 2.12.2025
6. Last date/time for receipt of Bids in the portal : Dt.02.12.2025 at 17 hours.
7. Original Document Submit : Dt.03.12.2025 at 17 hours
8. Bids received online shall be opened on : Dt.04.12.2025, at 17 hours
9. Name and address of the Officer Inviting Bid : Executive Officer Deogarh Municipality

Further the details can be seen from the procurement Portal **www.tendersodisha.gov.in.**

**Sd./- Executive Officer**
**Deogarh Municipality**

OIPR-

## ODISHA BRIDGE & CONSTRUCTION CORPORATION LIMITED

obcc ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ No.CAD-2414
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)

**(A Government of Odisha Undertaking under Works Department)**
**No. 9876** **Date:20.11.2025**
**File: SMT-2087** **NOTICE INVITING TENDER**

| | | |
|---|---|---|
| 1. | Name of Work | Detailed Engineering Design, Supply, Installation, Testing & Commissioning of a Water treatment system with provision of dual media filter, activated carbon filter, water softner, RO system and other units as may be required for treatment of water of Capacity-10000 LPH, and AMC of the water treatment plant for a period of 5 years for water supply to Odia University at Satyabadi in Puri District. |
| 2. | Bid Identification No. | 27/Tender/OBCC/2025-26 |
| 3. | Class of Contractor | Manufacturer/ Authorized dealer/ reputed agency of water treatment units/equipment |
| 4. | Approx. Value of Material (indicative) | Rs.35,69,000.00 |
| 5. | Bid Security Fee/ EMD (In online mode only) | Rs.71,380.00/- |
| 6. | Bid Processing Fee (Online mode only) | Rs.11,800/- (Including GST) |
| 7. | Date of availability of bid document in e-procurement portal | From Dt.24.11.2025 upto 5.00 P.M. of Dt.10.12.2025 |
| 8 | Last Date & Time of receipt of online bid | Upto 5.00 P.M. on Dt.10.12.2025 |
| 9 | Date of Opening of Tender | At 11.30 AM on Dt.11.12.2025 |
| 10 | Time for Completion | 3 (Three) Calendar Months |

11. Further details can be seen from the e-Procurement portal https://www.tendersodisha.gov.in.
12. OBCC has the right to accept or reject the Notice/RFP without assigning any reasons thereof.

OIPR- **Sd./- Chief General Manager-I**

## ODISHA PUBLIC SERVICE COMMISSION, CUTTACK

**NOTICE**

**No.8103/PSC, Dt.21.11.25**
**(1R-16-24/25) (DR-V)**

### Assistant Professor (Stage-I) in Political Science
### (Advertisement No.27 of 2023-24)

**No.D-264:**It is for information of all concerned that, document verification of **232 (Two hundred thirty two)** candidates, having **PPSAN** mentioned below for the post of **Assistant Professor (Stage-I) in "Political Science"**, pursuant to Advertisement No.27 of 2023-24 shall be held from **28.11.2025 to 08.12.2025** (except Govt. Holidays) as per the following programme in the Office of the Commission at 19, Dr. P.K. Parija Road, Cuttack- 753001.

### PROGRAMME OF DOCUMENT VERIFICATION

| Date | Time of Verification | PPSAN |
|---|---|---|
| 28.11.2025 | 10.30 AM | P230157792, P240302847, P230148413, P220052590, P240302107, P240307278, P240306430, P220067836, P230162818, P220066504, P240308553, P240309511, P230110610, P230119853, P240306076, P240310538 & P220072327 **= 17 Candidates** |
| | 2.30 PM | P240307104, P240311593, P240302993, P230161127, P240303011, P240299208, P220042200, P240304194, P240301717, P240298496, P240297853 & P240299859 **= 12 Candidates** |
| 29.11.2025 | 10.30 AM | P240303694, P240286918, P240302109, P230123064, P240309539, P230110938, P240301956, P240281819, P240302494, P240303605, P240307516, P240302917, P230123069, P240304170, P220050832, P240308375 & P240307638 **=17 Candidates** |
| | 2.30 PM | P230138012, P240304542, P230119850, P230161988, P240308497, P240301958, P240312912, P240298616, P240306142, P240310026, P240270021 & P230162992 **= 12 Candidates** |
| 01.12.2025 | 10.30 AM | P240306821, P230105137, P240313342, P230169134, P220065064, P240310126, P240286459, P240311489, P230160585, P240305224, P240307299, P240296849, P240305842, P240302651, P240309606, P240309839 & P240295718 **= 17 Candidates** |
| | 2.30 PM | P240298053, P240307906, P220037239, P230155489, P240307562, P240283114, P240307499, P240304492, P240303682, P240303353, P240302251 & P240297672 **=12 Candidates** |
| 02.12.2025 | 10.30 AM | P240302214, P240310094, P240309973, P240308400, P230149683, P230143298, P240311410, P240252436, P240311774, P230129288, P240304084, P240307617, P240304962, P230122945, P240311398, P220036739 & P230157920 **= 17 Candidates** |
| | 2.30 PM | P230114062, P240305163, P240289178, P240307529, P240309496, P240312025, P240308040, P240296159, P240307975, P240311084, P230124978 & P240307690 **=12 Candidates** |
| 03.12.2025 | 10.30 AM | P240304413, P220052421, P230130229, P230123326, P240309203, P240299372, P240294105, P240307743, P240307821, P230139802, P230135946, P240259242, P240298159, P230122583, P240311540, P240309100 & P240304990 **=17 Candidates** |
| | 2.30 PM | P220012529, P240306274, P230103103, P240305305, P240268828, P240309713, P230121119, P230139308, P230130100, P240305596, P240304316 & P240306581 **= 12 Candidates** |
| 05.12.2025 | 10.30 AM | P230109110, P240298635, P230123929, P240305261, P240306256, P220056976, P230125261, P240306294, P240307834, P240307954, P230217808, P240305965, P230156015, P240309282, P240301351, P240303306 & P240303902 **=17 Candidates** |
| | 2.30 PM | P230120030, P240306806, P230157004, P240304590, P230164579, P240277168, P240292366, P230117282, P230116200, P220017928, P240301911 & P240309416 **=12 Candidates** |
| 06.12.2025 | 10.30 AM | P230102285, P230131562, P230127153, P230144638, P240294106, P240307474, P220077871, P240302595, P240306477, P240303366, P230136260, P230119142, P240311707, P240302906, P230100680, P220029569 & P240303147 **=17 Candidates** |
| | 2.30 PM | P240251327, P240307685, P230194400, P230154931, P240303580, P240300285, P240301688, P230145121, P230130600, P230150063, P240296806 & P230138282 **=12 Candidates** |
| 08.12.2025 | 10.30 AM | P240311295, P240307780, P230114537, P230132715, P240308052, P230097263, P240307184, P240296549, P230097741, P230137829, P240306473, P230096402, P240301700, P230144608, P230162681, P230096924 & P240307348 **=17 Candidates** |
| | 2.30 PM | P230160918, P240302047, P240303374, P230100796, P230160546, P230141411, P240313090, P230120212, P240270318, P240278450, P240310758 & P240260401 **=12 Candidates** |

The candidates are required to submit the documents as per this Office **Notice No. 4271/PSC, dt. 21.06.2025** which is available on the Website of the Commission i.e. **www.opsc.gov.in.**

The candidates are advised to report in the Office of the Commission **half an hour before the commencement of verification** on the scheduled date & time as mentioned above.

**Note: -** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the 'document verification' does not reserve any right for selection.

OIPR- **Sd./- Secretary**

## ODISHA PUBLIC SERVICE COMMISSION, CUTTACK

**NOTICE**

**No. 8113/ PSC Dt.21.11.2025**
**1E-19-2025/26 (DR - III)**

### Recruitment to the Post of Post Graduate Teacher in Discipline - HISTORY
### (Advertisement No. 25 of 2023-24)

No. D-266: In continuation to this Office Notice No. 5781/PSC, Dtd.11.08.2025, it is for information of all shortlisted candidates that the **Document Verification and Interview/personality Test** for recruitment to the post of **Post Graduate Teacher in History Discipline**, pursuant to Advertisement No. 25 of 2023-24 will be held from **05.12.2025 to 10.12.2025 (Except 07.12.2025)** in the office of OPSC 19, Dr. P.K. Parija Road, Cuttack - 753001 as per programme detailed below.

### PROGRAMME OF DOCUMENT VERIFICATION & INTERVIEW

| Date | Time of Verification | Time of Interview | Roll No. of Candidates |
|---|---|---|---|
| 05.12.2025 | 08.30 A.M. | 10.30 A.M. | 102150, 102156, 102158, 102160, 102164, 102169, 102178, 102194, 102207, 102216, 102217, 102219, 102223, 102232, 102240, 102250, 102262, 102277, 102278, 102283, 102284, 102288, 102296, 102306, 102311, 102326, 102332, 102334, 102343, 102350, 102351, 102357, 102360, 102373, 201453, 201455, 201457, 201462, 201465, 201474, 201479, 201493, 201497 & 201503 **= 44 Candidates** |
| | 12.30 P.M. | 02.30 P.M. | 201513, 201514, 201529, 201536, 201544, 201550, 201552, 201560, 201561, 201562, 201574, 201576, 201580, 201582, 201590, 201592, 201600, 201614, 201620, 201622, 201636, 290017, 305060, 305067, 305071, 305074, 305088 & 305092 = **28 Candidates** |
| 06.12.2025 | 08.30 A.M. | 10.30 A.M. | 305095, 305097, 305098, 305104, 305108, 305120, 305121, 305124, 305126, 305132, 305133, 305149, 305178, 305181, 305182, 305185, 305189, 305199, 305205, 305211, 305213, 305226, 305233, 305242, 305263, 305273, 305274, 305282, 305288, 305298, 305300, 305302, 305304, 305307, 305308, 305310, 305318, 305319, 305333, 305346, 305351, 305358, 305363 & 305365 **= 44 Candidates** |
| | 12.30 P.M. | 02.30 P.M. | 305375, 305376, 305383, 305384, 305385, 305391, 305393, 305395, 305409, 305410, 305411, 305415, 305416, 305426, 305427, 305429, 305435, 305438, 305442, 305443, 305452, 305458, 305472, 305473, 305474,305476, 305478 & 305480 = **28 Candidates** |
| 08.12.2025 | 08.30 A.M. | 10.30 A.M. | 305486, 305493, 305495, 305500, 305507, 305522, 305525, 305534, 390106, 402183, 402185, 402186, 402187, 402195, 402196, 402203, 402204, 402206, 402208, 402217, 402222, 402226, 402230, 402237, 402238, 402247, 402249, 402250, 402254, 402259, 402263, 402266, 402281, 402282, 402286, 402291, 402294, 402300, 402301, 402308, 402318, 402321, 402324 & 402325 **= 44 Candidates** |
| | 12.30 P.M. | 02.30 P.M. | 402328, 402330, 402343, 402349, 402355, 402365, 402368, 402372, 402404, 402408, 402410, 402412, 490025, 503019, 503021, 503023, 503026, 503027, 503030, 503036, 503038, 503039, 503042, 503043, 503055, 503058, 503059 & 503061 **= 28 Candidates** |
| 09.12.2025 | 08.30 A.M. | 10.30 A.M. | 503064, 503065, 503073, 503075, 503078, 503079, 503080, 503094, 503099, 503105, 503106, 503112, 503113, 503115, 503121, 503126, 503130, 503134, 503135, 503136, 503137, 503138, 503139, 503150, 503154, 503155, 503156, 503157, 503164, 503165, 503169, 503184, 503194, 503195, 503198, 503199, 503200, 503205, 503211, 503221, 503224, 503236, 503239 & 503241 **= 44 Candidates** |
| | 12.30 P.M. | 02.30 P.M. | 503263, 503268;503270, 503276, 503277, 503280, 503284, 503285, 503288, 503297, 503302, 503305, 503310, 503317, 503319, 503322, 503328, 503348, 503350, 503358, 503360, 503366, 503369, 503370, 503378, 503379, 503381 & 503389 **= 28 Candidates** |
| 10.12.2025 | 08.30 A.M. | 10.30 A.M. | 503391, 503407, 503409, 503415, 503420, 503423, 503425, 503426, 503428, 503440, 503445, 503452, 503453, 503454, 503455, 503456, 503459, 503462, 503463, 503473, 503476, 503482, 503483, 503488, 503497, 503506, 503513, 503515, 503516, 503520, 503526, 503532 & 590023 **= 33 Candidates** |

**N.B.:** The candidates are advised to report at the office of the Commission **30 minutes before** the commencement of Document Verification in each 'time slot' allotted in the 'scheduled programme'.

**NOTE :- THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.**

**The Candidates are required to submit the following original certificates along with a set of self-attested photocopy of the following documents at the time of verification (All the Certificates/ Documents should be issued within the last date of submission of Online Application i.e. 18.03.2024).**

1. Hard Copy of Online Application form mentioning **Roll No** at the **Top Right-hand Corner**. (Online Applications are available on the website of the Commission. The candidates are required to download the same using their respective e-mail ID/Phone Number and Password/ OTP etc. through OPSC e-Chayan Portal via **www.opscechayan.in**)
2. Four **(04)** passport size photographs (Unsigned & Unattested) which has been uploaded with application form.
3. **Matriculation Certificate** in support of declaration of age.
4. Bachelor's Degree Certificate .
5. Post-Graduation Certificate/ Master's Degree Certificate in the subject concerned in respect of Educational Qualification prescribed.
6. B.Ed. Certificate.
7. Mark Sheets in support of all the Examinations (H.S.C, Graduation/+3, Post Graduation & B.Ed.) including fail marks, if any, issued by the concerned Board/Council/University.
8. Degree or Diploma Certificate in Computer Application in respect of Educational Qualification prescribed.
9. Caste Certificate **by birth** in support of claim as **SEBC/ST/SC** whichever applicable. (which has been uploaded with online Application Form)
10. Odia Test Pass Certificate from the 'competent authority', wherever applicable.
11. Permanent Disability Certificate (indicating percentage of permanent disability i.e. **40% and more**); wherever applicable.
12. **Ex-Servicemen** claiming reservation are required to submit/upload Release Certificate issued as per Orissa Ex-Servicemen (Recruitment to State Civil Services and Posts) Rules, 1985 vide G.A. Deptt. Notification No. 22586-Gen., Dt.16.10.1985. Further, Ex-Servicemen candidates must submit an affidavit undertaking that he/ she has not been appointed against any civil post after retirement from military service, wherever applicable.
13. Identity Card for Sports Persons issued by the Director of Sports Odisha, wherever applicable.
14. Any proof of identity.
15. Any other documents as per Para-9 of the Advertisement.
16. Attestation form duly filled in by the candidate and signed by the Gazetted Officer (downloaded from the website of the OPSC)
17. Candidate Information Form (CIF)/ Bio-data form duly filled in & affixed with passport size photograph (downloaded from the website of the OPSC)

The candidates are required to mention **"Submitted by me and Certified as genuine and has not been cancelled"** and put their **full signature and date** on the same.

OIPR- **Sd./ - Secretary**

# ଫେରାର ପୂର୍ବତନ ବରିଷ୍ଠ କିରାଣି ଗିରଫ

## ପେନ୍‌ସନଧାରୀଙ୍କ ୬୮.୮୫ ଲକ୍ଷ ଟଙ୍କା ହଡ଼ପ ମାମଲା

### ଋଣ ମିଳିଲାନି, ରୋଗଗ୍ରସ୍ତ ଭଉଣୀ ପାଇଁ ଟଙ୍କା ନେଇଥିଲି



ପୂର୍ବତନ ବରିଷ୍ଠ କିରାଣି ମନୋରଞ୍ଜନ ସାହୁ।

ଢେଙ୍କାନାଳ,୨୨।୧୧(ରତନ ନାୟାର)

ଢେଙ୍କାନାଳ ଜିଲା ହିନ୍ଦୋଳ ଉପ କୋଷାଗାରର ପୂର୍ବତନ ବରିଷ୍ଠ କିରାଣି ମନୋରଞ୍ଜନ ସାହୁଙ୍କୁ ଶୁକ୍ରବାର ରାତିରେ ଭିଜିଲାନ୍ସ ସଦର ଥାନା ଅଞ୍ଚଳରୁ ଗିରଫ କରିଛି। ପରେ ମନୋରଞ୍ଜନଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ସେ ହିନ୍ଦୋଳ ଉପ କୋଷାଗାରରେ ବରିଷ୍ଠ କିରାଣି ଥିବାବେଳେ ପେନ୍‌ସନ୍‌ଧାରୀଙ୍କ ଟଙ୍କାକୁ ସେମାନଙ୍କ ଆକାଉଣ୍ଟକୁ ନ ପଠାଇ ହଡ଼ପ କରିଦେଇଥିଲେ। ମୋଟ ୬୮.୮୫ ଲକ୍ଷ ୪୯୭ ଟଙ୍କା ହଡ଼ପ ହୋଇଥିଲା ବୋଲି ଅଭିଯୋଗ ହୋଇଥିଲା। ଏହି ଘଟଣା ସମ୍ପର୍କରେ ଅଭିଯୋଗ ପରେ ଅଡିଟ୍ ହେବାରୁ ଏହି ଅନିୟମିତତା ପଦାକୁ ଆସିଥିଲା । ଫଳରେ କଟକ ଭିଜିଲାନ୍ସରେ କେସ୍ ନଂ.୩୨/୨୪ରେ ଏକ ମାମଲା ରୁଜୁ କରାଯାଇଥିଲା । ଅନିୟମିତତା ସମ୍ପର୍କରେ ହିନ୍ଦୋଳ ଉପକୋଷାଗାର ଅଧିକାରୀ ୫।୮।୨୦୨୩ରେ ହିନ୍ଦୋଳ ଥାନାରେ ଅଭିଯୋଗ କରିଥିଲେ। ପରେ ମନୋରଞ୍ଜନଙ୍କୁ ନିଲମ୍ବିତ କରାଯାଇଥିଲା। ତାଙ୍କୁ ଭୁବନ ଉପକୋଷାଗାରରେ ହାଜିରା ହେବା ପାଇଁ କୁହାଯାଇଥିଲା। ହେଲେ ସେ ହାଜର ନ ହୋଇ ଫେରାର ହୋଇଯାଇଥିଲେ। ଏପରିକି ମନୋରଞ୍ଜନ ନିଜ ଆକାଉଣ୍ଟ ସହ ନିଜର ବନ୍ଧୁବାନ୍ଧବଙ୍କ ଆକାଉଣ୍ଟରେ ମଧ୍ୟ ଉକ୍ତ ଟଙ୍କାକୁ ହଡ଼ପ କରି ଜମା କରିଥିଲେ। ମନୋରଞ୍ଜନଙ୍କ ଘର ଓଡ଼ାପଡ଼ା ବ୍ଲକ ସଦର ଥାନା ସାଇଁବିରି ଗ୍ରାମରେ। ସେ ନିଜର ଜଣେ ସମ୍ପର୍କୀୟଙ୍କ ଜନ୍ମଦିନ ପାଇଁ ଭୁବନେଶ୍ୱରରୁ ଢେଙ୍କାନାଳ ଆସି ଫେରୁଥିବା ବେଳେ ଶୁକ୍ରବାର ରାତି ସାଢେ ୧୦ଟା ସମୟରେ ଭିଜିଲାନ୍ସ ବିଭାଗ ତାଙ୍କୁ ସଦର ଥାନା ସମ୍ମୁଖରେ ୫୫ନଂ ଜାତୀୟ ରାଜପଥରୁ ଗିରଫ କରିଥିଲା। ଶନିବାର ତାଙ୍କୁ ଢେଙ୍କାନାଳଠାରେ କୋର୍ଟ ଚାଲାଣ କରାଯାଇଥିଲା। ଢେଙ୍କାନାଳ ସ୍ୱତନ୍ତ୍ର ଜଜ୍ ଭିଜିଲାନ୍ସଙ୍କ ଅଦାଲତରେ ତାଙ୍କର ଜାମିନ ନା ମଞ୍ଜୁର ହୋଇଯିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା । ଆସନ୍ତା ୩ ତାରିଖରେ ଜାମିନ ଆବେଦନ ଉପରେ ଶୁଣାଣି ତାରିଖ ଧାର୍ଯ୍ୟ ହୋଇଥିବା ଜଣାପଡିଛି। ଘଟଣା ସମ୍ପର୍କରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

ଘଟଣା ସମ୍ପର୍କରେ ନିଜ ପ୍ରତିକ୍ରିୟାରେ ମନୋରଞ୍ଜନ କହିଛନ୍ତି, ତାଙ୍କ ଭଉଣୀ ରକ୍ତ କର୍କଟ ରୋଗରେ ଆକ୍ରାନ୍ତ ହୋଇଥିବାରୁ ଚିକିତ୍ସା ପାଇଁ ବହୁ ଅର୍ଥର ଆବଶ୍ୟକତା ଥିଲା । ତାଙ୍କ ପାଖରେ ସେଭଳି ଅର୍ଥ ନ ଥିଲା । ଋଣ ପାଇଁ ଆବେଦନ କରିଥିଲେ। କିନ୍ତୁ କୌଣସି ସହଯୋଗ ମିଳିଲା ନାହିଁ। ଶେଷରେ ଜଣେ ସହଯୋଗୀଙ୍କ ପରାମର୍ଶରେ ପେନ୍‌ସନଭୋଗୀଙ୍କ ଆକାଉଣ୍ଟକୁ ପଠାଉଥିବା ଟଙ୍କାକୁ ସେ ନିଜ ଆକାଉଣ୍ଟ ଏବଂ ପରିବାର ସଦସ୍ୟଙ୍କ ଆକାଉଣ୍ଟରେ ଡିପୋଜିଟ୍ କରିଥିଲେ। ପରେ ଉକ୍ତ ଟଙ୍କାକୁ ଶୁଝି ଦେବାକୁ ମଧ୍ୟ ନିଷ୍ପତ୍ତି ନେଇଥିଲେ। ହେଲେ ଭଉଣୀ ରୋଗରେ ମରିଗଲେ। ଭାଇ ଭାବରେ ଭଉଣୀର ଚିକିତ୍ସା କରିପାରି ନ ଥିବାରୁ ସେ ବହୁତ ଅନୁତପ୍ତ । ଯାହା ହେଲେ ବି ଭୁଲ କରିଥିବା ସ୍ୱୀକାର କରୁଛନ୍ତି ବୋଲି ମନୋରଞ୍ଜନ କହିଛନ୍ତି। ୨୦୧୧ରେ ସରକାରୀ ଚାକିରିରେ ଥିବା ନିଜର ପିତାଙ୍କ ମୃତ୍ୟୁ ପରେ ଅନୁକମ୍ପାମୂଳକ ଭାବେ ମନୋରଞ୍ଜନ କନିଷ୍ଠ କିରାଣି ଭାବେ ଚାକିରି ପାଇଥିଲେ।

# ନବମ ଶ୍ରେଣୀ ଛାତ୍ରଙ୍କୁ ମରଣାନ୍ତକ ଆକ୍ରମଣ

ବ୍ରହ୍ମପୁର, ୨୨।୧୧(ସୁବାସ ଚନ୍ଦ୍ର ପାଢ଼ୀ)

## ବାଳ ସୁଧାର ଗୃହକୁ ଗଲେ ୪ ଛାତ୍ର

ବ୍ରହ୍ମପୁରରେ ଏକ ସରକାରୀ ବିଦ୍ୟାଳୟରେ ଜଣେ ନବମ ଶ୍ରେଣୀ ଛାତ୍ରଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ତାଙ୍କ ମୁଣ୍ଡ, ମୁହଁ ଓ ବେକରେ ଗଭୀର ଆଘାତ ଲାଗିଛି। ତାଙ୍କୁ ଆକ୍ରମଣ କରିଥିବା ୪ ଛାତ୍ରଙ୍କ ନାମରେ ବୈଦ୍ୟନାଥପୁର ଥାନାରେ ଏନେଇ ଆହତ ଛାତ୍ରଙ୍କ ମା' ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତିକରି ପୋଲିସ ନଂ. ୫୮୨/୨୫ରେ ଏକ ମାମଲା ରୁଜୁ କରିଛି। ଘଟଣାର ତଦନ୍ତ କରି ସମ୍ପୃକ୍ତ ୪ ନାବାଳକ ଛାତ୍ରଙ୍କୁ ଧରିଛି। ସେମାନଙ୍କୁ ଜୁଭେନାଇଲ ଜଷ୍ଟିସ୍ ବୋର୍ଡ (ଜେଜେବି)ରେ ହାଜର ପରେ ବାଳସୁଧାର ଗୃହକୁ ପଠାଯାଇଛି। ଏମାନଙ୍କ ମଧ୍ୟରେ ୩ଜଣ ଦଶମ ଶ୍ରେଣୀର ଛାତ୍ର ରହିଥିବା ବେଳେ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ର ଅଛନ୍ତି।

ଖବରରୁ ଜଣାପଡିଛି, ଅଭିଯୋଗକାରୀଙ୍କ ୧୫ ବର୍ଷର ପୁଅ ଉକ୍ତ ଥାନା ଅଞ୍ଚଳରେ ଥିବା ଏକ ସରକାରୀ ସ୍କୁଲରେ ନବମ ଶ୍ରେଣୀରେ ପଢ଼ନ୍ତି। ୨୦ ତାରିଖ ଅପରାହ୍ନରେ ଛାତ୍ର ଜଣଙ୍କ ସ୍କୁଲରୁ ଘରକୁ ଫେରୁଥିଲେ। ଅପରାହ୍ନ ପ୍ରାୟ ୫ଟାରେ ରାସ୍ତାରେ ଏହି ୪ ନାବାଳକଙ୍କ ମଧ୍ୟରୁ ଜଣେ ନାବାଳକ ତାଙ୍କୁ ଗାଡିରେ ବସାଇ ନେଇ ଏମ୍‌କେସିଜି ମେଡିକାଲ ନିକଟରେ ଥିବା ଷ୍ଟେଟବ୍ୟାଙ୍କ ଅଫ ଇଣ୍ଡିଆ ରାସ୍ତାରେ ଓହ୍ଲାଇ ଦେଇଥିଲେ। ସେଠାରେ ପୂର୍ବରୁ ଅନ୍ୟ ୩ଜଣ ନାବାଳକ ଥିଲେ। କୌଣସି ବିଷୟକୁ ନେଇ ନବମ ଶ୍ରେଣୀ ଛାତ୍ରଙ୍କ ସହ ସେମାନେ ଯୁକ୍ତିତର୍କ କରିଥିଲେ। ସେ ଏହାର ପ୍ରତିବାଦ କରିବାରୁ ତାଙ୍କୁ ୪ଜଣଯାକ ନାବାଳକ ମିଶି ହାତରେ ଧରିଥିବା ଲୁହାର ପଞ୍ଝ ସାହାଯ୍ୟରେ ସଂଘବଦ୍ଧ ଆକ୍ରମଣ କରିଥିଲେ। ଫଳରେ ନାବାଳକଙ୍କ ମୁଣ୍ଡ ଫାଟି ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଖବର ପାଇ ତାଙ୍କ ମା'ସେଠାରେ ପହଞ୍ଚି ପୁଅକୁ ଉଦ୍ଧାର କରି ଏମ୍‌କେସିଜିରେ ଭର୍ତ୍ତି କରିଥିଲେ। ପରେ ସେ ଥାନାକୁ ଯାଇ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ସେମାନଙ୍କୁ ଧରିଥିଲା। ସେମାନଙ୍କଠାରୁ ଆକ୍ରମଣରେ ବ୍ୟବହୃତ ଲୁହାର ପଞ୍ଝ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି।

# ଡକାୟତି ଯୋଜନା ବେଳେ ଧରିଲା ପୋଲିସ

## ୭ ଅଭିଯୁକ୍ତ ଗିରଫ, ମାରଣାସ୍ତ୍ର ଜବତ



ଗିରଫ ୭ ଅଭିଯୁକ୍ତ।

ବାଲେଶ୍ୱର, ୨୨।୧୧(ବାଞ୍ଛାନିଧି ଦେ)

ବାଲେଶ୍ୱର ରେଲଷ୍ଟେଶନ ପଛପଟ ମାଲଗୋଦାମ ନିକଟରେ ସହଦେବଖୁଣ୍ଟା ଥାନା ପୋଲିସ ଶୁକ୍ରବାର ରାତିରେ ଚଢ଼ାଉ କରି ଡକାୟତି ଯୋଜନା କରୁଥିବା ୭ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ବହୁ ମାରଣାସ୍ତ୍ର ଜବତ ହୋଇଛି। ୨ ନାବାଳକଙ୍କ ସମେତ ଗିରଫ ଅଭିଯୁକ୍ତମାନେ ହେଲେ ସହଦେବଖୁଣ୍ଟା ଥାନା ଗୋଧିବସା ଗ୍ରାମର ନବକିଶୋର ବାରିକ ଓ ଦିଲୀପ ଶବର, ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ମଡ଼ସାହିର ସେକ ଇସାକ, ରେମୁଣା ଥାନା ସାହାଜିପାଟଣା ଗନୀପୁର ଅଞ୍ଚଳର ସେକଇସାଦ ଅଲ୍ଲୀ ଏବଂ ପୂର୍ବ ମେଦିନୀପୁର ଜିଲା ଖଡ଼ଗପୁର ଥାନା ଗିରିମୈଦାନ ଅଞ୍ଚଳର ଅଶୋକ ବର୍ଦ୍ଧନ। ଶନିବାର ସହଦେବଖୁଣ୍ଟା ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସିଟି ଡିଏସ୍‌ପି ନିର୍ମଳା ଗୋଛାୟତ ସୂଚନା ଦେଇଛନ୍ତି।



ଜବତ ମାରଣାସ୍ତ୍ର।

ଆଇଆଇସି ବିରଞ୍ଚି ସାହୁ ଓ ଏସ୍‌ଆଇ ଅଭିଷେକ ସାମନ୍ତରାୟ ଉପସ୍ଥିତ ଥିଲେ।

ମାଲଗୋଦାମ ନିକଟ ଏକ ପରିତ୍ୟକ୍ତ ଘରେ ଅଭିଯୁକ୍ତମାନେ ଏକାଠି ହୋଇ ଟ୍ରେନ ଓ ବସ୍‌ରୁ ଓହ୍ଲାଇ ଯାଉଥିବା ଯାତ୍ରୀଙ୍କଠାରୁ ଲୁଟ୍, ଛିନ୍‌ତାଇ କରିବାକୁ ଯୋଜନା କରୁଥିଲେ। ଖବର ପାଇ ଆଇଆଇସି ସାହୁଙ୍କ ନିର୍ଦ୍ଦେଶକ୍ରମେ ଏଏସ୍‌ଆଇ ସି. ଚପରାସଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିବାରେ ସମର୍ଥ ହୋଇଥିଲା। ସେମାନଙ୍କଠାରୁ ଗୋଟିଏ ଚୋରି ମୋବାଇଲ, ୩ଟି ଖଣ୍ଡା, ଗୋଟିଏ ବାଉଁଶ ଠେଙ୍ଗା, ଦୁଇଟି ଲୁହା ରଡ଼, ହୁକା, ଦୁଇଟି ଖାଲି ମଦ ବୋତଲ ଜବତ କରାଯାଇଛି। ଅଭିଯୁକ୍ତଙ୍କ ନାମରେ ବହୁ ଆପରାଧିକ ମାମଲା ରହିଛି ବୋଲି ଡିଏସ୍‌ପି ଗୋଛାୟତ କହିଥିଲେ। ଏ ସମ୍ପର୍କରେ ଥାନାରେ ଏକ ମାମଲା (ନଂ. ୪୨୮/୨୫) ରୁଜୁ ହୋଇଛି। ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ପୋଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

# ପରକୀୟା ପ୍ରୀତିରୁ ଯୁବକଙ୍କୁ ଠେଙ୍ଗାରେ ପିଟି ହତ୍ୟା

ବନ୍ତଳା,୨୨।୧୧ (ସୁଶିତ ସାହୁ)

## ୨ ଜଣଙ୍କୁ ଅଟକ ରଖି ବନ୍ତଳା ପୋଲିସର ତଦନ୍ତ

ପରକୀୟା ପ୍ରୀତିରୁ ଘଟିଛି ହତ୍ୟାକାଣ୍ଡ। ଜଣେ ଯୁବକଙ୍କୁ ଠେଙ୍ଗାରେ ପିଟି ପିଟି ହତ୍ୟା କରାଯାଇଛି । ଅନୁଗୋଳ ବ୍ଲକ ବନ୍ତଳା ଥାନା ବଡ଼କନ୍ତକୁଳ ପଞ୍ଚାୟତ ନୂଆକ୍ଷେତା-ନୂଆରାଇଗୁଡ଼ା ରାସ୍ତାର ଧାନମଞ୍ଚା ପାଖରେ ଘଟିଛି ଏହି ହତ୍ୟାକାଣ୍ଡ। ମୃତକ ହେଲେ ନୂଆକ୍ଷେତା ଗାଁର ପ୍ରମୋଦ ସାହୁଙ୍କ ପୁଅ ଟିକନ ସାହୁ (୪୮)। ଶନିବାର ସକାଳେ ଅଭିଯୋଗ ପାଇ ବନ୍ତଳା ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ୨ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ନୂଆକ୍ଷେତା ଗାଁର ଟିକନ ପଡ଼ୋଶୀ ଗ୍ରାମର ଜନୈକା ବିଧବା ମହିଳାଙ୍କ ସହ ପ୍ରେମ ସମ୍ପର୍କ ରଖିଥିଲେ। ଟିକନଙ୍କ ଏଭଳି ଅବୈଧ ସମ୍ପର୍କକୁ ବିଧବାଙ୍କ ୨ ପୁତୁରା ବିରୋଧ କରି ଆସୁଥିଲେ। ସେମାନେ ଟିକନଙ୍କୁ ବହୁବାର ତାଗିଦ୍ ମଧ୍ୟ କରିଥିଲେ। ଟିକନ ଗତ ୫ ବର୍ଷ ହେବ ଗାଁ ଛାଡ଼ି ସ୍ତ୍ରୀ ଓ ପିଲାଙ୍କୁ ନେଇ ଅନୁଗୋଳ ତୁରଙ୍ଗ ଅଞ୍ଚଳରେ ଘରଭଡ଼ା ନେଇ ରହୁଥିଲେ ମଧ୍ୟ ଗାଁକୁ ଯିବାଆସିବା କରୁଥିଲେ। ସମ୍ପୃକ୍ତା ବିଧବାଙ୍କ ସହ ପୂର୍ବପରି ସମ୍ପର୍କ ରଖିଥିଲେ। ଶୁକ୍ରବାର ଟିକନ ରାଶନ ଚାଉଳ ପାଇଁ ଗାଁ ନୂଆକ୍ଷେତାକୁ ଆସିଥିବା ବେଳେ ଅପରାହ୍ନ ୫ଟାରେ ଗୁରୁତର ଅବସ୍ଥାରେ ନୂଆକ୍ଷେତା-ରାଇଗୋଡ଼ା ରାସ୍ତା ଚକାବର ନିକଟରେ ପଡ଼ିଥିବା ସାନଭାଇ ମାନସ ସାହୁ ଖବର ପାଇଥିଲେ। ସେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଟିକନଙ୍କୁ ବନ୍ତଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଥିଲା। ହେଲେ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ଟିକନଙ୍କ ମୃତ୍ୟୁ ହୋଇଥିଲା। ଏ ନେଇ ମୃତକଙ୍କ ସ୍ତ୍ରୀ ସୁନିତା ସାହୁ ଶନିବାର ସକାଳ ୫ଟା ୩୦ରେ ବନ୍ତଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ବନ୍ତଳା ଥାନା ଅଧିକାରୀ ନଟବର ନନ୍ଦଙ୍କ ନେତୃତ୍ୱରେ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ହତ୍ୟାକାଣ୍ଡରେ ବ୍ୟବହୃତ ଠେଙ୍ଗା, ୨ଟି ବାଇକ୍, ରକ୍ତଛିଟା ଲାଗିଥିବା ମାଟି ନମୁନା, ହଳେ ଚପ୍ପଲ ଜବତ କରାଯାଇଥିଲା। ଗୋଟିଏ ବାଇକ୍ ଡିକିରୁ ମିଳିଥିବା ଆଧାରକାର୍ଡ, ପାରିପାର୍ଶ୍ୱିକ ସ୍ଥିତି, ସ୍ଥାନୀୟ ଲୋକଙ୍କ ସୂଚନାକୁ ଭିତ୍ତିକରି ପୋଲିସ ସନ୍ଦେହରେ ୨ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯିବା ସହ ଅଧିକ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ନନ୍ଦ ସୂଚନା ଦେଇଛନ୍ତି।

## Business

# ୧୦୦୦ ଏମ୍‌ଟି ମାଲ ବୋଝେଇ କଲା ଭାରତୀୟ ରେଳ

## ନୂଆ ରେକର୍ଡ ହାସଲ



ଭୁବନେଶ୍ୱର,୨୨।୧୧(ଅନୁରାଧା ମହାରଣା)

ଭାରତୀୟ ରେଳପଥ ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ରେ ମାଲ ବୋଝେଇରେ ଐତିହାସିକ ସଫଳତା ହାସଲ କରିଛି। ନଭେମ୍ବର ୧୯ ସୁଦ୍ଧା ମୋଟ ମାଲ ବୋଝେଇ ୧୦୨୦ ନିୟୁତ ଟନ୍(ଏମ୍‌ଟି) ଅର୍ଥାତ୍ ୧୦୦ କୋଟି ଟନ ଅତିକ୍ରମ କରି ନୂଆ ରେକର୍ଡ ସ୍ଥାପନ କରିଛି। ଗତବର୍ଷ ଏହି ସମୟରେ ଏହା ୯୮୦ ନିୟୁତ ଟନ୍‌ରୁ ଅଧିକ ଥିଲା। ଏପ୍ରିଲରୁ ଅକ୍ଟୋବର ମଧ୍ୟରେ ମୋଟ ୯୩୫.୧ ନିୟୁତ ଟନ୍ ମାଲ ବୋଝେଇ ହୋଇଛି, ଯାହା ଗତବର୍ଷ ଏହି ସମୟରେ ଥିବା ୯୦୬.୯ ନିୟୁତ ଟନ୍ ଠାରୁ ଅଧିକ। ଦୈନିକ ହାରରେ ମଧ୍ୟ ମାଲ ବୋଝେଇ ବଢ଼ି ୪.୪ ନିୟୁତ ଟନ୍‌ରେ ପହଞ୍ଚିଛି। ଯାହା ଗତବର୍ଷ ଏହା ୪.୨ ନିୟୁତ ଟନ୍ ରହିଥିଲା। ବିଶେଷକରି ସିମେଣ୍ଟ ବୋଝେଇକୁ ଆହୁରି ସୁଗମ କରିବା ପାଇଁ ରେଳପଥ ନୂଆ ନୀତି ଜାରି କରିଛି। ବଲ୍କ ସିମେଣ୍ଟ ଟର୍ମିନାଲ ନୀତି ଓ କଣ୍ଟେନରରେ ବଲ୍କ ସିମେଣ୍ଟ ବୋଝେଇ ପାଇଁ ଯୁକ୍ତିଯୁକ୍ତ ଭଡ଼ା ନିର୍ଦ୍ଧାରଣ କରାଯାଇଛି। ଏହାଦ୍ୱାରା ସିମେଣ୍ଟ ପରିବହନ ସମୟ କମିବ, ଖର୍ଚ୍ଚ ହ୍ରାସ ପାଇବ ଏବଂ ଶିଳ୍ପକ୍ଷେତ୍ର ଲାଭବାନ୍ ହେବ। ବହୁଳ ମାଲକୁ ରେଳ ମାର୍ଗକୁ ସ୍ଥାନାନ୍ତର କରିବା ଦ୍ୱାରା କାର୍ବନ ନିର୍ଗମନ କମୁଥିବା ଭାରତୀୟ ରେଳପଥ ପକ୍ଷରୁ କୁହାଯାଇଛି। ଏହାସହ ରାଜପଥରେ ଯାନବାହନ ଭିଡ଼ ହ୍ରାସ ପାଉଛି ଏବଂ ଏମ୍‌ଏସ୍‌ଏମ୍‌ଇ ସହ ବଡ଼ ଶିଳ୍ପଗୁଡ଼ିକ ଶସ୍ତା ଓ ସବୁଜ ପରିବହନ ସୁବିଧା ପାଉଛନ୍ତି। ଏହା ଭାରତର 'ନେଟ୍ ଜିରୋ କାର୍ବନ ଏମିଶନ' ଲକ୍ଷ୍ୟ ଦିଗରେ ରେଳପଥ ଗୁରୁତ୍ୱ ଦେଉଥିବା କୁହାଯାଉଛି। ଏହି ସଫଳତା ଭାରତୀୟ ରେଳପଥକୁ ଅର୍ଥନୀତିର ମୂଳସ୍ତମ୍ଭ ଭାବେ ଆହୁରି ମଜଭୁତ କରି ଦେଶର ଶିଳ୍ପ ସମ୍ପ୍ରସାରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି।

| ବିଭାଗ | ମାଲ ବୋଝେଇ (୧୯ ନଭେମ୍ବର ସୁଦ୍ଧା) |
| --- | --- |
| କୋଇଲା | ୫୦୫ ନିୟୁତ ଟନ |
| ଆଇରନ୍ ଓର୍ | ୧୧୫ ନିୟୁତ ଟନ |
| ସିମେଣ୍ଟ | ୯୨ ନିୟୁତ ଟନ |
| କଣ୍ଟେନର | ୫୯ ନିୟୁତ ଟନ |
| ପିଗ ଆଇରନ୍ ଓ ଫିନିଶଡ୍ ଷ୍ଟିଲ | ୪୭ ନିୟୁତ ଟନ |
| ସାର | ୪୨ ନିୟୁତ ଟନ |
| ପେଟ୍ରୋଲିୟମ ତୈଳ | ୩୨ ନିୟୁତ ଟନ |
| ଖାଦ୍ୟ ଶସ୍ୟ | ୩୦ ନିୟୁତ ଟନ |
| ଷ୍ଟିଲ କାରଖାନା ପାଇଁ କଞ୍ଚାମାଲ ପ୍ରାୟ | ୨୦ ନିୟୁତ ଟନ |
| ଅନ୍ୟାନ୍ୟ | ୭୪ ନିୟୁତ ଟନ |

# ନାବାର୍ଡ ଓ ଆଇଏଏମ୍‌ଏଆଇ ପକ୍ଷରୁ ଆର୍ଥ ସମିଟ୍

ଭୁବନେଶ୍ୱର,୨୨।୧୧

ନାବାର୍ଡ ଓ ଆଇଏଏମ୍‌ଏଆଇର ପକ୍ଷରୁ 'ଆର୍ଥ ସମିଟ୍ ୨୦୨୫-୨୬'ର ହାଇଦ୍ରାବାଦ ସଂସ୍କରଣ ଶନିବାର ହାଇଦ୍ରାବାଦ ହିଟେକ୍ସ ପ୍ରଦର୍ଶନୀ ପଡ଼ିଆରେ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ଅଧିବେଶନରେ ନାବାର୍ଡ ଅଧ୍ୟକ୍ଷ ଶାଜିକେଭି ଗ୍ରାମ୍ୟ ଆର୍ଥିକ ସଂସ୍ଥାଗୁଡ଼ିକର ଡିଜିଟାଲ ଓ ଡାଟାଭିତ୍ତିକ ରୂପାନ୍ତରର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଛନ୍ତି। ନବଗଠିତ 'ସହକାର ସାରଥି ପ୍ରାଇଭେଟ ଲିମିଟେଡ'କୁ ସେ ଗ୍ରାମ୍ୟ ଭାରତର ପରବର୍ତ୍ତୀ ପିଢ଼ିର ବିକାଶ ଚାଳକ ବୋଲି କହିଛନ୍ତି। ଏହା ସହକାରୀ ବ୍ୟାଙ୍କିଙ୍ଗ ନେଟୱର୍କରେ ୧୩ କୋଟି ଗ୍ରାହକଙ୍କୁ ଟେକ୍ନୋଲୋଜି ସହ ସଂଯୋଗ କରି ସେବା ଓ ଗଭର୍ନାନ୍ସ ମାନ ଉନ୍ନତ କରିବ। ଦୁଇଦିନିଆ ଏହି ସମିଟ୍‌ରେ ଗ୍ରାମ୍ୟ ଉଦ୍ଭାବନ, ଷ୍ଟାର୍ଟଅପ୍ ଓ କ୍ଲାଇମେଟ-ଟେକ୍ ଉପରେ ଗୁରୁତ୍ୱ ଦିଆଯାଉଛି।

# ଡିଏଭି ବେଦାନ୍ତ ଇଣ୍ଟରନ୍ୟାଶନାଲ ସ୍କୁଲରେ ଏନ୍‌ସିସି ସୁବିଧା



ଭୁବନେଶ୍ୱର,୨୨।୧୧(ଅନୁରାଧା ମହାରଣା)

ବେଦାନ୍ତ ଆଲୁମିନିୟମ, ଲାଞ୍ଜିଗଡ଼ର ଡିଏଭି ବେଦାନ୍ତ ଇଣ୍ଟରନ୍ୟାଶନାଲ ସ୍କୁଲରେ ଜାତୀୟ କ୍ୟାଡେଟ କର୍ପସ୍(ଏନ୍‌ସିସି) କାର୍ଯ୍ୟକ୍ରମକୁ ସାମିଲ କରିଛି। ଏହି ପଦକ୍ଷେପ ବିଦ୍ୟାଳୟକୁ ପ୍ରଥମ ଏବଂ ଏକମାତ୍ର ଅନୁଷ୍ଠାନରେ ପରିଣତ କରିଛି, ଯାହାକି ଲାଞ୍ଜିଗଡ଼, ମୁନିଗୁଡ଼ା ଏବଂ ଆମ୍ବଦଳାର ତିନୋଟି ପ୍ରମୁଖ ବ୍ଲକ୍‌ରେ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ନେତୃତ୍ୱ ଏବଂ ଶୃଙ୍ଖଳା ପାଇଁ ନୂତନ ରାସ୍ତା ଖୋଲି ସମ୍ମାନଜନକ ଏନ୍‌ସିସି କାର୍ଯ୍ୟକ୍ରମ ପ୍ରଦାନ କରୁଛି। ଏହା ଅଧୀନରେ ବିଦ୍ୟାଳୟକୁ ୫୦ଟି ଏନ୍‌ସିସି ଆସନ ଆବଣ୍ଟନ କରାଯାଇଛି, ଯେଉଁଥିରେ ୨୦୨୫ରେ ୨୫ଜଣ କ୍ୟାଡେଟ ଏବଂ ୨୦୨୬ରେ ଆଉ ୨୫ଜଣ କ୍ୟାଡେଟ ସାମିଲ ହେବେ। ୨୦୨୬ରୁ ୮ମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ୫୦ଜଣ କ୍ୟାଡେଟ ପ୍ରତିବର୍ଷ ଯୋଗଦେବେ। ଏହି ଅବସରରେ ବେଦାନ୍ତ ଆଲୁମିନା ବିଜ୍‌ନେସ୍‌ର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ଡିଏଭି ବେଦାନ୍ତ ଇଣ୍ଟରନ୍ୟାଶନାଲ ସ୍କୁଲରେ ଏନ୍‌ସିସି କାର୍ଯ୍ୟକ୍ରମକୁ ସକ୍ଷମ କରି ଛାତ୍ରୀଛାତ୍ରମାନଙ୍କ ପାଇଁ ଅତ୍ୟାବଶ୍ୟକ ଜୀବନ କୌଶଳ ବିକାଶ କରିବା ଏବଂ ବ୍ୟାପକ ଏକାଡେମିକ ତଥା କ୍ୟାରିଅର ସୁଯୋଗ ଖୋଜିବା ପାଇଁ ନୂତନ ରାସ୍ତା ଖୋଲିଛୁ। କଳାହାଣ୍ଡିରେ ଏକ ଆତ୍ମବିଶ୍ୱାସୀ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ପିଢ଼ି ଗଠନ ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଏହି ସମାରୋହରେ ଭବାନୀପାଟଣାର ଓଡ଼ିଶା ନୌସେନା ଏନ୍‌ସିସି ବାଟାଲିୟନର କମାଣ୍ଡିଂ ଅଫିସର ଲ୍ୟୁଟ୍‌ନାଣ୍ଟ କମାଣ୍ଡର ଦର୍ଶନ ଏବଂ ଅନ୍ୟ ଅଧିକାରୀମାନେ ଯୋଗଦେଇଥିଲେ।

# ବ୍ରହ୍ମପୁର ଆଇଜରରେ ୧୦୮ ଫୁଟ ଉଚ୍ଚ ଜାତୀୟ ପତାକା



ଗୋପାଳପୁର,୨୨।୧୧ (ନବୀନରାଜ୍ ଆଚାରୀ)

ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସାଇନ୍ସ ଏଜୁକେଶନ ଆଣ୍ଡ ରିସର୍ଚ୍ଚ (ଆଇଜର) କ୍ୟାମ୍ପସରେ ୧୦୮ ଫୁଟ ଉଚ୍ଚତା ବିଶିଷ୍ଟ ଉଚ୍ଚ ସ୍ମାରକୀ ପତାକା ନିକଟରେ ଉଦ୍‌ଘାଟନ କରାଯାଇଛି। ଫ୍ଲାଗ୍ ଫାଉଣ୍ଡେଶନ ଅଫ୍ ଇଣ୍ଡିଆ ଦ୍ୱାରା ସ୍ଥାପିତ ଏହି ସ୍ମାରକୀ ଜାତୀୟ ପତାକାକୁ ଆଇଜରର ନିର୍ଦ୍ଦେଶକ ପ୍ରଫେସର ଅଶୋକ କୁମାର ଗାଙ୍ଗୁଲି ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିନ୍ଦଲ ଷ୍ଟିଲ୍‌ର ପ୍ରେସିଡେଣ୍ଟ ତଥା ଗ୍ରୁପ୍ ହେଡ୍ (ସିଏସ୍‌ଆର୍ ଓ ଶିକ୍ଷା) ପ୍ରଶାନ୍ତ କୁମାର ହୋତା, ଫ୍ଲାଗ୍ ଫାଉଣ୍ଡେଶନର ସିଇଓ ମେଜର ଜେନେରାଲ ଅସିମ କୋହଲି (ଅବସରପ୍ରାପ୍ତ) ଏବଂ ଆଇଜରର ରେଜିଷ୍ଟ୍ରାର ପ୍ରଦୀପ କୁମାର ରାୟ ପ୍ରମୁଖ ଉପସ୍ଥିତ ଥିଲେ। ୩୬ ଫୁଟ ପ୍ରଶସ୍ତ ୨୪ ଫୁଟ ଦୀର୍ଘ ତ୍ରିରଙ୍ଗା ପତାକା କ୍ୟାମ୍ପସରେ ଉଲ୍ଲାସ ଓ ଦେଶପ୍ରେମର ବାତାବରଣ ସୃଷ୍ଟି ହୋଇଥିଲା। ଦେଶରେ ଥିବା ୭ଟି ଆଇଜର ମଧ୍ୟରୁ ବ୍ରହ୍ମପୁର ପ୍ରଥମ ଭାବେ ବିଶାଳ ଜାତୀୟ ପତାକା ସ୍ଥାପନକରି ଗୌରବମୟ ରେକର୍ଡ କରିଛି। ଏନେଇ ପ୍ରଫେସର ଗାଙ୍ଗୁଲି ଫ୍ଲାଗ୍ ଫାଉଣ୍ଡେଶନକୁ କୃତଜ୍ଞତା ଜଣାଇଛନ୍ତି। ଫ୍ଲାଗ୍ ଫାଉଣ୍ଡେଶନର ଅଧ୍ୟକ୍ଷ ନବୀନ ଜିନ୍ଦଲ କହିଛନ୍ତି, ଏହି ତ୍ରିରଙ୍ଗା ଛାତ୍ରମାନଙ୍କୁ ପ୍ରତିଦିନ ଦେଶ ଗଢ଼ିବା ଓ ନାଗରିକଙ୍କ ଜୀବନଧାରଣା ଉନ୍ନତ କରିବାକୁ ପ୍ରେରିତ କରିବ। ପ୍ରଶାନ୍ତ କୁମାର ହୋତା ଏହା ସାହସ, ଦୃଢ଼ତା ଓ ଅଧ୍ୟବସାୟର ଏକ ଜ୍ୱଳନ୍ତ ଉଦାହରଣ ବୋଲି କହିଥିଲେ। ମେଜର ଜେନେରାଲ ଅସିମ କୋହଲି କହିଛନ୍ତି, ତ୍ରିରଙ୍ଗା ଆଗାମୀ ପିଢ଼ିକୁ ଦେଶ ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବାକୁ ପ୍ରେରଣା ଦେବ। ଉଦ୍‌ଘାଟନୀ କାର୍ଯ୍ୟକ୍ରମର ସଂଯୋଜନାରେ ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର ଜଗନ୍ନାଥ ପାତ୍ର, ସିନିୟର ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ସଞ୍ଜୟ ମାଝୀ ପ୍ରମୁଖ ସହଯୋଗ କରିଥିଲେ।

# ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ଆଉଟ୍‌ରିଚ୍ କାର୍ଯ୍ୟକ୍ରମ




ଭୁବନେଶ୍ୱର,୨୨।୧୧(ଅନୁରାଧା ମହାରଣା)

ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ସାରା ଦେଶରେ ଏହାର ଏମ୍‌ଏସ୍‌ଏମ୍‌ଇ କ୍ରେଡିଟ୍ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଏକ ମେଗା ଏମ୍‌ଏସ୍‌ଏମ୍‌ଇ ଋଣ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ବ୍ରହ୍ମପୁରସ୍ଥିତ ହୋଟେଲ ବାଲାଜୀଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଡିଆଇସିର ମହାପ୍ରବନ୍ଧକ ଦାଶରଥୀ ସରାବୁ, ବ୍ରହ୍ମପୁର ଚାମ୍ବର ଅଫ୍ କମର୍ସର ସେକ୍ରେଟାରି ଭି. ସନ୍ତୋଷ କୁମାର, କେନ୍ଦ୍ରୀୟ କାର୍ଯ୍ୟାଳୟର ମହାପ୍ରବନ୍ଧକ ବି.ଏସ୍.ହରିଲାଲ, ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ପଙ୍କଜ କୁମାର ଏବଂ ଉପ କ୍ଷେତ୍ରୀୟ ମୁଖ୍ୟ ସୁରେଶ ଚନ୍ଦ୍ରଙ୍କ ସମେତ ଗଞ୍ଜାମ ରାଇସ୍ ମିଲ୍ ଓ କାଜୁ ପ୍ରୋସେସିଂ ଆସୋସିଏଶନର ଅଧିକାରୀ ଓ ସମ୍ଭାବ୍ୟ ଗ୍ରାହକମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ଋଣ ହିତାଧିକାରୀଙ୍କୁ ୪୦ କୋଟି ଟଙ୍କାର ଋଣ ମଞ୍ଜୁରୀ ପତ୍ର ବଣ୍ଟନ କରାଯାଇଥିଲା। ମୁଖ୍ୟ ପ୍ରବନ୍ଧକ ପ୍ରିୟମ୍ବଦା ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ମୁଖ୍ୟ ପ୍ରବନ୍ଧକ ମୁକୁନ୍ଦ କୁମାର କର୍ଣ୍ଣ ଧନ୍ୟବାଦ ଦେଇଥିଲେ।

# କାଶିଆ ମାଇନ୍ସକୁ କଳିଙ୍ଗ ଉତ୍କର୍ଷ ସୁରକ୍ଷା ପୁରସ୍କାର

ଭୁବନେଶ୍ୱର,୨୨।୧୧(ଅନୁରାଧା ମହାରଣା)

ଜିନ୍ଦଲ ଷ୍ଟିଲ୍‌ର କାଶିଆ ମାଇନ୍ସକୁ କଳିଙ୍ଗ ଉତ୍କର୍ଷ ସୁରକ୍ଷା ପୁରସ୍କାର ସମ୍ମାନିତ କରାଯାଇଛି। ୨୦୨୪ରେ ନିରାପତ୍ତା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ଓ ଅବଦାନ ପାଇଁ ପ୍ଲାଟିନମ ବର୍ଗରେ ଏହି ସମ୍ମାନ ମିଳିଛି। ଆଇକ୍ୟୁଇଏମ୍‌ଏସ୍ ପକ୍ଷରୁ ଆୟୋଜିତ ୧୬ଶ ଜାତୀୟ ନିରାପତ୍ତା ସମ୍ମେଳନ- ୨୦୨୫ରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ବାଚସ୍ପତି ସୁରମା ପାଢ଼ୀ ଓ ଯାଜପୁର ଏମ୍‌ପି ଡ. ରବୀନ୍ଦ୍ର ନାରାୟଣ ବେହେରା ଏହି ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ଗ୍ରହଣ କରିବା ଅବସରରେ ଜିନ୍ଦଲ ଷ୍ଟିଲ୍-ବିକେଟିଆର୍ କ୍ଲଷ୍ଟର ମୁଖ୍ୟ ପ୍ରମୋଦ କୁମାର ପାତ୍ର କହିଛନ୍ତି, ସମସ୍ତ ନିରାପତ୍ତା ନିୟମର କଠୋର ଅନୁପାଳନ ଜିନ୍ଦଲ ଷ୍ଟିଲ୍‌ର ଅଭିନ୍ନ କର୍ମସଂସ୍କୃତି। ଏକ ସୁରକ୍ଷିତ ଓ ନିରାପଦ କାର୍ଯ୍ୟକ୍ଷେତ୍ରକୁ ସୁନିଶ୍ଚିତ କରିବା ସହ ନିରାପତ୍ତାର ଉଚ୍ଚମାନକ ବଜାୟ ରଖିବା ପାଇଁ ଜିନ୍ଦଲ ଷ୍ଟିଲ୍ ସର୍ବଦା ପ୍ରତିଶ୍ରୁତିବଦ୍ଧ।



ଜିନ୍ଦଲ ଷ୍ଟିଲ୍‌ର କାଶିଆ ମାଇନ୍ସକୁ କଳିଙ୍ଗ ଉତ୍କର୍ଷ ସୁରକ୍ଷା ପୁରସ୍କାର ଦିଆଯାଉଛି।

# ସ୍କୁଟିକୁ ଧକ୍କାଦେଲା ବସ୍: ବ୍ଲକ୍ ଅଧ୍ୟକ୍ଷାଙ୍କ ଭାଇ ସମେତ ୨ ମୃତ

## ହମ୍ପ୍ସ ନିର୍ମାଣ, କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ



ପୀରହାଟ ଥାନା ଅଧୀନ ସିନ୍ଦୋଲଠାରେ ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଛନ୍ତି।

ତିହିଡ଼ି,୨୨।୧୧(ସଞ୍ଜିତ ବଳ)

ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥର ପୀରହାଟ ଥାନା ଅଧୀନ ସିନ୍ଦୋଲଠାରେ ଶନିବାର ପୂର୍ବାହ୍ନ ୧୦ଟା ୩୦ ବେଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଚାନ୍ଦବାଲିରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ ବସ୍ ସ୍କୁଟିକୁ ଧକ୍କାଦେବା ଫଳରେ ୨ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ସ୍କୁଟି ଆରୋହୀ ତିହିଡ଼ି ଥାନା ଅଧୀନ ସୟା ପଞ୍ଚାୟତ ବାଲିଚତ୍ରୁରୀ ଗ୍ରାମର ଗୋଲେଖ ଦାସ(୪୬) ଓ ଦୈତାରୀ ପ୍ରଧାନ(୩୮)। ମୃତ ଗୋଲେଖ ତିହିଡ଼ି ବ୍ଲକ୍ ଅଧ୍ୟକ୍ଷା ଅବନ୍ତୀ ଦାସଙ୍କ ବଡ଼ଭାଇ। ଏହି ଦୁର୍ଘଟଣା ପରେ ସେଠାରେ ଉତ୍ତେଜନା ଦେଖାଦେଇଥିଲା। କମାରିଆ ବଜାରରୁ ବିନ୍ଧା ବଜାର ମଧ୍ୟରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ହମ୍ପ୍ସ ନିର୍ମାଣ ଏବଂ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି କରି ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଥିଲେ। ପରେ ମୃତକଙ୍କ ପରିବାର ଲୋକଙ୍କ ସମେତ ବାଲିଚତ୍ରୁରୀ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ରାସ୍ତାରୋକୋରେ ସାମିଲ ହୋଇଥିଲେ। ସୂଚନା ଅନୁଯାୟୀ, ଗୋଲେଖ ଓ ଦୈତାରୀ ଘରୁ ଏକ ସ୍କୁଟିରେ ଅଲେଖ ମେଳାରେ ଯୋଗଦେବାକୁ ଚାନ୍ଦବାଲି ଯାଉଥିଲେ। ସିନ୍ଦୋଲ ନିକଟରେ ବିପରୀତ ଦିଗରୁ ଆସୁଥିବା ହାସାମ ନାମକ ଏକ ବସ୍ (ଓଡି ୦୫ ଏ ଡବ୍ଲ୍ୟୁ ୭୯୫୫) ସ୍କୁଟିକୁ ଧକ୍କା ଦେଇଥିଲା। ସେଠାରେ ଉତ୍ତେଜନା ଖବରପାଇ ତିହିଡ଼ି ଥାନା ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟ, ପୀରହାଟ ଥାନା ଆଇଆଇସି ରୋଜାଲିନ ବେହେରା, ନାୟକାଣିଡିହୀ ଥାନା ଆଇଆଇସି ଉମାଶଙ୍କର ନାୟକ, ବାଂଶଡ଼ା ଥାନା ଆଇଆଇସି ଏମ୍ଡି ହାପିଜ ପ୍ରମୁଖ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ପରେ ଭଦ୍ରକ ଡିଏସ୍ପି ବିଶ୍ୱପତି ପଣ୍ଡା ଘଟଣାସ୍ଥଳରେ ପହଞ୍ଚିଥିଲେ। ବାସୁଦେବପୁର ବିଧାୟକଙ୍କ ପ୍ରତିନିଧି ସରୋଜ କୁମାର ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶୁକଦେବ ମଲିକ, ଭାଜପା ନେତା ସଂଗ୍ରାମ ମହାନ୍ତି ଓ ସରପଞ୍ଚଙ୍କ ପ୍ରତିନିଧି କମଳାକାନ୍ତ ଲେଙ୍କା ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ରାସ୍ତା ଅବରୋଧ ହଟି ନ ଥିଲା। ଅତିରିକ୍ତ ତହସିଲଦାର ନମିତା ଧଳ ୨ ମୃତକଙ୍କ ପରିବାରକୁ ସୋମବାର ରେଡ୍କ୍ରସରୁ ୨୦ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ରାସ୍ତାର ୨ଟି ସ୍ଥାନରେ ବ୍ୟାରିକେଡ୍ ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ମାତ୍ର ମୃତକଙ୍କ ପରିବାର ସଦସ୍ୟ ଓ ଗ୍ରାମବାସୀ ବସ୍ ମାଲିକ ଘଟଣାସ୍ଥଳକୁ ଆସନ୍ତୁ ବୋଲି ଦାବି କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଛାଡ଼ି ନ ଥିଲେ। ଆଇଆଇସି ଗ୍ରହାଚାର୍ଯ୍ୟ ବସ୍ ମାଲିକଙ୍କୁ ଥାନାକୁ ଡକାଯାଇ କ୍ଷତିପୂରଣ ସମ୍ପର୍କରେ ଆଲୋଚନା କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ୨ଟାରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଯାଇଥିଲା।

## ମହିଳାଙ୍କ ଅସ୍ୱାଭାବିକ ମୃତ୍ୟୁ

ଗୋପବନ୍ଧୁ ନଗର, ୨୨।୧୧ (ଶାନ୍ତନୁ କୁମାର ମଣ୍ଡୁଆଳ)

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅନ୍ତର୍ଗତ ସାହାରାବେଢ଼ା ଗ୍ରାମର ଜଣେ ମହିଳାଙ୍କ ଅସ୍ୱାଭାବିକ ମୃତ୍ୟୁ ହୋଇଛି। ମୃତା ହେଲେ ଗ୍ରାମର ଦୁର୍ଗାଚରଣ କିସ୍କୁଙ୍କ ସ୍ତ୍ରୀ ପାମା (୩୫)। ଶୁକ୍ରବାର ରାତିରେ ଖାଇ ସାରି ଶୋଇବାକୁ ଯାଉଥିବା ବେଳେ ଅସୁସ୍ଥ ଅନୁଭବ କରିଥିଲେ। ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବାରିପଦା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଏକ ମାମଲା(ନଂ.୭୮/୨୫) ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁ ଠିକ୍ କାରଣ ଜଣାପଡିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ରାଜଯୋଗିନୀ ଡ. କମଳେଶ ଦିଦିଙ୍କ ପରଲୋକ

କଟକ,୨୨।୧୧(କାର୍ତ୍ତିକ ସାହୁ)

ଓଡ଼ିଶାରେ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ତଥା କଟକ ସବ୍‌ଜୋନ୍‌ର ନିର୍ଦ୍ଦେଶିକା ରାଜଯୋଗିନୀ ବ୍ରହ୍ମାକୁମାରୀ ଡକ୍ଟର କମଳେଶ ଦିଦିଙ୍କର ୮୬ ବର୍ଷ ବୟସରେ ଶନିବାର ପୂର୍ବାହ୍ନ ପ୍ରାୟ ୧୦ଟା ୪୦ମିନିଟ୍ ସମୟରେ ପରଲୋକ ହୋଇଯାଇଛି। କଟକ ଝାଞ୍ଜିରୀମଙ୍ଗଳାସ୍ଥିତ ବ୍ରହ୍ମାକୁମାରୀ ଆଶ୍ରମରେ ସେ ଦେହତ୍ୟାଗ କରିଛନ୍ତି। ସେ କଟକ ସବ୍‌ଜୋନର ନିର୍ଦ୍ଦେଶିକା ଭାବେ କାର୍ଯ୍ୟ କରୁଥିଲେ। ଦିଦିଜୀଙ୍କର ଅନ୍ତିମ ସଂସ୍କାର ଆସନ୍ତା ୨୪ ତାରିଖରେ ଫୁଲନଖରାସ୍ଥିତ ବିଶ୍ୱ ଶାନ୍ତି ସରୋବରଠାରେ ସମ୍ପନ୍ନ ହେବ ବୋଲି ଜଣାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ପୂର୍ବତନ ମୁଖ୍ୟମନ୍ତ୍ରୀ



ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୋକପ୍ରକାଶ କରିଛନ୍ତି। ସୂଚନାନୁସାରେ, ଡ. ଦିଦି ଗତ କିଛିଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ଆକ୍ରାନ୍ତ ଥିଲେ। ତେବେ ପୂରା ଅନ୍ତିମ ସମୟ ପର୍ଯ୍ୟନ୍ତ ସେ ସକ୍ରିୟ ଥିଲେ। ସକାଳୁ ମଧ୍ୟ ତାଙ୍କର ଦିନଚର୍ଯ୍ୟା ସ୍ୱାଭାବିକ ରହିଥିଲା। ଦେହତ୍ୟାଗର ଅଳ୍ପ ସମୟ ପୂର୍ବରୁ ଶରୀରର ଅନ୍ତିମ ସମୟ ଜାଣିପାରି ଦିଦି ସୂଚନା

### ମୁଖ୍ୟମନ୍ତ୍ରୀ, ବିରୋଧୀ ଦଳ ନେତାଙ୍କ ଶୋକ ପ୍ରକାଶ

ଦେଇଥିଲେ ବୋଲି କହିଛନ୍ତି କଟକ ସବ୍‌ଜୋନର ଅତିରିକ୍ତ ନିର୍ଦ୍ଦେଶିକା ରାଜଯୋଗିନୀ ବ୍ରହ୍ମାକୁମାରୀ ସୁଲୋଚନା ଦିଦି। ୧୯୭୩ ମସିହା ଅଗଷ୍ଟରେ କଟକର ତଳ ତେଲେଙ୍ଗା ବଜାରରେ ଏକ ଛୋଟିଆ ଭଡ଼ା ଘରୁ ବ୍ରହ୍ମାକୁମାରୀ କମଳେଶ ଦିଦି ଓଡ଼ିଶାରେ ଈଶ୍ୱରୀୟ ସେବା ଆରମ୍ଭ କରିଥିଲେ। ତାଙ୍କ ମା' କଳାବତୀ ଓ ବାପା ପ୍ରୟାଗ ଦାସ ଗୁପ୍ତା ଉତ୍ତରପ୍ରଦେଶର ମୂଳବାସିନ୍ଦା ହୋଇଥିବା ବେଳେ ଡ. କମଳେଶ ଦିଦିଙ୍କ ଜନ୍ମ କୋଲକାତାରେ ହୋଇଥିଲା। ସେ କୋଲକାତାରୁ ଓଡ଼ିଶା ଆସି ଏହି ଈଶ୍ୱରୀୟ ସେବା ଆରମ୍ଭ କରିଥିଲେ, ଯାହା ଏବେ ଏକ ମହାଦ୍ରୁମରେ ପରିଣତ ହୋଇଛି।

## ଆଜି ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ଗସ୍ତ

କେନ୍ଦୁଝର,୨୨।୧୧(ଦୀପକ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାରଠାରୁ କେନ୍ଦୁଝର ଗସ୍ତରେ ଆସୁଛନ୍ତି। ଗସ୍ତ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ସୂଚନା ପ୍ରକାଶ ପାଇଛି। ରବିବାର ଅପରାହ୍ନ ୧ଟା ୪୦ରେ ଆନନ୍ଦପୁରରେ ପହଞ୍ଚି ଆନନ୍ଦପୁର କଲ୍ୟାଣ ମଣ୍ଡପରେ ଏକ ସାମାଜିକ କାର୍ଯ୍ୟକ୍ରମରେ ଯୋଗଦେବେ। ଆନନ୍ଦପୁର ଷ୍ଟାଡ଼ିୟମରେ ହୋଇଥିବା ହେଲିପ୍ୟାଡ୍‌ରୁ ହେଲିକପ୍ଟର ଯୋଗେ ଅପରାହ୍ନ ୩ଟା୧୦ରେ ବାହାରି ନିଜ ଗାଁ ସଦର ବ୍ଲକ ଅନ୍ତର୍ଗତ ରାଇକଳାକୁ ଯାଇ ରାଇଜିଂ ଷ୍ଟାର କ୍ଲବ୍ ଦ୍ୱାରା ଆୟୋଜିତ ସପ୍ତମ ସର୍ବଭାରତୀୟ ମିନି କଳିଙ୍ଗ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ରାତିରେ ସର୍କିଟ ହାଉସରେ ରାତ୍ରିଯାପନ କରି ୨୪ ତାରିଖରେ ଭୁବନେଶ୍ୱର ଫେରିବେ। ଏହାକୁ ନେଇ ୨୩ ଓ ୨୪ତାରିଖ ଦୁଇ ଦିନ କୌଣସି ଖଣିଜ ପରିବହନ କାର୍ଯ୍ୟ ହେବ ନାହିଁ ବୋଲି ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି।

## କେରଳରେ ଦାଦନଙ୍କ ଆତ୍ମହତ୍ୟା

### ମୃତଦେହ ଆଣିବାକୁ ପରିବାରର ନିବେଦନ

ରାଜନଗର,୨୨।୧୧(ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ସାତଭାୟା ପଞ୍ଚାୟତ ଧଡ଼ାମଣ୍ଡଳୀ ବଗପାଟିଆର ଅନାଦି ରଣାଙ୍କ ପୁଅ ଅର୍ଜୁନ ରଣା(୨୫) ଦାଦନ ଶ୍ରମିକ ଭାବେ କାମ କରିବାକୁ କେରଳ ଯାଇଥିଲେ। କେରଳର ଏର୍ନାକୁଲମ (ଗ୍ରାମାଞ୍ଚଳ) ଜିଲାର ପେରୁମ୍ବାଭୁର ଥାନା ଅନ୍ତର୍ଗତ ଆକ୍ରାପାଡି ଗ୍ରାମରେ ଅର୍ଜୁନ ଆତ୍ମହତ୍ୟା କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଶୁକ୍ରବାର ଅପରାହ୍ନ ୪ ଟାରୁ ରାତି ୭ଟା ୪୫ ମଧ୍ୟରେ ସେ ଆତ୍ମହତ୍ୟା କରିଥିବା ନେଇ କିଚେନ୍ କମ୍ପାନୀ ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ମୃତଦେହ ଜବତ କରି ନଂ.୨୨୫୨/୨୫ରେ ମାମଲା ରୁଜୁ କରିଛି। ଅର୍ଜୁନ ଅନାଦିଙ୍କର ଏକମାତ୍ର ପୁଅ। ପୁଅ ମୃତ୍ୟୁକୁ ନେଇ ପରିବାର ଚିନ୍ତାରେ ପଡ଼ିଛି। ଅପରପକ୍ଷରେ ଅର୍ଜୁନଙ୍କ ନିକଟରୁ ଏକ ହାତଲେଖା ଚିଠି ମିଳିଛି। ଯେଉଁ ଚିଠି ମା' ପାଖକୁ ଲେଖାଯାଇଛି । ଯେଉଁଥିରେ ଉଲ୍ଲେଖ ଅଛି, ସେ ଭଦ୍ରକ ଜିଲାର ଜଣେ ଝିଅକୁ ଭଲ ପାଉଥିଲେ। ମାତ୍ର ସେ ଝିଅ ତାଙ୍କୁ ଧୋକା ଦେବାରୁ ସେ ବାଧ୍ୟହୋଇ ଆତ୍ମହତ୍ୟା କରିଥିବା ଦର୍ଶାଇଛି। କେରଳରୁ ଗାଁକୁ ମୃତଦେହ ଆଣିବାକୁ ପରିବାର ଲୋକଙ୍କ ସହ ଗ୍ରାମବାସୀ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି ।

---


**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RURAL WORKS DIVISION, SUNABEDA**
E-mail- eerw_sunabeda@yahoo.co.in
Letter No. 4783 — **1st Corrigendum** — Date: 21.11.25

No.O-1560:- In continuation to this office Bid Identification No. Online Tender/06/RWD-SBD/2025-26 invited vide this office letter No.4504 Dtd. 14.11.2025 partial modification of TCN has been made of all the works as follows:-

| Sl. No. | Item | Time Schedule as per original TCN No.06/RWD-SBD/2025-26 | Time Schedule as per 1st. Corrigendum |
|---|---|---|---|
| 1 | Availability of Tender online for bidding | From 17.11.2025 at 11.00 AM to 01.12.2025 upto 5.00 PM | Extended till 10.12.2025 upto 05.00 PM |
| 2 | Date & Time of opening of tender | 02.12.2025 at 11.00 AM | 11.12.2025 at 11.00 AM |

All other terms and conditions will remain unaltered.
OIPR- **Sd./- Superintending Engineer, RW Division, Subabeda**

---

**GOVT. OF ODISHA** No.A-
**OFFICE OF THE ENGINEER-IN-CHIEF, WATER RESOURCES, ODISHA, BHUBANESWAR**
**'e' Procurement Notice No.CEMKS 13 of 2025-26**

1. Name of the Work : Construction of cement concrete lining of Kendrapara Main Canal from RD 13.620 km to 20.100 km (working RD 11.970 to RD 15.290 km) 2. Amount put to Tender: Rs.24,34,80,936.40. 3. Bid Document Cost: Rs.10,000.00 (online). 4. E.M.D. : Rs.24,34,900/-. 5. Class of Contractor: "Special" Class & "Super" Class. 6. Period of Completion: 24 Calendar Months. 7. Other details are as follows:

| Procurement Officer | Bid Identification No. | Availability of Tender Online for bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Chief Engineer & BM, Mahanadi Kathajodi System, Bhubaneswar | CEMKS MND 02 of 2025-26 | 21.11.2025 10.00 hrs. | 06.12.2025 17.00 hrs. | 08.12.2025 11.00 hrs. |

8. e-mail id: celmbbbsr@yahoo.co.in
Further detail conditions can be seen from the Govt. website www.tendersodisha.gov.in
The Corrigendum/ Cancellation of Tender, If any, will be uploaded and can be seen from the above website only.
OIPR- **Sd./- Chief Engineer & Basin Manager, Mahanadi Kathajodi System, Bhubaneswar**

---

**ODISHA PUBLIC SERVICE COMMISSION, CUTTACK**
**NOTICE**
**No. 8109/ PSC Dt.21.11.2025**
**1E-29-2025/26 (DR - III)**

**Recruitment to the Post of Post Graduate Teacher in Discipline - EDUCATION (Advertisement No. 25 of 2023-24)**

No. D-265: In continuation to this Office Notice No. 7270/PSC, Dtd.15.10.2025, it is for information of all shortlisted candidates that the **Document Verification and Interview/personality Test** for recruitment to the post of **Post Graduate Teacher** in **Education Discipline**, pursuant to Advertisement No. 25 of 2023-24 will be held on **02.12.2025 & 03.12.2025** in the office of OPSC 19, Dr. P.K. Parija Road, Cuttack - 753001 as per the programme detailed below.

**PROGRAMME OF DOCUMENT VERIFICATION & INTERVIEW**

| Date | Time of Verification | Time of Interview | Roll No. of Candidates |
|---|---|---|---|
| 02.12.2025 | 08.30 A.M. | 10.30 A.M. | 100123, 100127, 100140, 100178, 100254, 100297, 100331, 100419, 100495, 190002, 190014, 190017, 190059, 200861, 200865, 200877, 200947, 200967, 200974, 201013, 201019, 201045, 201065, 201069, 302940, 302941, 302946, 302953, 302995, 303013, 303019, 303149 & 303218 = **33 Candidates** |
| | 12.30 P.M. | 02.30 P.M. | 303219, 303228, 303237, 303244, 303253, 303259, 303269, 303306, 303340, 303346, 303400, 303412, 303523, 303596, 303624, 303670, 303704, 303789, 303867, 390066, 401144, 401148, 401174 & 401193 = **24 Candidates** |
| 03.12.2025 | 08.30 A.M. | 10.30 A.M. | 401200, 401243, 401285, 401339, 401358, 401376, 401378, 401390, 401398, 401408, 401421, 401447, 401459, 401462, 401604, 401618, 401623, 401654, 490039, 490043, 501428, 501448, 501491, 501523, 501540, 501554, 501555, 501577, 501580, 501607, 501613, 501615 & 501637 = **33 Candidates** |
| | 12.30 P.M. | 02.30 P.M. | 501665, 501667, 501730, 501761, 501787, 501815, 501834, 501852, 501853, 501860, 501866, 501872, 501874, 501876, 501877, 501900, 501912, 501945, 501947, 590023, 590035 & 590038 = **22 Candidates** |

**N.B.:** The candidates are advised to report at the office of the Commission **30 minutes before** the commencement of Document Verification in each 'time slot' allotted in the 'scheduled programme'.

**NOTE :- THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.**

**The Candidates are required to submit the following original certificates along with a set of self-attested photocopy of the following documents at the time of verification (All the Certificates/ Documents should be issued within the last date of submission of Online Application i.e. 18.03.2024).**

1. Hard Copy of Online Application form mentioning **Roll No** at the **Top Right-hand Corner**. (Online Applications are available the website of the Commission. The candidates are required to download the same using their respective e-mail ID/Phone Number and Password/ OTP etc. through OPSC e-Chayan Portal via **www.opscechayan.in**)
2. Four **(04)** passport size photographs (Unsigned & Unattested) which have been uploaded with application form.
3. **Matriculation Certificate** in support of declaration of age.
4. Bachelor's Degree Certificate .
5. Post-Graduation Certificate/ Master's Degree Certificate in the subject concerned in respect of Educational Qualification prescribed.
6. Mark Sheets in support of all the Examinations (H.S.C, Graduation/+3, Post Graduation) including fail marks, if any, issued by the concerned Board/Council/University.
7. Degree or Diploma Certificate in Computer Application in respect of Educational Qualification prescribed.
8. Caste Certificate **by birth** in support of claim as **SEBC/ST/SC** whichever applicable. (which has been uploaded with online Application Form)
9. Odia Test Pass Certificate from the 'competent authority', wherever applicable.
10. Permanent Disability Certificate (indicating percentage of permanent disability i.e. **40% and more**); wherever applicable.
11. **Ex-Servicemen** claiming reservation are required to submit/upload Release Certificate issued as per Orissa Ex-Servicemen (Recruitment to State Civil Services and Posts) Rules, 1985 vide G.A. Deptt. Notification No. 22586-Gen., Dt.16.10.1985. Further, Ex-Servicemen candidates must submit an affidavit undertaking that he/ she has not been appointed against any civil post after retirement from military service, wherever applicable.
12. Identity Card for **Sports Persons** issued by the **Director of Sports Odisha**, wherever applicable.
13. Any proof of identity .
14. Any other documents as per Para-9 of the Advertisement.
15. Attestation form duly filled in by the candidate and signed by the Gazetted Officer (downloaded from the website of the OPSC)
16. Candidate Information Form (CIF)/ Bio-data form duly filled in & affixed with passport size photograph (downloaded from the website of the OPSC)

The candidates are required to mention **"Submitted by me and Certified as genuine and has not been cancelled"** and put their **full signature and date** on the same.
OIPR- **Sd./ - Secretary**

---

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER RURAL WORKS DIVISION, BALLIGUDA**
e-mail ID: rw_balliguda@yahoo.com
**CANCELLATION OF TENDER**
No.O-1557: The tender for the work invited vide this office bid identification No. EERWBLG-Online-08/2025-26 invited vide this office letter No.- 3615, dated 03.10.2025 is hereby cancelled due to unavoidable circumstances.
OIPR: **Sd./- Executive Engineer, Rural Works Division, Balliguda**

---

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER RURAL WORKS DIVISION, KUCHINDA**
e-Mail- eerw_kuchinda@yahoo.com
**1st Corrigendum to Bid Identification No. Tender online 07/RWD/Kuchinda/2025-26**
